# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁୟାରୀ ୬/୨୦୨୩ (୧୬ ପୃଷ୍ଠା) | Bhubaneswar, Friday, January 6/2023 | Page 16 ₹ 7.00

୪୯ଶ ଭାଗ ୪୪ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 44 ମୂଲ୍ୟ ₹୭/-





**ଦିଲ୍ଲୀରେ ତାପମାତ୍ରା ୩ ଡିଗ୍ରୀ**

ଦିଲ୍ଲୀରେ ଚଳିତ ଋତୁର ସବୁଠୁ ଥଣ୍ଡା ଅନୁଭୂତ ହୋଇଛି। ଗୁରୁବାର ରାଜଧାନୀରେ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି। ଥଣ୍ଡା ଯୋଗୁ ଅଧିକାଂଶ ଲୋକେ ଘରୁ ବାହାରି ନ ଥିଲେ। ସ୍ପେସ୍ ହିଟର ଲଗାଇ ଘରକୁ ଉଷ୍ମ ରଖିଥିଲେ। ଶୀତ ସାଙ୍ଗକୁ ଘନ କୁହୁଡ଼ି ଯୋଗୁ ୫୦ ମିଟର ପର୍ଯ୍ୟନ୍ତ ଦୃଶ୍ୟ ହୋଇ ନ ଥିଲା। ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଥିଲା। ଗୁରୁବାର ଲୋଧି ରୋଡ୍, ଆୟାନଗର ଏବଂ ରିଜ୍‌ଠାରେ ତାପମାତ୍ରା ଯଥାକ୍ରମେ ୨.୮ ଡିଗ୍ରୀ, ୨.୨ ଏବଂ ୨.୮ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି।



## ସଂକ୍ଷେପରେ

### ଆମେରିକାରେ ଗୁଳିକାଣ୍ଡ: ୮ ମୃତ

**ସଲ୍ଟ ଲେକ୍ ସିଟି,୫।୧:** ଆମେରିକାର ଉଟାହ ସହରରେ ବୁଧବାର ଗୁଳିକାଣ୍ଡ ଘଟି ୫ ପିଲାଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ହୋଇଛି। ପୋଲିସ ଦକ୍ଷିଣ ଉଟାହରୁ ଏକ ଘରୁ ମୃତଦେହଗୁଡ଼ିକୁ ଠାବ କରିଛି। ଗୁଳିକାଣ୍ଡର କାରଣ ଜଣାପଡ଼ି ନାହିଁ। ମୃତକମାନେ ଗୋଟିଏ ପରିବାରର ଏବଂ ସେମାନେ ଉଟାହ ସହରରେ ବେଶ୍ ଜଣାଶୁଣା ବୋଲି ଏନୋଚ୍ ସିଟି ପରିଚାଳକ ରବ୍ ଡଚ୍‌ସନ କହିଛନ୍ତି।

### ୪ ଡୋଜ୍ ଆନେସ୍ଥେସିଆ ନେଇ ମହିଳା ଡାକ୍ତରଙ୍କ ଆତ୍ମହତ୍ୟା

**ଭୋପାଳ, ୫।୧:** ମଧ୍ୟପ୍ରଦେଶ ଭୋପାଳର ଗାନ୍ଧୀ ମେଡିକାଲ କଲେଜ ହଷ୍ଟେଲରେ ଜଣେ ମହିଳା ଡାକ୍ତର ୪ ଡୋଜ୍ ଆନେସ୍ଥେସିଆ ନେଇ ଆତ୍ମହତ୍ୟା କରିଛନ୍ତି। ମୃତା ଡାକ୍ତରାଣୀ ଆକାଂକ୍ଷା ମାହେଶ୍ୱରୀଙ୍କ ରୁମ୍‌ରୁ ସୁଇସାଇଡ୍ ନୋଟ୍ ଜବତ ହୋଇଛି। ଆକାଂକ୍ଷା ବ୍ୟକ୍ତିଗତ କାରଣ ପାଇଁ ଆତ୍ମହତ୍ୟା କରିଥିବା ଓ ମୃତ୍ୟୁ ପଛରେ କାହାରି ହାତ ନ ଥିବା ଚିଠିରେ ଲେଖିଛନ୍ତି। ସେ ପିଜି ପ୍ରଥମ ବର୍ଷ ଛାତ୍ରୀ ଥିଲେ।

### ଏମ୍‌ପିରେ ଆଫ୍ରିକାନ୍ ସ୍ୱାଇନ୍ ଫ୍ଲୁ ଆତଙ୍କ

**୭୦୦ ଘୁଷୁରିଙ୍କୁ ହତ୍ୟା**

**ଦାମୋହ, ୫।୧:** ମଧ୍ୟପ୍ରଦେଶର ଦାମୋହ ଜିଲାରେ ଆଫ୍ରିକାନ୍ ସ୍ୱାଇନ୍ ଫ୍ଲୁରେ ଅନେକ ଘୁଷୁରି ଆକ୍ରାନ୍ତ ହେବା ପରେ ଗତ ୨ ଦିନ ମଧ୍ୟରେ ୭୦୦ ଘୁଷୁରିଙ୍କୁ ପ୍ରଶାସନ ପକ୍ଷରୁ ହତ୍ୟା କରାଯାଇଛି। ଜିଲାର ଅନେକ ଗ୍ରାମାଞ୍ଚଳରେ ଆଫ୍ରିକାନ୍ ସ୍ୱାଇନ୍ ଫ୍ଲୁ ଆତଙ୍କ ଦେଖାଯାଇଥିବା ସ୍ଥାନୀୟ ଭେଟେରିନାରି ଡାକ୍ତରଙ୍କ ପକ୍ଷରୁ କୁହାଯାଇଛି । ହାତା ବ୍ଲକ୍‌ରେ ପ୍ରଥମେ ଆଫ୍ରିକାନ୍ ସ୍ୱାଇନ୍ ଫ୍ଲୁ ଆକ୍ରାନ୍ତ ପଶୁ ଚିହ୍ନଟ ହୋଇଥିଲା।

### ବିମାନ ଯାତ୍ରୀଙ୍କଠାରେ ୧୧ ଓମିକ୍ରନ୍ ସବ୍‌ଭାରିଆଣ୍ଟ ଚିହ୍ନଟ

**ନୂଆଦିଲ୍ଲୀ,୫।୧(ପି.ଟି.):** ବିଦେଶରୁ ଆସିଥିବା ବିମାନଯାତ୍ରୀଙ୍କ ମଧ୍ୟରୁ ଡିସେମ୍ବର ୨୪ରୁ ଜାନୁୟାରୀ ୩ ତାରିଖ ମଧ୍ୟରେ ୧୨୪ ଜଣଙ୍କ ଠାରେ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିଲା। ସେମାନଙ୍କ ଜିନୋମ୍ ସିକ୍ୱେନ୍ସିଂ ପରେ ୧୧ ଓମିକ୍ରନ୍ ସବ୍ ଭାରିଆଣ୍ଟ ମିଳିଛି। ସରକାରୀ ରିପୋର୍ଟ ଅନୁଯାୟୀ ଦେଶର ବିଭିନ୍ନ ବିମାନବନ୍ଦରରେ ଏହି ସମୟ ମଧ୍ୟରେ ମୋଟ ୧୯,୨୨୭ ଜଣ ଅନ୍ତର୍ଜାତୀୟ ଯାତ୍ରୀଙ୍କ କୋଭିଡ୍ ପରୀକ୍ଷା କରାଯାଇଛି। ସେମାନଙ୍କ ମଧ୍ୟରୁ ୧୨୪ ଜଣ ପଜିଟିଭ୍ ଚିହ୍ନଟ ହେବା ପରେ ସେମାନଙ୍କୁ ସଙ୍ଗରୋଧରେ ରଖାଯାଇଛି। ସମସ୍ତଙ୍କର ଜିନୋମ ସିକ୍ୱେନ୍ସିଂ ପାଇଁ ନମୁନା ପଠାଯାଇଥିବାବେଳେ ଇତିମଧ୍ୟରେ ୪୦ଟିର ଫଳାଫଳ ମିଳିଛି। ସେଥିରୁ ୧୪ଟି ନମୁନାରେ ଏକ୍ସବିବି ଏବଂ ଗୋଟିଏ ନମୁନାରୁ ବିଏଫ୍୭.୪.୧ ସବ୍‌ଭାରିଆଣ୍ଟ ମିଳିଛି।

### ଗଭୀର ସମୁଦ୍ରକୁ ଯିବେ ୩ ଆକ୍ୱାନଟ୍

**ନାଗପୁର, ୫।୧:** ସମୁଦ୍ରଯାନ ମିଶନ୍‌ରେ ଭାରତ ୩ ଏକ୍ସପର୍ଟ ଆକ୍ୱାନଟ୍‌ଙ୍କୁ ୫୦୦ ମିଟର ଗଭୀର ସମୁଦ୍ରକୁ ପଠାଇବ। ମିଶନ୍ ପାଇଁ ଚେନ୍ନାଇସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସେନ୍ ଟେକ୍ନୋଲୋଜିର ବୈଜ୍ଞାନିକମାନେ ସମୁଦ୍ରଯାନ ନାମରେ ଏକ ଜାହାଜର ଡିଜାଇନ୍ କରିଛନ୍ତି। ସମୁଦ୍ରଯାନକୁ ୬,୦୦୦ ମିଟର ଗଭୀରକୁ ନେବା ଲାଗି ପୂର୍ବରୁ ଯୋଜନା ହୋଇଥିଲା। ଏତେ ଗଭୀରରେ ଟାଇଟାନିୟମ୍ ସ୍ପିୟର୍‌ରେ ୱିଥ୍‌ଷ୍ଟାଣ୍ଡିଂ ପ୍ରେସର କାମ କରିବ ନାହିଁ ବୋଲି ଏହି ମିଶନ କାର୍ଯ୍ୟକାରୀ ହୋଇପାରିନାହିଁ।

# ବୁଲ୍‌ଡୋଜରରେ ସୁପ୍ରିମକୋର୍ଟ ବ୍ରେକ୍

## ରାତାରାତି ୫୦,୦୦୦ ଲୋକଙ୍କୁ ହଟାଯାଇପାରିବ ନାହିଁ




- ଉତ୍ତରାଖଣ୍ଡ ହାଇକୋର୍ଟ ରାୟ ଉପରେ ସ୍ଥଗିତାଦେଶ
- ହଲ୍‌ଦ୍ୱାନି ରେଳ ଷ୍ଟେଶନ ନିକଟ ବସ୍ତି ଉଚ୍ଛେଦ ବନ୍ଦ ହେଲା
- ମଧ୍ୟମପନ୍ଥା ବାହାର କରିବାକୁ ରେଲଓ୍ୱେକୁ ପରାମର୍ଶ
- ଫେବୃୟାରୀ ୭ରେ ପରବର୍ତ୍ତୀ ଶୁଣାଣି

**ନୂଆଦିଲ୍ଲୀ,୫।୧**

ଉତ୍ତରାଖଣ୍ଡର ନୈନିତାଲ ଜିଲା ହଲ୍‌ଦ୍ୱାନି ରେଳ ଷ୍ଟେଶନ ସଂଲଗ୍ନ ୨୯ ଏକର ଜାଗାକୁ ରେଲଓ୍ୱେ ନିଜର ବୋଲି ଦାବି କରୁଛି। ସେଠାରେ ବସବାସ କରୁଥିବା ଲୋକଙ୍କୁ ସପ୍ତାହେ ପୂର୍ବରୁ ନୋଟିସ ଦେଇ ଉଚ୍ଛେଦ କରିବା ପାଇଁ ଉତ୍ତରାଖଣ୍ଡ ହାଇକୋର୍ଟ ଗତ ଡିସେମ୍ବର ୨୦ରେ ରାୟ ଦେଇଥିଲେ। ଗୁରୁବାର ଜବରଦଖଲ ଉଚ୍ଛେଦ ପାଇଁ ବୁଲ୍‌ଡୋଜର ଛିଡ଼ା ହୋଇଥିବାବେଳେ ସେଥିରେ ବ୍ରେକ୍ ଲଗାଇଛନ୍ତି ସୁପ୍ରିମକୋର୍ଟ। ଏହା ଏକ ମାନବୀୟ ପ୍ରସଙ୍ଗ ହୋଇଥିବାରୁ ୫୦,୦୦୦ ଲୋକଙ୍କୁ ରାତାରାତି ଉଚ୍ଛେଦ କରାଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ଏସ୍.କେ. କୌଲ ଏବଂ ଏ.ଏସ୍. ଓକାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଏଥିସହ ସମାଧାନର ମଧ୍ୟମ ପନ୍ଥା ବାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ବସ୍ତି ବାସିନ୍ଦା ଆଶ୍ୱସ୍ତ ହୋଇଛନ୍ତି।

ହଲ୍‌ଦ୍ୱାନି ରେଳ ଷ୍ଟେଶନ ନିକଟ ବନଭୁଲପୁରାରେ ଗଫୁର ବସ୍ତି, ଢୋଲକ୍ ବସ୍ତି ଓ ଇନ୍ଦିରା ନଗର ନାମରେ ୩ଟି କଲୋନି ରହିଛି। ୨ କି.ମି. ବିସ୍ତୃତ ଏହି ଅଞ୍ଚଳରେ ପ୍ରାୟ ୫୦ ହଜାର ଲୋକ ଅନେକ ଦଶନ୍ଧି ଧରି ବସବାସ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ମୁସଲମାନ, ଯାହାଙ୍କ ପରିବାର ସଂଖ୍ୟା ହେଉଛି ୪,୦୦୦। ରେଲଓ୍ୱେର ଦାବି ହେଉଛି ଏହାର ଜାଗାରେ ବେଆଇନ ଭାବେ ୪,୩୬୫ ଜବରଦଖଲକାରୀ ରହିଛନ୍ତି। ତେଣୁ ସେମାନଙ୍କୁ ଉକ୍ତ ବିବାଦୀୟ ସ୍ଥାନରୁ ହଟାଇବା ପାଇଁ ରେଲଓ୍ୱେ କର୍ତ୍ତୃପକ୍ଷ ଉତ୍ତରାଖଣ୍ଡ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ଅନୁମତି କ୍ରମେ ଅର୍ଦ୍ଧସାମରିକ ବଳର ଯବାନଙ୍କୁ ମୁତୟନ କରି ୪,୦୦୦ ଘର ଉଚ୍ଛେଦ ପାଇଁ ଅଭିଯାନ ଆରମ୍ଭ ହୋଇଥିଲା। ସ୍ଥାନୀୟ ଲୋକଙ୍କ ମତରେ ସେମାନଙ୍କ ମଧ୍ୟରୁ ପ୍ରାୟ ଅଧା ପରିବାରକୁ ଲିଜ୍ ସୂତ୍ରରେ ଜାଗା ମିଳିଛି। ସେଠାରେ ୪ ସରକାରୀ ଓ ୧୧ ଘରୋଇ ସ୍କୁଲ ରହିଛି। ଏପରି କି ଏକ ବ୍ୟାଙ୍କ ଓ ୨ଟି ଓଭରହେଡ୍ ୱାଟର ଟ୍ୟାଙ୍କ, ୧୦ଟି ମସ୍‌ଜିଦ, ୪ ମନ୍ଦିର ମଧ୍ୟ ଅଛି। ତେଣୁ ସେମାନେ ସେଠାରୁ ହଟିବେ ନାହିଁ ବୋଲି ବିକ୍ଷୋଭ କରିଥିଲେ। ବିକ୍ଷୋଭକାରୀଙ୍କୁ ସମାଜବାଦୀ ପାର୍ଟି, କଂଗ୍ରେସ ଏବଂ ଏଆଇଏମ୍‌ଆଇଏମ୍ ପକ୍ଷରୁ ସମର୍ଥନ ମିଳିଛି। ସେପଟେ ହାଇକୋର୍ଟଙ୍କ ଡିସେମ୍ବର ୨୦ ରାୟକୁ ଚ୍ୟାଲେଞ୍ଜ କରି ଗତ ସୋମବାର ହଲ୍‌ଦ୍ୱାନିର କଂଗ୍ରେସ ବିଧାୟକ ସୁମିତ ହୃଦୟେଶଙ୍କ ନେତୃତ୍ୱରେ ସ୍ଥାନୀୟ ଲୋକେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସ୍ଥାନୀୟ ଲୋକେ ଅନେକ ବର୍ଷ ଧରି ହୋଲ୍ଡିଂ ଟିକସ ପଇଠ କରୁଥିବା ସେମାନେ ନିଜ ପିଟିଶନରେ ଉଲ୍ଲେଖ କରିଛନ୍ତି। ଉକ୍ତ ଆବେଦନଗୁଡ଼ିକ ଉପରେ ଜବାବ ଦାଖଲ ପାଇଁ ରେଲଓ୍ୱେ ଏବଂ ଉତ୍ତରାଖଣ୍ଡ ସରକାରଙ୍କୁ ଖଣ୍ଡପୀଠ ନୋଟିସ କରିଛନ୍ତି। ଏଥିସହ ଅନ୍ୟାଦେଶ ପର୍ଯ୍ୟନ୍ତ ହାଇକୋର୍ଟ ରାୟ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ସମ୍ପୃକ୍ତ ସ୍ଥାନରେ ଯାହାଙ୍କ କୌଣସି ଅଧିକାର ଥାଇ ନ ପାରେ ସେମାନଙ୍କୁ ହଟାଇବାକୁ ହେଲେ ସମାଧାନର ମଧ୍ୟମ ପନ୍ଥା ବାହାର କରାଯିବା ଆବଶ୍ୟକ। ରେଲଓ୍ୱେ ପକ୍ଷରୁ ସେମାନଙ୍କୁ ଥଇଥାନ ପାଇଁ ଯୋଜନା କରାଯାଉ ବୋଲି ଖଣ୍ଡପୀଠ କହିଛନ୍ତି। ଜମିର ବୈଶିଷ୍ଟ୍ୟ, ସ୍ୱତ୍ୱାଧିକାର ଆଦିର ବିଭିନ୍ନ ଦିଗ ରହିଛି। ଏହା ଏକ ମାନବୀୟ ପ୍ରସଙ୍ଗ ହୋଇଥିବାରୁ ରେଲଓ୍ୱେ କର୍ତ୍ତୃପକ୍ଷ ସମାଧାନର ଉପଯୁକ୍ତ ବ୍ୟବସ୍ଥା କରନ୍ତୁ। ଫେବୃୟାରୀ ୭ରେ ଏହି ପ୍ରସଙ୍ଗରେ ପରବର୍ତ୍ତୀ ଶୁଣାଣି କରାଯିବ। ଏହି ରାୟକୁ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ହରିଶ ରାୱତ୍ ସ୍ୱାଗତ କରିଛନ୍ତି। ଉଚ୍ଛେଦ ପ୍ରତିବାଦରେ ୧ ଘଣ୍ଟା ମଉନବ୍ରତ କରିଥିବା ରାୱତ୍ କହିଛନ୍ତି, ଉତ୍ତରାଖଣ୍ଡ ହେଉଛି ଏକ ଆଧ୍ୟାତ୍ମିକ ରାଜ୍ୟ। ଶିଶୁ, ଗର୍ଭବତୀ ମହିଳା, ବୃଦ୍ଧାବୃଦ୍ଧଙ୍କୁ ବଳପୂର୍ବକ ସେମାନଙ୍କ ଘରୁ ହଟାଇ ରାସ୍ତାରେ ଛିଡ଼ା କରାଇବା ଉଦ୍ୟମ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି କହିଛନ୍ତି, ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ ରାଜ୍ୟ ସରକାର ସମ୍ମାନ ଦେଇ ତାହାର ଅନୁପାଳନ କରିବେ।



ଜବରଦଖଲ ଉଚ୍ଛେଦ ବନ୍ଦ ପାଇଁ ନିର୍ଦ୍ଦେଶ ଆସିବା ପରେ ହଲ୍‌ଦ୍ୱାନି ଷ୍ଟେଶନ ନିକଟ ବସ୍ତି ବାସିନ୍ଦା ଧାରଣାରୁ ଉଠି ସୁପ୍ରିମକୋର୍ଟଙ୍କୁ ଧନ୍ୟବାଦ ଜଣାଉଛନ୍ତି।

### ଭାରତ-ଚାଇନା ଏକ ହେଲେ ବିଶ୍ୱ ଲାଭବାନ୍ ହେବ: ଦଲାଇ ଲାମା



**ଥିରୁଭାନନ୍ତପୁରମ, ୫।୧**

ଭାରତ ଓ ଚାଇନା ଏକାଠି କାର୍ଯ୍ୟ କଲେ ବିଶ୍ୱ ଲାଭବାନ ହେବ ବୋଲି ବୌଦ୍ଧ ଧର୍ମଗୁରୁ ଦଲାଇ ଲାମା କହିଛନ୍ତି। ଅଧିକାଂଶ ବୌଦ୍ଧ ଧର୍ମାବଲମ୍ବୀ ବାସ କରୁଥିବା ଚାଇନା ଭାରତର ଅହିଂସା ଏବଂ କରୁଣା ନୀତିକୁ ଆପଣାଇବା ଆବଶ୍ୟକ। ଦୁଇ ଦେଶର ଅଢ଼େଇ ବିଲିୟନ୍ ନାଗରିକ ଦୁଇ ଦେଶ ଭିତରେ ଶାନ୍ତି ପ୍ରତିଷ୍ଠା ପାଇଁ ଚାହୁଁଛନ୍ତି। ଅହିଂସା ଓ କରୁଣାକୁ ଭାରତ ସବୁବେଳେ ଅଗ୍ରାଧିକାର ଦେଇ ଆସୁଥିବା ୮୭ ବର୍ଷୀୟ ଧର୍ମଗୁରୁ ଦଲାଇ ଲାମା ମନୋରମ ଇୟର୍ ବୁକ୍ ୨୦୨୩ରେ ଉଲ୍ଲେଖ କରିଛନ୍ତି। ବୈଶ୍ୱିକ ଶାନ୍ତି ସ୍ଥାପନ ଛଡ଼ା ଭାରତ ବିଜ୍ଞାନ ଓ ଉଦ୍ୟୋଗ କ୍ଷେତ୍ରରେ ମଧ୍ୟ ପାରଦର୍ଶିତା ଲାଭ କରିଥିବା ନୋବେଲ ପୁରସ୍କାର ବିଜେତା ଦଲାଇ ଲାମା କହିଛନ୍ତି।

### ୨୦୨୪ ଜାନୁୟାରୀ ୧ରେ ରାମମନ୍ଦିର ଉଦ୍‌ଘାଟନ: ଶାହା

**ନୂଆଦିଲ୍ଲୀ,୫।୧**

ଅଯୋଧ୍ୟା ରାମମନ୍ଦିର ୨୦୨୪ ଜାନୁୟାରୀ ୧ରେ ଉଦ୍‌ଘାଟନ ହେବ। ତ୍ରିପୁରାରେ ଏକ ର୍ୟାଲିକୁ ସମ୍ବୋଧନ କରିବା ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଗୁରୁବାର ଏହା ଘୋଷଣା କରିଛନ୍ତି। ରାମ ମନ୍ଦିର ନିର୍ମାଣରେ କଂଗ୍ରେସ ବାଧା ସୃଷ୍ଟି କରିଆସୁଥିଲା। ସୁପ୍ରିମକୋର୍ଟଙ୍କ ରାୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍ଦିର ନିର୍ମାଣ ଆରମ୍ଭ କରିଥିଲେ ବୋଲି ଶାହା କହିଛନ୍ତି। ୨୦୨୪ ନିର୍ବାଚନ ବର୍ଷ ରାମମନ୍ଦିର ଉଦ୍‌ଘାଟନରୁ ଆରମ୍ଭ ହେବାକୁ ଯାଉଛି। ଏହା ଶାସକ ଭାଜପା ପାଇଁ ଏକ ମାଇଲଖୁଣ୍ଟ ହେବ ବୋଲି ଆଶା କରାଯାଉଛି। ୯୦ ଦଶକରୁ ଭାଜପା ରାମ ଜନ୍ମଭୂମି ଆନ୍ଦୋଳନକୁ ଜାତୀୟ ସ୍ତରରେ ଏକ ନିର୍ବାଚନୀ ଶକ୍ତି ଭାବେ ବ୍ୟବହାର କରିଆସୁଛି। ମନ୍ଦିର ନିର୍ମାଣ ଅଧା ଶେଷ ହୋଇଗଲାଣି ବୋଲି ଗତ ନଭେମ୍ବରରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିବା ସହ ଚଳିତ ବର୍ଷ ଡିସେମ୍ବରରେ ନିର୍ମାଣ ସମ୍ପୂର୍ଣ୍ଣ ହେବ ବୋଲି କହିଥିଲେ। ସୁପ୍ରିମକୋର୍ଟ ରାମ ମନ୍ଦିର ସପକ୍ଷରେ ରାୟ ଦେବା ପରେ ୨୦୨୦ ଅଗଷ୍ଟରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା।

## ଷ୍ଟ୍ରେଚରରେ ଅକ୍ସିଜେନ ନେଉଛନ୍ତି ରୋଗୀ



**କୋଭିଡ୍ ସଂକ୍ରମିତଙ୍କ ପାଇଁ ବେଜିଂ ହସ୍ପିଟାଲରେ ଶଯ୍ୟା ନାହିଁ**

**ବେଜିଂ,୫।୧**

ଚାଇନା ରାଜଧାନୀ ବେଜିଂରେ କୋଭିଡ୍ ସଂକ୍ରମଣ ଉତ୍କଟ ରୂପ ଧାରଣ କରିଛି। ରୋଗୀ ଚିକିତ୍ସା ପାଇଁ ହସ୍ପିଟାଲଗୁଡ଼ିକରେ ବେଡ୍ ଅଭାବ ଦେଖାଯାଇଛି। ରୋଗୀ, ବିଶେଷ କରି ବରିଷ୍ଠ ଲୋକେ ହଲ୍ ୱେରେ ଷ୍ଟ୍ରେଚର କିମ୍ବା ହୁଇଲ୍‌ଚେୟାରରେ ଥାଇ ଅକ୍ସିଜେନ୍ ନେଉଥିବା ଦେଖାଯାଇଛି। ବେଜିଂର ପୂର୍ବ ଭାଗରେ ଥିବା ଚୁଇୟାଙ୍ଗ୍‌ଲିଉ ହସ୍ପିଟାଲକୁ ଗୁରୁବାର ବହୁସଂଖ୍ୟାରେ କୋଭିଡ୍ ରୋଗୀ ଆସିବା ଫଳରେ ସେମାନଙ୍କ ଚିକିତ୍ସା ପାଇଁ ବେଡ୍ ମିଳି ନ ଥିଲା। ଏହା ସତ୍ତ୍ୱେ ଆମ୍ବୁଲାନ୍ସଗୁଡ଼ିକ କ୍ରମାଗତ ଭାବେ ରୋଗୀ ବୋହିବାରେ ଲାଗିଥିଲେ। ଡାକ୍ତର ଓ ନର୍ସମାନେ ଅତି ଜରୁରୀ ମାମଲାଗୁଡ଼ିକୁ ପ୍ରଥମେ ଚିକିତ୍ସା କରୁଥିବା ଦେଖାଯାଇଥିଲା। ପାଖାପାଖି ୩ ବର୍ଷର ଲକ୍‌ଡାଉନ୍ ପରେ ଚାଇନା ଅଧିକାଂଶ କୋଭିଡ୍ କଟକଣା ହଟାଇଦେବା ପରେ ସେଠାରେ ସଂକ୍ରମଣ ଶୀର୍ଷ ଛୁଇଁଛି। ଅତି ଘନ ଜନବସତି ଅଞ୍ଚଳରେ ସଂକ୍ରମଣ ଦ୍ରୁତ ବେଗରେ ମାଡ଼ିଚାଲିଛି। ଏବେ ସଂକ୍ରମଣ ଦୁର୍ବଳ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଥିବା ଛୋଟ ସହର ଏବଂ ଗ୍ରାମାଞ୍ଚଳରେ ପହଞ୍ଚିଥିବାରୁ ସରକାରଙ୍କ ଚିନ୍ତା ବଢ଼ାଇ ଦେଇଛି। ଆଗାମୀ ଚାନ୍ଦ୍ର ନବବର୍ଷ ଛୁଟିରେ ଗାଁକୁ ନ ଯିବା ପାଇଁ ଅଧିକାଂଶ ପ୍ରାଦେଶିକ ସରକାର ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

### ପୋଲିସ ଉପରେ ଟ୍ରାକ୍ଟର ମଡ଼ାଇବାକୁ ବାଲି ମାଫିଆଙ୍କ ଉଦ୍ୟମ

**ରାଞ୍ଚି,୫।୧(ଆଇଏଏନ୍ଏସ୍)**

ଝାଡ଼ଖଣ୍ଡର ହଜାରିବାଗ୍ ଜିଲା ଅନ୍ତର୍ଗତ ବରକାର ନଦୀରୁ ବେଆଇନ ବାଲି ଉତ୍ତୋଳନକୁ ରୋକିବା ଲାଗି ଯାଇଥିବା କେତେଜଣ ପୋଲିସ ଅଫିସରଙ୍କୁ ବାଲି ମାଫିଆ ଆକ୍ରମଣ କରିବା ସହ ସେମାନଙ୍କ ଉପରେ ଟ୍ରାକ୍ଟର ମଡ଼ାଇଦେବାକୁ ଉଦ୍ୟମ କରିଥିଲେ। ସେମାନେ ଜଣେ ପୋଲିସ ଅଫିସରଙ୍କଠାରୁ ବନ୍ଧୁକ ଛଡ଼ାଇ ନେଇ ନଦୀକୁ ଫିଙ୍ଗିଦେଇଥିଲେ। ବେଆଇନ ବାଲି ଉତ୍ତୋଳନରେ ସମ୍ପୃକ୍ତ ଶହେ ଜଣ ଅଜଣା ବ୍ୟକ୍ତିଙ୍କ ନାମରେ ବିଡିଓ ୟ-ସିଓ ପ୍ରେମଚନ୍ଦ ସିହ୍ନା ଏତଲା ଦାଏର କରିଛନ୍ତି। ଆକ୍ରମଣ ଘଟଣାରେ ଚୌପାରନ ଥାନାରେ ୭ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ବାଲି ମାଫିଆ ଓ ତାଙ୍କ ଲୋକମାନେ ସିହ୍ନାଙ୍କ ସୁନା ଚେନ୍, ମୁଦି ଓ ୪,୦୦୦ ଟଙ୍କା ଛଡ଼ାଇ ନେଇଛନ୍ତି। ବାଲି ଉତ୍ତୋଳନ ବନ୍ଦ କରିବାକୁ ଉଦ୍ୟମ କଲେ ମାରିଦେବେ ବୋଲି ମାଫିଆମାନେ ସିହ୍ନାଙ୍କୁ ଧମକ ଦେଇଥିଲେ। ଏହାକୁ ମିଶାଇ ୨ ମାସ ମଧ୍ୟରେ ପୋଲିସ ଗତ ମାସ ୨୪ରେ ବେଆଇନ ବାଲି ବୋହୁଥିବା ଏକ ଟ୍ରକ୍ ଉଦ୍ଦେଶ୍ୟମୂଳକ ଭାବେ ଏସ୍‌ଡିପିଓ ମନୀଷ ଚନ୍ଦ୍ର ଲାଲ୍‌ଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। ଏଥିରେ ଥିବା କେତେଜଣ ପୋଲିସ କର୍ମଚାରୀ ଆହତ ହୋଇଥିଲେ।

## ମହିଳାଙ୍କୁ ୩ କି.ମି. ଟାଣିନେଲା ଟ୍ରକ୍

**ଲକ୍ଷ୍ନୌ,୫।୧**

ଦିଲ୍ଲୀରେ ଜଣେ ଯୁବତୀଙ୍କ ସ୍କୁଟିକୁ ଏକ କାର୍ ଧକ୍କା ଦେଇ ୧୩ କିଲୋମିଟର ଘୋଷାଡ଼ି ନେବା ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିବାବେଳେ ଏହାର ପୁନରାବୃତ୍ତି ଘଟିଛି ଉତ୍ତରପ୍ରଦେଶରେ। ବନ୍ଦା ଜିଲାର ମାଓ୍ୱାଇ ବୁଜୁର୍ଗ ଗ୍ରାମରେ ସ୍କୁଟିରେ ଯାଉଥିବା ଜଣେ ୩୨ ବର୍ଷୀୟ ମହିଳାଙ୍କୁ ଟ୍ରକ୍ ଧକ୍କା ଦେବା ସହ ମୃତଦେହକୁ ୩.୫ କିଲୋମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇଛି। ମୃତଦେହ ସହ ସ୍କୁଟି ଚେସିସ୍‌ରେ ଲାଖିରହି ଘର୍ଷଣ ଯୋଗୁ ଟ୍ରକ୍‌ରେ ନିଆଁ ଲାଗିଯାଇଥିଲା। ମହିଳାଙ୍କ ସ୍କୁଟି ମଧ୍ୟ ଜଳିଯାଇଛି। ମୃତା ପୁଷ୍ପା କୃଷି ବିଶ୍ୱବିଦ୍ୟାଳୟରେ କିରାଣି ଥିଲେ। ୨୦୨୦ରେ ସ୍ୱାମୀ ରଞ୍ଜିତ କୁମାରଙ୍କ ମୃତ୍ୟୁ ପରେ ପୁଷ୍ପାଙ୍କୁ ତାଙ୍କ ସ୍ଥାନରେ ନିଯୁକ୍ତି ଦିଆଯାଇଥିଲା। ସେ ବୁଧବାର ସନ୍ଧ୍ୟାରେ ପରିବା କିଣିବାକୁ ବଜାର ଯାଉଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଡ୍ରାଇଭର ଅଖିଳେଶ ଯାଦବଙ୍କୁ ଧରିବା ଲାଗି ପୋଲିସ ଟିମ୍ ଗଠନ କରାଯାଇଥିବା କୋତ୍‌ୱାଲି ଏସ୍‌ଏଚ୍‌ଓ ଶ୍ୟାମବାବୁ ଶୁକ୍ଳା କହିଛନ୍ତି। ମହିଳାଙ୍କ ଶରୀର ଜଳିଯାଇଥିବାବେଳେ ପୋଷାକ ଓ ଗାଡ଼ିରୁ ତାଙ୍କୁ ଚିହ୍ନଟ କରାଯାଇଥିଲା। ଏଭଳି ମର୍ମନ୍ତୁଦ ଦୁର୍ଘଟଣାକୁ ନେଇ ଉକ୍ତ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ଉକ୍ତ ରାସ୍ତାରେ ହମ୍ପ୍‌ସ ନିର୍ମାଣ ଦାବିରେ ଗ୍ରାମବାସୀ ଓ ଛାତ୍ରୀଛାତ୍ର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

## ପ୍ରିନ୍ସ ହ୍ୟାରିଙ୍କୁ ଧକ୍କା ମାରିଥିଲେ ୱିଲିୟମ

**ଲଣ୍ଡନ,୫।୧(ପି.ଟି.)**

ପ୍ରିନ୍ସ ହ୍ୟାରିଙ୍କ ଆମେରିକୀୟ ସ୍ତ୍ରୀ ମେଘାନ ମାର୍କେଲଙ୍କୁ ନେଇ ୨୦୧୯ରେ ବ୍ରିଟେନ ରାଜପରିବାରରେ ବିବାଦ ଦେଖାଦେଇଥିଲା। ଏହାକୁ ନେଇ ହ୍ୟାରିଙ୍କ ସହ ବଡ଼ଭାଇ ପ୍ରିନ୍ସ ୱିଲିୟମଙ୍କର ବଚସା ହୋଇଥିଲା ଓ ସେ ହ୍ୟାରିଙ୍କୁ ଧକ୍କା ମାରି ତଳେ ପକାଇଦେଇଥିଲେ। ହ୍ୟାରି ତାଙ୍କର ପ୍ରକାଶ ପାଇବାକୁ ଥିବା ଆତ୍ମଜୀବନୀରେ ଏହା ପ୍ରଘଟ କରିଛନ୍ତି। ହ୍ୟାରି କହିଛନ୍ତି,୨୦୧୯ରେ ଲଣ୍ଡନ ବାସଭବନରେ ଦୁଇ ଭାଇଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ୱିଲିୟମ ମେଘାନଙ୍କୁ ଅବିବେକୀ, ଅଶିଷ୍ଟ କହିଥିଲେ। ତାଙ୍କ ଆମେରିକା ସ୍ତ୍ରୀଙ୍କ ସମ୍ପର୍କରେ ୱିଲିୟମ ଗଣମାଧ୍ୟମ କଥାକୁ ଦୋହରାଇଥିଲେ ବୋଲି ହ୍ୟାରି ଅଭିଯୋଗ କରିଥିଲେ। ଝଗଡ଼ା ବଢ଼ିବା ପରେ ୱିଲିୟମ ହ୍ୟାରିଙ୍କ କଲାର ଧରି ଘୋଷାଡ଼ି ନେଇଥିଲେ ଓ ଧକ୍କା ମାରି ତଳେ ପକାଇଦେଇଥିଲେ। ଫଳରେ ତାଙ୍କ ପିଠିରେ ଆଘାତ ଲାଗିଥିଲା ବୋଲି ହ୍ୟାରି ତାଙ୍କ ପୁସ୍ତକରେ ଉଲ୍ଲେଖ କରିଛନ୍ତି। ଆସନ୍ତା ସପ୍ତାହରେ ଉକ୍ତ ପୁସ୍ତକ ପ୍ରକାଶ ପାଇବାକୁ ଯାଉଛି, ଯାହା ବ୍ରିଟିଶ ରାଜପରିବାରରେ ଉତ୍ତେଜନା ସୃଷ୍ଟି କରିପାରେ।


ପ୍ରିନ୍ସ ୱିଲିୟମ ପ୍ରିନ୍ସ ହ୍ୟାରି

## 'ବେସରମ ରଙ୍ଗ ଗୀତ ହଟାଅ'

**ପଠାନ୍‌ର ପିଛା ଛାଡୁନି ବିବାଦ**

**ଅହମ୍ମଦାବାଦ୍ ୫।୧**

ବଲିଉଡ୍ ଅଭିନେତା ଶାହାରୁଖ ଖାନ୍‌ଙ୍କ ଅଭିନୀତ 'ପଠାନ୍'କୁ ନେଇ ପୁଣିଥରେ ବିଭିନ୍ନ ସଙ୍ଗଠନ ବିରୋଧ କରିବା ଆରମ୍ଭ କରିଛନ୍ତି। ଫିଲ୍ମରୁ ବିବାଦୀୟ ଗୀତ 'ବେସରମ୍ ରଙ୍ଗ' ନ ହଟାଗଲେ ଏହାକୁ ଗୁଜରାଟର କୌଣସି ସିନେମାଘରେ ରିଲିଜ୍ କରିବାକୁ ଦିଆଯିବ ନାହିଁ ବୋଲି ବଜରଙ୍ଗ ଦଳ ଏବଂ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ କୁହାଯାଇଛି। ଏ ନେଇ ସୋସିଆଲ ମିଡିଆରେ ବହୁ ଭିଡିଓ ମଧ୍ୟ ବହୁଳ ପ୍ରସାର ହେବାରେ ଲାଗିଛି, ଯେଉଁଥିରେ ସଙ୍ଗଠନ କର୍ମକର୍ତ୍ତାମାନେ ପଠାନ୍ ଫିଲ୍ମ ବିରୋଧରେ ନାରାବାଜି କରିବା ସହ ଏହାର ପୋଷ୍ଟର ଚିରୁଥିବାର ଦେଖାଯାଇଛି। ଫିଲ୍ମରୁ ବେସରମ ରଙ୍ଗ ଗୀତ ଏବଂ ଦୀପିକା ପିନ୍ଧିଥିବା ଗେରୁଆ ବିକିନି ସିନ୍ ସବୁ ହଟାଇବାକୁ ସେମାନେ ଦାବି ରଖିଛନ୍ତି। ସଙ୍ଗଠନଗୁଡ଼ିକ ପକ୍ଷରୁ କରାଯାଉଥିବା ପ୍ରତିବାଦକୁ ଚଳଚ୍ଚିତ୍ର ନିର୍ମାତା ରାହୁଲ ଢୋଲକିଆ ନିନ୍ଦା କରିଛନ୍ତି। ଗୀତରେ ଦୀପିକାଙ୍କ ଲୁକ୍ ଓ ସେ ପିନ୍ଧିଥିବା ଗୈରିକ ବିକିନିକୁ ବିଭିନ୍ନ ସଙ୍ଗଠନ ନାପସନ୍ଦ କରିଥିଲେ। ଡିସେମ୍ବର ୧୨ରେ 'ବେସରମ୍ ରଙ୍ଗ' ଗୀତ ରିଲିଜ୍ ହୋଇଥିଲା।



## ରଙ୍ଗହୀନ ପ୍ରବାଳ 'ଫିସ୍ ଫାଇଟ୍'ର କାରଣ

**ଲଣ୍ଡନ, ୫।୧**

ସମୁଦ୍ରରେ ଅନେକ ପ୍ରଜାତିର ପ୍ରାଣୀ ବାସ କରନ୍ତି। କିଛି ପ୍ରାଣୀ ନିଜଠାରୁ କ୍ଷୁଦ୍ର ଜୀବଙ୍କୁ ଶିକାର କରନ୍ତି ତ ଆଉ କିଛି ସାମୁଦ୍ରିକ ପ୍ରବାଳ ଉପରେ ନିର୍ଭର କରନ୍ତି। ସମୁଦ୍ରରେ ରହୁଥିବା କ୍ଷୁଦ୍ରମାଛ ବଟରଫ୍ଲାଏ ଫିସ୍ ବିଶେଷ ଭାବେ ଆକ୍ରୋପୋରା ପ୍ରବାଳକୁ ଖାଦ୍ୟ ଭାବେ ଗ୍ରହଣ କରନ୍ତି। ବିଭିନ୍ନ ରଙ୍ଗର ପ୍ରବାଳ ସମୁଦ୍ରରେ ଦେଖାଯାଉଥିବାବେଳେ ଜଳବାୟୁ ପରିବର୍ତ୍ତନ କାରଣରୁ ଏହା ବର୍ଣ୍ଣହୀନ ହେବାରେ ଲାଗିଛି। ଫଳରେ ବଟରଫ୍ଲାଏ ପ୍ରଜାତିର ମାଛଙ୍କ କ୍ଷେତ୍ରରେ ଖାଦ୍ୟାଭାବ ଦେଖାଯାଇଛି। ଅନ୍ୟପକ୍ଷେ ଏହି ବର୍ଣ୍ଣହୀନ ପ୍ରବାଳ ଯୋଗୁ ସମୁଦ୍ରରେ ଫିସ୍ ଫାଇଟ ବା ମାଛମାନଙ୍କ ମଧ୍ୟରେ ସଂଘର୍ଷ ଦେଖିବାକୁ ମିଳୁଥିବା ବ୍ରିଟେନ୍‌ର ଲାନ୍‌କାଷ୍ଟର ୟୁନିଭର୍ସିଟିର ମେରାଇନ୍ ଇକୋଲୋଜିଷ୍ଟ ସାଲି କେଥ୍ କହିଛନ୍ତି।

ଜଳବାୟୁ ପରିବର୍ତ୍ତନ ଯୋଗୁ ସାମୁଦ୍ରିକ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଏହି କାରଣରୁ ସମୁଦ୍ରର ଗଭୀର ଜଳର ପଥର ଚଟାଣରେ ସୃଷ୍ଟ ପ୍ରବାଳ ବର୍ଣ୍ଣହୀନ ହେବାରେ ଲାଗିଥିବା ବିଶେଷଜ୍ଞମାନଙ୍କ ଅଧ୍ୟୟନରୁ ଜଣାପଡ଼ିଛି। ଅଧିକାଂଶ ପ୍ରବାଳ ରଙ୍ଗହୀନ ହେବା ଦ୍ୱାରା ପାଖାପାଖି ୩୮ ପ୍ରଜାତିର ବଟରଫ୍ଲାଏ ଫିସ୍‌ଙ୍କ ମଧ୍ୟରେ ସଂଘର୍ଷ ଦେଖାଯାଇଛି। ମେରାଇନ୍ ଇକୋଲୋଜିଷ୍ଟଙ୍କ ଏକ ଦଳ ସମୁଦ୍ର ମଧ୍ୟକୁ ଯାଇ ଅତି ନିକଟରୁ ମାଛମାନଙ୍କ ଗତିବିଧିକୁ ଲକ୍ଷ୍ୟ କରିଛନ୍ତି। ଏ ନେଇ ପ୍ରକାଶିତ ଅଧ୍ୟୟନ ରିପୋର୍ଟ ମୁତାବକ କିଛି ମାଛ ପ୍ରବାଳ ଖାଉଥିବାବେଳେ ତାଙ୍କୁ ଅନେକ ମାଛ ଘେରିଯାଉଛନ୍ତି। ଖାଲି ସେତିକି ନୁହେଁ ପ୍ରବାଳ ଖାଉଥିବା ମାଛକୁ ସେଠାରୁ ହଟାଇବା ଲାଗି ଅନ୍ୟମାଛ ନିଜ ନାକ ଏବଂ ଡେଣାର ବ୍ୟବହାର କରୁଥିବା ଦେଖାଯାଇଛି।



୨୦୧୬ରେ ପ୍ରଥମ କରି ଗବେଷକଙ୍କ ଦ୍ୱାରା ଫିଲିପାଇନ୍ସ, ଇଣ୍ଡୋନେସିଆ ଏବଂ ଖ୍ରୀଷ୍ଟମାସ ଦ୍ୱୀପର ରଙ୍ଗହୀନ ସାମୁଦ୍ରିକ ପ୍ରବାଳଙ୍କୁ ନେଇ ଅଧ୍ୟୟନ କରାଯାଇଥିଲା। କିନ୍ତୁ ସେ ସମୟରେ ଏହା ପଛର କାରଣ ସେମାନେ ଖୋଜି ବାହାର କରିବାରେ ଅସଫଳ ହୋଇଥିଲେ। ତେବେ ଏ ପ୍ରକାର ସଙ୍କଟର ମୁକାବିଲା ପାଇଁ ବଟରଫ୍ଲାଏ ଫିସ୍ ପାଖରେ କୌଣସି ବିକଳ୍ପ ଅଛି କି ନାହିଁ ତାକୁ ନେଇ ଗବେଷଣା ଚାଲିଛି। ଜଳବାୟୁ ପରିବର୍ତ୍ତନ ରୋକିବା ଦିଗରେ ପଦକ୍ଷେପ ନ ନିଆଗଲେ ବର୍ଣ୍ଣହୀନ ପ୍ରବାଳ ପୁଣିଥରେ ପୂର୍ବାବସ୍ଥାକୁ ଫେରିପାରିବେ ନାହିଁ। ଏହାଦ୍ୱାରା ଭବିଷ୍ୟତରେ ସମୁଦ୍ରରେ ଖାଦ୍ୟଚକ୍ରକୁ ନେଇ ବଡ଼ ସମସ୍ୟା ଦେଖାଯିବ ବୋଲି କେଥ୍ ସତର୍କ କରାଇଛନ୍ତି।



## ସବିତା ମହିଳା ହକି ଦଳର ଅଧିନାୟିକା

ଦକ୍ଷିଣ ଆଫ୍ରିକା ଟୁର୍ ପାଇଁ ସବିତା ପୁନିଆଙ୍କୁ ଭାରତୀୟ ମହିଳା ହକି ଦଳର ଅଧିନାୟିକା ରୂପେ ମନୋନୀତ କରାଯାଇଛି।

୧୨

୦୮

## ଘର ବିକିଲେ ସୋନମ୍

ବଲିଉଡ୍ ଅଭିନେତ୍ରୀ ସୋନମ୍ କପୁର ଆହୁଜା ନିକଟରେ ମୁମ୍ବାଇରେ ଥିବା ଏକ ଫ୍ଲାଟ୍‌କୁ ୩୨ କୋଟି ଟଙ୍କାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କମ୍ପାନୀକୁ ବିକ୍ରି କରିଛନ୍ତି।






ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ଷ୍ଟାଡିୟମ ଲୋକାର୍ପଣ ଅବସରରେ ହକି ଭିଲେଜକୁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଏବଂ ବିଧାୟକ ସାରଦା ନାୟକ।

# ସିବିଆଇକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ଆମ ଅଭିଜ୍ଞତା କହୁଛି, ଯେତେବେଳେ ବି ଏକ ଆର୍ଥିକ ଦୁର୍ନୀତି ହୋଇଥାଏ, ସିବିଆଇ ଏବଂ ଇଡିର ତଦନ୍ତରେ ମନ୍ଥରତା ସାମ୍ନାକୁ ଆସିଥାଏ। କେତୋଟି ଆର୍ଥିକ ଦୁର୍ନୀତି ମାମଲା ଚୂଡ଼ାନ୍ତ ପର୍ଯ୍ୟାୟକୁ ଆସିଛି ବୋଲି ଓଡ଼ିଶାରେ ହୋଇଥିବା ବହୁ କୋଟି ଟଙ୍କାର ଚିଟ୍‌ଫଣ୍ଡ ଠକେଇ ପ୍ରସଙ୍ଗରେ ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଏଥିସହ ଏହି ହାଇପ୍ରୋଫାଇଲ ମାମଲାର ତଦନ୍ତ ଅଧିକ ସମୟ ଧରି ନ ଗଡ଼ାଇବାକୁ ଦୁଇଜଣିଆ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।**

## ଚିଟ୍‌ଫଣ୍ଡ ମାମଲା ତଦନ୍ତରେ ଅହେତୁକ ବିଳମ୍ବ

### ୯ ସୁଦ୍ଧା ଷ୍ଟାଟସ୍ ରିପୋର୍ଟ ଦାଖଲ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୫।୧**

ବହୁ କୋଟି ଟଙ୍କାର ଚିଟ୍‌ଫଣ୍ଡ ଠକେଇ ମାମଲାର ତଦନ୍ତରେ ଅହେତୁକ ବିଳମ୍ବ ହେଉଥିବାରୁ ଜମାକାରୀ ନିଜ ଅର୍ଥ ଫେରସ୍ତ ପାଉନାହାନ୍ତି। ଜମାକାରୀମାନେ ୧୦-୧୫ ବର୍ଷ ପର୍ଯ୍ୟନ୍ତ ଅପେକ୍ଷା କରିପାରିବେ ନାହିଁ ବୋଲି ଗୁରୁବାର ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିସହ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଆସନ୍ତା ୯ ତାରିଖ ସୁଦ୍ଧା ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶାରେ ସକ୍ରିୟ ଥିବା ୪୪ଟି ଚିଟ୍‌ଫଣ୍ଡ ସଂସ୍ଥା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଭବିଷ୍ୟତର ଇନ୍ଧନ

## ପୁଣି ବିମାନରେ ମହିଳା ଯାତ୍ରୀଙ୍କ ଉପରେ ପରିସ୍ରା

**ନୂଆଦିଲ୍ଲୀ ୫।୧**

**ଏୟାର ଇଣ୍ଡିଆକୁ ଡିଜିସିଏର ନୋଟିସ**

ନ୍ୟୁୟର୍କରୁ ଦିଲ୍ଲୀ ଆସୁଥିବା ଏୟାର୍ ଇଣ୍ଡିଆ ବିମାନରେ ମହିଳା ଯାତ୍ରୀଙ୍କ ଉପରେ ପରିସ୍ରା କରିବା ଘଟଣାର ୧୦ ଦିନ ପରେ ଅର୍ଥାତ୍ ଡିସେମ୍ବର ୬ରେ ସମାନ ଘଟଣା ପ୍ୟାରିସ୍‌ରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ଫ୍ଲାଇଟ୍‌ରେ ଘଟିଛି। ଫ୍ଲାଇଟ୍‌ରେ ଜଣେ ଯୁବକ ଆଉଜଣେ ମହିଳା ଯାତ୍ରୀଙ୍କ ବ୍ଲାଙ୍କେଟ୍‌ରେ ପରିସ୍ରା କରିଥିଲେ। ତେବେ ଏହାର ସୂଚନା ବିମାନର ପାଇଲଟ ଇନ୍ଦିରା ☞ପୃଷ୍ଠା-୨

## ମାର୍ଚ୍ଚ ୧୦ରୁ ମାଟ୍ରିକ

**କଟକ ଅଫିସ,୫।୧**

ଆସନ୍ତା ମାର୍ଚ୍ଚ ୧୦ରୁ ମାଟ୍ରିକ ସମ୍ମେଟିଭ-୨ ପରୀକ୍ଷା ଆରମ୍ଭ ହେବ। ଏହା ମାର୍ଚ୍ଚ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିପରି ଉକ୍ତ ଦିନ ମଧ୍ୟ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଆରମ୍ଭ ହେବ। ପୂର୍ବରୁ ଯେଉଁ କେନ୍ଦ୍ରରେ ସମ୍ମେଟିଭ-୧ ପରୀକ୍ଷା ହୋଇଥିଲା ସେଠାରେ ସମ୍ମେଟିଭ-୨ ପରୀକ୍ଷା ହେବ। ସେହିପରି ନୋଡାଲ ସେଣ୍ଟର ମଧ୍ୟ ଅପରିବର୍ତ୍ତିତ ରହିବ। ଧନ୍ଦାମୂଳକ ଶିକ୍ଷାର ପ୍ରାକ୍ଟିକାଲ ପରୀକ୍ଷା ଆସନ୍ତା ଫେବୃୟାରୀ ୧୫ରୁ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପରୀକ୍ଷା ଛାତ୍ରୀଛାତ୍ରମାନେ ନିଜ ସ୍କୁଲରେ ଦେବେ। ଏ ନେଇ କଟକସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ☞ପୃଷ୍ଠା-୨

## ଓଡ଼ିଶାରେ ୫ଜି

**ଭୁବନେଶ୍ୱର,୫।୧**

ରାଜ୍ୟରେ ୫ଜି ଟେଲିକମ ସେବାର ଶୁଭାରମ୍ଭ ହୋଇଛି। ଭୁବନେଶ୍ୱରର ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ସୋଆ) ପରିସରରେ ଗୁରୁବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଧର୍ମେନ୍ଦ୍ର ପ୍ରଧାନ ୫ଜି ସେବାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ରିଲାଏନ୍ସ ଜିଓ ଏବଂ ଭାରତୀ ଏୟାରଟେଲ ଜରିଆରେ ପ୍ରାଥମିକ ପର୍ଯ୍ୟାୟରେ କଟକ ଓ ଭୁବନେଶ୍ୱରରେ ଏହି ସେବା ଆରମ୍ଭ ହୋଇଥିବାବେଳେ ଚଳିତ ବର୍ଷ ଫେବୃୟାରୀ ଶେଷ ସୁଦ୍ଧା ପୁରୀ, ସମ୍ବଲପୁର, ବ୍ରହ୍ମପୁର, ବାଲେଶ୍ୱର ଭଳି ପ୍ରମୁଖ ସହରରେ ଏହି ସେବା ଉପଲବ୍ଧ ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଏହି ଅବସରରେ ମନ୍ତ୍ରୀ ବୈଷ୍ଣବ କହିଥିଲେ ଯେ, ୫ଜି ସେବା ଦ୍ୱାରା ଉଭୟ ରାଜ୍ୟ ଓ ଦେଶରେ ଅନେକ କିଛି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହେବ। ଏପରିକି ଗ୍ରାମାଞ୍ଚଳରୁ ନେଇ ସହରାଞ୍ଚଳ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଡିଜିଟାଲ ହେବ। ଫଳରେ ରାଜ୍ୟର ବିକାଶ ସାଙ୍ଗକୁ ☞ପୃଷ୍ଠା-୨










ଆଜିର ମନ୍ତବ୍ୟ
"ଦେଶର ସେନାବାହିନୀକୁ ବିଶ୍ୱରେ ସବୁଠୁ ଶକ୍ତିଶାଳୀ ଭାବେ ଗଢ଼ି ତୋଳିବା ଭାରତର ଲକ୍ଷ୍ୟ।
– ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ





## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଗା, ବଗା, ଖଗା**
**ତିନିହେଁ ତିନି ଅଲଗା।**

ଭିନ୍ନ ମତବାଦର ବ୍ୟକ୍ତି ଏକାଠି ମିଳିଲେ କିଛି କରିପାରନ୍ତି ନାହିଁ। ବରଂ ବିଭ୍ରାଟ ସୃଷ୍ଟି କରି ବସନ୍ତି। କାହା ମନ କାହା ସହ ମିଶି ନ ପାରିବା କାରଣରୁ ସେମାନେ କୌଣସି ନିଷ୍ପତିରେ ପହଞ୍ଚି ପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅସଙ୍ଗରେ ସଙ୍ଗିତା**
**ଅସଙ୍ଗରେ ସଙ୍ଗୀ ହେଲେ**
**କାଠ ଘଣ୍ଟ ଲମ୍ବିତା।**

ଉତ୍ତମ ବ୍ୟକ୍ତିଙ୍କ ସଙ୍ଗେ ବନ୍ଧୁତା କରିବା ସବୁଠାରୁ ବୁଦ୍ଧିମାନର କାର୍ଯ୍ୟ। ସେମାନଙ୍କର ସୁପରାମର୍ଷ ଅନେକ ପ୍ରକାରର ବିପଦରୁ ରକ୍ଷା କରିଥାଏ। ପରନ୍ତୁ କୁ –ବନ୍ଧୁ ଯୋଗୁ ସମାଜରେ ତିରସ୍କାର ମିଳିବା ସହ ଦୁର୍ଭାଗ୍ୟ କୁ ହିଁ ଅର୍ଜିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ହୋଟେଲ ସୁରକ୍ଷାକର୍ମୀଙ୍କୁ ଜେରା

**ରାୟଗଡ଼ାରେ ୨ ରୁଷୀୟ ପର୍ଯ୍ୟଟକ ମୃତ୍ୟୁ ଘଟଣା**

## ଜବତ ସାମଗ୍ରୀ ପଠାଗଲା ଫୋରେନ୍‌ସିକ ଲାବ୍

**ରାୟଗଡ଼ା,୫।୧(ସ୍ୱ.ପ୍ର.)**

ରାୟଗଡ଼ାରେ ୨ରୁଷୀୟ ପର୍ଯ୍ୟଟକ ମୃତ୍ୟୁ ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତକୁ ଅଧିକ ପ୍ରଭାବୀ କରିବାକୁ ପ୍ରୟାସ ଜାରି ରଖିଛି। ଡିଏସ୍‌ପି ତପନ ଦାଶ ଏବଂ ଡିଏସ୍‌ପି ସରୋଜକାନ୍ତ ମହାନ୍ତଙ୍କ ନେତୃତ୍ୱରେ ଗଠିତ ୨ ସ୍ୱତନ୍ତ୍ର ଟିମ୍ ରାୟଗଡ଼ାରେ ତଦନ୍ତ କରୁଛି। ସପ୍ତମ ଦିନରେ ୨ ଟିମ୍ ବିଭକ୍ତ ହୋଇ ବିଭିନ୍ନ ସ୍ଥାନରେ ତଦନ୍ତ କରିଛନ୍ତି। ଡିଏସ୍‌ପି ତପନ ଦାଶଙ୍କ ନେତୃତ୍ୱରେ ଆସିଥିବା ଟିମ୍ ମାମଲା ସମ୍ପର୍କିତ ସମସ୍ତ ତଥ୍ୟ ଓ ପ୍ରମାଣ ସଂଗ୍ରହ କରିଛି। ସେହିଭଳି ଡିଏସ୍‌ପି ସରୋଜକାନ୍ତ ମହାନ୍ତଙ୍କ ନେତୃତ୍ୱରେ ଗଠିତ ଟିମ୍ ଗୁରୁବାର ପୁଣି ହୋଟେଲକୁ ଆସି ଯାଞ୍ଚ କରିବା ସହ ସେଠାରେ ନିୟୋଜିତ ଦୁଇ ସୁରକ୍ଷା କର୍ମୀଙ୍କୁ ଜେରା କରିଛନ୍ତି। ସୁରକ୍ଷା କର୍ମୀଙ୍କ ରେଜିଷ୍ଟର ମଧ୍ୟ ଯାଞ୍ଚ କରିଥିବା ଦେଖିବାକୁ ମିଳିଛି। ବିଭିନ୍ନ ଦିଗକୁ ନେଇ ତଦନ୍ତ ଚାଲିଛି। ସକାଳେ କ୍ରାଇମ ବ୍ରାଞ୍ଚର ୨ ଡିଏସ୍‌ପି, ୨ ଇନ୍ସପେକ୍ଟର, ଏସ୍‌ଆଇ ଓ ଏଏସ୍‌ଆଇ ୨ ଭାଗରେ ବିଭକ୍ତ ହୋଇ ଗୋଟିଏ ଟିମ୍ ହୋଟେଲକୁ ଏବଂ ଅନ୍ୟ ଟିମ୍ ଜିଲା ପୋଲିସ କାର୍ଯ୍ୟାଳୟ ସମେତ ଅନ୍ୟ ସ୍ଥାନକୁ ଯାଇଥିଲେ।

ଅନ୍ୟପକ୍ଷରେ ଜବତ ହୋଇଥିବା ବିଭିନ୍ନ ସାମଗ୍ରୀ ପରୀକ୍ଷା ପାଇଁ ବୁଧବାର ରାତିରେ ରାଜ୍ୟ ଫୋରେନ୍‌ସିକ ଲାବ୍‌କୁ ନିଆଯାଇଛି। ଏହା ବ୍ୟତୀତ ସିନ୍ ରିକ୍ରିଏସନ ପାଇଁ ମଧ୍ୟ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି। ରୁଷୀୟ ନାଗରିକ ତଥା ସେଠାକାର ଏମ୍‌ପି ପାଭେଲ ଆଣ୍ଟୋଭଙ୍କ ମୃତ୍ୟୁ ରହସ୍ୟ ମଧ୍ୟରେ ଥିବାରୁ ତାଙ୍କ ମୃତ୍ୟୁ କେଉଁ ପରିସ୍ଥିତିରେ ଏବଂ କିଭଳି ହୋଇଥିଲା ତାହା ଜାଣିବା ପାଇଁ ସିନ୍ ରିକ୍ରିଏସନ କରାଯିବ। ଜବତ ସାମଗ୍ରୀ ପରୀକ୍ଷଣ ରିପୋର୍ଟ ଏବଂ ସଂଗ୍ରହ ହୋଇଥିବା ତଥ୍ୟ ଆଧାରରେ ରହସ୍ୟ ଉନ୍ମୋଚନ କରାଯିବ ବୋଲି ସୂଚନା ମିଳିଛି।

ଭ୍ଲାଡିମିର ବିଦାନୋଭଙ୍କ ମୃତ୍ୟୁ ୨୨ରେ ଘଟିଥିବାବେଳେ ୨୪ରେ ପାଭେଲ ଆଣ୍ଟୋଭଙ୍କ ମୃତ୍ୟୁ ଘଟିଥିଲା। ଏହା ମଧ୍ୟରେ ଟିମ୍‌କୁ କିଛି ତଥ୍ୟ ଓ ପ୍ରମାଣ ମଧ୍ୟ ମିଳିଥିବା ସୂଚନା ମିଳିଛି। ତେବେ ଅଧିକ ତଥ୍ୟ ଓ ପ୍ରମାଣ ପାଇବା ପରେ ଏହି ମୃତ୍ୟୁ ଘଟଣାର ରହସ୍ୟ ପଦାକୁ ଆସିବ ବୋଲି କୁହାଯାଇଛି। ସେହିପରି କ୍ରାଇମ ବ୍ରାଞ୍ଚ ତଦନ୍ତ ଚାଲିଥିବାରୁ ଶ୍ମଶାନ ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଭିସେରା ସଂରକ୍ଷଣ ଗୃହ ଏବଂ ହସ୍ପିଟାଲର ଅନ୍ୟ ସ୍ଥାନରେ ଯବାନମାନେ ପଇଁତରା ମାରୁଛନ୍ତି। ହୋଟେଲ ପରିସରରେ ମଧ୍ୟ ବିଭିନ୍ନ ସ୍ଥାନରେ ପୋଲିସ ଜଗି ରହିଛି।

## ଓଡ଼ିଶାରେ ୩ ରୁଷୀୟଙ୍କ ମୃତ୍ୟୁକୁ ଏକାଠି ଯୋଡ଼ା ନ ଯାଉ: କେନ୍ଦ୍ର

**ନୂଆଦିଲ୍ଲୀ,୫।୧**

୩ ଜଣ ରୁଷୀୟ ନାଗରିକଙ୍କର ଓଡ଼ିଶାରେ ମୃତ୍ୟୁ ଘଟିଛି। ଏ ନେଇ ଆବଶ୍ୟକ ତଦନ୍ତ ଜାରି ରହିଛି। ଏହି ମୃତ୍ୟୁକୁ ଏକାଠି ଯୋଡ଼ିବା ଆବଶ୍ୟକ ନାହିଁ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର କୁହାଯାଇଛି। ଦୁଇଦିନ ପୂର୍ବରୁ କାର୍ଗୋ ଜାହାଜର ଜଣେ ରୁଷୀୟ ଇଞ୍ଜିନିୟରଙ୍କର ଓଡ଼ିଶା ଉପକୂଳ ଅନ୍ତର୍ଜାତୀୟ ଜଳରାଶିରେ ମୃତ୍ୟୁ ଘଟିଥିଲା। ଔପଚାରିକତା ପାଇଁ ତାଙ୍କ ମୃତଦେହ ପାରାଦୀପ ବନ୍ଦ ଅଣାଯାଇଥିଲା। ଏହା ପୂର୍ବରୁ ଡିସେମ୍ବର ୨୪ ଓ ୩୦ରେ ରାୟଗଡ଼ାର ଏକ ହୋଟେଲରେ ୨ ଜଣ ରୁଷୀୟଙ୍କ ମୃତ୍ୟୁ ହୋଇଥିଲା। ୩ଟି ଯାକ ମୃତ୍ୟୁକୁ ଏକାଠି ଯୋଡ଼ିବା ଠିକ୍ ନୁହେଁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ ଗଣମାଧ୍ୟମକୁ କହିଛନ୍ତି। ଭାରତ ଏକ ବିଶାଳ ଦେଶ ଏବଂ ବହୁସଂଖ୍ୟାରେ ବିଦେଶୀ ଏଠାକୁ ଆସିଥାନ୍ତି।



ଅରିନ୍ଦମ ବାଗ୍‌ଚୀ

ପାଭେଲ୍ ଆଣ୍ଟୋଭ୍ ରହୁଥିବା ହୋଟେଲର ୩ ମହଲାରୁ ଖସି ପ୍ରାଣ ହରାଇଥିବାବେଳେ ଭ୍ଲାଡିମିର ବିଡେନୋଭ୍‌ଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ପୋଲିସ କହିଛି। କ୍ରାଇମ୍ ବ୍ରାଞ୍ଚ ଏବଂ ରାଜ୍ୟ ଫୋରେନ୍‌ସିକ୍ ସାଇନ୍ସ ଲାବରେଟୋରୀର ଏକ ଟିମ୍ ରାୟଗଡ଼ା ସାଇ ଇଣ୍ଟରନ୍ୟାଶନାଲ ହୋଟେଲ ଯାଞ୍ଚ କରିଛି। ଓଡ଼ିଶା ପୋଲିସର ସିଆଇଡି କ୍ରାଇମ୍ ବ୍ରାଞ୍ଚ ମାମଲାର ତଦନ୍ତ କରୁଛି।

## ବଡ଼ଖେମୁଣ୍ଡି ରାଣୀଙ୍କ ପରଲୋକ

**ଦିଗପହଣ୍ଡି,୫।୧(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଦିଗପହଣ୍ଡିର ବଡ଼ଖେମୁଣ୍ଡି ରାଣୀ ତଥା ଯୁବରାଜ ସ୍ୱର୍ଗତ ମାଣିକେଶ୍ୱରୀ ପ୍ରସାଦ ଦେବଙ୍କ ଧର୍ମପତ୍ନୀ ପୂର୍ଣ୍ଣେଶ୍ୱରୀ ଦେବୀଙ୍କ ୭୪ ବର୍ଷ ବୟସରେ ଗୁରୁବାର ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ଥିଲେ। ବ୍ରହ୍ମପୁରସ୍ଥିତ ବଡ଼ଖେମୁଣ୍ଡି ବଙ୍ଗଳା ବାସଭବନରେ ତାଙ୍କର ଦେହାନ୍ତ ହେବା ପରେ ମରଶରୀରକୁ ଦିଗପହଣ୍ଡିସ୍ଥିତ ରାଜବାଟୀକୁ ଅଣାଯାଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ରାଣୀଙ୍କ ଶେଷଦର୍ଶନ କରିଥିଲେ। ମରଶରୀରକୁ ଦିଗପହଣ୍ଡି ଷ୍ଟେଟ୍‌ବ୍ୟାଙ୍କ ନିକଟ ରାଜ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଥିଲା। ଜ୍ୟେଷ୍ଠପୁତ୍ର ଲକ୍ଷ୍ମୀ ନାରାୟଣ ଦେବ ମୁଖାଗ୍ନି ଦେଇଥିବା ବେଳେ ମଧ୍ୟମ ପୁତ୍ର ଧର୍ମପ୍ରତାପ ଦେବ ଏବଂ କନିଷ୍ଠ ପୁତ୍ର ଦେବବ୍ରତ ଦେବଙ୍କ ସମେତ ସମ୍ପର୍କୀୟ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।



ରାଣୀ ପୂର୍ଣ୍ଣେଶ୍ୱରୀ ଦେବୀ

## ତଦାରଖ କଲେ ଏଡିଏମ୍, ଉପଜିଲାପାଳ

**ଟିଟିଲାଗଡ଼, ୫।୧(ଡି.ଏନ.ଏ.):** ଟିଟିଲାଗଡ ସହରରୁ ମନିଗାଁ, ମହୁଲପଡାକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ରାସ୍ତାରେ ରେଳ ଫାଟକ ରହିଛି। ଫାଟକ ବନ୍ଦ କରି ଭୂତଳ ପୋଲ ନିର୍ମାଣ ନେଇ ରେଳ ବିଭାଗର ଯୋଜନାକୁ ଅଞ୍ଚଳବାସୀ ବିରୋଧ ଜାରି ରଖିଛନ୍ତି। ଗୁରୁବାର ଜିଲା ପ୍ରଶାସନ ପୁଣି ଥରେ ଉକ୍ତ ସ୍ଥାନ ପ୍ରଦର୍ଶନ କରିଥିଲା। ବଲାଙ୍ଗୀର ଏଡିଏମ ଲମ୍ବୋଦର ଧରୁଆ, ଟିଟିଲାଗଡ ଉପଜିଲାପାଳ ଦୟାମୟ ପାଢୀ, ତହସିଲଦାର ପ୍ରେମଲାଲ ହିଆଲ ଏବଂ ରେଳ ବିଭାଗ ଅଧିକାରୀ ଉକ୍ତ ରେଳ ଫାଟକ ନିକଟକୁ ଯାଇଥିଲେ। ଏହି ଗସ୍ତ ସମୟରେ ବ୍ଲକ ସରପଞ୍ଚ ସଂଘ ସଭାପତି ବୀରବର ସାହୁ, ସମ୍ପାଦକ ନରେଶ ଅଗ୍ରୱାଲ, ସମାଜସେବୀ ମୁନିରାମ ଖର୍ସେଲ, ଆଇନଜୀବୀ ଟିକେରାମ ସାହୁ, ଭଗବାନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଟିଟିଲାଗଡ ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ରେଳବାଇ, ରାଜସ୍ୱ, ପୂର୍ତ୍ତ ବିଭାଗଙ୍କ ଏକ କମିଟି ସ୍ଥାନୀୟ ଲୋକଙ୍କ ଅଭିଯୋଗ କ୍ରମେ ପ୍ରସ୍ତାବିତ ଭୂତଳ ପୋଲସ୍ଥଳ ଗସ୍ତ କରିଥିଲେ। ଉକ୍ତ କମିଟି ମନିଗାଁ ରେଳବାଇ ଫାଟକ ନିକଟ ଅଞ୍ଚଳ ସର୍ବଦା ପାଣିରେ ବୁଡି ରହୁଥିବାରୁ ଭୂତଳ ପୋଲ ନିର୍ମାଣ ଫଳପ୍ରଦ ହେବ ନାହିଁ ବୋଲି କୁଆଡେ ଉପଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଏଡିଏମଙ୍କ ଗସ୍ତ ରେଳ ଫାଟକ ଉଠାଇବା ପୂର୍ବରୁ ଓଭର ବ୍ରିଜ ନିର୍ମାଣ କରିବ ବୋଲି ଆସ୍ଥା ସୃଷ୍ଟି ହୋଇଥିବା ସରପଞ୍ଚ ସଂଘ ସମ୍ପାଦକ ଅଗ୍ରୱାଲ କହିଛନ୍ତି।

**ମନିଗାଁରେ ରେଳ ଭୂତଳ ପୋଲ ବିରୋଧ ଘଟଣା**

## ଏମ୍ସରୁ ଫେରିଲେ ବାଲେଶ୍ୱର ଏମ୍‌ପି

**ବାଲେଶ୍ୱର ଅଫିସ, ୫।୧**

ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବା ଯୋଗୁ ବାଲେଶ୍ୱର ଫକୀରମୋହନ ମେଡ଼ିକାଲ କଲେଜରେ ଗତ ସୋମବାର ସନ୍ଧ୍ୟାରେ ଭର୍ତ୍ତି ହୋଇଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ଉତ୍ତମ ଚିକିତ୍ସା ପାଇଁ ମଙ୍ଗଳବାର ପୂର୍ବାହ୍ନରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସକୁ ସ୍ଥାନାନ୍ତରିତ କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥାର ଉନ୍ନତି ଆସିବା ପରେ ତାଙ୍କୁ ଗୁରୁବାର ଏମ୍ସରୁ ଡିସ୍‌ଚାର୍ଜ କରାଯାଇଛି।



ଗତ କିଛି ଦିନ ଧରି ତାଙ୍କୁ ଥଣ୍ଡା ଓ ଜ୍ୱର ଲାଗି ରହିଥିଲା। ଜ୍ୱର ଛାଡ଼ି ଯାଇଥିବା ବେଳେ କାଶ ଲାଗି ରହିଛି। ଏନେଇ ଡାକ୍ତରଙ୍କୁ ପରାମର୍ଶ କରିଥିଲେ ଏମ୍‌ପି। ଡାକ୍ତରଙ୍କ ନିର୍ଦ୍ଦେଶ ଅନୁସାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ କୋଭିଡ୍‌ର ଆଣ୍ଟିଜେନ୍ ଓ ଆର୍‌ଟି–ପିସିଆର୍ ଟେଷ୍ଟ ପାଇଁ ଦିଆଯାଇଥିଲା। ରିପୋର୍ଟ ନେଗେଟିଭ୍ ଆସିଛି। ତାଙ୍କୁ ନିମୋନିଆ ହୋଇଥିବା ଜଣାପଡ଼ିବା ପରେ ଉତ୍ତମ ଚିକିତ୍ସା ପାଇଁ ଏମ୍ସକୁ ସ୍ଥାନାନ୍ତରିତ କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଭାଗ୍ୟସ୍ଥାନକୁ ଚନ୍ଦ୍ରଙ୍କ ଦୃଷ୍ଟି ହେତୁ ଦିନଟି ସୌଭାଗ୍ୟ ପ୍ରଦାୟକ ହେବ। ମତପାର୍ଥକ୍ୟଜନିତ ପାରିବାରିକ କ୍ଷେତ୍ରରେ କିଛି ନା କିଛି ସମସ୍ୟା ରହିପାରେ। ଅଫିସରେ କୌଣସି ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକି ରହିଥିବା କାମରେ ଅଗ୍ରଗତି ଘଟିବ। ପଡୋଶୀ କିମ୍ବା ସମ୍ପର୍କୀୟମାନେ ମିତ୍ରଭାବ ପୋଷଣ କରିବେ।

**ବୃଷ**
ଆଜି ଧନସ୍ଥାନରେ ଚନ୍ଦ୍ରଥିବାରୁ ଋଣ ଗ୍ରହୀତା ଘରକୁ ଆସି ବକେୟା ଦେଇଯିବାର ସୂଚନା ରହିଛି। କଳା, ସାହିତ୍ୟ, କ୍ରୀଡା ଓ ଚଳଚ୍ଚିତ୍ର ପ୍ରଭୃତିରେ ଉନ୍ନତି କରିବେ। ବିବାଦୀୟ ସ୍ଥିତି କାରଣରୁ ରାଜନୈତିକ କ୍ଷେତ୍ରରେ କିମ୍ବା ସରକାରୀ ସ୍ତରରେ ସମସ୍ୟା ଉପୁଜିବ। କାମ ହାସଲ ସକାଶେ ଅନ୍ୟର ସହାଯ୍ୟ ନେବାକୁ ବାଧ୍ୟ ହେବେ।

**ମିଥୁନ**
ଆଜି ଶ୍ରୀଚନ୍ଦ୍ର ଯୋଗୁ ଯେଉଁ କାମରେ ହାତ ଦେବେ ସଫଳ ହେବେ। ଅର୍ଥ ପ୍ରାପ୍ତିର ଯୋଜନା କାର୍ଯ୍ୟକାରୀ ହେବା ସାଙ୍ଗକୁ ବନ୍ଧୁଙ୍କ ସହ ଆଳାପ କରିବେ। କୌଣସି ପ୍ରତିଦ୍ୱନ୍ଦ୍ୱୀ ଦୋଷାରୋପ କରି ଉପସ୍ଥିତ ସମସ୍ୟାକୁ ବଢାଇ ଦେଇପାରନ୍ତି। ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରି ଉଚିତ ପଦକ୍ଷେପ ନେବା ଠିକ୍ ହେବ।

**କର୍କଟ**
ରାଶିକୁ ଶୁକ୍ରଙ୍କ ଦୃଷ୍ଟି ପ୍ରଭାବରେ ଏକାଧାରରେ ପାରିବାରିକ ସୁଖସମ୍ପଦ, ପରିବହନରେ ଲାଭ, ଲୋକ ସମ୍ପର୍କରେ ଉନ୍ନତି ଘଟିବ। କଳାକୃତି, କାରିଗରି, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର ପ୍ରଭୃତିରେ ପ୍ରଶଂସିତ ହେବେ। ବହୁବ୍ୟୟ ଓ ସମ୍ପର୍କୀୟଙ୍କ ହତାଦର ଭାବରୁ ଦୁଃଖୀ ହେବେ। ନିର୍ମାଣ,ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହେବ।

**ସିଂହ**
ରବି ଓ ବୁଧଙ୍କ ସ୍ଥିତିଜନିତ ଗୃହୋପକରଣ, ଶଯ୍ୟାସନାଦି ଉପଭୋଗ୍ୟ ଜିନିଷ କିଣି ପାରନ୍ତି। ଭ୍ରମଣ କ୍ଳାନ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ଉଚ୍ଚ ପଦାଧୀକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ ଓ କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶ ଗ୍ରହଣ କରିବେ। ସାଂଗଠନିକ କ୍ଷେତ୍ରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**କନ୍ୟା**
ଦିନଟି ଖୁସିରେ ଅତିବାହିତ କରିବେ ଓ ବକେୟା ଅର୍ଥ ପାଇବେ। ଶୁକ୍ର କ୍ଷେତ୍ରସ୍ଥ ଶୁକ୍ର ଯୋଗୁ ପରୋକ୍ଷରେ ଶତ୍ରୁତା କରୁଥିବା ବ୍ୟକ୍ତିମାନେ ମିତ୍ରଭାବ ପୋଷଣ କରିପାରନ୍ତି। ପାରିବାରିକ ଜୀବନରେ ସନ୍ଦେହ ଏବଂ ଭୁଲ୍ ବୁଝାମଣାରୁ ଅସନ୍ତୋଷ ବ୍ୟକ୍ତ କରିପାରନ୍ତି। ବିଳମ୍ବିତ ସମୟରେ କାମଗୁଡିକ ସମ୍ପନ୍ନ ହେବାରୁ ସାମୟିକ ବ୍ୟସ୍ତତା ବୃଦ୍ଧି ପାଇପାରେ।

**ତୁଳା**
କର୍ମକ୍ଷେତ୍ରରେ ଚନ୍ଦ୍ର ଭାଗ୍ୟାଧିପଙ୍କ ଦୃଷ୍ଟି ପ୍ରଭାବରୁ କାର୍ଯ୍ୟସିଦ୍ଧି ଅବଶ୍ୟ ଘଟିବ। ସାଧାରଣ କଥାରେ ମତାନ୍ତରଜନିତ ଅଶାନ୍ତ ବାତାବରଣ ସୃଷ୍ଟି ହୋଇପାରେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ହେବାରୁ ଆଶ୍ୱସ୍ତି ଲାଭ କରିପାରନ୍ତି। ପୁରୁଣା ରୋଗ, ଘର ଲୋକଙ୍କ ଚୁପ୍‌ଚାପ୍ କଥା ମନକୁ ବିଚଳିତ କରିବ।

**ବିଛା**
ଆପଣଙ୍କ ରାଶି ପାଇଁ ଅନୁକୂଳ ଗ୍ରହସ୍ଥିତି ହେତୁ ଯେଉଁ କାମରେ ହାତଦେବେ ସେଥିରେ ସଫଳତା ପାଇବେ। ବିଶାଖା ସକାଶେ ବିଚାରଧାରା ଭଲ ଥିଲେ ମଧ୍ୟ ପାରିବେଶିକ କୁପ୍ରଭାବରୁ ବ୍ୟତିକ୍ରମ ମଧ୍ୟରେ ଚଳିବାକୁ ପଡିବ। ଶନିଙ୍କ ପ୍ରଭାବରୁ ଡିପ୍ରେସନଜନିତ ଅନ୍ୟମନସ୍କ କାରଣରୁ କିମ୍ବା ଅସାବଧାନତା ହେତୁ ସମସ୍ୟା ସୃଷ୍ଟିର ସମ୍ଭାବନା ରହିଛି।

**ଧନୁ**
ଆଜି ଚନ୍ଦ୍ର କେନ୍ଦ୍ରସ୍ଥ ବୃହସ୍ପତି ହେତୁ ଗଜକେଶରୀ ଯୋଗ ପ୍ରଭାବରୁ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଲାଭ କରିବେ। କଳା, ସଙ୍ଗୀତ, ଚଳଚ୍ଚିତ୍ରରେ ଶୁକ୍ର ପ୍ରତିଷ୍ଠା ପ୍ରଦାନ କରିବେ। ଶିଳ୍ପ, ବାଣିଜ୍ୟ ବ୍ୟବସାୟ ସକାଶେ ଅନୁକୂଳ ପରିବେଶ ସୃଷ୍ଟି ହେବ। ଆଧାତ୍ମିକ କାର୍ଯ୍ୟକ୍ରମରେ ଯଥା ସମ୍ଭବ ଶତ୍ରୁଠାରୁ ଦୂରେଇ ରୁହନ୍ତୁ।

**ମକର**
କର୍ମାଧିପତି ଶୁକ୍ର କର୍ମକ୍ଷତ୍ର ଓ ପାରିବାରିକ ସରସ ସୁନ୍ଦର କରିବାରେ ପଛାଇବେ ନାହିଁ। ବୁଧ ଯଦିଓ ସାହାଯ୍ୟ କରିବେ ତଥାପି ସୁବିଧାରେ କିଛି କରାଇ ଦେବେ ନାହିଁ। ଅନ୍ୟମାନେ ପ୍ରଶଂସା କଲେ ମଧ୍ୟ ନିଜ ଲୋକ ଅପପ୍ରଚାର ଚଳାଇପାରନ୍ତି। ଦୀର୍ଘଦିନରୁ ଦେଖି ନ ଥିବା କୌଣସି ହିତୈଷୀଙ୍କ ଦର୍ଶନ ପାଇଁ ମନ ଛଟପଟ ହୋଇପାରେ।

**କୁମ୍ଭ**
ଶନି ଦ୍ୱଦଶଭାବସ୍ଥ ଯୋଗୁ କିଛି ଆବଶ୍ୟକତା ପୂରଣ ଦିଗରେ ଖର୍ଚ୍ଚ କରିବେ। ପାରିବାରିକ ଶୃଙ୍ଖଳା ରକ୍ଷାରେ ସମ୍ପର୍କୀୟଙ୍କ ସହାୟତା ନେବାକୁ ପଡିପାରେ। ଅବଶ୍ୟ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଅପରାହ୍ନେ କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।

**ମୀନ**
ବୃହସ୍ପତିଙ୍କ ସୁପ୍ରଭାବରୁ କୌଣସି ଗୁରୁବର୍ଗୀୟ ବ୍ୟକ୍ତିଙ୍କ ସହୃଦୟତାରେ ସନ୍ଦେହ ମୁକ୍ତ ହେବେ। ଅସହିଷ୍ଣୁ ନିନ୍ଦୁକ ଗୋଷ୍ଠୀ ପ୍ରତିଷ୍ଠା ଓ ପ୍ରଶଂସାରେ ଅତିଷ୍ଠ ହୋଇପାରନ୍ତି। ଆନୁସଙ୍ଗିକ ସାହାଯ୍ୟ ଲାଭକରି ଆର୍ଥିକ, ପାରିବାରିକ, ସାମାଜିକ କ୍ଷେତ୍ର ଭଲ ରହିବ। କେତୁଜନିତ କୁପ୍ରଭାବରୁ ଅନ୍ୟମନସ୍କ ହେତୁକ ସାମାନ୍ୟ ଅସୁବିଧା ଦେଖଦେଇପାରେ।

ଆଜି ପୌଷପୂର୍ଣ୍ଣିମା ଶୁକ୍ରବାର, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସୁନାବେଶ, ଗୋବର୍ଦ୍ଧନ ପୀଠାଧୀଶ ଶ୍ରୀଶଙ୍କରାଚାର୍ଯ୍ୟଙ୍କ ମହୋଦଧି ଆଳତି, ଦେବାଭିଷେକ, ମାଘବ୍ରତ ସଂକଳ୍ପ, ବରଗଡ଼ର ପ୍ରସିଦ୍ଧ ଧନୁଯାତ୍ରା ଶେଷ, ପୂର୍ଣ୍ଣିମାବିହିତ ଚନ୍ଦ୍ରୋପବାସ, ଜାନୁୟାରୀ ୬ ତାରିଖ, ରାଶି ନକ୍ଷତ୍ର–ଆରଦ୍ରା/ମିଥୁନ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ,ଦିବା ଘ.୦୬।୨୬ମି. ଗତେ ଘ.୦୭।୦୯ମି.ମଧ୍ୟେ, ଘ.୦୭।୫୩ମି. ଗତେ ଘ.୦୯।୦୯ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୩୦ମି. ଗତେ ଘ. ୧୧।୫୨ମି. ମଧ୍ୟେ ରାହୁକାଳ।

### ପ୍ରଥମ ପୃଷ୍ଠାରୁ...

## ପୁଣି ବିମାନରେ ମହିଳା...

ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରର ଏୟାର୍ ଟ୍ରାଫିକ୍ କଣ୍ଟ୍ରୋଲ୍‌କୁ ଦେଇଥିଲେ। ବିମାନ ଅବତରଣ ପରେ ବନ୍ଦର କର୍ତ୍ତୃପକ୍ଷ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖିଥିଲେ। ଯୁବକଜଣକ ଲିଖିତ ଭାବେ କ୍ଷମା ମାଗିବା ପରେ ତାଙ୍କୁ ଛାଡ଼ି ଦିଆଯାଇଥିଲା।

ଏୟାର ଇଣ୍ଡିଆ ବିମାନରେ ମହିଳାଙ୍କ ଉପରେ ପରିସ୍ରା କରିଥିବା ପ୍ରଥମ ଘଟଣାର ଅଭିଯୁକ୍ତଙ୍କୁ ଧରିବା ପାଇଁ ଦିଲ୍ଲୀ ପୋଲିସର ଟିମ୍ ଗୁରୁବାର ମୁମ୍ବାଇରେ ପହଞ୍ଚିଥିବାବେଳେ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଉକ୍ତ ଘଟଣା ନେଇ ଗୁରୁବାର ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏୟାର ଇଣ୍ଡିଆକୁ ନିନ୍ଦା କରିବା ସହ ନୋଟିସ୍ ଜାରି କରିଛନ୍ତି। ଦୁଇ ସପ୍ତାହ ମଧ୍ୟରେ ଘଟଣା ସମ୍ପର୍କିତ ରିପୋର୍ଟ ଦାଖଲ ପାଇଁ ନୋଟିସ୍‌ରେ ଉଲ୍ଲେଖ କରାଯାଇଛି। ମହିଳାଜଣକ ଏ ନେଇ ଏୟାର ଇଣ୍ଡିଆ ନିକଟରେ ଅଭିଯୋଗ କରିବା ପରେ ବୁଧବାର ଦିଲ୍ଲୀ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଥିଲା। ଆମେରିକାର କାଲିଫର୍ନିଆସ୍ଥିତ ମଲ୍ଟିନ୍ୟାଶନାଲ ଫାଇନାନ୍ସିଆଲ୍ ସର୍ଭିସ୍ କମ୍ପାନୀ ଇଣ୍ଡିଆ ଚାପ୍ଟରରେ ଭାଇସ୍–ପ୍ରେସିଡେଣ୍ଟ ଭାବେ ଅଭିଯୁକ୍ତ ଶଙ୍କର ମିଶ୍ରା କାର୍ଯ୍ୟ କରନ୍ତି। ନଭେମ୍ବର ୨୬ରେ ନ୍ୟୁୟର୍କରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରୁଥିବାବେଳେ ଏୟାର ଇଣ୍ଡିଆ ଫ୍ଲାଇଟ୍‌ରେ ଶଙ୍କର ବୟସ୍କା ମହିଳାଙ୍କ ଉପରେ ନିଶାସକ୍ତ ଅବସ୍ଥାରେ ପରିସ୍ରା କରିଦେଇଥିଲେ।

## ମାର୍ଚ୍ଚ ୧୦ରୁ...

ସଭାପତି ରାମାଶିଷ ହାଜରା, ଉପ ସଭାପତି ନୀହାର ରଞ୍ଜନ ମହାନ୍ତି ଓ ସେକ୍ରେଟାରୀ ସୁମିତା ସରକାର ସୂଚନା ଦେଇଛନ୍ତି। ଏହି ପରୀକ୍ଷା ପାଇଁ ପ୍ରଶ୍ନପତ୍ର ପ୍ରଣାଳୀ ଅନ୍‌ଲାଇନ୍‌ରେ ଉପଲବ୍ଧ ରହିଛି। ସମ୍ମେଟିଭ–୧ରେ ଯାହା ପ୍ରଣାଳୀ ରହିଥିଲା, ତାହା ମଧ୍ୟ ସମ୍ମେଟିଭ–୨ରେ ଅପରିବର୍ତ୍ତିତ ରହିଛି। ରେଗୁଲାର ଓ ଏକ୍ସ–ରେଗୁରାଲ ପରୀକ୍ଷାର୍ଥୀଙ୍କ ପାଇଁ ପ୍ରଶ୍ନପତ୍ର ସମାନ ରହିବ। ଫର୍ମ ପୂରଣ ପାଇଁ ଖୁବ୍‌ଶୀଘ୍ର ନୋଟିସ୍ ଜାରି କରାଯିବ।

ସେହିପରି ନବମ ଶ୍ରେଣୀ ସମ୍ମେଟିଭ–୨ ପରୀକ୍ଷା ଫେବୃୟାରୀ ୨୦ରୁ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସଭାପତି ହାଜରା ସୂଚନା ଦେଇଛନ୍ତି। ଫେବୃୟାରୀ ୨୨ରୁ ୨୮ ମଧ୍ୟରେ ପରୀକ୍ଷା ଖାତା ମୂଲ୍ୟାୟନ ହେବ। କୋଭିଡ୍ ପୂର୍ବରୁ ଯେଉଁଭଳି ଭାବେ ଶିକ୍ଷାବର୍ଷ ଚାଲିଥିଲା ଚଳିତ ବର୍ଷଠାରୁ ତାହାପୁଣି ଆରମ୍ଭ ହେବ। ମାର୍ଚ୍ଚ ଶେଷ ସୁଦ୍ଧା ନବମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଏପ୍ରିଲ ପହିଲାରୁ ନୂତନ ଶିକ୍ଷାବର୍ଷ ଆରମ୍ଭ ହେବ। ୨୦୨୩ ଏପ୍ରିଲରୁ ୨୦୨୪ ମାର୍ଚ୍ଚ ପର୍ଯ୍ୟନ୍ତ ଯେପରି ପୂର୍ବରୁ ଶିକ୍ଷାବର୍ଷ ଚାଲିଥିଲା ସେଭଳି ଭାବରେ ଶିକ୍ଷାବର୍ଷ ଚାଲିବ ବୋଲି ଉପସଭାପତି ମହାନ୍ତି ସୂଚନା ଦେଇଛନ୍ତି।




କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଧର୍ମେନ୍ଦ୍ର ପ୍ରଧାନ ୫ଜି ସେବାର ଉଦ୍‌ଘାଟନ କରୁଛନ୍ତି।

## ଓଡ଼ିଶାରେ ୫ଜି...

ଦେଶର ଅର୍ଥନୀତିରେ ମଧ୍ୟ ସୁଧାର ଆସିବ। ସେଥିପାଇଁ ରାଜ୍ୟରେ ଟେଲିକମ କ୍ଷେତ୍ରର ବିକାଶ ପାଇଁ କେନ୍ଦ୍ର ସରକାର ୫,୬୦୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ସେହିପରି ଭାରତନେଟ ଜରିଆରେ ଗ୍ରାମାଞ୍ଚଳରେ ଅପ୍ଟିକାଲ ଫାଇବର (ପ୍ରାୟ ୭୦୦୦ ଗ୍ରାମ) ସେବା ବିସ୍ତାର ପାଇଁ ପ୍ରାୟ ୧୦୮୦ କୋଟି ଟଙ୍କାର ବିନିଯୋଗ ଆକଳନ କରାଯାଇଛି। ଓଡ଼ିଶାର ଗ୍ରାମୀଣ ଅଞ୍ଚଳ ମାଲକାନଗିରି, ରାୟଗଡ଼ା, କୋରାପୁଟ, କନ୍ଧମାଳ, ନବରଙ୍ଗପୁର, ନୂଆପଡ଼ା ଓ କଳାହାଣ୍ଡି ଜିଲାରେ ୧୦୦ଟି ୪ଜି ମୋବାଇଲ ଟାୱାରର ଲୋକାର୍ପଣ କରାଯାଇଛି। ୨୦୨୪ ଶେଷ ସୁଦ୍ଧା ସମସ୍ତଙ୍କ ସହଯୋଗରେ ୫୦୦୦ ଟାୱାର ରାଜ୍ୟର ବିଭିନ୍ନ ଜିଲା ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଉପଲବ୍ଧ ହେବ ବୋଲି ମନ୍ତ୍ରୀ ବୈଷ୍ଣବ କହିଥିଲେ। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୫ଜି ସମ୍ପର୍କରେ ବିସ୍ତୃତ ଆଲୋକପାତ କରିବା ସହ ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ ୫ଜିର ଆଭିମୁଖ୍ୟ ଓ ଆବଶ୍ୟକତା ସମ୍ପର୍କରେ କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ୟମରେ ଓଡ଼ିଶାରେ ୫ଜିର କାର୍ଯ୍ୟକାରିତା ଦ୍ୱାରା ରାଜ୍ୟରେ ନୂଆ ଯୁଗ ଆରମ୍ଭ ହୋଇଛି। ୫ଜି ଟେଲିକମ୍ ସେବା ରାଜ୍ୟ ପାଇଁ ଗେମ୍‌ଚେଞ୍ଜର ହେବ ଏବଂ ଓଡ଼ିଶାର ଦୂରସଞ୍ଚାର ବ୍ୟବସ୍ଥାରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆସିପାରିବ। ୨୦୨୪ ଅଗଷ୍ଟ ୧୫ ସୁଦ୍ଧା ଓଡ଼ିଶାର ପ୍ରତି ଗ୍ରାମ ପଞ୍ଚାୟତସ୍ତରରେ ଏହି ସେବା ଉପଲବ୍ଧ ହୋଇଯିବ ବୋଲି ପ୍ରଧାନ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଟେଲିକମ ସଚିବ କେ. ରାଜାରମନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ୫ଜିର ଆଭିମୁଖ୍ୟ ଓ ବିନିଯୋଗ ସମ୍ପର୍କରେ କହିଥିଲେ। ଏହି ଅବସରରେ ସୋଆ ପରିସରରେ ଏକ ଅତ୍ୟାଧୁନିକ ୫ଜି ଲାବ୍ ପ୍ରତିଷ୍ଠା ପାଇଁ ସୋଆ ବିଶ୍ୱବିଦ୍ୟାଳୟ ଏବଂ ରିଲାଏନ୍ସ ଜିଓ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏଥିସହ ୫ଜି ମାଧ୍ୟମରେ ପିଲାଙ୍କ ଦକ୍ଷତା ବିକାଶ ଲାଗି ଏସ୍‌ଟିପିଆଇ ଏବଂ ସୋଆ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣା ପତ୍ର(ଏମ୍‌ଓୟୁ) ସ୍ୱାକ୍ଷର ହୋଇଯାଇଛି।

ସୂଚନାଯୋଗ୍ୟ, ସୋଆ ପରିସରରେ ଏକ ୨ଦିନିଆ ୫ଜି ସେବା ସମ୍ପର୍କିତ ଏକ ପ୍ରଦର୍ଶନୀର ମଧ୍ୟ ଆୟୋଜନ କରାଯାଇଛି। ଉକ୍ତ ପ୍ରଦର୍ଶନୀରେ ଟେଲିକମ୍ କମ୍ପାନୀ, ଏସ୍‌ଟିପିଆଇ, ବିଏସ୍‌ଏନ୍‌ଏଲ୍, ସି–ଡଟ, ଆଇଟି ଫାର୍ମ ଓ ଷ୍ଟାଟଅପ୍ କମ୍ପାନୀମାନେ ଅଂଶ ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶାରେ ୫ଜି ସେବା ଆରମ୍ଭ କରିବା ପାଇଁ ରିଲାଏନ୍ସ ଜିଓ ଏବଂ ଏୟାରଟେଲ୍ ପକ୍ଷରୁ ୫୧୦ଟି ବିଟିଏସ୍ ବିଭିନ୍ନ ସହରରେ ସ୍ଥାପନ କରାଯାଇଛି। ଫଳରେ ଭୁବନେଶ୍ୱର, କଟକ ସମେତ ପର୍ଯ୍ୟାୟକ୍ରମେ ରାଜ୍ୟର ଅନ୍ୟ ସହର ଓ ଜିଲା ମୁଖ୍ୟାଳୟରେ ୫ଜି ସେବା ଉପଲବ୍ଧ ହେବ। ଏହାକୁ କେବଳ ୫ଜି ମୋବାଇଲ୍ ଥିବା ଉପଭୋକ୍ତା ବ୍ୟବହାର କରିପାରିବେ ବୋଲି ଟେଲିକମ୍ ଅପରେଟରମାନେ ସୂଚନା ଦେଇଛନ୍ତି।

## ସିବିଆଇକୁ ସୁପ୍ରିମକୋର୍ଟଙ୍କ...

ବିରୋଧରେ ତଦନ୍ତ କରିବାକୁ ୨୦୧୪ରେ ସିବିଆଇକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ପିନାକ ପାଣି ମହାନ୍ତି ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇ ଏକ ପିଟିଶନ ଦାଖଲ କରିଥିଲେ। ଏହି ଜନସ୍ୱାର୍ଥ ମାମଲା (ପିଆଇଏଲ୍)ରେ ଆବେଦନକାରୀ ଉଲ୍ଲେଖ କରିଥିଲେ ଯେ ଓଡ଼ିଶା, ପଶ୍ଚିମବଙ୍ଗ, ତ୍ରିପୁରା ଓ ଆସାମରେ ଚିଟ୍‌ଫଣ୍ଡ ସଂସ୍ଥାଗୁଡ଼ିକ ଲୋକଙ୍କୁ ଅଧିକ ଲାଭର ଲୋଭ ଦେଖାଇ ପ୍ରାୟ ୧୦,୦୦୦ କୋଟି ଟଙ୍କା ସଂଗ୍ରହ କରିଥିଲେ। ବିଶେଷକରି ସମାଜର ଦୁର୍ବଳ ଶ୍ରେଣୀର ଲୋକେ ଏହି ଠକେଇର ଶିକାର ହୋଇଛନ୍ତି। ଓଡ଼ିଶା ଓ ପଶ୍ଚିମବଙ୍ଗରେ ଗଠିତ ତଦନ୍ତ କମିଶନ ଜମାରାଶି ଫେରସ୍ତ ସକାଶେ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଦାବିପତ୍ର ଗ୍ରହଣ କରିଛନ୍ତି। ଚିଟ୍‌ଫଣ୍ଡ କମ୍ପାନୀଗୁଡ଼ିକ କେତେମାତ୍ରାରେ ଠକାମି କରିଛନ୍ତି ତାହା ଏଥିରୁ ସ୍ପଷ୍ଟ ହେଉଛି ବୋଲି ପିନାକ କହିଥିଲେ। ଜଷ୍ଟିସ୍ ଏମ୍.ଆର. ଶାହ ଏବଂ ସି.ଟି. ରବିକୁମାର ଉକ୍ତ ପିଆଇଏଲ୍‌ର ଶୁଣାଣି କରି ଚିଟ୍‌ଫଣ୍ଡ ମାମଲାର ତଦନ୍ତରେ ମନ୍ଥରତା ପାଇଁ ସିବିଆଇକୁ ଭର୍ତ୍ସନା କରିଛନ୍ତି। ଏହି ପ୍ରସଙ୍ଗରେ ତଦନ୍ତକାରୀ ସଂସ୍ଥା ଚାର୍ଜସିଟ୍ ଦାଖଲ କରିବାରେ କାହିଁକି ବିଫଳ ହୋଇଛି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଅଦାଲତ ଗୋଟିଏ ମାମଲାର ଶୁଣାଣିରେ ୧୦ରୁ ୧୫ ବର୍ଷ ବିତାଇପାରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଯେତେବେଳେ ବି ସିବିଆଇ ଏବଂ ଇଡି କୌଣସି ଆର୍ଥିକ ଦୁର୍ନୀତି ମାମଲା ହାତକୁ ନେଇଥାଆନ୍ତି, ତଦନ୍ତରେ ବିଳମ୍ବ ହୋଇଥାଏ। ଅନେକ ମାମଲାରେ ଟିକସ ଫାଙ୍କିବାରେ ସହଜ ହେଉଥିବା ଦେଶଗୁଡ଼ିକୁ ଟଙ୍କା ଯାଇଥାଏ। ଆମକୁ ଏହି ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ପଡ଼ିବ ବୋଲି ଖଣ୍ଡପୀଠ କହିଛନ୍ତି। ସର୍ବୋଚ୍ଚ ଅଦାଲତ ଏହାକୁ ଏକ ଅତ୍ୟନ୍ତ ଗମ୍ଭୀର ମାମଲା ଭାବେ ଅଭିହିତ କରି ଆବେଦନକାରୀଙ୍କ ପିଟିଶନ ଉପରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ପରବର୍ତ୍ତୀ ଶୁଣାଣି ସୋମବାର କରାଯିବ।

ପ୍ରକାଶ ଯେ, ଚିଟ୍‌ଫଣ୍ଡ ଜମାକାରୀଙ୍କ ଟଙ୍କା ଫେରସ୍ତ ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସିବିଆଇକୁ ସର୍ବୋଚ୍ଚ ଅଦାଲତ ତଥ୍ୟ ମାଗିଥିଲେ। ଏନେଇ ୨୦୨୨ ଅକ୍ଟୋବର ୧୦ରେ ସିବିଆଇ ଏବଂ ଓଡ଼ିଶା ସରକାରଙ୍କୁ ନୋଟିସ କରିଥିଲେ। ୮୦୬ ମାମଲା ମଧ୍ୟରୁ ୩୩୪ଟିରେ ଚାର୍ଜଶିଟ୍ ଦାଖଲ କରାଯାଇଛି। ଏହାସହ ୨.୧୦ ଲକ୍ଷ ଜମାକାରୀଙ୍କୁ ୮୩.୪୬ କୋଟି ଟଙ୍କା କ୍ଷତିପୂରଣ ଦିଆଯାଇଥିବା ବିଷୟ ନଭେମ୍ବର୧୪ରେ ରାଜ୍ୟ ସରକାର ଅଦାଲତଙ୍କୁ ଅବଗତ କରାଇଥିଲେ।

## ୨.୧୦ ଲକ୍ଷ ଜମାକାରୀଙ୍କୁ ୮୩.୪୬ କୋଟି ଫେରସ୍ତ କରାଯାଇଛି: ଓଡ଼ିଶା ସରକାର

ଗତ ନଭେମ୍ବର ୧୪ରେ ଓଡ଼ିଶା ସରକାର ଚିଟ୍‌ଫଣ୍ଡ ଠକେଇ ମାମଲାରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ଷ୍ଟାଟସ୍ ରିପୋର୍ଟ ସୁପ୍ରିମକୋର୍ଟରେ ଦାଖଲ କରିଥିଲେ। ଏଥିରେ ସରକାର ଉଲ୍ଲେଖ କରିଥିଲେ, ୨୦୧୧ରୁ ଅଦ୍ୟାବଧି ଲୋକଙ୍କଠାରୁ ବେଆଇନ ଭାବେ ଅର୍ଥ ସଂଗ୍ରହ କରିଥିବା ବିଭିନ୍ନ ବ୍ୟକ୍ତିବିଶେଷ ତଥା ସଂସ୍ଥା ବିରୋଧରେ ଆର୍ଥିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଏବଂ ଜିଲା ପୋଲିସ ପକ୍ଷରୁ ୮୦୬ ମାମଲା ରୁଜୁ କରାଯାଇଛି। ସେଥିରୁ ଇଓଡବ୍ଲ୍ୟୁରେ ୬୭ ଏବଂ ଜିଲା ପୋଲିସରେ ୭୩୯ ମାମଲା ଦାଏର ହୋଇଛି। ଏଥିରେ ୨୮୦ କମ୍ପାନୀର ସମ୍ପୃକ୍ତି ରହିଛି। ୩୩୪ ମାମଲାରେ ତଦନ୍ତ ଶେଷ ହେବା ପରେ ଚାର୍ଜଶିଟ୍ ଦାଖଲ କରାଯାଇଛି। ୨୬୯ ମାମଲାରେ ପ୍ରାଥମିକ ଚାର୍ଜଶିଟ୍ ହୋଇଥିବାବେଳେ ଫୌଜଦାରି ଦଣ୍ଡ ସଂହିତା (ସିଆରପିସି) ଧାରା ୧୩୭(୮) ବଳରେ ତଦନ୍ତ ଜାରି ରହିଛି। ୧୪୦୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ୧୨ଟି ମାମଲାରେ ଶୁଣାଣି ଶେଷ ପରେ ଅଭିଯୁକ୍ତମାନେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏହାସହ ୨.୧୦ ଲକ୍ଷ ଜମାକାରୀଙ୍କୁ ୮୩.୪୬ କୋଟି ଟଙ୍କା କ୍ଷତିପୂରଣ ଦିଆଯାଇଥିବା ବିଷୟ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଥିଲେ।




# ବିଶ୍ୱକପ୍ ଜିତିଲେ ପ୍ରତି ଭାରତୀୟ ଖେଳାଳିଙ୍କୁ ୧ କୋଟି

## ବିଶ୍ୱର ସର୍ବବୃହତ୍ ହକି ଷ୍ଟାଡିୟମ ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ

- **ଦେଶକୁ ଓଡ଼ିଶାର ସବୁଠୁ ଶ୍ରେଷ୍ଠ ଉପହାର: ମୁଖ୍ୟମନ୍ତ୍ରୀ**
- **୨୬୧ କୋଟି ଖର୍ଚ୍ଚରେ ୧୫ ମାସରେ ନିର୍ମାଣ ହେଲା**

ଭୁବନେଶ୍ୱର, ୫।୧(ବ୍ୟୁରୋ)/ ରାଉରକେଲା ଅଫିସ

ହକି ବିଶ୍ୱକପ୍ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ରାଉରକେଲାଠାରେ ବିଶ୍ୱର ସର୍ବବୃହତ୍ ବିର୍ସା ମୁଣ୍ଡା ହକି ଷ୍ଟାଡିୟମକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ବିର୍ସାମୁଣ୍ଡା ଷ୍ଟାଡିୟମ ପରିସରରେ ଥିବା ହକି ଭିଲେଜ ଓ ସୁନ୍ଦରଗଡ ଜିଲାରେ ୧୧୦୯ କୋଟି ୨୪ ଲକ୍ଷ ଟଙ୍କାର ୩୫୯ଟି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ବିଶ୍ୱ କ୍ରୀଡ଼ା ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଛି। ହକିକୁ ଭଲ ପାଉଥିବା ସମସ୍ତ ସାଧାରଣ ଜନତା, ଓଡ଼ିଶାର ହକିପ୍ରେମୀ, ଖେଳାଳି ଓ ଦେଶର ହକି କ୍ରୀଡ଼ାବିତ୍ ସମସ୍ତଙ୍କ ଉଦ୍ଦେଶ୍ୟରେ ଏହି ଷ୍ଟାଡିୟମକୁ ଉତ୍ସର୍ଗ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ହକିକୁ ଭଲ ପାଉଥିବା ସମସ୍ତଙ୍କୁ ବିଶ୍ୱକପ୍ ଭବ୍ୟ ଉତ୍ସବରେ ସାମିଲ ହେବା ପାଇଁ ନିମନ୍ତ୍ରଣ କରିଛନ୍ତି। ବିଶ୍ୱକପ୍ ଜିତିଲେ ପ୍ରତ୍ୟେକ ଭାରତୀୟ ଖେଳାଳିଙ୍କୁ ୧ କୋଟି ଟଙ୍କା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହା ହେଉଛି ଓଡ଼ିଶାର ସମଗ୍ର ଦେଶକୁ ସବୁଠାରୁ ଶ୍ରେଷ୍ଠ ଉପହାର। ଏହା ଭାରତକୁ ହକି କ୍ଷେତ୍ରରେ ଏକ ବଡ଼ ଶକ୍ତି ଭାବରେ ଗଢ଼ି ତୋଳିବ। ଆଗାମୀ ଅନେକ ଦଶକ ପର୍ଯ୍ୟନ୍ତ ହକି ଖେଳରେ ଭାରତ ଏକ ମଜଭୁତ ଦଳ ଭାବରେ ପ୍ରତିଷ୍ଠା ଲାଭ କରିବ। ହକିର ସ୍ୱର୍ଣ୍ଣକ୍ଷେତ୍ର ସୁନ୍ଦରଗଡ଼ରେ ବିଶ୍ୱର ସବୁଠାରୁ ବଡ଼ ଷ୍ଟାଡିୟମ ଓଡ଼ିଶା ମାଟିର ଗୌରବ ଗାନ କରୁଛି। ଏହି ଷ୍ଟାଡିୟମ ସାରା ବିଶ୍ୱ ପାଇଁ ହକିର ମୁଖ୍ୟ କେନ୍ଦ୍ର ହୋଇରହିବ। ଦେଶର ପ୍ରମୁଖ ଟିମ୍‌ଗୁଡ଼ିକୁ ସେମାନଙ୍କ ପ୍ରଦର୍ଶନ ପାଇଁ ସୁଯୋଗ ଦେଇଚାଲିବ। ଆମର ଏହି ଉଦ୍ୟମ ଦେଶର ଯୁବ ଖେଳାଳିମାନଙ୍କୁ ପ୍ରେରଣା ଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଷ୍ଟାଡିୟମ ଦେଶରେ ଅନେକ ଚାମ୍ପିୟନ ସୃଷ୍ଟି କରିବା ସହ ଦେଶ ତଥା ରାଜ୍ୟର ଗୌରବ ବୃଦ୍ଧି କରିଚାଲିବ। ମହାପ୍ରଭୁଙ୍କ ଆଶୀର୍ବାଦ, ସମସ୍ତଙ୍କ ସଦିଚ୍ଛା ଓ ଭଲପାଇବା ଯୋଗୁ ଏହି ସ୍ୱପ୍ନ ସାକାର ହୋଇଛି। ସବୁକ୍ଷେତ୍ରରେ ଶ୍ରେଷ୍ଠ ହେବା ଉଦ୍ୟମର ଏହା ପ୍ରତିଫଳନ। ଦେଶର କ୍ରୀଡ଼ା ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ଏହି ଷ୍ଟାଡିୟମ ଓଡ଼ିଶାର ଛବିକୁ ଆହୁରି ଉଜ୍ଜ୍ୱଳ କରିଛି। ଆଗାମୀ ଅନେକ ଯୁଗ ପର୍ଯ୍ୟନ୍ତ ଏହି ଷ୍ଟାଡିୟମ ଆମର ମୁକୁଟମଣି ହୋଇ ହକି ପ୍ରତି ଭାରତୀୟମାନଙ୍କର ଭାବାବେଗ ଓ ଭଲପାଇବାକୁ ପରିପ୍ରକାଶ କରିବ। ଏହା ଭାରତୀୟ ହକିର ଏକ୍ଟୁଡ଼ିଶାଳା ହୋଇରହିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହାନ୍ ସଂଗ୍ରାମୀ ତଥା କିମ୍ବଦନ୍ତୀ ପୁରୁଷ ବିର୍ସା ମୁଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ୧୫ ମାସ ମଧ୍ୟରେ ୨୬୧ କୋଟି ଟଙ୍କା ଖର୍ଚ୍ଚରେ ଏହି ଷ୍ଟାଡିୟମ୍ ନିର୍ମିତ ହୋଇଛି। ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ, ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଏବଂ ହକି ଇଣ୍ଡିଆର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଇଣ୍ଡିଆ ଏ' ଏବଂ ବି' ଟିମ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌କୁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ଉଦ୍‌ଘାଟନ କରିଥିଲେ।

ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ୧୨ଟା ୪୫ରେ ରାଉରକେଲା ବିମାନ ବନ୍ଦରରେ ପହଞ୍ଚିଥିଲେ। ସେଠାରୁ ତାଙ୍କୁ ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମରେ ଥିବା ହକି ଭିଲେଜକୁ ପାଛେଟି ନିଆଯାଇଥିଲା। ମୁଖ୍ୟମନ୍ତ୍ରୀ ଉକ୍ତ ଭିଲେଜରେ ଥିବା ୧୨୫ଟି କକ୍ଷ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାକୁ ଉଦ୍‌ଘାଟନ କରିଥିଲେ। ପରେ ସେ ଭାରତୀୟ ଦଳର ହକି ଖେଳାଳିଙ୍କ ସହ ମତ ବିନିମୟ କରିଥିଲେ।

ଅପରାହ୍ନ ୪ଟା ୧୦ମିନିଟ୍‌ରେ ମୁଖ୍ୟମନ୍ତ୍ରୀ ବାସନ୍ତୀ କଲୋନୀ ସ୍ଥିତ ଡିଏଭି ପୋଖରୀ ନିକଟ ସଭାସ୍ଥଳକୁ ଯାଇଥିଲେ। ସେଠାରେ ସେ ଡିଏଭି ପୋଖରୀର ଉନ୍ନତୀକରଣ ସାଙ୍ଗକୁ 'ମୋ ବସ୍' ସେବା ଶୁଭାରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ ମେଡିକାଲ କଲେଜ ଓ ଅନ୍ୟାନ୍ୟ ପ୍ରକଳ୍ପକୁ ଭର୍ଚୁଆଲ ମୋଡ୍‌ରେ ଉଦ୍‌ଘାଟନ କରିଥିଲେ। ଏଥିସହ ଜିଲା ଶିକ୍ଷା ବିଭାଗ ପକ୍ଷରୁ 'ହକି ଖେଳ' ନାମକ ଏକ ପୁସ୍ତକକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିବା ସହ ସୁନ୍ଦରଗଡ ଜିଲାରେ ସମୁଦାୟ ୩୫୯ଟି ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ।

ଅପରାହ୍ନ ୪ଟା ୨୫ମିନିଟ୍‌ରେ ମୁଖ୍ୟମନ୍ତ୍ରୀ ବିର୍ସାମୁଣ୍ଡା ଷ୍ଟାଡିୟମକୁ ଫେରି ହକି ଷ୍ଟାଡିୟମର ଶୁଭ ଉଦ୍‌ଘାଟନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଭାରତ ବ୍ଲୁ ଓ ଭାରତ ହ୍ୱାଇଟ୍ ମଧ୍ୟରେ ଏକ ହକି ପ୍ରତିଯୋଗିତା ହୋଇଥିଲା। ୪ଟା ୪୫ମିନିଟ୍‌ରେ ମୁଖ୍ୟମନ୍ତ୍ରୀ ରାଉରକେଲା ବିମାନ ବନ୍ଦରରୁ ଭୁବନେଶ୍ୱର ଫେରି ଯାଇଥିଲେ।

# ଜାତୀୟ ସାଧାରଣତନ୍ତ୍ର ଦିବସରେ ଅତିଥି ହେବେ ଭୁଞ୍ଜିଆ ଦମ୍ପତି

ଭୁବନେଶ୍ୱର,୫।୧(ବ୍ୟୁରୋ)



ଦିଲ୍ଲୀରେ ହେବାକୁ ଥିବା ଜାତୀୟ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ ନୂଆପଡ଼ା ଜିଲାର ଆଦିବାସୀ ଦମ୍ପତି। ରାଷ୍ଟ୍ରପତି ଭବନରୁ ଏନେଇ ନିମନ୍ତ୍ରଣ ପାଇବା ପରେ ମାଓବାଦୀ ଅଞ୍ଚଳ ଭାବେ ପରିଚିତ ସୁନାବେଡା ଅଭୟାରଣ୍ୟରେ ଥିବା ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଅଭୟାରଣ୍ୟର ଆଦିମ ଜନଜାତି କୋଟଟିଆ ଭୁଞ୍ଜିଆ ସମ୍ପ୍ରଦାୟର ଭୁଜବଳ ମାଝି ଓ ସ୍ତ୍ରୀ କୁଞ୍ଜିବାଇ ମାଝି ୨୦୨୩ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେବା ନେଇ ଚିଠି ଆସିବା ପରେ ଏଥିପାଇଁ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଛି। ପାରମ୍ପରିକ ବେଶଭୂଷା ପରିଧାନ କରି ଖାଲି ପାଦରେ ବିମାନ ଯୋଗେ ୨୨ ତାରିଖରେ ଏହି ଦମ୍ପତି ଦିଲ୍ଲୀରେ ପହଞ୍ଚିବେ। ଫେବୃଆରୀ ୨ରେ ସେମାନେ ଦିଲ୍ଲୀରୁ ଫେରିବେ ବୋଲି ଜଣାପଡ଼ିଛି। ଭୁଞ୍ଜିଆ ଦମ୍ପତିଙ୍କ ଦିଲ୍ଲୀ ଗସ୍ତ ପାଇଁ ଜିଲାପାଳଙ୍କ ଦ୍ୱାରା ଗାଇଡ୍ ଅଫିସର ହିମାଂଶୁ କୁମାର ମହାପାତ୍ର ନିଯୁକ୍ତ ହୋଇଛନ୍ତି। ସେ ସେମାନଙ୍କ ସହ ଦିଲ୍ଲୀ ଗସ୍ତ କରିବେ। ଗସ୍ତର ସମସ୍ତ ଖର୍ଚ୍ଚ ମଧ୍ୟ ପ୍ରଶାସନ ବହନ କରିବ। ଏହି ଦମ୍ପତି ସେଠାରେ ସାଧାରଣତନ୍ତ୍ର ଦିବସରେ ସାମିଲ ହେବା ସହ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ମାଓବାଦୀ ପ୍ରବଣ ସୁନାବେଡା ଅଭୟାରଣ୍ୟର ପରିବ୍ୟାପ୍ତ ଅଞ୍ଚଳ ମଧ୍ୟରେ ପ୍ରାୟ ଛୋଟ ବଡ ୫୪ଟି ଗ୍ରାମ ରହିଛି। ଏସବୁ ଗ୍ରାମରେ ଆଦିମ ଜନଜାତି କୋଟଟିଆ ଭୁଞ୍ଜିଆ ସମ୍ପ୍ରଦାୟର ଲୋକେ ବସବାସ କରନ୍ତି। ଏମାନଙ୍କ ଖାଦ୍ୟ, ପାନୀୟ ଓ ଭିନ୍ନ ସରଳ ଜୀନବଶୈଳୀ ଏମାନଙ୍କୁ ରାଜ୍ୟର ପ୍ରମୁଖ ଆଦିମ ଜନଜାତି ମଧ୍ୟରୁ ଅନ୍ୟତମ ଭାବେ ମଧ୍ୟ ପରିଚୟ ଦେଇଛି। ସହରୀ ଜୀବନ ଓ ଆଧୁନିକତାଠାରୁ ବେଶ ଦୂରରେ ଥିବା ଏହି ସମ୍ପ୍ରଦାୟର ଜୀବନ ଜୀବିକାର ଦୁଃଖ ସହ ସୁନାବେଡା ଅଞ୍ଚଳର ବିକାଶ ଦିଗରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କୁ ଭୁଜବଳ ଓ କୁଞ୍ଜିବାଇ ଅବଗତ କରାଇବେ ବୋଲି ସ୍ଥାନୀୟ ଲୋକେ ଆଶା ବାନ୍ଧିଛନ୍ତି। ଏହି ଭୁଞ୍ଜିଆ ଦମ୍ପତି ସେମାନଙ୍କ ପାରମ୍ପରିକ ଖାଦ୍ୟ ମାଣ୍ଡିଆ ପିଠା, ଝାରି ଗୁର୍ଜି, ବାଜରା ଜାତୀୟ ଶସ୍ୟରେ ପ୍ରସ୍ତୁତ ବିଭିନ୍ନ ସ୍ୱାଦିଷ୍ଟ ବ୍ୟଞ୍ଜନ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କୁ ପରଷି ପାରନ୍ତି।

**ରାଷ୍ଟ୍ରପତି ଭବନରୁ ଆସିଲା ନିମନ୍ତ୍ରଣ**

## ୧୦ ଯାଏ ପ୍ରବଳ ଶୀତ

ଭୁବନେଶ୍ୱର, ୫।୧(ବ୍ୟୁରୋ)

ରାଜ୍ୟରେ ଶୀତର ପ୍ରକୋପ ସାମାନ୍ୟ ବୃଦ୍ଧି ପାଇଛି। ଶୁକ୍ରବାରଠାରୁ ଶୀତ ଆହୁରି ବଢ଼ିବ। ସର୍ବନିମ୍ନ ତାପମାତ୍ରା ୩ରୁ ୪ ଡିଗ୍ରୀ ତଳକୁ ଖସିବ। ଆସନ୍ତା ୧୦ ତାରିଖ ଯାଏ ପାରଦ ତଳମୁହାଁ ରହିବ। ଉତ୍ତର ପଶ୍ଚିମ ଦିଗରୁ ରାଜ୍ୟକୁ ବାୟୁ ପ୍ରବାହ ହେଉଥିବାରୁ ଶୀତ ବଢ଼ିବ। ତେବେ ୧୧ ତାରିଖରୁ ପୁଣି କମିଯିବ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ବାଲେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୧.୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଢେଙ୍କାନାଳରେ ୧୨, ଭଦ୍ରକ ୧୩.୫, ଦାରିଙ୍ଗବାଡ଼ି ୧୩ ଏବଂ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୪ ଡିଗ୍ରୀ ସେଲ୍‌ସିୟସ ଥିବା ଜଣାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, କୋରାପୁଟ, ବଲାଙ୍ଗୀର, ସୋନପୁର, ଅନୁଗୋଳ, ଢେଙ୍କାନାଳ, କଟକ, ସମ୍ବଲପୁରରେ ହାଲ୍‌କା କୁହୁଡ଼ି ହେବାର ସମ୍ଭାବନା ରହିଛି।

# ୪ ସିନିୟର ଛାତ୍ର ନିଲମ୍ବିତ, ଜଣେ ଗିରଫ

**ବିଜେବିରେ ଜୁନିୟର ଛାତ୍ରଙ୍କୁ ମାଡ଼ ଘଟଣା**

- **୩ ନାବାଳକ ଛାତ୍ର ଜୁଭେନାଇଲ୍ ଜଷ୍ଟିସ ବୋର୍ଡରେ ହାଜର**

ଭୁବନେଶ୍ୱର, ୫।୧ (ବ୍ୟୁରୋ)

ବିଜେବି କଲେଜ ପରିସରରେ ବୁଧବାର ଜଣେ ଯୁକ୍ତ୨ ଦୁଇ ବିଜ୍ଞାନ ପ୍ରଥମ ବର୍ଷ ଛାତ୍ରଙ୍କୁ ସିନିୟରଙ୍କ ସଂଘବଦ୍ଧ ଆକ୍ରମଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଅଟକ ଥିବା ୪ ସିନିୟର ଛାତ୍ରଙ୍କ ମଧ୍ୟରୁ ଜଣଙ୍କୁ ବଡଗଡ ଥାନା ପୋଲିସ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଅନ୍ୟ ୩ଜଣ ନାବାଳକ ହୋଇଥିବାରୁ ସେମାନଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡଙ୍କ ନିକଟରେ ହାଜର କରାଯାଇଛି। ଏମାନେ ସମସ୍ତେ ଯୁକ୍ତ୨ ଦ୍ୱିତୀୟବର୍ଷର ଛାତ୍ର। ତେବେ ଗିରଫ ଛାତ୍ର ଜଣକ ହେଲେ ଚିନ୍ମୟ ବେହେରା। ତାଙ୍କ ନାମରେ ପୂର୍ବରୁ ମଧ୍ୟ ବଡଗଡ ଥାନାରେ ଗୋଟିଏ ମାମଲା ରହିଥିବା ତଦନ୍ତବେଳେ ଜଣାପଡିଛି। ଅନ୍ୟପଟେ କଲେଜ ପରିସରରେ ଆପରାଧିକ ତଥା ବିଶୃଙ୍ଖଳିତ ଆଚରଣ ପାଇଁ ସେମାନଙ୍କ ବିରୋଧରେ କଲେଜ ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସଂପୃକ୍ତ ୪ଜଣ ଛାତ୍ରଙ୍କୁ ନିଲମ୍ବିତ କରାଯାଇଥିବା ଅଧ୍ୟକ୍ଷ ରଞ୍ଜନ କୁମାର ବଳ ସୂଚନା ଦେଇଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନକୁ ଆସିବାକୁ ସେମାନଙ୍କୁ ବାରଣ କରାଯାଇଛି। ଷ୍ଟାଫ୍ କାଉନ୍‌ସିଲ ବୈଠକର ନିଷ୍ପତ୍ତି ପରେ ଏହି ନିର୍ଦ୍ଦେଶନାମା ଜାରି ହୋଇଛି। ଛାତ୍ରମାନଙ୍କର ଆଗକୁ ପରୀକ୍ଷା ଅଛି । ମାସକ ଭିତରେ ବ୍ୟବହାରରେ ପରିବର୍ତ୍ତନ ଆସିଲେ, ପୁଣି ବୈଠକ ବସି କଲେଜ ଆସିବାକୁ ଅନୁମତି ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ଏହାସହ ଆଗକୁ ଏଭଳି ଘଟଣା ଯେଭଳି ପୁନଃରାବୃତ୍ତି ନ ହେବ ସେନେଇ ସେମାନଙ୍କଠାରୁ ଅଣ୍ଡରଟେକିଂ ନିଆଯିବ ବୋଲି ଅଧ୍ୟକ୍ଷ ବଳ କହିଛନ୍ତି। ସେପଟେ ଏହା ରାଗିଂ ନୁହେଁ ବୋଲି ଭୁବନେଶ୍ୱର ଡିସିପି ସ୍ପଷ୍ଟ କରିଛନ୍ତି। ଜଣେ ଛାତ୍ରୀଙ୍କ ସହ ଛାତ୍ରଙ୍କ ଯିବା ଆସିବାକୁ ଅନ୍ୟ କେତେଜଣ ଛାତ୍ର ବିରୋଧ କରିଥିଲେ। ଏହାକୁ ନେଇ ଗଣ୍ଡଗୋଳ ହୋଇଥିବା ସେ ସୂଚନା ଦେଇଛନ୍ତି।

ସୂଚନାନୁସାରେ, ଆକ୍ରମଣର ଶିକାର ଜୁନିୟର ଛାତ୍ର ଜଣକ କ୍ୟାମ୍ପସରେ ତାଙ୍କ ସହପାଠୀନଙ୍କ ସହ ବୁଲାବୁଲି କରୁଥିଲେ। ଏହି ସମୟରେ ସଂପୃକ୍ତ ୪ ସିନିୟର ଛାତ୍ର ଜୁନିୟର ଛାତ୍ରଙ୍କୁ ବିରୋଧ କରିବା ସହ ଗାଳିଗୁଲଜ ଓ ଆକ୍ରମଣ କରିଥିଲେ। ଅନ୍ୟଛାତ୍ରୀଛାତ୍ରଙ୍କ ଆଗରେ ଘଟିଥିବା ଏହି ଆକ୍ରମଣର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଘଟଣା ପଦାକୁ ଆସିଥିଲା। ଏହାପରେ ଆକ୍ରମଣର ଶିକାର ଛାତ୍ରଙ୍କ ସହପାଠିନୀ ଜଣକ ବଡଗଡ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ସମ୍ପୃକ୍ତ ୪ଜଣ ଛାତ୍ରଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଥିଲା। ସେମାନେ ମଧ୍ୟ ନିଜ ଦୋଷ ସ୍ୱୀକାର କରିଥିଲେ।

# ୪ ପୋଲିସ ଅଧିକାରୀଙ୍କ ନାଁରେ ହତ୍ୟା ଅଭିଯୋଗ

**ପୋଲିସ ହେପାଜତରେ ଯୁବକଙ୍କ ମୃତ୍ୟୁ ଘଟଣା**

- **ଏନ୍‌ଏଚ୍‌ଆର୍‌ସିରେ ମାମଲା ରୁଜୁ**

ଚଣ୍ଡିଖୋଲ,୫।୧(ଡି.ଏନ.ଏ.)

ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ଧାନମଣ୍ଡଳ ଫାଣ୍ଡି ହାଜତରେ ଅଟକ ଥିବା ଯୁବକ କଟକ ଜିଲା ମାହଙ୍ଗା ଥାନା ପୋଡ଼ାମରେଇ ପଞ୍ଚାୟତ ଅଧୀନ ସିନ୍ଧୁପୁର ଗ୍ରାମର ଈଶ୍ୱର ସେଠୀଙ୍କ ମୃତ୍ୟୁକୁ ନେଇ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ଏନେଇ ସେମାନେ ୪ ପୋଲିସ ଅଧିକାରୀ ଯଥା ; ବଡ଼ଚଣା ଥାନାଧିକାରୀ ସୁଶୀଲ କୁମାର ନାୟକ, ଏସ୍‌ଆଇ ସୁବାସ ଚନ୍ଦ୍ର ମୁଦୁଲି, ଧାନମଣ୍ଡଳ ଫାଣ୍ଡି ଅଧିକାରୀ ଗୋପାଳକୃଷ୍ଣ ଦାସ ଓ ଫାଣ୍ଡି କନଷ୍ଟେବଳ ଦେବେନ୍ଦ୍ର ସାହୁଙ୍କ ବିରୋଧରେ ଏତଲା ଦେଇଛନ୍ତି। ଏତଲାରେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ସହ କାର୍ଯ୍ୟରୁ ବହିଷ୍କାର କରିବାକୁ ଦାବି କରିଛନ୍ତି। ଏଥିସହିତ ମୃତକଙ୍କ ପରିବାର ଓ କିଛି ସଂଗଠନର ସଦସ୍ୟ ଗୁରୁବାର ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସମ୍ପୃକ୍ତ ୪ ପୋଲିସ ଅଧିକାରୀ ଈଶ୍ୱରଙ୍କୁ ପିଟି ମାରି ଦେଇଛନ୍ତି ବୋଲି ଏତଲାରେ ଉଲ୍ଲେଖ କରାଯାଇଛି। ଘଟଣାକୁ ନେଇ ନଂ.୭/୨୩ରେ ଥାନାରେ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ନ୍ୟାୟ ପାଇଁ ଲଢ଼େଇ ପରିବାରର ରାଜ୍ୟ ସମ୍ପାଦକ ଦିଲୀପ କୁମାର ସାହୁ ଜାତୀୟ ମାନବ ଅଧିକାରୀ ଆୟୋଗ(ଏନ୍‌ଏଚ୍‌ଆର୍‌ସି)ରେ ମାମଲା ଦାୟର କରିଛନ୍ତି। ହତ୍ୟା ମାମଲାରେ ମାନବାଧିକାର ଆୟୋଗଙ୍କ ଟିମ୍ ତଦନ୍ତ କରିବାକୁ ସେ ଦାବି କରିବା ସହ ମୃତକଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ନିବେଦନ କରିଛନ୍ତି।



ଈଶ୍ୱର ସେଠୀ

ଈଶ୍ୱରଙ୍କ ବାପା ପଦନ ସେଠୀଙ୍କ ଅଭିଯୋଗ ଅନୁଯାୟୀ, ଗତ ୩ ତାରିଖ ମଙ୍ଗଳବାର ରାତି ପ୍ରାୟ ୭ଟାରେ ବଡ଼ଚଣା ଥାନାଧିକାରୀ ସୁଶୀଲ କୁମାର ନାୟକ ଓ ଏସ୍‌ଆଇ ସୁବାସ ଚନ୍ଦ୍ର ମୁଦୁଲିଙ୍କ ସମେତ ୧୦ରୁ ୧୨ଜଣ ପୋଲିସ କର୍ମଚାରୀ ତାଙ୍କ ଘରେ ଚଢ଼ାଉ କରିଥିଲେ। ଏହି ସମୟରେ ପଦନ ଓ ତାଙ୍କ ପୁଅଙ୍କୁ ମାଡ଼ ମାରିଥିଲେ। ଏହାପରେ ପୁଅଙ୍କୁ ଗାଡ଼ିରେ ବସାଇ ନେଇ ଆସିଥିଲେ। ୪ ତାରିଖ ବୁଧବାର ପଦନଙ୍କ ଝିଅ ସ୍ୱର୍ଣ୍ଣପ୍ରିୟା ସେଠୀ ଓ ତାଙ୍କ ସ୍ୱାମୀ ଦୀପୁ ସେଠୀ ବଡ଼ଚଣା ଥାନାରେ ପହଞ୍ଚିଥିଲେ। ବଡ଼ଚଣା ପୋଲିସ ସେମାନଙ୍କୁ କହିଥିଲା ଯେ, ଈଶ୍ୱର ଧାନମଣ୍ଡଳ ଫାଣ୍ଡିରେ ଅଛନ୍ତି, ସେଠାରେ ଯାଇ ଦେଖାକର। ଏହାପରେ ପଦନଙ୍କ ଝିଅ ଜ୍ୱାଇଁ ସେଠାକୁ ଯାଇ ଈଶ୍ୱରଙ୍କୁ ଦେଖା କରିଥିଲେ। ଏହି ସମୟରେ ଈଶ୍ୱର କହିଥିଲେ, ମଙ୍ଗଳବାର ରାତିରେ ପୋଲିସ ତାଙ୍କୁ ଭୀଷଣ ପିଟିଛି। ଏପରି କି ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିବା ଦେଖାଇଥିଲେ। ଏହାପରେ ପଦନଙ୍କ ଝିଅଜ୍ୱାଇଁ ବଡ଼ଚଣା ଥାନାଧିକାରୀଙ୍କୁ ଭେଟି ଫେରି ଆସିଥିଲେ। ମାତ୍ର ରାତି ପ୍ରାୟ ୮ଟାରେ ମାହାଙ୍ଗା ପୋଲିସ ପଦନଙ୍କ ଘରକୁ ଗାଁ ଲୋକଙ୍କ ହାତରେ ଖବର ଦେଇଥିଲା ଯେ, ଈଶ୍ୱରଙ୍କ ଦେହ ଖରାପ ଅଛି, ତୁରନ୍ତ ବଡ଼ଚଣା ପୋଲିସ ସହ ଯୋଗାଯୋଗ କରି କଟକ ବଡ଼ ଡାକ୍ତରଖାନାକୁ ଯାଅ। ଏହାପରେ ରାତି ୯ଟାରେ ମାହାଙ୍ଗା ପୋଲିସ ପୁନର୍ବାର ଖବର ଦେଇଥିଲା ଯେ, ଈଶ୍ୱରଙ୍କ ମୃତ୍ୟୁ ହୋଇଯାଇଛି। ଖବର ପାଇ ପରିବାର ଲୋକେ ବଡ଼ଚଣା ଥାନାରେ ପହଞ୍ଚିବା ବେଳକୁ ପୋଲିସ କଟକ ଯିବାକୁ କହିଥିଲା। ତେବେ ରାତି ଅଧିକ ହୋଇଥିବାରୁ ଈଶ୍ୱରଙ୍କ ପରିବାର କଟକ ଯାଇପାରି ନ ଥିଲେ ବୋଲି ତାଙ୍କ ବାପା ଏତଲାରେ ଦଶାଇଛନ୍ତି।

ଏ ସମ୍ପର୍କରେ ଯାଜପୁର ରୋଡ୍ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ କହିଛନ୍ତି, ଈଶ୍ୱରଙ୍କୁ ମଙ୍ଗଳବାର ରାତିରେ ଅଣାଯାଇଥିଲା। ବୁଧବାର ତାଙ୍କୁ ଧାନମଣ୍ଡଳ ଫାଣ୍ଡିରେ ରଖିଥିବା ବେଳେ ସନ୍ଧ୍ୟା ପ୍ରାୟ ୫ ଟାରେ ସେ ବେକରେ ଏକ ତାର ଗୁଡ଼ାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଆମେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ମେଡିକାଲ ନେଇଥିଲୁ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସୂଚନାଥାଉକି, ବଡ଼ଚଣା ଥାନା ଅନ୍ତର୍ଗତ ଖଇରା ଗ୍ରାମର ଜଣେ ଯୁବତୀଙ୍କ ଫଟୋ ଭାଇରାଲ କରିବା ଓ ବିଭିନ୍ନ ସ୍ଥାନରେ ଫଟୋ ପକାଇବା ନେଇ ଯୁବତୀ ୩ ତାରିଖରେ ଈଶ୍ୱରଙ୍କ ନାମରେ ବଡ଼ଚଣା ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଆଧାର କରି ପୋଲିସ ନଂ.୫/୨୩ରେ ଏକ ମାମଲା ରୁଜୁ କରିବା ସହ ଈଶ୍ୱରଙ୍କୁ ଉଠାଇ ଆଣିଥିଲା। ୪ ତାରିଖ ରାତିରେ ତାଙ୍କର ହାଜତ ମୃତ୍ୟୁ ହୋଇଥିଲା। ବିକ୍ଷୋଭରେ ସିନ୍ଧୁପୁର ଗ୍ରାମବାସୀଙ୍କ ସମେତ ଆମ୍ବେଡକର ଲୋହିଆ ମଞ୍ଚର ମନୋରଞ୍ଜନ ଜେନା, ୟୁନାଇଟେଡ୍ ଫୋରମ ରାଜ୍ୟ ସମ୍ପାଦକ ନିହାର ରଞ୍ଜନ ସାମଲ ଓ ସାମାଜିକ ନ୍ୟାୟ ଅଭିଯାନର ସଂଯୋଜକ ଉମାକାନ୍ତ ମଲିକ ପ୍ରମୁଖ ସାମିଲ ହୋଇଥିଲେ।

**ସେମାନେ ଯାହା କୁହନ୍ତି...**

ମୋର ଭାଇକୁ ଛାଡ଼ିବା ପାଇଁ ପୋଲିସ ଆମକୁ ୫୦ ହଜାର ଟଙ୍କା ମାଗିଥିଲା। ବୁଧବାର ହାଜତରେ ଥିବା ବେଳେ ମୋ ଭାଇକୁ ଦେଖା କରିବା ପରେ ଧାନମଣ୍ଡଳ ଫାଣ୍ଡି ପୋଲିସ ଆମକୁ କହିଥିଲା ତୁମେ ଯାଇ ବଡ଼ଚଣା ଥାନାଧିକାରୀଙ୍କ ସହିତ କଥା ହୁଅ। ମୁଁ ଓ ମୋ ସ୍ୱାମୀ ଥାନାକୁ ଆସି କଥା ହେବାପରେ ଥାନାଧିକାରୀ ନାୟକବାବୁ ଓ ଏସ୍‌ଆଇ ମୁଦୁଲିବାବୁ ଆମକୁ କହିଥିଲେ, ତୁମେ ୫୦ ହଜାର ଟଙ୍କା ଦେଲେ ଜବତ ମୋବାଇଲ ୩ଟି ଦେଇଦବୁ ଓ ତମ ଭାଇଙ୍କୁ ଛାଡ଼ିଦେବୁ। ମୁଁ ଘରେ ଏକଥା କହି ପଇସା ଯୋଗାଡ଼ କରି ତା'ପରଦିନ ଆସିବାକୁ ଚିନ୍ତା କଲାବେଳକୁ ମୋ ଭାଇଙ୍କୁ ସେମାନେ ପିଟି ମାରିଦେଇଛନ୍ତି ବୋଲି ଜାଣିବାକୁ ପାଇଲି।

**-ସ୍ୱର୍ଣ୍ଣପ୍ରିୟା ସେଠୀ, ଈଶ୍ୱରଙ୍କ ଭଉଣୀ**

ମୋର ଏକ ମାତ୍ର ପୁଅ ଥିଲା ଈଶ୍ୱର। ତା'ର ଖଇରା ଗ୍ରାମର ଜଣେ ଝିଅ ସହ ଦୀର୍ଘଦିନ ହେବ ପ୍ରେମ ସମ୍ପର୍କ ରହିଛି। ଏପରି କି ସେ ସେହି ଝିଅଙ୍କୁ ପାଠ ପଢ଼ିବାକୁ ପଇସା ମଧ୍ୟ ଦେଇଛି। ପୁଅ ମୋର ଭୁବନେଶ୍ୱରରେ ରହି ରଙ୍ଗ କାମ କରେ। କିଛିମାସ ହେବ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ପୁଅ ଅବସାଦଗ୍ରସ୍ତ ରହୁଥିଲା। ଆମେ ଜାଣି ପାରୁନାହୁଁ ସେ ଝିଅଟି କାହିଁକି ମୋ ପୁଅ ନାମରେ ଅଭିଯୋଗ କରିଛି। ଏହି ଅଭିଯୋଗରେ ମୋ ପୁଅକୁ ପୋଲିସବାଲା ପିଟି ମାରି ଦେଇଛନ୍ତି। ତେଣୁ ସେମାନଙ୍କୁ ସରକାର କଠୋର ଦଣ୍ଡ ଦିଅନ୍ତୁ।

**-ଭାରତୀ ସେଠୀ , ଈଶ୍ୱରଙ୍କ ମା'**

# ମଥୁରା ବୁଲିଲେ କୃଷ୍ଣ ବଳରାମ



ଉପଜିଲାପାଳଙ୍କ ସରକାରୀ ବାସଭବନରେ ଶ୍ରୀକୃଷ୍ଣ ଓ ବଳରାମଙ୍କୁ ଦୋଳିରେ ଝୁଲାଯାଉଛି।

**ଆଜି ବରଗଡ଼ ଧନୁଯାତ୍ରାର ଉଦ୍‌ଯାପନୀ ଉତ୍ସବ**

ମଥୁରାନଗରୀ,୫।୧

ବରଗଡ଼ ଧନୁଯାତ୍ରା ମହୋତ୍ସବର ଗୁରୁବାର ଦଶମ ଦିବସରେ ଅନ୍ୟଦିନ ଭଳି କଂସ ମହାରାଜ ମଥୁରାନଗରୀ ପରିକ୍ରମା କରିଥିବାବେଳେ ଶ୍ରୀକୃଷ୍ଣ ଓ ବଳରାମଙ୍କ ମଥୁରା ଭ୍ରମଣ ଅନ୍ୟତମ ଆକର୍ଷଣ ଥିଲା। ନିଜ ପାଖରେ ପାଇ ମଥୁରାବାସୀ ଘରେ ଘରେ ବେନିଭାଇଙ୍କୁ ପୂଜାର୍ଚ୍ଚନା କରିବା ସହିତ ଦୋଳିରେ ବସାଇ ଝୁଲାଇଥିଲେ। ସେହିପରି ମଥୁରା ଭ୍ରମଣ ସମୟରେ ରାଜଘାଟରେ ରଜକଙ୍କ ସହିତ କୃଷ୍ଣ ଓ ବଳରାମଙ୍କ ସାକ୍ଷାତ ହୋଇଥିଲା। ବେନିଭାଇ ଖଜୁରଟିକ୍ରା ସ୍କୁଲ ମଣ୍ଡପରେ ପହଞ୍ଚିବା ପରେ ସୁଦାମା ମାଳି ଶ୍ରୀକୃଷ୍ଣଙ୍କ ଗୁଣଗାନ କରିଥିଲେ। ପରେ ବରଗଡ଼ ଉପଜିଲାପାଳଙ୍କ ସରକାରୀ ବାସଭବନକୁ ବେନିଭାଇ ଯାଇଥିଲେ। ସେଠାରେ ଉପଜିଲାପାଳ ଲଲାଟ କୁମାର ଲୁହା ଶ୍ରୀକୃଷ୍ଣ, ବଳରାମଙ୍କ ପୂଜାର୍ଚ୍ଚନା କରିଥିଲେ। ପରିଭ୍ରମଣ ବାଟରେ ସ୍ଥାନୀୟ ନେହେରୁ ଆସୋସିଏଶନ ଦେଇ ବେନିଭାଇ ମାଁ ଶ୍ୟାମାକାଳୀ ମନ୍ଦିରରେ ପହଞ୍ଚିଥିଲେ ଏବଂ ସେଠାରେ କୁବୁଜାଙ୍କୁ ଅଭିଶାପରୁ ମୁକ୍ତ କରିଥିଲେ। ଅନ୍ୟପଟେ ଶ୍ରୀକୃଷ୍ଣ ଓ ବଳରାମ ମଥୁରାରେ ପହଞ୍ଚିଥିବା ଖବର ପାଇ କଂସ ମହାରାଜ ଖୁସି ହୋଇ ନାଚଗୀତରେ ବିଭୋର ହୋଇ ପଡ଼ିଥିଲେ। କିନ୍ତୁ ମହାରାଜ କଂସ ରାଜଦରବାର ଶୟନ କକ୍ଷରେ ବିଶ୍ରାମ ନେଇଥିବା ବେଳେ ଶ୍ରୀକୃଷ୍ଣଙ୍କୁ ବଂଶୀ ବାଦନ ଅବସ୍ଥାରେ ସ୍ୱପ୍ନ ଦେଖି ଚିନ୍ତିତ ଓ ଭୟଭୀତ ହୋଇପଡ଼ିଥିଲେ । ପରେ ନିଜର ଭୟ ଦୂର କରିବା ପାଇଁ ନାଚଗୀତରେ ମସ୍‌ଗୁଲ ହୋଇଥିଲେ। ଅତିରିକ୍ତ ସଚିବ (ରାଜସ୍ୱ, ବିପର୍ଯ୍ୟୟ ପରିଚାଳନା ଓ ସଂସ୍କୃତି) ସତ୍ୟବ୍ରତ ସାହୁ ଏବଂ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇ ରାଜ ଅତିଥି ଭାବେ ଯୋଗଦାନ କରିଥିଲେ। ଅନ୍ୟପକ୍ଷେ ଶୁକ୍ରବାର ଏହି ବିଶ୍ୱପ୍ରସିଦ୍ଧ ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ଉଦ୍‌ଯାପିତ ହେବ ବୋଲି ଜଣାପଡିଛି।

ଈଶ୍ୱର ମଣିଷକୁ ବାଟ ଦେଖାନ୍ତି। କିନ୍ତୁ ମଣିଷ ଚାଲେ ଅବାଟରେ। ନିମ୍ନସ୍ତରର ମରଣଶୀଳ ତ୍ରୁଟି ଓ ସ୍ଖଳନ ଉପରେ ପରାପ୍ରକୃତି ବା ଦିବ୍ୟପ୍ରକୃତି ସଜାଗ ଦୃଷ୍ଟି ରଖିଥାଏ। ଏହା ହିଁ ଆମ ଲାଗି ପ୍ରତିବନ୍ଧକ ଓ ପରର ବିରୋଧୀତା। ଆମକୁ ଏକ ଉଜ୍ଜ୍ୱଳଜ୍ଞାନ ଭିତରକୁ ଯିବା ଲାଗି- ଏହି ଦ୍ୱନ୍ଦ୍ୱ ଭିତରୁ ବାହାରିଯିବାକୁ ହେବ ନିଶ୍ଚୟ। **-ଶ୍ରୀଅରବିନ୍ଦ**



# ଭବିଷ୍ୟତର ଇନ୍ଧନ



ଜୋର୍ଗ ହାସ୍

ଆଜିକାଲି ସବୁଜ ଉଦ୍‌ଜାନର ଆଦର ଢେର ବଢିଛି। ଗତ ବର୍ଷ ନଭେମ୍ବରରେ ଇଜିପ୍ଟରେ ଅନୁଷ୍ଠିତ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ(କପ୍‌୨୭) ରେ ଜର୍ମାନୀ ଚାନ୍‌ସେଲର ଓଲଫ ସ୍କୋଲୋଜ ଘୋଷଣା କରିଥିଲେ ଯେ,ସବୁଜ ଉଦ୍‌ଜାନ ମାର୍କେଟ ବିକାଶରେ ତାଙ୍କ ଦେଶ ୪ ବିଲିୟନ ୟୁରୋ (୪.୩ ବିଲିୟନ ଆମେରିକୀୟ ଡଲାର)ରୁ ଅଧିକ ନିବେଶ କରିବ। ଆମେରିକାରେ ଜୋ ବାଇଡେନ୍‌ଙ୍କ ପ୍ରଶାସନର ଇନ୍‌ଫ୍ଲେସନ ରିଡକ୍‌ସନ ଆକ୍ଟର ଏକ ପ୍ରମୁଖ ଅଂଶ ଭାବେ ବି ରହିଛି ସବୁଜ ଉଦ୍‌ଜାନ । ଉକ୍ତ ଆକ୍ଟରେ ଅକ୍ଷୟଶକ୍ତି ପାଇଁ ସବ୍‌ସିଡି ଯୋଗାଇଦେବା ପ୍ରାବଧାନ ରହିଛି। ଚାଇନା ମଧ୍ୟ ସବୁଜ ଉଦ୍‌ଜାନ ଉତ୍ପାଦନ ଲାଗି ଆବଶ୍ୟକ ଇଲେକ୍ଟ୍ରୋଲିସିସ୍‌ରେ ଅତ୍ୟଧିକ ନିବେଶ କରୁଛି। ଅଷ୍ଟ୍ରେଲିଆର ବୃହତ୍ ମାଇନିଂ କର୍ପୋରେଶନ ପୋର୍ଟେସ୍କ ଏହାକୁ ନେଇ ଏକ ବହୁ କୋଟି ଡଲାରର ଶିଳ୍ପ ହୋଇପାରିଛି।

ଆଲୋଚନା ଓ ବିଜ୍ଞାପନ ମାଧ୍ୟମରେ ସବୁଜ ଉଦ୍‌ଜାନ ଟେକ୍‌ନୋଲୋଜିକୁ ଏଭଳି ସ୍ତରରେ ପହଞ୍ଚାଯାଇଛି ଯେ, ଅନେକ ପରିବେଶକର୍ମୀ ଚିନ୍ତିତ ହୋଇପଡ଼ିଛନ୍ତି। ତେବେ ସ୍ୱଚ୍ଛ ଉଦ୍‌ଜାନ ଦ୍ୱାରା ପ୍ରାକୃତିକ ବାଷ୍ପ ଓ ଆଣବିକ ଶକ୍ତିରୁ ଯଥାକ୍ରମେ ଉତ୍ପାଦିତ ବ୍ଲୁ ଓ ପିଙ୍କ୍ ହାଇଡ୍ରୋଜେନକୁ ସମ୍ପୂର୍ଣ୍ଣ ଦୂର କରାଯାଇପାରିବ କି? ମହାକାଶ ପର୍ଯ୍ୟଟନ ଓ ହାଇପରସୋନିକ ବିମାନ ଭଳି ଅର୍ଥହୀନ କାର୍ଯ୍ୟକଳାପ ପରି ସ୍ୱତନ୍ତ୍ର ଭାବେ ନୂଆ ଟେକ୍‌ନୋଲୋଜି ବିକାଶ କରିବାକୁ ଏହା ଏକ ପ୍ରୟାସ କି? ଜଳବାୟୁ ପରିବର୍ତ୍ତନ ବିରୋଧୀ ଲଢ଼େଇର ବାହାନା କରି ଭବିଷ୍ୟତରେ ଗରିବ ଦେଶଗୁଡ଼ିକର ଜଳ ଓ ଜମିର ସଂସାଧନଗୁଡ଼ିକୁ ନେଇ ବିଶ୍ୱ ମାର୍କେଟରେ ବିକ୍ରି କରିବାର ଏହା ଏକ ପ୍ଲାଟ୍‌ଫର୍ମ ହେବ କି? ହଁ, ଏସବୁ ହୋଇପାରେ। ଆମେ ଏହାକୁ ଯଦି ଠିକ୍ ଭାବେ ସଞ୍ଚାଳନ ନ କରିବା , ତେବେ ବିଶ୍ୱ ଦେଖୁଥିବା ସବୁଜ ଉଦ୍‌ଜାନର ସ୍ୱପ୍ନ ଏକ ଦୁଃସ୍ୱପ୍ନ ହୋଇଯିବ। ତଥାପି ଜଳବାୟୁକୁ ନଷ୍ଟ କରୁଥିବା ଜୀବାଶ୍ମ ଇନ୍ଧନ ଠାରୁ ଆରମ୍ଭ କରି ଶତପ୍ରତିଶତ ଅକ୍ଷୟଶକ୍ତି ଉପରେ ଆଧାରିତ ପରିବେଶ ସହନୀୟ ଢାଞ୍ଚାଗୁଡ଼ିକ ଲାଗି ଉଦ୍ଦିଷ୍ଟ ବୈଶ୍ୱିକ ଅର୍ଥ ବ୍ୟବସ୍ଥା ସଞ୍ଚାଳନର ଏହା ଏକ ଆଧାରଶିଳା ହେବା ଅପରିହାର୍ଯ୍ୟ। ଏଭଳି ଅସ୍ପଷ୍ଟ ସ୍ଥିତିକୁ ଗ୍ରହଣ କରିବା କଷ୍ଟ ହୋଇପାରେ, ହେଲେ ଜଳବାୟୁ ଜନିତ ବିଧ୍ୱଂସକ ସ୍ଥିତିକୁ ରୋକିବାରେ ଏହାର ଜରୁରୀ ଆବଶ୍ୟକତା କିଛି କମ୍ ନୁହେଁ।

ଉଦ୍‌ଜାନର ଅନେକ ସମ୍ଭାବିତ ଉପଯୋଗିତାକୁ ନେଇ କେତେଜଣ ପ୍ରତିଷ୍ଠିତ ବିଶେଷଜ୍ଞ ଆକଳନ କରିଛନ୍ତି ଯେ, ଚଳିତ ଶତାବ୍ଦୀର ମଧ୍ୟଭାଗ ସୁଦ୍ଧା ବିଶ୍ୱସ୍ତରରେ ବ୍ୟବହୃତ ଶକ୍ତିରେ ୨୦-୩୦% ଯାଏ ସବୁଜ ଉଦ୍‌ଜାନର ଯୋଗଦାନ ରହିବ। କିନ୍ତୁ ଏହା ସବୁଠୁ ପ୍ରଭାବୀ ବିକଳ୍ପ ହେବା ଜରୁରୀ ନୁହେଁ। ଉଦାହରଣସ୍ୱରୂପ, ସବୁଜ ଉଦ୍‌ଜାନ ଇନ୍ଧନ ସେଲ୍ କିମ୍ବା ଇ-ଫୁଏଲ ଦ୍ୱାରା କାର୍ ଓ ଟ୍ରକ୍‌ଗୁଡ଼ିକର ଘଣ୍ଟାପ୍ରତି ବେଗ ଯାହା ରହିବ ବୈଦ୍ୟୁତିକ ବ୍ୟାଟେରିରୁ ବହୁତ କମ୍ କିଲୋୱାଟର ଅକ୍ଷୟ ଶକ୍ତିରେ ତାହା ସମ୍ଭବ ହୋଇପାରିବ।




ସେହିପରି ଭାବେ ଗ୍ୟାସ୍ ବଏଲରକୁ ଉଦ୍‌ଜାନରେ ପରିଣତ କରିବା ଅପେକ୍ଷା ହିଟ୍ ପମ୍ପ ବ୍ୟବହାର କରିବା ଅଧିକ ପ୍ରଭାବୀ ହେବ। କିନ୍ତୁ ବହୁ ଗୁରୁତ୍ୱପୂର୍ଣ୍ଣ ସେକ୍ଟର ଯଥା ଶିପିଂ ଏବଂ ବିମାନ ଚଳାଚଳ, କେମିକାଲ ଏବଂ ଇସ୍ପାତ ଶିଳ୍ପଗୁଡ଼ିକରେ ସବୁଜ ଉଦ୍‌ଜାନ ବଦଳରେ କାର୍ବନ ନିର୍ଗମନ କରୁ ନ ଥିବା ଅକ୍ଷୟଶକ୍ତିର ବିକଳ୍ପଗୁଡ଼ିକ ରହିଛି। ଏହା ସତ୍ତ୍ୱେ ବି ୨୦୫୦ ସୁଦ୍ଧା କାର୍ବନ ନିର୍ଗମନର ଶୂନ୍ୟସ୍ତର ହାସଲ କରିବା ଲାଗି ଅନେକ ଶିଳ୍ପ ସ୍ପଷ୍ଟତଃ ଅତ୍ୟଧିକ ପରିମାଣର ସ୍ୱଚ୍ଛ ଉଦ୍‌ଜାନ ଆବଶ୍ୟକ କରିବେ। ଏଥିରେ ଥିବା ଆହ୍ୱାନଗୁଡ଼ିକୁ ଦର୍ଶାଇବାକୁ ଯାଇ ବ୍ଲୁମ୍‌ବର୍ଗ ନ୍ୟୁ ଏର୍ଜନି ଫାଇନାନ୍ସର ପ୍ରତିଷ୍ଠାତା ମାଇକେଲ ଲିବ୍ରିକ୍ ନିକଟରେ ଆକଳନ କରିଛନ୍ତି ଯେ, ଜୀବାଶ୍ମ ଇନ୍ଧନରୁ ଉତ୍ପାଦିତ ଖରାପ ଉଦ୍‌ଜାନକୁ ଦୂର କରିବା ଲାଗି ଏବେ ବିଶ୍ୱରେ ଥିବା ପବନ ଓ ସୌରଶକ୍ତିର ୧୪୩% ଆବଶ୍ୟକ ହେବ। ଆର୍ଥିକ ଓ ଶିଳ୍ପ ଦୃଷ୍ଟିରୁ ଦୁର୍ବଳ ଲାଟିନ ଆମେରିକା, ଏସିଆ ଓ ଆଫ୍ରିକାର ବହୁ ଦେଶରେ ଉପଲବ୍ଧ ପର୍ଯ୍ୟାପ୍ତ ସୌର ଓ ପବନ ଶକ୍ତି ସେମାନଙ୍କୁ ଖୁବ୍ କମ୍ ଖର୍ଚ୍ଚରେ ସବୁଜ ଉଦ୍‌ଜାନ ଉତ୍ପାଦନ କରିବାକୁ ସକ୍ଷମ କରାଇଛି। ନାମ୍ବିଆ ଭଳି କେତେକ ଦେଶ ଏଭଳି ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ସ୍ଥିତିକୁ ଲକ୍ଷ୍ୟ କରି ସେମାନଙ୍କ ଶିଳ୍ପ ବିକାଶ ରଣନୀତି ପ୍ରସ୍ତୁତ କରିଛନ୍ତି। ତେବେ ପ୍ରଶ୍ନ ହେଉଛି ସବୁଜ ଉଦ୍‌ଜାନ ଓ ଏଥିରୁ ଉତ୍ପନ୍ନ ଜିନିଷସବୁ ନେଇ ଅନ୍ତର୍ଜାତୀୟ ବାଣିଜ୍ୟ ବା ଶିଳ୍ପ କିଭଳି ସମୃଦ୍ଧିର ପଥ ହୋଇପାରିବ। ଏହା ପରିବେଶ ଉପଯୋଗୀ ଏବଂ ମୁକ୍ତ ଶିଳ୍ପ ବୋଲି ବିକାଶଶୀଳ ଦେଶଗୁଡ଼ିକ କେମିତି ନିଶ୍ଚିତ ହେବେ। ଚିଲି, ଆର୍ଜେଣ୍ଟିନା, ବ୍ରାଜିଲ, କଲମ୍ବିଆ, ଦକ୍ଷିଣ ଆଫ୍ରିକା, ମରୋକୋ ଏବଂ ଟ୍ୟୁନିସିଆରେ ହୋଇଥିବା ଅନେକ ଆଲୋଚନା ଏବଂ ଅନୁଧ୍ୟାନରେ ଏହିସବୁ ପ୍ରଶ୍ନ ବହୁବାର ଉଠିଛି। ହେନ୍‌ରିଚ ବୋଲ୍ ଫାଉଣ୍ଡେସନ ଏବଂ ବ୍ରେଡ ଫର୍ ୱାର୍ଲ୍ଡ ଦ୍ୱାରା ପ୍ରସ୍ତୁତ ନୂତନ ରିପୋର୍ଟ ସବୁଜ ଉଦ୍‌ଜାନ ସ୍ୱପ୍ନ ଯେଭଳି ଦୁଃସ୍ୱପ୍ନ ନ ହୁଏ ସେଥିପାଇଁ ଉକ୍ତ ସେକ୍ଟରକୁ ବିକାଶ କରିବାକୁ ଆଞ୍ଚଳିକଭିତ୍ତିରେ ଯୋଜନା କରିବା ସହ ମାନକ ଓ ନୀତିଗୁଡ଼ିକ ସ୍ପଷ୍ଟ କରିବା ଦରକାର ବୋଲି କହିଛି। ଏହାସହ ସ୍ଥାନୀୟ ସମୁଦାୟମାନଙ୍କର ଯୁକ୍ତିଯୁକ୍ତ ମତାମତର ପ୍ରାଥମିକତା ବଜାୟ ରଖାଯିବା ଦରକାର। ଜୀବାଶ୍ମ ଇନ୍ଧନ ପର ଅବସ୍ଥାରେ ବିକାଶ ଏବଂ ସହନୀୟ ଅର୍ଥ ବ୍ୟବସ୍ଥାଗୁଡ଼ିକୁ ପ୍ରୋତ୍ସାହିତ କରିବାକୁ ସବୁ ସରକାର ମହତ୍ତ୍ୱପୂର୍ଣ୍ଣ ଓ ବାସ୍ତବବାଦୀ ଶିଳ୍ପ ରଣନୀତି ଗଢିବା ଆବଶ୍ୟକ। ପରିବେଶ ସହନୀୟ ବିକାଶ ଏବଂ ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ଗ୍ରହଣ କରାଯାଉଥିବା ବ୍ୟବସ୍ଥିତ ପଦକ୍ଷେପରେ ଏହି ରଣନୀତିଗୁଡ଼ିକୁ ସନ୍ନିବେଶିତ କରିବା ଉଚିତ। ଶେଷରେ ଭବିଷ୍ୟତର ଇନ୍ଧନ ସବୁଜ ଉଦ୍‌ଜାନକୁ କିଭଳି ବ୍ୟବହାର କରାଯିବ ତାହା ଉପରେ ବିଚାର କରିବା ଦରକାର।

ଏସବୁ ଆପଣାଛାଏଁ ହେବ ନାହିଁ । ଏକ ସହନୀୟ ଭବିଷ୍ୟତ ପାଇଁ ଲୋଡ଼ା ଏକ ରାଜନୈତିକ ଇଚ୍ଛାଶକ୍ତି। ଏହା ଲାଗି ଆବଶ୍ୟକ ନେତୃତ୍ୱ ଓ ସହଯୋଗ। ସବୁଜ ଉଦ୍‌ଜାନଭିତ୍ତିକ ମୁକ୍ତ ଓ ପରିବେଶ ଉପଯୋଗୀ ବାଣିଜ୍ୟ ପାଇଁ ବହୁ ଦେଶ ସାହାଯ୍ୟ କରିବେ, ଏହା ହିଁ ହେବ ବାସ୍ତବତା। ଉଦାହରଣସ୍ୱରୂପ ନାମ୍ବିଆ, ଚିଲି, କଲମ୍ବିଆ ଏବଂ ବ୍ରାଜିଲରେ ଏକ ଦୃଢ ପରିବେଶଗତ ଓ ସାମାଜିକ ମାନକ ଦ୍ୱାରା ସବୁଜ ଉଦ୍‌ଜାନ ଉତ୍ପାଦନରେ ସନ୍ତୁଳନ ଆଣିବା ପାଇଁ ଉପଯୁକ୍ତ ରାଜନୈତିକ ସ୍ଥିତି ରହିଛି। ଆବଶ୍ୟକ ପଡ଼ିଲେ ଆର୍ଜେଣ୍ଟିନା ଓ ଦକ୍ଷିଣ ଆଫ୍ରିକା ଏହି ତାଲିକାରେ ସାମିଲ ହୋଇପାରନ୍ତି। ସବୁଜ ଉଦ୍‌ଜାନ ବ୍ୟବହାର ଓ ଆମଦାନୀ କରିବାରେ ପ୍ରମୁଖ ଦେଶ ଭାବେ ଜର୍ମାନୀ ଏକ ଦୃଢ ପରିବେଶଗତ ଓ ସାମାଜିକ ମାନଦଣ୍ଡ ଆଧାରରେ ଉତ୍ପାଦନକାରୀ ଦେଶଗୁଡ଼ିକ ସହ ଏକ ଭାଗୀଦାରି ପ୍ରତିଷ୍ଠା କରିପାରିବ।

ଜର୍ମାନୀର ପ୍ରଗତିଶୀଳ ସରକାରକୁ ଦେଖିଲେ ଏହାର ଦୀର୍ଘମିଆଦୀ ସହଯୋଗୀଙ୍କ ସହ କେବଳ ସଂସାଧନ ଯୋଗାଣରେ ଜଡ଼ିତ ନ ରହି ସହନୀୟ ଓ ସମାବେଶୀ ସମୃଦ୍ଧିର ଯାତ୍ରାରେ ସେମାନଙ୍କ ପଛରେ ଏହା ଚାଲିବ ବୋଲି ଆଶା । ଜର୍ମାନୀ ଓ ଅନ୍ୟ ଶକ୍ତି ଆମଦାନିକାରୀ ଦେଶଗୁଡ଼ିକ ରପ୍ତାନିକାରୀ ଦେଶମାନଙ୍କ ଆଞ୍ଚଳିକ ଦୃଷ୍ଟିକୋଣ ଓ ରଣନୀତିଗତ ପଦକ୍ଷେପକୁ ସମର୍ଥନ କରିବା ଉଚିତ। ଏହିପରି ଅନ୍ତର୍ଜତୀୟ ସ୍ତରରେ ମୁଣ୍ଡଟେକୁଥିବା କୁହାଯାଉଥିବା ସବୁଜ ଉଦ୍‌ଜାନ ଶିଳ୍ପ ବିକଶିତ ଦେଶ ଓ ବିକାଶଶୀଳ ଦେଶଗୁଡ଼ିକ ମଧ୍ୟରେ ଏକ ନୂଆ, ନ୍ୟାୟସଙ୍ଗତ ବାଣିଜ୍ୟିକ ସମ୍ପର୍କର ଅଗ୍ରଦୂତ ହୋଇପାରିବ। ଭବିଷ୍ୟତ ସୁରକ୍ଷା ଲାଗି ଏହା ଗୁରୁତ୍ୱପୂର୍ଣ୍ଣ ଓ ଏଥିପାଇଁ ଅକ୍ଷୟଶକ୍ତି ମୁଖ୍ୟ ଭୂମିକା ନେବ।

**ଇଣ୍ଟରନ୍ୟାଶନାଲ ପଲିଟିକ୍ସର ମୁଖ୍ୟ,**
**ହେନ୍‌ରିଚ୍ ବୋଲ୍ ଫାଉଣ୍ଡେଶନ, ଜର୍ମାନୀ**

## ଏଇ ଭାରତରେ

ପ୍ରଶାସନିକ ସେବା ସହ ଦୃଷ୍ଟିବାଧିତ ପିଲାଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଆଇଏଏସ୍ ଅଧିକାରୀ ରିଚା ଚୌଧୁରୀଙ୍କ ପ୍ରୟାସ ପ୍ରେରଣାଦାୟୀ। ଛତିଶଗଡ଼ ଆଦିବାସୀ ଅଧ୍ୟୁଷିତ ଜିଲା ଗୌରେଲା ପାଣ୍ଡ୍ରି ମାରୱାିର ଜିଲାପାଳ ରିଚା ୨୦୨୨ରେ ଆଂଶିକ କିମ୍ବା ପୂର୍ଣ୍ଣ ଦୃଷ୍ଟିବାଧିତ ପିଲାମାନଙ୍କୁ ପ୍ରାଥମିକ ସ୍କୁଲରେ ନାମ ଲେଖାଇବା ଲାଗି ଅଭିଯାନ ଆରମ୍ଭ କରିଥିଲେ। ଆଦିବାସୀ ପରିବାରଗୁଡ଼ିକର ଅଭିଭାବକମାନେ ଏଭଳି ପିଲାମାନଙ୍କୁ ସ୍କୁଲ ନ ପଠାଇ ଘରେ ରଖୁଥିଲେ। ସ୍କୁଲରେ ଏଭଳି ପିଲାମାନଙ୍କ ନାମ ଲେଖାଇବା ଦ୍ୱାରା ସେମାନଙ୍କୁ ଅଭିଭାବକମାନେ ବୋଝ ମଣୁନାହାନ୍ତି ବୋଲି କହନ୍ତି ରିଚା। ଏହି କାର୍ଯ୍ୟରେ 'ଏକ୍ କଦମ୍ ଫାଉଣ୍ଡେଶନ'କୁ ସେ ସାମିଲ କରିଛନ୍ତି। ଏବେ ସୁଦ୍ଧା ରିଚା ଜିଲାରେ ପ୍ରାଥମିକ ସ୍କୁଲ ବୟସ ବର୍ଗର ଆଂଶିକ କିମ୍ବା ପୂର୍ଣ୍ଣ ଦୃଷ୍ଟିବାଧିତ ୧୨୦ ପିଲାଙ୍କୁ ଚିହ୍ନଟ କରି ସ୍କୁଲରେ ନାମ ଲେଖାଇ ପାରିଛନ୍ତି। ଏହି ପିଲାମାନେ ଅନ୍ୟମାନଙ୍କ ଭଳି ସବୁଦିନ ସ୍କୁଲ ଯାଉଛନ୍ତି। ସରକାରୀ ସ୍କୁଲଗୁଡ଼ିକରେ ପାଠ୍ୟ ଉପକରଣ ସୁବିଧା ମଧ୍ୟ କରାଯାଇଛି। ସବୁ ପୁସ୍ତକର ବିଷୟଗୁଡ଼ିକୁ ବ୍ରେଲିକୁ ବଦଳାଇ ପଢ଼ିବାର ବ୍ୟବସ୍ଥା କରିଛନ୍ତି ରିଚା। ପିଲାମାନଙ୍କୁ ଅକ୍ଷର ଚିହ୍ନାଇବା ପାଇଁ ବ୍ରେଲି ପ୍ରଶିକ୍ଷଣ ଦିଆଯାଉଛି। ଏଥିନିମନ୍ତେ ଶିକ୍ଷକ, କର୍ମଚାରୀମାନଙ୍କୁ ନେଇ କର୍ମଶାଳା ଆୟୋଜନ କରାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୬ ଜାନୁୟାରୀ ୧୯୯୮

- ବାଂଲାଦେଶର ଉତ୍ତରାଞ୍ଚଳରେ ପ୍ରବଳ ଶୀତ ପ୍ରଭାବରେ ୧୬୫ ଜଣଙ୍କ ମୃତ୍ୟୁ।
- ରାଷ୍ଟ୍ରୀୟ ଜନତା ଦଳର ନେତା ଲାଲୁ ପ୍ରସାଦ ଯାଦବଙ୍କ ନେତୃତ୍ୱରେ ୭ଟି ଧର୍ମନିରପେକ୍ଷ ଦଳକୁ ନେଇ 'ଜନ ମୋର୍ଚ୍ଚା' ଗଠିତ।
- ଗୁଜରାଟ ମୁଖ୍ୟମନ୍ତ୍ରୀ ଦିଲ୍ଲୀପ ପାରିଖ ରାଜ୍ୟପାଳ କ୍ରିଷ୍ଣପାଲ ସିଂଙ୍କୁ ତାଙ୍କ ମନ୍ତ୍ରିମଣ୍ଡଳର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି।
- ବର୍ଷିୟାନ ଅଭିନେତ୍ରୀ ଉମା ବାନାର୍ଜୀଙ୍କ ୮୬ ବର୍ଷ ବୟସରେ ପରଲୋକ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | 2 | | | | | 8 | | |
| | | 1 | | | | | | |
| 6 | | | 2 | 5 | | | | |
| | | | | | | 4 | | |
| 5 | 9 | | | | | | | 6 |
| | | | | 3 | 5 | | | 1 |
| 2 | | 4 | | 7 | | | 3 | |
| 1 | | | 6 | | | | | |
| | 3 | | | | 8 | | 6 | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 8 | 9 | 1 | 2 | 4 | 3 | 6 |
| 4 | 1 | 6 | 3 | 8 | 5 | 9 | 7 | 2 |
| 3 | 9 | 2 | 7 | 6 | 4 | 5 | 1 | 8 |
| 9 | 6 | 1 | 2 | 5 | 8 | 7 | 4 | 3 |
| 5 | 8 | 4 | 1 | 7 | 3 | 6 | 2 | 9 |
| 2 | 3 | 7 | 4 | 9 | 6 | 8 | 5 | 1 |
| 1 | 4 | 9 | 6 | 2 | 7 | 3 | 8 | 5 |
| 6 | 7 | 5 | 8 | 3 | 1 | 2 | 9 | 4 |
| 8 | 2 | 3 | 5 | 4 | 9 | 1 | 6 | 7 |

ଗତକାଲିର ଉତ୍ତର

# କିଶୋର ନ୍ୟାୟ ବ୍ୟବସ୍ଥାରେ ପ୍ରାରମ୍ଭିକ ମୂଲ୍ୟାଙ୍କନ



ରାଜୀବ କୁମାର ନାୟକ

କିଛିଦିନ ପୂର୍ବରୁ କାଠୁଆ ଗଣବଳାତ୍କାର ଘଟଣାର ନାବାଳକ ଅଭିଯୁକ୍ତଙ୍କୁ କିଶୋର ନ୍ୟାୟ ପରିଷଦର ନିଷ୍ପତ୍ତି ବିରୋଧରେ ଉଚ୍ଚତମ ନ୍ୟାୟାଳୟ ଦେଇଥିବା ନିର୍ଦ୍ଦେଶ ବାସ୍ତବିକ ସ୍ୱାଗତ ଯୋଗ୍ୟ। ଦିଲ୍ଲୀ ଗଣବଳାତ୍କାର ମାମଲାରେ ଜଣେ ନାବାଳକ ଜଡ଼ିତ ଥିବା ଏବଂ କିଶୋର ନ୍ୟାୟ ବୋର୍ଡର ଦଣ୍ଡ ଦେବାର କ୍ଷମତା ସର୍ବାଧିକ ତିନିବର୍ଷ ଥିବା କାରଣରୁ ସେତେବେଳେ ସମ୍ପୃକ୍ତ ଦୋଷୀ ମାତ୍ର ତିନିବର୍ଷ କାରାଦଣ୍ଡରେ ଦଣ୍ଡିତ ହୋଇଥିବାରୁ ସମଗ୍ର ଭାରତବର୍ଷରେ ଏଭଳି ଘଟଣା ସକାଶେ ଅଧିକରୁ ଅଧିକ ଦଣ୍ଡ ପ୍ରଦାନ ସକାଶେ ଦାବି ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ଶିଶୁମାନଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା ଆଇନ ୨୦୧୨ ଏବଂ କିଶୋର ନ୍ୟାୟ(ଶିଶୁ ମାନଙ୍କ ଯତ୍ନ ଏବଂ ସୁରକ୍ଷା)ଅଧିନିୟମରେ ଆମୂଳଚୂଳ ପରିବର୍ତ୍ତନ ଅଣାଯାଇଥିଲା। ଏହି ଭିତ୍ତିରେ ପ୍ରଥମ ଥର ସକାଶେ ଅଭିଯୁକ୍ତଙ୍କ ବୟସ ୧୬ରୁ ୧୮ ବର୍ଷ ମଧ୍ୟରେ ଥାଇ ସେ କୌଣସି ଜଘନ୍ୟ ଅପରାଧରେ ଜଡ଼ିତ ଥିବା ଅଭିଯୋଗ ଆସିଲେ କିଶୋର ନ୍ୟାୟ ପରିଷଦ ତରଫରୁ ମାମଲା ଆସିବାର ତିନିମାସ ମଧ୍ୟରେ ଏକ ପ୍ରାରମ୍ଭିକ ମୂଲ୍ୟାଙ୍କନ କରାଯିବାର ବ୍ୟବସ୍ଥା ସ୍ଥାନିତ ହେଲା। ବ୍ୟବସ୍ଥା ଅନୁଯାୟୀ ପ୍ରାରମ୍ଭିକ ଆକଳନ ସକାଶେ ଜଣେ ମନସ୍ତତ୍ତ୍ୱବିତ୍ ଆସି ଶିଶୁ ସହିତ ମତ ବିନିମୟ କରି ଏକ ରିପୋର୍ଟ ପ୍ରଦାନ କରିବେ। ଏଥିରେ ବିଶେଷତଃ ତିନୋଟି ବିଷୟ ଯଥା-୧. ସମ୍ପୃକ୍ତ ଶିଶୁ ଉକ୍ତ ଘଟଣା ଘଟାଇବା ସକାଶେ ଶାରୀରିକ ଏବଂ ମାନସିକ ଭାବରେ ସକ୍ଷମ କି ନା? ୨. ଶିଶୁଟି ଘଟଣାର ପରିଣାମ ସମ୍ବନ୍ଧରେ ଅବଗତ ଅଛି ନା ନାହିଁ? ଏବଂ ୩. ସେ କେଉଁ ପରିସ୍ଥିତିରେ ପଡ଼ି ଏ ଘଟଣା ଘଟାଇ ଥାଇପାରେ? ଆକଳନ କରିବାର ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ମନସ୍ତତ୍ତ୍ୱବିତ୍‌ଙ୍କ ରିପୋର୍ଟ, ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ରେ ଅବସ୍ଥାପିତ ଲିଗାଲ କମ୍ ପ୍ରୋବେଶନ ଅଫିସରଙ୍କ ଦ୍ୱାରା ପ୍ରଦତ୍ତ ସାମାଜିକ ଅନୁସନ୍ଧାନ ରିପୋର୍ଟ ଇତ୍ୟାଦି ଆଧାରରେ କିଶୋର ନ୍ୟାୟ ବୋର୍ଡ ଉକ୍ତ କେସ୍‌ଟିକୁ ନିଜ ପାଖରେ ରଖିବ କିମ୍ବା ସାବାଳକ ହିସାବରେ ତା'ର ବିଚାର କରାଯିବା ନିମିତ୍ତ ଚିଲ୍ଡ୍ରେନ୍‌ସ କୋର୍ଟକୁ ପଠାଇ ଦେବ। ଏଠାରେ କିଶୋର ନ୍ୟାୟ ବୋର୍ଡର ନିଷ୍ପତ୍ତି ଅନେକ ଗୁରୁତ୍ୱ ବହନ କରେ। ଯଦି କେସ୍‌ଟି ବୋର୍ଡରେ ରହିଲା ଏବଂ ଶିଶୁଟି ଅନୁସନ୍ଧାନ ପରେ ଦୋଷୀସାବ୍ୟସ୍ତ ହେଲା ତାକୁ ଅତିବେଶିରେ ତିନି ବର୍ଷ ପର୍ଯ୍ୟନ୍ତ ଦଣ୍ଡ ଦିଆଯାଇ ପାରିବ କିନ୍ତୁ କେସ୍‌ଟି ଯଦି ଚିଲ୍ଡ୍ରେନ୍‌ସ କୋର୍ଟକୁ ଯାଉଛି ସେଠାରେ ତାକୁ ବୟସ୍କ ଲୋକ ଭଳି ଧରା ଯାଇ ବିଚାର ହେବ ଏବଂ ସେଠାରେ ଦୋଷୀସାବ୍ୟସ୍ତ ହେଲେ ଘଟଣାର ଗଭୀରତାକୁ ଭିତ୍ତିକରି ଦୀର୍ଘବର୍ଷ ସକାଶେ କାରାଦଣ୍ଡର ଆଦେଶ ହୋଇପାରେ। ଏହି ପ୍ରସଙ୍ଗରେ କାଠୁଆ ଗଣବଳାତ୍କାର ମାମଲା ଏବଂ ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ବେଶ୍ ଗୁରୁତ୍ୱ ବହନ କରେ।

ସୁପ୍ରିମକୋର୍ଟଙ୍କ କହିବା କଥା ହେଲା ଏହା ଯେହେତୁ ମାତ୍ର ଆଠବର୍ଷର ଜଣେ ଝିଅ ଉପରେ ଏକ ଗଣବଳାତ୍କାର ମାମଲା ଛୋଟ ଘଟଣା ନୁହେଁ ଏବଂ ଏହା ଯୋଜନାବଦ୍ଧ ଭାବରେ ହୋଇଥିବା କଥାକୁ ଅସ୍ୱୀକାର କରାଯାଇ ନ ପାରେ। ତେଣୁ ଏଭଳି ଏକ ସ୍ପର୍ଶକାତର ଘଟଣାର ଅଭିଯୁକ୍ତ ନାବାଳକ ହୋଇଥିଲେ ହେଁ ତା'ର ବିଚାର ଚିଲ୍ଡ୍ରେନ୍‌ସ କୋର୍ଟରେ ହେବା ବାଞ୍ଛନୀୟ।



କିଶୋର ନ୍ୟାୟ ପରିଷଦ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ସମ୍ପୃକ୍ତ ଶିଶୁର ବିଚାର ବୋର୍ଡରେ କରାଯିବାକୁ ସେ ନାପସନ୍ଦ କରିଛନ୍ତି। ଏଠାରେ ନ୍ୟାୟାଳୟଙ୍କ କଥା ଠିକ୍ କିନ୍ତୁ ଅନେକ ସ୍ଥାନରେ ଦେଖାଯାଉଛି ଅଭିଯୁକ୍ତ ଶିଶୁର ବୟସ ଯଦି ୧୬ରୁ ୧୮ମଧ୍ୟରେ ରହୁଛି ଏବଂ ଅଭିଯୋଗଟି ଜଘନ୍ୟ ଅପରାଧ ଶ୍ରେଣୀୟ ତା'ହେଲେ କିଶୋର ନ୍ୟାୟ ବୋର୍ଡ କାଳବିଳମ୍ବ ନ କରି କେସ୍‌ଟିକୁ ଉଚିତ ତର୍ଜମା ନ କରି ସିଧାସଳଖ ଚିଲ୍ଡ୍ରେନ୍‌ସ କୋର୍ଟକୁ ପଠାଇ ଦେଉଛି। ଅନେକ ସ୍ଥଳରେ ପୁଅଝିଅ ପରସ୍ପରର ବୁଝାମଣା କ୍ରମେ ଶାରୀରିକ ସମ୍ପର୍କ ସ୍ଥାପନ କରି ଗର୍ଭଧାରଣ ହେଉ ବା ପଳାୟନ କରି ଏକତ୍ର ବସବାସ କରୁଥାନ୍ତି ଏବଂ ଝିଅର ପରିବାର ତରଫରୁ ମାମଲାଟି ପଞ୍ଜୀକୃତ ହୋଇଥାଏ କେସ୍‌ଟି ଚିଲ୍ଡ୍ରେନ୍‌ସ କୋର୍ଟକୁ ଚାଲିଯାଉଛି। ଏଭଳି କ୍ଷେତ୍ରରେ କିଛି ଜାଗାରେ ବୋର୍ଡ ଭାବୁଛି ଆମ ପାଖରୁ କେସ୍‌ଟେ ସରିଗଲେ ରକ୍ଷା , ଅଯଥା ମାମଲାର ସଂଖ୍ୟା ବଢ଼ାଇ ଲାଭ କ'ଣ ବରଂ ଚିଲ୍ଡ୍ରେନ୍‌ସ କୋର୍ଟରେ ଶିଶୁ ଯଦି ନିର୍ଦ୍ଦୋଷରେ ଖଲାସ ହେଉଛି ହେଉ। ଆଉ କିଛି ଜାଗାରେ ବୋର୍ଡ/କୋର୍ଟର ନାଁ ଶୁଣି ଶିଶୁଟି ଭୟ ପାଇଯାଉଛି, ଶିଶୁକୁ ସୁହାଇଲା ଭଳି ପରିବେଶ ଯେତେ ଦେଲେ ମଧ୍ୟ ସେ ମୁକ୍ତି ପାଇବ ଭାବି ସତକଥାକୁ ସାମନା ନ କରିବା ଫଳରେ ବୋର୍ଡର ହୃଦ୍‌ବୋଧ ହେଉଛି ଯେ ସେ ବୟସ୍କ ଲୋକ ଭଳି ବ୍ୟବହାର କରୁଛି ଏବଂ ଘଟଣାକୁ ଲୁଚାଇବାର ପ୍ରୟାସ କରୁଛି। ତେଣୁ ଆପଣା ହସ୍ତେ ଜିହ୍ୱା ଛେଦି ଭଳି ନିଜ ଭୁଲ୍ ଯୋଗୁ କେସ୍‌ଟି ଚିଲ୍ଡ୍ରେନ୍‌ସ କୋର୍ଟକୁ ସ୍ଥାନାନ୍ତରିତ ହେଉଛି। ଏଠି ପ୍ରରମ୍ଭିକ ମୂଲ୍ୟାଙ୍କନ ବେଳେ କିଶୋର ନ୍ୟାୟ ବୋର୍ଡର ଯଥେଷ୍ଟ କ୍ଷମତା ରହିଥିବାବେଳେ ଏହା ଏକ ଗୁରୁ ଦାୟିତ୍ୱ । ଏହାକୁ ସମ୍ବେଦନତାର ସହିତ ବିଚାର ନ କଲେ ଭୁଲ୍ ନିଷ୍ପତ୍ତି ହେବାର ସମ୍ଭାବନାକୁ ଅସ୍ୱୀକାର କରା ଯାଇ ନ ପାରେ, ଫଳତଃ ଅଭିଯୁକ୍ତ ଶିଶୁ ବା ପୀଡ଼ିତା ଉପଯୁକ୍ତ ନ୍ୟାୟ ପାଇବାରୁ ବଞ୍ଚିତ ହୋଇପାରନ୍ତି। ମନସ୍ତତ୍ତ୍ୱବିତ୍ ମଧ୍ୟ ଉପଯୁକ୍ତ ବର୍ଗର ଶିଶୁଙ୍କ ସକାଶେ ଉଦ୍ଦିଷ୍ଟ ସୂଚକାଙ୍କଭିତ୍ତିରେ ମୂଲ୍ୟାଙ୍କନ କରିବାରେ ବିଫଳ ହେଲେ ଉପଯୁକ୍ତ ଫଳ ପାଇ ନ ପାରନ୍ତି। ଠିକ୍ ସେହିପରି ସାମାଜିକ ଅନୁସନ୍ଧାନ ରିପୋର୍ଟ ପ୍ରସ୍ତୁତ କରିବା ନିମିତ୍ତ ଲିଗାଲ କମ୍ ପ୍ରୋବେଶନ ଅଫିସର କ୍ଷେତ୍ର ପରିଦର୍ଶନ କରି ଉପଯୁକ୍ତ ତଥ୍ୟ ସଂଗ୍ରହ କରିବାରେ ବିଫଳ ହେଲେ କେସ୍‌ର ଗତି ଅନ୍ୟ ପ୍ରକାର ହେବା ସମ୍ଭାବନାକୁ ଅସ୍ୱୀକାର କରା ଯାଇ ନ ପାରେ। ଏ ଉଭୟଙ୍କ ରିପୋର୍ଟକୁ ଆଧାର କରି ବୋର୍ଡ ଯେତେବେଳେ ନିଷ୍ପତ୍ତି ନେଉଛି ଉଭୟ ରିପୋର୍ଟର ଗୁଣବତ୍ତା ବେଶ୍ ଗୁରୁତ୍ୱ ବହନ କରେ। ଏତଦ୍‌ଭିନ୍ନ ବୋର୍ଡ ପାଖରେ ଦାଖଲ ହୋଇଥିବା ଅନ୍ୟାନ୍ୟ କାଗଜପତ୍ର ଯଥା- ପ୍ରାଥମିକ ସୂଚନା ରିପୋର୍ଟ, ଫାଇନାଲ ଫର୍ମ/ଚାର୍ଜସିଟ୍, ଡାକ୍ତରୀ ପରୀକ୍ଷା ରିପୋର୍ଟ ଇତ୍ୟାଦି ସହ ଶିଶୁ ସହିତ ହୋଇଥିବା ବାର୍ତ୍ତାଳାପକୁ ଭିତ୍ତିକରି ବୋର୍ଡ ନିଜ ନିଷ୍ପତ୍ତି ନେବ।

ତେଣୁ ପ୍ରାରମ୍ଭିକ ଆକଳନରେ ଜଡ଼ିତ ପ୍ରତ୍ୟେକ ଗୋଷ୍ଠୀ ଯଥା ଅଭିଯୁକ୍ତ ଶିଶୁ ତଥା ତା'ର ମାତାପିତା, ପୀଡିତା, ଓକିଲ, ମନସ୍ତତ୍ତ୍ୱବିତ୍, ଲିଗାଲ କମ୍ ପ୍ରୋବେଶନ୍‌ଅଫିସର, କିଶୋରନ୍ୟାୟବୋର୍ଡରସମସ୍ତ ସଦସ୍ୟ ସଚେତନ ହେବା ଆବଶ୍ୟକ। ଏହି ବ୍ୟବସ୍ଥାଟି କେଉଁଥିପାଇଁ ଉଦ୍ଦିଷ୍ଟ ତାହା ହୃଦୟଙ୍ଗମ କରିବା ଆବଶ୍ୟକ। ବିଶେଷକରି କିଶୋର ନ୍ୟାୟ ବୋର୍ଡ ଏହାକୁ ସମ୍ବେଦନଶୀଳତାର ସହିତ ବିଚାର କଲେ ଏହାର ମହତ୍ ଉଦ୍ଦେଶ୍ୟ ସାଧିତ ହୋଇପାରିବ।

**ପଦରପଡା, ଜି.-ବୌଦ୍ଧ**
**ମୋ- ୯୪୩୭୫୭୧୮୩୧**

## ପାଠକ ଶ୍ରେଷ୍ଠ ବିଚାରକ

### ବାଇକ୍ ପାଇଁ କଠୋର, ବଡ଼ଗାଡ଼ି ପାଳି କେବେ ?

ମହାଶୟ,

ଓଡ଼ିଶା ପୋଲିସର ଅପାରଗତାରୁ ଅଧିକାଂଶ ଅପରାଧୀ ନିର୍ଦ୍ଦୋଷରେ ଖସିଯାଉଥିବା ଯୋଗୁ ପୋଲିସ ବିଭାଗର ଦକ୍ଷତା ପ୍ରତି ଅଙ୍ଗୁଳି ଉଠୁଛି। ବିଭାଗୀୟ ଅପାରଗତାକୁ ଲୁଚାଇବା ପାଇଁ ଏବେ ପୋଲିସର ଅଜବ ନିୟମକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷ କରି ଏହି ନିୟମ ବଳରେ କେବଳ ବାଇକ ଚାଳକଙ୍କଠାରୁ ସିଧାସଳଖ ଜୋରିମାନା ଆଦାୟ କରିବାକୁ ପୋଲିସ ବାହାରିପଡ଼ିଛି। ଅନ୍ୟପକ୍ଷରେ ବଡ଼ ଗାଡ଼ି ଚାଳକମାନେ ନିୟମ ଉଲ୍ଲଘଂନ ସମେତ ମଦ୍ୟପାନ କରି ଦ୍ରୁତଗତିରେ ଗାଡ଼ି ଚାଳନା କରୁଥିବାରୁ ଛୋଟଯାନ ଚାଳକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଭାରିଯାନ ଏବଂ ଯାତ୍ରୀବାହୀ ବସ୍‌ଗୁଡ଼ିକ ଟ୍ରାଫିକର ସମସ୍ତ ନିୟମକୁ ଉଲ୍ଲଂଘନ କରୁଥିଲେ ମଧ୍ୟ ପୋଲିସର ନଜର ପଡୁ ନାହିଁ। ସେହିଭଳି ବଡ଼ଗାଡ଼ି ଚାଳକମାନେ ରଙ୍ଗ ସାଇଡରେ ପାର୍କିଂ ଓ ଡ୍ରାଇଭିଂ କରିବା, ଗାଡ଼ି ଚାଳନା ସମୟରେ ମୋବାଇଲ୍ ଫୋନରେ କଥା ହୋଇ ଗାଡ଼ି ଚଳାଇବା, ଅଯଥା ଓଭରଟେକିଂ, ଶ୍ରୁତିକଟୁ ହର୍ଣ୍ଣ ବ୍ୟବହାର ଇତ୍ୟାଦି ଦୁର୍ଘଟଣାର ମୁଖ୍ୟ କାରଣ ହେଉଛି।

**-ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

# ଧର୍ମ ଓ ଅଧର୍ମ



ଉଚ୍ଚିଦାନନ୍ଦ ଦାଶ

ସଂସ୍କୃତ ମହାଭାରତରେ କର୍ଣ୍ଣପର୍ବରେ କୃଷ୍ଣ ଅର୍ଜୁନଙ୍କୁ ଅଳ୍ପଜ୍ଞ ତପସ୍ୱୀ କୌଶିକଙ୍କ କାହାଣୀ କହିଥିଲେ, ''କୌଶିକଙ୍କ ଧର୍ମ ଥିଲା ସେ ସବୁବେଳେ ସତ କହିବେ, କେବେ ମିଛ ନ କହିଥିବାରୁ ସତ୍ୟବାଦୀ ବୋଲି ତାଙ୍କର ଖ୍ୟାତି ଥିଲା। ଦିନେ କେତେଜଣ ଲୋକ ଡକାୟତଙ୍କ କବଳରୁ ଖସି ଆସି ତାଙ୍କ ଆଶ୍ରମ ପାଖରେ ଆଶ୍ରୟ ନେଲେ। ଡକାୟତମାନେ ଖୋଜି ଖୋଜି କୌଶିକଙ୍କ ଆଶ୍ରମରେ ଆସି ପହଞ୍ଚିଲେ। ସେମାନେ କୌଶିକଙ୍କୁ ପଚାରିଲେ, କେତେଜଣ ଲୋକ ଆପଣଙ୍କ ଆଶ୍ରମବାଟେ ଆସିଥିଲେ, ସେମାନେ କେଉଁ ରାସ୍ତାରେ ଗଲେ ଆମକୁ କୁହନ୍ତୁ। ସତ୍ୟବାଦୀ କୌଶିକ କହିଲେ, ଏଇ ଜଙ୍ଗଲ ଭିତରେ ସେମାନେ ଲୁଚିଛନ୍ତି। ଡକାୟତମାନେ ସେମାନଙ୍କୁ ଖୋଜି ବାହାର କରି ନୃଶଂସ ଭାବରେ ହତ୍ୟା କଲେ ଓ ସେମାନଙ୍କର ଧନ ସମ୍ପତ୍ତି ଲୁଟି ନେଇଗଲେ। ଉପାଖ୍ୟାନ ଶେଷ କରି କୃଷ୍ଣ କହିଲେ - କୌଶିକ ଧର୍ମର ସୂକ୍ଷ୍ମ ତତ୍ତ୍ୱ ବୁଝି ନ ଥିଲେ। ତେଣୁ ଆଶ୍ରିତର ପ୍ରାଣରକ୍ଷା ଅପେକ୍ଷା ନିଜର ସତ୍ୟବାଦିତାକୁ ଶ୍ରେଷ୍ଠ ଧର୍ମ ବୋଲି ବିଚାର କଲେ। ଫଳରେ ସେ ପାପଗ୍ରସ୍ତ ହୋଇ ନରକରେ ପଡ଼ିଲେ।'' ଏ କାହାଣୀର ମୂଳ ଉପଦେଶ ହେଲା - ଯେଉଁଠି ସତ କହିଲେ ମିଛ କହିଲା ପରି ଅହିତ ହୁଏ, ସେଠି ସତ କହିବା ଅନୁଚିତ, ବରଂ ମିଛ କହିବା ହିଁ ଉଚିତ। ଅର୍ଥାତ୍ କୌଶିକ ମିଛ କହି ଧର୍ମର ଆଶ୍ରୟ ନେଇପାରିଥାନ୍ତେ, ମାତ୍ର ସତ କହି ଅଧର୍ମର ଆଶ୍ରୟ ନେଲେ।

ଏହି କାହାଣୀଟି ଯଦି ବିଭିନ୍ନ ଲୋକଙ୍କୁ କହି କୌଶିକଙ୍କର କ'ଣ କହିବା ଉଚିତ ଥିଲା ବୋଲି ପଚରାଯାଏ, ତା'ହେଲେ ସେମାନେ ବିଭିନ୍ନ ଉତ୍ତର ଦେବେ। କେତେକ କୌଶିକଙ୍କର ସତ୍ୟବାଦିତାକୁ ସମର୍ଥନ କରିବେ ଓ କେତେକ ତାଙ୍କର ମିଛ କହିବା ଉଚିତ ବୋଲି କହିବେ। ଏଠାରେ ମିଛ ଧର୍ମର ପ୍ରତୀକ ହେବା ସ୍ଥଳେ ସତ ଅଧର୍ମର ପ୍ରତୀକ। ଧର୍ମ ଓ ଅଧର୍ମ ନେଇ ଆଉ ଏକ ଛୋଟ ଉଦାହରଣ। ମଣିଷର ଡାହାଣ ହାତରେ ଖାଇବା ଧର୍ମ ଓ ବାମହାତରେ ଖାଇବା ଅଧର୍ମ ବୋଲି ସମସ୍ତେ ଭାବି ଥାଆନ୍ତି। ମାତ୍ର ଜଣେ ଶାରୀରିକ ଅକ୍ଷମ ବ୍ୟକ୍ତି ଯାହାର କି ଦକ୍ଷିଣ ହସ୍ତ କଟିଯାଇଛି, ସେ ତ ନିଶ୍ଚୟ ବାମ ହସ୍ତରେ ଖାଦ୍ୟ ଗ୍ରହଣ କରିବ। ତେଣୁ ଏଠି ବିଚାର କରିବା କଥା ଯେ ଏ କ୍ଷେତ୍ରରେ ବାମ ହସ୍ତରେ ଖାଦ୍ୟ ଖାଇଲେ ପାପ କି ଅଧର୍ମ ନୁହେଁ। କୌଶିକଙ୍କ ପରି କେତେ ଲୋକ ଧର୍ମ ଓ ଅଧର୍ମକୁ ଆକ୍ଷରିକ ଅର୍ଥରେ ବୁଝନ୍ତି ଓ ଭୀଷ୍ମ, ବିଦୁର ଏବଂ କୃଷ୍ଣଙ୍କ ପରି ଆଉ କେତେକ ଲୋକ ସୂକ୍ଷ୍ମ ଅର୍ଥରେ ବୁଝନ୍ତି। ଏପରି ପ୍ରଭେଦ କାହିଁକି ଦେଖାଯାଏ ? କାରଣ ଲୋକଙ୍କ ଭିତରେ ଆମେ ନୀତିଜ୍ଞାନ ଏବଂ ନ୍ୟାୟଜ୍ଞାନର ପ୍ରଭେଦ ଦେଖୁ, ଯାହାକି ଧର୍ମ ଓ ଅଧର୍ମକୁ ପ୍ରଭାବିତ କରିଥାଏ।

ଧର୍ମ ଓ ଅଧର୍ମର ପରିଭାଷା ନ୍ୟାୟନିଷ୍ଠ ତଥା ଅଭିପ୍ରାୟ ଅନୁସାରେ କାର୍ଯ୍ୟର ବିଚାର ଇତ୍ୟାଦି ଉପରେ ପର୍ଯ୍ୟବସିତ। ଏ ନେଇ ଏକ ଉଦାହରଣଟିଏ- ମଣିଷ ଦ୍ରୌପଦୀ, ଅହଲ୍ୟା, କୁନ୍ତୀ, ତାରା ଓ ମନ୍ଦୋଦରୀ ଏହି ପାଞ୍ଚ କନ୍ୟାଙ୍କୁ ସକାଳେ ସ୍ମରଣ କଲେ ନିଜର ସବୁ ପାପ ବା ଅଧର୍ମ ନଷ୍ଟ ହୋଇଥାଏ। ଅଥବା ଏହି ପାଞ୍ଚ କନ୍ୟା କାହିଁକି ପ୍ରାତଃ ସ୍ମରଣୀୟ ହେଲେ, ସେ ବିଷୟ ଭାବିଲେ ଆଶ୍ଚର୍ଯ୍ୟ ହେବେ। ସାଧାରଣ ଦୃଷ୍ଟିରେ ଦେଖିଲେ ପାଞ୍ଚଜଣ ଯାକ ଅସତୀ ଓ ଅଧର୍ମୀ, ମାତ୍ର ସେମାନଙ୍କର ଅସତୀତ୍ୱର ଅଭିପ୍ରାୟ ନ ଥିଲା। ଯଥା - ଅହଲ୍ୟା ଉପାୟହୀନ ହୋଇ ଇନ୍ଦ୍ରଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। କୁନ୍ତୀ ପାଣ୍ଡୁଙ୍କର ବଂଶ ରକ୍ଷା କରିବା ପାଇଁ ସ୍ୱାମୀଙ୍କର ଅନୁମତି ନେଇ ପଞ୍ଚ ଦେବତାଙ୍କର ଔରସରୁ ପୁତ୍ରଲାଭ କରିଥିଲେ। ଦ୍ରୌପଦୀ ପଞ୍ଚୁପାଣ୍ଡବଙ୍କ ପ୍ରତିଜ୍ଞା ରକ୍ଷା କରିବା ଲାଗି ପାଞ୍ଚ ଜଣଙ୍କୁ ବିବାହ କରିଥିଲେ। ତାରା ଓ ମନ୍ଦୋଦରୀ ଗୃହ ବିବାଦରୁ ନିଜର ରାଜ୍ୟ ରକ୍ଷା କରିବା ପାଇଁ ରାମଙ୍କ ଅନୁରୋଧରେ ନିଜ ସ୍ୱାମୀଙ୍କ ଶତ୍ରୁକୁ ବିବାହ କରିଥିଲେ। ବୃହତ୍ତର କଲ୍ୟାଣ ପ୍ରତି ଲକ୍ଷ୍ୟ ରଖି ଏପରି ବିବାହକରି ସେମାନେ କ୍ଷମା ଓ ତ୍ୟାଗର ପରାକାଷ୍ଠା ଦେଖାଇ ଆର୍ଯ୍ୟମାନଙ୍କ ମନରେ ଧର୍ମୀୟ ଭାବନାର ଜାଗ୍ରତ କରାଇଥିଲେ। ମାତ୍ର ପାଞ୍ଚ କନ୍ୟା ଯଦି ଏହାର ବ୍ୟତିକ୍ରମ କରିଥାନ୍ତେ, ସେମାନେ ଅଧର୍ମର ଶିକୁଳିରେ ବନ୍ଧା ହୋଇ ରହି ଯାଇଥାନ୍ତେ। ଏଥିରୁ ଆମେ ଏହା ସିଦ୍ଧାନ୍ତ କରୁଛୁ ଯେ, ମଣିଷ ଯାହାକୁ ଅଧର୍ମ ଭାବେ ତାହା କୌଣସି ଏକ ପରିସ୍ଥିତିରେ ଧର୍ମ ହୋଇପାରେ ଏବଂ ଯାହାକୁ ଧର୍ମ ବୋଲି ଭାବେ ତାହା ଅବସ୍ଥା ଭିତରେ ଅଧର୍ମ ହୋଇପାରେ। ମନୋବିଜ୍ଞାନୀ କୋଲବାର୍ଗଙ୍କ ଗବେଷଣାରୁ ଜଣାପଡ଼େ ଯେ, ଯିଏ ନ୍ୟାୟନୀତିର ଅର୍ଥ ହୃଦୟଙ୍ଗମ କରିଛି ସେପରି ଲୋକ ଅଧର୍ମ ବା ଅନ୍ୟାୟ କାମରେ କ୍ୱଚିତ ଲିପ୍ତ ହେଉଛି। ତେଣୁ ଆମେ ଧର୍ମ କରିବା ନା ଅଧର୍ମ କରିବା ବିଚାର ଆପଣଙ୍କ ହାତରେ।

**ମୋ : ୯୯୩୮୧୮୧୩୨୦**
**ସିଡିଏ, ସେକ୍ଟର-୭, କଟକ**

## ଚିରନ୍ତନୀ

ବଂଶୀ କାନ୍ଦିଗଲା ଦୂର ବିଲବନପଥେ
ସ୍ୱର ରହିଗଲା ଏ ମୋର ମରମଗତେ,
ଦୂର ଅତୀତର ଶୁଭୁଥିଲା ଭାଷା
କି ଗହନ ବ୍ୟଥା ଦୁରନ୍ତ ଦୂରାଶା
ସନ୍ଧ୍ୟା ସୁନ୍ଦରୀ ସ୍ୱର୍ଣ୍ଣ ମେଘର ରଥେ
କସଜଳ ନୟନେ ଚାହିଁଥିଲା ବନପଥେ।
-(ଲୋହିତ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବନ ବିଭାଗ ପକ୍ଷରୁ ବିୟୁଟି ପାର୍ଲର ତାଲିମ

ଦେଓଗାଁ,(ଡି.ଏନ.ଏ.): ଦେଓଗାଁ ବ୍ଲକ ଚନ୍ଦ୍ରପୁର ଡକୁଆ ପଡାରେ ଗୁରୁବାର ବନବିଭାଗ ପକ୍ଷରୁ ବିୟୁଟି ପାର୍ଲର ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ରେଞ୍ଜର ଆଲୋକ କୁମାର ମାଝିଙ୍କ ସଭାପତିତ୍ୱ ତଥା ନରେନ୍ଦ୍ର ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷ ଦୟାନିଧି ଖମାରୀ ଯୋଗଦେଇ ଶୁଭାରମ୍ଭ କରିଥିଲେ । ଗ୍ରାମାଞ୍ଚଳରେ ଶିକ୍ଷିତ ଯୁବତୀ ଆତ୍ମ ନିର୍ଭରଶୀଳ ପାଇଁ ଏଭଳି ପ୍ରଶିକ୍ଷଣର ସୁଯୋଗ ନେବାପାଇଁ ସେ ଆହ୍ୱାନ କରିଥିଲେ । ଜେଏସଏସ ନିର୍ଦ୍ଦେଶିକା ସଂଘମିତ୍ରା ଜେନା, ଏପିଓ ବିଷ୍ଣୁପ୍ରସାଦ ଦାସ ଉପସ୍ଥିତ ଥିଲେ ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ସତ୍ୟ



@ ଜଗଦାନନ୍ଦ



@ ତାପସ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ, ଅଭିଭାବକ

■ଶିକ୍ଷୟିତ୍ରୀଙ୍କୁ ବଦଳି ଦାବି

■ଦାବି ପୂରଣ ନ ହେଲେ ଆନ୍ଦୋଳନ

ଭବାନୀପାଟଣା,୫।୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ବନ୍ଧପାରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ତିଲୋତ୍ତମା ଦଳେଇଙ୍କୁ ବଦଳି ଦାବି କରାଯାଇଛି । ଏହି ପରିପ୍ରେକ୍ଷୀରେ ଗୁରୁବାର ଗ୍ରାମବାସୀ ଓ ଅଭିଭାବକ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଅଭିଯୋଗ ଅନୁଯାୟୀ, ବନ୍ଧପାରି ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ତିଲୋତ୍ତମା ୨୦୧୮ରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଯୋଗଦେଇଥିଲେ । ଏହା ପରଠାରୁ ସେ ସ୍କୁଲରେ ଅନେକ ଅନିୟମିତତା କରିଆସୁଥିଲେ । ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନ ଭୋଜନ ଚାଉଳ ହଡ଼ପ ଓ କୋଭିଡ୍ ସହାୟତା ରାଶି ଚଳୁ କରିଥିବା ଅଭିଯୋଗ ହୋଇଥିଲା । ଏ ନେଇ ଅଭିଯୋଗ ହେବା ପରେ ଜିଲାପାଳ ସେହି ସମୟରେ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ତଦନ୍ତ ପରେ ଅନିୟମିତତା ଜଣାପଡିଥିଲା । ଫଳରେ ଜିଲା ଶିକ୍ଷା ବିଭାଗ କାର୍ଯ୍ୟାନୁଷ୍ଠାନ ନେଇ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅନ୍ୟ ସ୍କୁଲକୁ ସ୍ଥାନାନ୍ତର କରିଥିଲା । ଏହାର କିଛି ଦିନ ପରେ ସମ୍ପୃକ୍ତା ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବନ୍ଧପାରି ସ୍କୁଲକୁ ପୁଣି ବଦଳି ହୋଇଛି । ଏହାକୁ ନେଇ ଗ୍ରାମବାସୀ ଓ ସ୍କୁଲ କମିଟି ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ଶିକ୍ଷୟିତ୍ରୀ ତିଲୋତ୍ତମା ଦଳେଇଙ୍କୁ ଅନ୍ୟତ୍ର ବଦଳି ଦାବିରେ ଜିଲାପାଳଙ୍କ ଦ୍ୱାରସ୍ଥ ହେବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଯଥାଶୀଘ୍ର ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ପଦକ୍ଷେପ ଗ୍ରହଣ ନ କଲେ ସ୍କୁଲ ଗେଟରେ ତାଲା ପକାଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ଗ୍ରାମବାସୀ ଓ ଅଭିଭାବକ ଚେତାବନୀ ଦେଇଛନ୍ତି ।



ଗ୍ରାମବାସୀ, ଅଭିଭାବକ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

# ଭାଜପାର ସାଙ୍ଗଠନିକ ବୈଠକ

ଧର୍ମଗଡ଼,୫।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଭାଜପା ଧର୍ମଗଡ଼ ମଣ୍ଡଳର ସାଙ୍ଗଠନିକ ବୈଠକ ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଥିଲା । ମଣ୍ଡଳ ସଭାପତି ହରେକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ଯୋଗଦେଇଥିଲେ । ଆଗାମୀ ଦିନରେ କାର୍ଯ୍ୟକର୍ତ୍ତାଙ୍କ କଠିନ ପରିଶ୍ରମ ଓ ପ୍ରୟାସ ବଳରେ ସଶକ୍ତ ମଣ୍ଡଳ ସହିତ ଆଦର୍ଶ ବୁଥ ଗଠନ ହେଲେ ଭାଜପା ରାଜ୍ୟରେ ଶାସନରେ ଆସିବା ସହିତ କେନ୍ଦ୍ରର ମୋଦି ସରକାରଙ୍କ ହାତ ମୁଠାକୁ ସୁଦୃଢ଼ କରି ପାରିବା ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ଧର୍ମଗଡ ଓ ବେହେରା ଅଞ୍ଚଳର ସ୍ଥାନୀୟ ନେତୃତ୍ୱ ଭାଜପା ଆଦର୍ଶ ଓ ମୋଦୀଙ୍କ ବିକାଶମୁଖୀ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ପରିଷଦ ସଦସ୍ୟ ଧନଞ୍ଜୟ ପାତ୍ର, ନଗରପାଳ ଅଶୋକ କୁମାର ମହାନ୍ତି, କୃଷକ ମୋର୍ଚ୍ଚା ରାଜ୍ୟ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଅପରେଶ ସ୍ୱାଇଁ, ଯୁବମୋର୍ଚ୍ଚା ନବରଙ୍ଗପୁର ଜିଲା ପ୍ରଭାରୀ ହିମାଂଶୁ ଶେଖର ପଣ୍ଡା, ଜିଲା ଉପସଭାପତି ଲକ୍ଷ୍ମୀକାନ୍ତ ବାଗ, ଜିଲା ସାଧାରଣ ସମ୍ପାଦକ ସୁଧୀର ପାଟଯୋଶୀ, ଜିଲା ଆଇନ ସେବା ପ୍ରକୋଷ୍ଠ ସଂଯୋଜକ ଘନଶ୍ୟାମ ଅଗ୍ରୱାଲ, ଧର୍ମଗଡ ନଗରମଣ୍ଡଳ ପ୍ରଭାରୀ ଶିଶୁଦେବ ମୁଣ୍ଡ, ମଣ୍ଡଳ ସାଧାରଣ ସମ୍ପାଦକ ଡମ୍ବରୁଧର ଠାକୁର, ଘନଶ୍ୟାମ ଭାଟି, ଯୁବମୋର୍ଚ୍ଚା ଜିଲା ଉପସଭାପତି ମନୀନ୍ଦ୍ର ଭୂଷଣ ପାତ୍ର, ଏମ୍‌ପି ପ୍ରତିନିଧି ହେମନ୍ତ କୁମାର ମାଝି, କାଉନସିଲର ପ୍ରବୀଣ କୁମାର ପଣ୍ଡା, ଅଞ୍ଜନା ମାଝିଙ୍କ ସହିତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।


ZILLA SWASTHYA SAMITI, ANGUL
O/o. CDM & PHO-cum-District Mission Director, Angul
TENDER CALL NOTICE
No. 33 Date: 04.01.2023
No. E-798: Sealed tenders are invited from Registered Agencies/ Firms for printing & supply of IEC materials in Angul district. Details regarding eligibility criteria, terms & conditions and the formats for submission of tender (Technical & Price Bid) may be downloaded from the website i.e. www.angul.nic.in. The undersigned reserves the rights to reject any or all the tenders without assigning any reason thereof.
Sd./- CDM & PHO-cum-District Mission Director, Angul
OIPR-10142/11/0002/2223


# ଧବଳେଶ୍ୱର ବାବା ଯୁବକ ସଂଘ ବାର୍ଷିକ ଉତ୍ସବ



ଧବଳେଶ୍ୱର ବାବା ଯୁବକ ସଂଘର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

କଣ୍ଟାବାଞ୍ଜି, ୫।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି କୁକୁଡାହାଡ ଧବଳେଶ୍ୱର ବାବା ଯୁବକ ସଂଘର ୧୦ତମ ବାର୍ଷିକ ଉତ୍ସବ ଗୁରୁବାର ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ଧର୍ମେନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ବିଧାୟକ ସନ୍ତୋଷ ସିଂ ସାଲୁଜା, ସମ୍ମାନୀତ ଅତିଥିଭାବେ ତୁରେକେଲା ପଞ୍ଚାୟତ ସମିତି ଅଧକ୍ଷା ପୂଜା ବେହେରା, ଜିଲା ପରିଷଦ ସଭ୍ୟ କୌଶିକ ମେହେର, ବିଧାୟକ ପ୍ରତିନିଧି କାର୍ତ୍ତିକ ପୁଟେଲ, କଳାକାର ଶତ୍ରୁଘନ ବେହେରା ମଞ୍ଚାସୀନ ଥିଲେ । ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୂର୍ବରୁ ଆୟୋଜିତ ଦୌଡ, ଲମ୍ଫଡିଆଁ, ବେଙ୍ଗଡିଆଁ, ପୁଚିଖେଳ, ନାଚ ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଯୁବକ ସଂଘର ନବ ବେହେରା, ସୁରେଶ ବାଗ, ଜଳେନ୍ଦ୍ର ବାଗ, ସୁରେଶ କୁଅଁର, ଅଜୟ ବେହେରା ସହଯୋଗ କରିଥିଲେ । ଏହି ଅବସରରେ ଯୁବକ ସଂଘ କାର୍ଯ୍ୟାଳୟ ପାଚେରି ନିର୍ମାଣ ପାଇଁ ବିଧାୟକ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ବିଧାୟକ ପ୍ରତିଶ୍ରୁତ ଦେଇଥିଲେ । ଏହା ପରେ କୁକୁଡାହାଡରେ ନିର୍ମିତ ମିଶନ ଶକ୍ତି ଗୃହର ଉଦ୍‌ଘାଟନ କରିଥିଲେ ବିଧାୟକ ।

# ଉପଖଣ୍ଡ ଡାକ୍ତରଖାନାରେ ଛାତ୍ରୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

ଟିଟିଲାଗଡ଼, ୫।୧(ଡି.ଏନ.ଏ.)

ଟିଟିଲାଗଡ ଉପଖଣ୍ଡ ମୁଖ୍ୟ ସରକାରୀ ଡାକ୍ତରଖାନାରେ ସ୍ଥାନୀୟ ହାଟପଦା ପଡାର ଜଣେ ୨୦ବର୍ଷିୟା ଛାତ୍ରୀଙ୍କ ମୃତ୍ୟୁକୁ ନେଇ ଗୁରୁବାର ଉତ୍ତେଜନା ପ୍ରକାଶ ପାଇଥିଲା । ଛାତ୍ରୀ ଜଣକ ଅସୁସ୍ଥ ହେବା ନେଇ ପରିବାର ଲୋକେ ଡାକ୍ତରଖାନାକୁ ଆଣିଥିଲେ । ତେବେ ଜନୈକ ଡାକ୍ତର ଏକ ଇଞ୍ଜେକ୍ସନ ଦେବା ପରେ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା । ଏନେଇ ପରିବାର ଲୋକେ ଓ ସ୍ଥାନୀୟ ଲୋକେ ଡାକ୍ତରଖାନାକୁ ଆସି ପାଟିତୁଣ୍ଡ କରିଥିଲେ । ଘଟଣାସ୍ଥଳରେ ଉପଖଣ୍ଡ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦିପ ନାୟକ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ଶାନ୍ତ କରିବାକୁ ଉଦ୍ୟମ କରିଥିଲେ । ଖବର ପାଇ ଟିଟିଲାଗଡ ଥାନା ଅଧିକାରୀ ରଞ୍ଜନ ବରିହା ପହଞ୍ଚିବା ସହ ଲୋକଙ୍କ ସହ ଆଲୋଚନା କରିଥିଲେ । ଏନେଇ ପୋଲିସ ଏକ ମାମଲା ରୁଜୁ କରିଛି । ଛାତ୍ରୀଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ।


OFFICE OF THE HEAD MASTER
KASTURBA GANDHI BALIKA VIDYALAYA, NUAPADA
SAMAGRA SHIKSHA, NUAPADA
SHORT TENDER CALL NTOCE
No.21 Date 05.01.2023
Sealed tenders are invited from the intending registered and reputed Firms/ Suppliers having valid GST registration for supply of Grocery items to KGBV Hostel of Nuapada Block, Nuapada District. The tender notice along with detailed terms and conditions and the list of items / materials to be supplied can be downloaded from the official website of Nuapada district www.nuapada.nic.in and OSEPA website www.osepa.odisha.gov.in from dt.05.01.2023 to 12.01.2023. The sealed tender papers completed in all respects along with requisite earnest money and tender paper cost in shape of Bank Draft/ Bankers Cheque drawn in favour of KASTURBA GANDHI BALIKA VIDYALAYA, NUAPADA payable at Nuapada must be submitted to KGBV, Nuapada on or before 12.01.2023 by 5 P.M. through Regd./ Speed Post only. The details regarding submission of EMD, tender paper cost and address for submission of tender paper are available in enclosed tender documents. The tender will be opened on Dt.17.01.2023 at 11 A.M. in the Office of the H.M., KGBV, Nuapada.
The undersigned reserves the right to reject any tender in whole or in part without assigning any reason thereof. Any dispute in the process be subject to the court of jurisdiction of Nuapada District.
Sd./- Head Master (I/c), KGBV, Nuapada


## କୋଚ ଶିବପ୍ରସାଦ ପଟ୍ଟନାୟକ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ

# ଖଲିଆପାଲି ଚାମ୍ପିୟନ



ବିଜୟୀ ଦଳ ଖଲିଆପାଲିକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି ।

ବଲାଙ୍ଗୀର ଅଫିସ, ୫।୧

ବଲାଙ୍ଗୀର ଖଲିଆପାଲି ଆମ୍ବେଦକର ଷ୍ଟାଡିୟମରେ ଖଲିଆପାଲି ଜଗନ୍ନାଥ ସ୍ପୋର୍ଟିଂ କ୍ଲବ ଏବଂ ବଲାଙ୍ଗୀର ସ୍ପୋର୍ଟସ୍ ହଷ୍ଟେଲ ମିଳିତ ଆନୁକୂଲ୍ୟରେ ଆୟୋଜିତ ତୃତୀୟ କୋଚ୍ ଶିବପ୍ରସାଦ ପଟ୍ଟନାୟକ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଛି । ଖଲିଆପାଲି ଦଳ ଟ୍ରାଇବ୍ରେକର ସଡନ୍ ଡେଥ୍ ଜରିଆରେ ତେନ୍ତୁଲିଖୁଣ୍ଟି ଦଳକୁ ହରାଇ ଚାମ୍ପିୟନ ହୋଇଛି । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡିଶା ପୋଲିସ କୋଚ କଟକର ମହମ୍ମଦ୍ ଶହିଦ୍ ଜବାର, ପୂର୍ବତନ ପୋଲିସ କମାଣ୍ଡାଣ୍ଟ ବିଜୟ ପ୍ରକାଶ ବାବୁ, ଝାରସୁଗୁଡା ପୋଲିସ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଭବାନୀ ଶଙ୍କର ସେଠ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ସୁପ୍ରିମଟାକ୍ସ ନିର୍ଦ୍ଦେଶକ ଅଜିତ ପାଲ, ସମାଜସେବୀ ସଞ୍ଜୀବ ରଞ୍ଜନ ସେଠ, ଜିଲା ଫୁଟବଲ ସମ୍ପାଦକ ହେମନ୍ତ କୁମାର ବେହେରା, ଜିଲା କ୍ରୀଡା ସଂସଦ ବରିଷ୍ଠ ସଦସ୍ୟ ଡା.ସିଦ୍ଧେଶ୍ୱର ମିଶ୍ର, ପୂର୍ବ ଖେଳାଳୀ ସୁରେଶ କୁମାର ମହାରଣା ଓ ଦିଗାମ୍ବର ନାଏକ ମଞ୍ଚାସୀନ ଥିଲେ । ନାରାୟଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ସମ୍ପାଦକ ଅଭିମନ୍ୟୁ ପାଣ୍ଡେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅତଥିମାନେ ଚାମ୍ପିୟନ ଖଲିଆପାଲି ଦଳକୁ ବିଜୟୀ ଟ୍ରଫି ସହ ୧୦ ହଜାର ଟଙ୍କା ଏବଂ ଉପବିଜେତା ତେନ୍ତୁଲି ଖୁଣ୍ଟ ଦଳକୁ ରନର୍ସ ଅପ୍ ଟ୍ରଫି ସହ ୭ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ ।

# ୧୬ତମ ରୋୟଲ କପ୍ କ୍ରିକେଟ ଚାମ୍ପିୟନଶିପ ଉଦ୍‌ଘାଟିତ

ନୂଆପଡ଼ା ଅଫିସ,୫।୧

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଗନିଆରି ଖେଳ ପଡିଆରେ ରୋୟଲ କ୍ଲବ ଦ୍ୱାରା ଆୟୋଜିତ ୧୬ତମ ରୋୟଲ କପ କ୍ରିକେଟ ଚାମ୍ପିୟନଶିପ ଉଦଘାଟିତ ହୋଇଯାଇଛି । ଟୁର୍ନାମେଣ୍ଟରେ ଜିଲାର ୧୬ଟି ଦଳ ଭାଗ ନେବା କାର୍ଯ୍ୟକ୍ରମ ରହିଛି । ଉଦଘାଟନୀ ଉତ୍ସବରେ ଜିଲା ପରିଷଦ ସଦସ୍ୟ ତଥା ଜିଲା ବିଜଦ ଉପ ସଭାପତି ଭାନୁ ପ୍ରତାପ ସିଂ ମାଝି ମୁଖ୍ୟଅତିଥି, ଜିଲା ବିଜଦ ସମ୍ପାଦକ ସୁଧିର ମିଶ୍ର, ଲୋକନାଥ ରଥ, ରାଜ କିରଣ ସିଂଦେଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରିକେଟ ମ୍ୟାଚ ଉଦଘାଟନ କରିଥିଲେ । ଉଦ୍‌ଘାଟନୀ ମ୍ୟାଚ ବଘାମୁଣ୍ଡା ଓ ଜଡାମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବଘାମୁଣ୍ଡା ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୧୧୭ ରନ ସଂଗ୍ରହ କରିଥିଲେ । ଜବାବରେ ଜଡାମୁଣ୍ଡା ଦଳ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୫୦ ରନ କରିବାରେ ସମର୍ଥ ହୋଇଥିଲେ । ଫଳରେ ବଘାମୁଣ୍ଡା ବିଜୟୀ ହୋଇଥିଲା । ରୋୟଲ କ୍ଲବ ସଦସ୍ୟ ଥୟରାମ ହଂସ, ଟିକେଶ୍ୱର ହଂସ, ମୋହନ ହଂସ, ସହଦେବ ଥପା, ଲାଲୁ ନିଆଲ, ରମେଶ ନାଗ, ଦୀପକ ବାଗ, କୈସପ ଶଗରିଆ, ଯଶୋବନ୍ତ ହଂସ ପ୍ରମୁଖ ସହଯୋଗ କରିଛନ୍ତି ।


CANCELLATION OF TENDER CALL NOTICE FOR TABLEAU DISPLAY
(Tender Reference No. 4775/09.12.2022, E-716)
NO. E-802: The Tender Call Notice related to display of Tableau in State Level Republic Day Parade - 2023 published in 'Dharitri' & 'Prameya' Odia daily on 13.12.2022 is hereby cancelled due to inevitable reasons.
Sd./- Director
STATE INSTITUTE OF HEALTH & FAMILY WELFARE, ODISHA
OIPR-10003/11/0127/2223



ପୂର୍ବ ତଟ ରେଳପଥ
ଇ-ଟେଣ୍ଡର ବିଜ୍ଞପ୍ତି ସଂ.17-SBP-TRD-OT-2022-23, ତା.03.01.2023ରିଖ
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳରେ ବଣ୍ଡିଙ୍ଗ୍ (Bonding) କାର୍ଯ୍ୟ ।
ଆନୁମାନିକ ମୂଲ୍ୟ (ଟଙ୍କାରେ): 11,66,072.07, EMD (ଟଙ୍କାରେ): 23,300/-, ଶେଷ ହେବା ଅବଧି: 12 ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.25.01.2023 ରିଖ 1530 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-881/N/22-23



ZILLA PARISAD, KALAHANDI
CORRIGENDUM
No. 86 Dt.05.01.2023
No. CAD-4370: Due to some technical problem the following dates & time of the bid identification No. ZP-T-1/2022-23 are rescheduled as below:

| | | | |
|---|---|---|---|
| 1 | Date and time of availability of bid document in the portal | : | 11.00 hrs. of 10.01.2023 to 17.00 hrs. of 18.01.2023 |
| 2 | Last date/time for receipt of bid in the portal | : | 17.00 hour of 18.01.2023 |
| 3 | Date & Venue of Opening of the Bid | : | On 19.01.2023 at 11.00 A.M. in the Office of the Zilla Parisad, Kalahandi |

Sd./- CDO-cum-EO
Zilla Parisad, Kalahandi
OIPR-19287/11/0003/2223


# ନୂଆପଡ଼ାକୁ ହରାଇ ଭୁବନେଶ୍ୱର ସେମିରେ

## ସର୍ବଭାରତୀୟ ୱାଇଏମସି କପ କ୍ରିକେଟ

ନୂଆପଡ଼ା ଅଫିସ,୫।୧




ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି ।

ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଚାଲିଥିବା ୩୧ତମ ସର୍ବଭାରତୀୟ ୱାଇଏମସି କପ୍ କ୍ରିକେଟ ୨ୟ ପୋଲ ମ୍ୟାଚରେ ୱାଇଏମସି ନୂଆପଡାକୁ ହରାଇ ଇଷ୍ଟକୋଷ୍ଟ ଭୁବନେଶ୍ୱର ସେମି ଫାଇନାଲରେ ପ୍ରବେଶ କରିଛି । ୨ୟ ପୋଲ ପ୍ରଥମ ମ୍ୟାଚ ୱାଇଏମସି ନୂଆପଡା ଓ ଆଭାର ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୱାଇଏମସି ନୂଆପଡା ଦଳ ପ୍ରଥମେ ବ୍ୟାଟଂ କରି ୧୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୩୨ ରନ ସଂଗ୍ରହ କରିଥିଲା । ଜବାବରେ ସମ୍ବଲପୁର ୧୫.୨ ଓଭରରେ ସମସ୍ତ ଉଇକେଟ ହରାଇ ୯୨ ରନ କରି ପରାଜିତ ହୋଇଥିଲା । ଦ୍ୱିତୀୟ ମ୍ୟାଚ ୱାଇଏମସି ନୂଆପଡା ଓ ଇଷ୍ଟକୋଷ୍ଟ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଭୁବନେଶ୍ୱର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୯୬ ରନ ସଂଗ୍ରହ କରିଥିଲା । ଜବାବରେ ନୂଆପଡା ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୩୩ ରନ ସଂଗ୍ରହ କରି ପରାଜିତ ହୋଇଥିଲା । ଇଷ୍ଟକୋଷ୍ଟ ଭୁବନେଶ୍ୱର ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି । ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ତଥା ମ୍ୟାଚର ଆବାହକ ସରୋଜ କୁମାର ସାହୁ (ଭୈରବ)ଙ୍କ ନେତୃତ୍ୱରେ ଡାକ୍ତର ବିଜୟ ପାଣିଗ୍ରାହୀ, ଡାକ୍ତର ଶୈଳେନ୍ଦ୍ର, ଶମ୍ଭୁ ଗୁପ୍ତା, ଟୁଲୁ ପାଢୀ, ସୁଶାନ୍ତ ପତି, ହିମାଂଶୁ ମହାପାତ୍ର, ସୁରେଶ ଅଗ୍ରୱାଲ, ମହେଶ ନିଆଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ କ୍ରୀଡାବିତଙ୍କୁ ଉତ୍ସାହିତ କରିଥିଲେ । ମ୍ୟାନ ଅଫ ଦି ମ୍ୟାଚ ପ୍ରଥମ ମ୍ୟାଚ ବାଲେଶ୍ୱର ମାଝି ଓ ଦ୍ୱିତୀୟ ମ୍ୟାଚରେ ସମୀର ମହାନ୍ତିଙ୍କୁ ବରିଷ୍ଠ ଆଇନଜୀବୀ ପ୍ରସନ୍ନ ଚନ୍ଦ୍ର ମାହାପାତ୍ର ପୁରସ୍କାର ପ୍ରଦାନ କରିଥିଲେ । ଜିଲା କ୍ରିକେଟ ସଂଘ ସଭାପତି ପ୍ରକାଶ ସାହୁ, ୟୁଥ ମାସ କ୍ଲବ ସଭାପତି ଅମରେଶ ଚନ୍ଦ୍ର ଦାସ, ଉପସଭାପତି ସଞ୍ଜୟ ପଟ୍ଟନାୟକ, ସମ୍ପାଦକ ତପନ ବର୍ଗତ୍ତି, ସହସମ୍ପାଦକ ସୁଧିର ମିଶ୍ର ପ୍ରମୁଖ ମ୍ୟାଚ ପରିଚାଳନା କରିଥିବା ବେଳେ ଛୁଡାମଣି ପାଢୀ ଓ ବିଶ୍ୱମ୍ଭର ମହାକୁଡ ଖେଳ ପରିଚାଳନା କରୁଛନ୍ତି । ସ୍କୋର ଦାୟିତ୍ୱରେ ଶୈଳେଶ ଶତପଥୀ ଓ ଜୟ କିଷନ ସୁନାନୀ, ମହମ୍ମଦ ରାଜା, ପୁନିତ ରାଉତ ହିନ୍ଦି, ଓଡିଆ ଓ ଇଂଲିଶରେ ଧାରା ବିବରଣୀ ଶୁଣାଇଥିଲେ । ଶ୍ରୀରାମ ମିଶ୍ର, ଜାବେଦ ଖାନ, ଜିତୁ ହୋତା, ପାଲେଶ୍ୱର ମାଝି, ଜାନି ଜନସନ, ଟିପୁ ଖାନ, ସାଗର ହଂସ, ପ୍ରତିକ ପଟ୍ଟନାୟକ, ବିପ୍ଲବ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରୁଛନ୍ତ ।


ପୂର୍ବ ତଟ ରେଳପଥ
ଖାଦ୍ୟ ସରବରାହ ୟୁନିଟ୍ ର ଇ-ନିଲାମ
ସଂ.Comml/SBP/E-auction/Catg./23/6, ତା.03.01.2023ରିଖ
(1)ସମ୍ପତ୍ତିର ବିବରଣୀ: 05(ପାଞ୍ଚ) ବର୍ଷ ନିମନ୍ତେ ଟିଟିଲାଗଡ଼ 'B' ବର୍ଗ ରେଳ ଷ୍ଟେସନ ଠାରେ ଚା ଦୋକାନ (Tea Stall)(ସ୍ପେଶାଲ ମାଇନର ୟୁନିଟ୍-ଅନୁସୂଚିତ ଜାତି) ବ୍ୟବସ୍ଥା । ଷ୍ଟେସନର ନାମ: ଟିଟିଲାଗଡ଼ (TIG), ୟୁନିଟ୍ ସ୍ଥାନ : ପ୍ଲାଟଫର୍ମ ନଂ.4/5 ।
(2)ସମ୍ପତ୍ତିର ବିବରଣୀ: 05(ପାଞ୍ଚ) ବର୍ଷ ନିମନ୍ତେ ଟିଟିଲାଗଡ଼ 'B' ବର୍ଗ ରେଳ ଷ୍ଟେସନ ଠାରେ ଫଳ ଏବଂ ଫଳ ଜୁସ୍‌ର ଦୋକାନ (Fruit/Fruit Juice)(ସ୍ପେଶାଲ ମାଇନର ୟୁନିଟ୍-ଦାରିଦ୍ର୍ୟ ସୀମାରେଖା ତଳ ବର୍ଗ) ବ୍ୟବସ୍ଥା । ଷ୍ଟେସନର ନାମ: ଟିଟିଲାଗଡ଼(TIG), ୟୁନିଟ୍ ସ୍ଥାନ:ପ୍ଲାଟଫର୍ମ ନଂ.2/3 ।
(3)ସମ୍ପତ୍ତିର ବିବରଣୀ: 05(ପାଞ୍ଚ) ବର୍ଷ ନିମନ୍ତେ ଅତାବିରା 'E' ବର୍ଗ ରେଳ ଷ୍ଟେସନ ଠାରେ ଚା ଦୋକାନ (Tea Stall)(ଜେନେରାଲ ମାଇନର ୟୁନିଟ୍) ବ୍ୟବସ୍ଥା । ଷ୍ଟେସନର ନାମ: ଅତାବିରା (ATS), ୟୁନିଟ୍ ସ୍ଥାନ: ପ୍ଲାଟଫର୍ମ ନଂ.1 ।
(4)ସମ୍ପତ୍ତିର ବିବରଣୀ: 05(ପାଞ୍ଚ) ବର୍ଷ ନିମନ୍ତେ ଲୋଇସିଂହା 'E' ବର୍ଗ ରେଳ ଷ୍ଟେସନ ଠାରେ ଚା ଦୋକାନ (Tea Stall)(ଜେନେରାଲ ମାଇନର ୟୁନିଟ୍-ମହିଳା) ବ୍ୟବସ୍ଥା । ଷ୍ଟେସନର ନାମ: ଲୋଇସିଂହା (LSX), ୟୁନିଟ୍ ସ୍ଥାନ: ପ୍ଲାଟଫର୍ମ ନଂ.1 ।
(5)ସମ୍ପତ୍ତିର ବିବରଣୀ: 05(ପାଞ୍ଚ) ବର୍ଷ ନିମନ୍ତେ ସର୍ଣ୍ଣତଲା 'E' ବର୍ଗ ରେଳ ଷ୍ଟେସନ ଠାରେ ଚା ଦୋକାନ (Tea Stall)(ଜେନେରାଲ ମାଇନର ୟୁନିଟ୍) ବ୍ୟବସ୍ଥା । ଷ୍ଟେସନର ନାମ: ସର୍ଣ୍ଣତଲା (SFC), ୟୁନିଟ୍ ସ୍ଥାନ: ପ୍ଲାଟଫର୍ମ ନଂ.1 ।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ: ତା.13.01.2023 ରିଖ 1200 ଘଟିକା (କ୍ରମ ସଂ. 1 ଏବଂ 2 ପାଇଁ), ଏବଂ ତା.16.01.2023 ରିଖ 1200 ଘଟିକା (କ୍ରମ ସଂ.3, 4 ଏବଂ 5 ପାଇଁ) ।
ନିଲାମ ବନ୍ଦ ହେବା ତାରିଖ ଓ ସମୟ: ତା.13.01.2023 ରିଖ 1230 ଘଟିକା (କ୍ରମ ସଂ.1 ଏବଂ 2 ପାଇଁ), ଏବଂ ତା.16.01.2023 ରିଖ 1230 ଘଟିକା (କ୍ରମ ସଂ.3, 4 ଏବଂ 5 ପାଇଁ) ।
ଉପରୋକ୍ତ ଇ-ନିଲାମର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ସମ୍ବଲପୁର
PR-879/N/22-23



GOVT. OF INDIA
MINISTRY OF FINANCE
DEPARTMENT OF FINANCIAL SERVICES
DEBTS RECOVERY TRIBUNAL
COURT OF THE RECOVERY OFFICER
Plot No. C/71, Sector-7, CDA, Cuttack - 753014
सत्यमेव जयते
DEMAND NOTICE
NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961.
RC/10/2022 11-11-2022
STATE BANK OF INDIA
Versus
SIBANANDA PRADHAN AND ANOTHER
To
(CD 1) Sibananda Pradhan, S/o: Dr Madan Mohan Pradhan, At: Tala Telanga Bazar, PO.: Telenga Bazar, PS: Purighat, Cuttack-753009
(CD 2) Manoj Kumar Pradhan, S/o: Bharat Pradhan, At: Paribahan Nagar, PO:PS: Jagatpur, Dist.: Cuttack-754021
This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL CUTTACK in OA/293/2013 an amount of Rs.38,94,322.00 (Rupees Thirty Eight Lakhs Ninety Four Thousands Three Hundred Twenty Two Only) along with pendentellite and future interest @ 10% w.e.f. 26/02/2020 till realization and costs of Rs.41,000/- (Rupees Forty One Thousands Only) has become due against you (Jointly and severally/ Fully/ Limited).
2. You are hereby directed to pay the above sum within 15 days of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.
3. You are hereby ordered to declare on an affidavit the particulars of yours assets on or before the next date of hearing.
4. You are hereby ordered to appear before the undersigned on - 03/02/2023 at 10.30 a.m. for further proceedings.
5. In addition to the sum aforesaid, you will also be liable to pay:
(a) Such interests as is payable for the period commencing immediately after this notice of the certificate / execution proceedings.
(b) All costs, charges and expenses incurred in respect of the service of this notice and warrants and other processes and all other proceedings taken for recovering the amount due.
Given under my hand and the seal of the Tribunal, on this date: 11/11/2022
SAROJ KUMAR BISWAL
Sd/- Recovery Officer
DEBTS RECOVERY TRIBUNAL, CUTTACK

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ସତ୍ୟ



@ ଜଗଦାନନ୍ଦ



@ ତାପସ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମୁକ୍ତିକାନ୍ତ, କଂଗ୍ରେସ କର୍ମୀଙ୍କୁ ଉଠାଇନେଲା ପୋଲିସ

**ରାଉରକେଲା ଅଫିସ,୫।୧**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ରାଉରକେଲା ଗସ୍ତରେ ଆସିଥିଲେ। ଏଥିପାଇଁ ବୁଧବାର ବିଳମ୍ବିତ ରାତିରେ ମୁକ୍ତିକାନ୍ତ ବିଶ୍ୱାଳଙ୍କୁ ପୋଲିସ ଉଠାଇ ନେଇଥିଲା। ସେକ୍ଟର-୩ ପୋଲିସ ବୁଧବାର ରାତି ୧ଟା ୧୫ରେ ମୁକ୍ତିକାନ୍ତଙ୍କୁ ବିଶ୍ରା ଥାନାକୁ ଆଣି ଅଟକ ରଖିଥିଲା। ମୁଖ୍ୟମନ୍ତ୍ରୀ ରାଉରକେଲାରେ କାର୍ଯ୍ୟକ୍ରମ ସାରି ଭୁବନେଶ୍ୱର ଫେରିଯିବା ପରେ ତାଙ୍କୁ ପୋଲିସ ଛାଡି ଦେଇଥିଲା। ସେହିପରି କିଛି କଂଗ୍ରେସ କର୍ମୀ ଗୁରୁବାର ଡିଏଭି ଛକରେ ଛିଡା ହୋଇଥିବାବେଳେ ରଘୁନାଥପାଲି ପୋଲିସ ସେମାନଙ୍କୁ ଉଠାଇ ନେଇ ଥାନାରେ ଅଟକ ରଖିଥିଲା। କଂଗ୍ରେସର ଛାତ୍ର ସଭାପତି ସୂର୍ଯ୍ୟକାନ୍ତ ବାରିକ, ପ୍ରବୋଧ ଦାସ, ମାଇନୋରିଟି ମୋର୍ଚ୍ଚା ଅଧ୍ୟକ୍ଷ ଇଜାଜ୍ ଅଖତର, ସିଲୁ ବରାଳ, ସହଦେବ ଏହମ୍ମଦ, ବାବୁ ବିଶ୍ୱାଳ, ଶିବୁ ଦୀପ ପ୍ରମୁଖ ଥାନାରେ ଅଟକ ଥିଲେ। ସନ୍ଧ୍ୟା ସମୟରେ ସମସ୍ତ କଂଗ୍ରେସ କର୍ମୀଙ୍କୁ ପୋଲିସ ଛାଡି ଦେଇଥିଲା। ମୁଖମନ୍ତ୍ରୀଙ୍କ ଗସ୍ତ ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ନ ଉପୁଜିବା ପାଇଁ ପୋଲିସ ଏଭଳି ପଦକ୍ଷେପ ନେଇଥିବା ଥାନାଧିକାରୀ ସୁବ୍ରତ ମେହେର ସୂଚନା ଦେଇଛନ୍ତି।

# ସ୍ୱପ୍ନରେ କଂସଙ୍କ କୃଷ୍ଣଙ୍କୁ ଦର୍ଶନ



କଂସ ଦରବାରରେ ମଞ୍ଚାସୀନ ଅତିଥିବୃନ୍ଦ।

**ଝାରସୁଗୁଡ଼ା ଅଫିସ,୫।୧**

ବନ୍ଧବାହାଲ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବର ଗୁରୁବାର ଷଷ୍ଠ ଦିବସରେ ଗୋପପୁରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କଲୋନୀ ପୋଖରୀରେ ରାଧାକୃଷ୍ଣଙ୍କ ନାବକେଳି, ଷୋହଳ କୁଞ୍ଜ, ଅକ୍ରୁରଙ୍କ ଗୋପରେ ପ୍ରବେଶ, ନନ୍ଦ ଯଶୋଦାଙ୍କୁ ଚିଟାଉ ପ୍ରଦାନ ଆଦି କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ମଥୁରାପୁର କଂସ ଦରବାରରେ ଶିବଙ୍କ ନିକଟରୁ କଂସର ରୁଦ୍ରଶୋଡ ପ୍ରାପ୍ତ, ଧନୁଯାତ୍ରାରେ କୃଷ୍ଣ ବଳରାମଙ୍କୁ ମାରିବା ପାଇଁ ଯୋଜନା, କଂସ ସ୍ୱପ୍ନରେ କୃଷ୍ଣଙ୍କ ଦର୍ଶନ ଆଦି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମଥୁରାପୁର କଂସ ଦରବାର ରଙ୍ଗମହଲରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଂସଙ୍କ ନିମନ୍ତ୍ରଣ ରକ୍ଷାକରି ରାଜ ଦରବାରରେ ରାଜ ଅତିଥିଭାବେ ଜିଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ।

# ଫୁଟ୍‌ବଲ: ଜୟ ଗଣେଶ କ୍ଲବ ଚାମ୍ପିୟନ

**ବ୍ରଜରାଜନଗର,୫।୧(ଡି.ଏନ.ଏ.)**



ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

ବ୍ରଜରାଜନଗର କୋଦପାଲି ପଞ୍ଚାୟତ ଖେଳପଡିଆରେ ଜଙ୍ଘାଲିଙ୍ଗା ଓ ଡିଏସ୍‌ଏସ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ଜୁରାବଗା କ୍ଲବ ଓ ଖେରୁଆଲ ଜୟ ଗଣେଶ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟ୍ରାଇବ୍ରେକର ମାଧ୍ୟମରେ ଜୁରାବଗାକୁ ହରାଇ ଜୟ ଗଣେଶ କ୍ଲବ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିବରଣୀ ସଭାରେ ଜିଲା ବିଜେଡି ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ କୋଦପାଲି ସରପଞ୍ଚ କଲ୍ୟାଣୀ ଦିକ୍ଷୀତ, ସମିତି ସଭ୍ୟା ରଶ୍ମିତା ପ୍ରଧାନ, ପତ୍ରାପାଲି ସରପଞ୍ଚ ଖଗେଶ୍ୱର ନାୟକ ପ୍ରମୁଖ ଯୋଗଦେଇଥିଲେ। ଖେଳ ପରିଚାଳନା କରିଥିଲେ ନବୀନ ଦେଓ, କିଶୋର ମାଝି ଓ ଅରୁଣ ପ୍ରଧାନ।

# ଆଦିବାସୀ ବିଧାୟକଙ୍କୁ ଅପମାନ ଅଭିଯୋଗ

**ରାଉରକେଲା ଅଫିସ,୫।୧**

ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ଉଦ୍‌ଘାଟନୀ ଉତ୍ସବରେ ଭାଜପାର ତିନି ଆଦିବାସୀ ବିଧାୟକ ଶଙ୍କର ଓରାମ, ଭବାନୀ ଭୋଇ ଓ କୁସୁମ ଟେଟେଙ୍କୁ ଅପମାନ କରାଯାଇଥିବା ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ଜିଲାପାଳଙ୍କ ନିମନ୍ତ୍ରଣ କ୍ରମେ ଉକ୍ତ ୩ ବିଧାୟକ ହକି ଷ୍ଟାଡିୟମ ଉଦ୍‌ଘାଟନୀ ଉତ୍ସବକୁ ଯାଇଥିଲେ ମଧ୍ୟ ସେମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ମଞ୍ଚରେ ସ୍ଥାନ ଦିଆଯାଇ ନ ଥିଲା। ସେମାନଙ୍କୁ ସାଧାରଣ ଗାଲେରିରେ ବସିବା ପାଇଁ କୁହାଯାଇଥିଲା। ଏ ନେଇ ଗୁରୁବାର ସେକ୍ଟର-୩ ସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ କହିଛନ୍ତି, ଡିଏମ୍‌ଏଫ୍ ଫଣ୍ଡରେ ବିର୍ସା ମୁଣ୍ଡା ଷ୍ଟାଡିୟମ ନିର୍ମାଣ ସମୟରେ କୌଣସି ଫଳକ ଲାଗି ନ ଥିଲା। ବିଭିନ୍ନ ସମୟରେ ଭାଜପା ବିଧାୟକ ଓ ଏମ୍‌ପି ଜୁଏଲ ଓରାମ ସୂଚନା ଫଳକ ଲଗାଇବା ପାଇଁ କହିଥିଲେ ମଧ୍ୟ ଶେଷ ପର୍ଯ୍ୟନ୍ତ ଲାଗି ନ ଥିଲା। ବିଶ୍ୱକପ୍ ହକି ଓଡିଶା ତଥା ଭାରତର ଗୌରବ ପାଇଁ ଖେଳା ଯାଉଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୌଣସି ଫଟୋ ନ ଲଗାଇ ଷ୍ଟାଡିୟମରେ କେବଳ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଲଗାଯିବା କେତେଦୂର ଯଥାର୍ଥ ବୋଲି ଭାଜପା ପ୍ରଶ୍ନ କରିଛି। ସୁନ୍ଦରଗଡ ଜିଲା ଆଦିବାସୀ ଅଧ୍ୟୁଷିତ ହୋଇଥିବାବେଳେ ଏଠାରେ ଆଦିବାସୀ ଓ ଆଦିବାସୀ ନେତାମାନଙ୍କୁ ଅଣଦେଖା କରାଯାଉଛି ବୋଲି ସମ୍ମିଳନୀରେ କୁହାଯାଇଛି। ଖବରଦାତା ସମ୍ମିଳନୀରେ ଦଳର ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ନିହାର ରାୟ, ଜଗବନ୍ଧୁ ବେହେରା, ଗଙ୍ଗାଧର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଶୌଚାଳୟ ନିର୍ମାଣ ପାଇଁ ଦାବିପତ୍ର

**ରେଙ୍ଗାଲି,୫।୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲିରେ ସୁଲଭ ଶୌଚାଳୟ ନିର୍ମାଣ ପାଇଁ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ବିଡ଼ିଓ କୃଷ୍ଣଚନ୍ଦ୍ର ଦଳପତିଙ୍କୁ ଏକ ଦାବିପତ୍ର ଦିଆଯାଇଛି। ପରିଷଦ ପକ୍ଷରୁ ୨୦୧୮ରୁ ପ୍ରଶାସନ ନିକଟରେ ଦାବି କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଆସନ୍ତା ୩୦ ତାରିଖ ମଧ୍ୟରେ ଶୌଚାଳୟ ନିର୍ମାଣ ପାଇଁ ପଦକ୍ଷେପ ନ ନେଲେ ବରିଷ୍ଠ ନାଗରିକ ପରିଷଦ ଧାରଣାରେ ବସିବ ବୋଲି ଦୁର୍ଯୋଧନ ଗରଡିଆ, ଅନ୍ତର୍ଯାମୀ ପାଣି, ଉଦୟ ସାହୁ, କିଶୋର ସାହୁ, ବସନ୍ତ ନାୟିକ, ପୀତବାସ ତାଣ୍ଡକାର, ହରି ସାହୁ, ବେଣୁ ମେହରା, ନନ୍ଦଲାଲ ଅଗ୍ରୱାଲ ପ୍ରମୁଖ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ ବିଡିଓ ଦଳପତି ସମ୍ବଲପୁର ଜିଲାପାଳଙ୍କୁ ଏ ବିଷୟରେ ଚିଠି କରିଥିବା ଜଣାପଡିଛି।

# ଛାତ୍ରୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

**ଟିଟିଲାଗଡ଼, ୫।୧(ଡି.ଏନ.ଏ.)**

ଟିଟିଲାଗଡ ଉପଖଣ୍ଡ ମୁଖ୍ୟ ସରକାରୀ ଡାକ୍ତରଖାନାରେ ସ୍ଥାନୀୟ ହାଟପଦା ପଡାର ଜଣେ ୨୦ବର୍ଷିୟା ଛାତ୍ରୀଙ୍କ ମୃତ୍ୟୁକୁ ନେଇ ଗୁରୁବାର ଉତ୍ତେଜନା ପ୍ରକାଶ ପାଇଥିଲା। ଛାତ୍ରୀ ଜଣକ ଅସୁସ୍ଥ ହେବା ନେଇ ପରିବାର ଲୋକେ ଡାକ୍ତରଖାନାକୁ ଆଣିଥିଲେ। ତେବେ ଜନୈକ ଡାକ୍ତର ଏକ ଇଞ୍ଜେକ୍ସନ ଦେବା ପରେ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଏନେଇ ପରିବାର ଲୋକେ ଓ ସ୍ଥାନୀୟ ଲୋକେ ଡାକ୍ତରଖାନାକୁ ଆସି ପାଟିତୁଣ୍ଡ କରିଥିଲେ।



ଗୁରୁବାର ରାଉରକେଲାରେ ମୋ ବସ୍ ଚଳାଚଳ ଶୁଭାରମ୍ଭ କରାଯାଉଛି।

## ୭ରୁ ପଞ୍ଚକୁଣ୍ଡୀୟ ମହାଯଜ୍ଞ

**ସମ୍ବଲପୁର,୫।୧(ବ୍ୟୁରୋ)**

ଆସନ୍ତା ୭ରୁ ୧୩ ତାରିଖ ପର୍ଯ୍ୟନ୍ତ ଶ୍ରୀଲକ୍ଷ୍ମୀନାରାୟଣ ପଞ୍ଚକୁଣ୍ଡୀୟ ମହାଯଜ୍ଞ ଓ ଶ୍ରୀମଦ୍ କଥା ଜ୍ଞାନଯଜ୍ଞ ଆୟୋଜନ ହେବ। ଏଥି ସକାଶେ ସମ୍ବଲପୁର ବରେଇପାଲି ଷ୍ଟିଲ ଆଣ୍ଡ ଷ୍ଟିଲ ପରିସରକୁ ପ୍ରସ୍ତୁତ କରାଯାଇଛି। ଜାନୁୟାରୀ ୭ରେ ମହାନଦୀ ବାଳଇବନ୍ଧା ଘାଟରୁ କଳସ ଶୋଭାଯାତ୍ରା ବାହାରି ଯଜ୍ଞସ୍ଥଳରେ ପହଞ୍ଚିବ। ୫୦୧ଜଣ ମହିଳା ଏଥିରେ ସାମିଲ ହେବେ। ଗୁରୁବାର ଜିଲା ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକମାନେ ଏହି ସୂଚନା ଦେଇଛନ୍ତି। ସେମାନେ କହିଥିଲେ, କାର୍ଯ୍ୟକ୍ରମରେ ବୃନ୍ଦାବନର ଶ୍ରୀକିଶୋର ଶରଣଜୀ ମହାରାଜ, କାଶୀର ଆଚାର୍ଯ୍ୟ ସିଦ୍ଧାନ୍ତଜୀ ମହାରାଜ ପ୍ରବଚନ ଦେବା କାର୍ଯ୍ୟକ୍ରମ ରହିଛି। ଖବରଦାତା ସମ୍ମିଳନୀରେ ଶିବ ପ୍ରଧାନ, ଡି. ସିଂ, ଡା. ଅବଦେଶ ତିୱାରୀ, ବିବନ କୁମାର ସିଂ, ରିଙ୍କି ସିଂ ଉପସ୍ଥିତ ଥିଲେ।

# ଜଙ୍ଘା ବଡ଼ଦେଓଙ୍କୁ କାନ୍ଧରେ ବୋହି ନାଚିଲେ ସ୍ୱାସ୍ଥ୍ୟମନ୍ତ୍ରୀ



ଜଙ୍ଘା ବଡଦେଓଙ୍କ ପ୍ରତିମାଙ୍କୁ କାନ୍ଧରେ ବୋହି ସ୍ୱାସ୍ଥ୍ୟମନ୍ତ୍ରୀ ନାଚୁଛନ୍ତି।

**ଝାରସୁଗୁଡ଼ା ଅଫିସ,୫।୧**

ଲଇକେରା ବ୍ଲକ୍ ମୟୂରଗଡସ୍ଥିତ ଜଙ୍ଘା ବଡଦେଓଙ୍କ ମନ୍ଦିରରେ ଷଡବଂଶୀୟ ଗୋଁଣ୍ଡ ସମାଜର ଇଷ୍ଟଦେବଙ୍କ ବାର୍ଷିକ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ପୂଜକ ନକୁଳ ଧୁରୁଆ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଙ୍ଘା ବଡଦେଓଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ପରେ ସେ ଜଙ୍ଘା ବଡଦେଓଙ୍କୁ କାନ୍ଧରେ ବୋହି ଶ୍ରଦ୍ଧାଳୁଙ୍କ ଗହଣରେ ନାଚିଥିଲେ। ସେ କହିଥିଲେ, ଜଙ୍ଘା ବଡଦେଓଙ୍କୁ ଭକ୍ତିର ସହ ପୂଜାକଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ। ଏଥିପାଇଁ ପ୍ରତିବର୍ଷ ସେ ଏଠାକୁ ସେ ଆସି ବଡଦେଓଙ୍କ ପ୍ରତିମାଙ୍କୁ କାନ୍ଧରେ ବୋହି ନାଚ କରିଥାନ୍ତି। ପୂଜାରେ କମିଟି ସଭାପତି ନିଳାମ୍ବର ନାଏକ, ସମ୍ପାଦକ ମେଘନାଦ ନେଟୀ, କୋଷାଧ୍ୟକ୍ଷ ପଦ୍ମଲୋଚନ ନାଏକ, ଉପଦେଷ୍ଟା ଯୋଗେନ୍ଦ୍ର ନାଏକ, ନବୀନ ଚନ୍ଦ୍ର ନାଏକ, ସମ୍ବଲପୁରର ବଦ୍ରିନାରାୟଣ ବରିହା, ଝାରସୁଗୁଡାର ଜଗନ୍ନାଥ ଭୋଇଙ୍କ ସମେତ କୋଲାବିରା, ଲଇକେରା ଓ କିର୍ମିରା ବ୍ଲକ୍‌ରୁ ଗୋଁଣ୍ଡ ସମାଜର ବହୁ ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ।


**ZILLA SWASTHYA SAMITI, ANGUL**
**O/o. CDM & PHO-cum-District Mission Director, Angul**
**TENDER CALL NOTICE**

**No. 33** **Date: 04.01.2023**

No. E-798: Sealed tenders are invited from Registered Agencies/ Firms for printing & supply of IEC materials in Angul district. Details regarding eligibility criteria, terms & conditions and the formats for submission of tender (Technical & Price Bid) may be downloaded from the website i.e. **www.angul.nic.in**. The undersigned reserves the rights to reject any or all the tenders without assigning any reason thereof.

**Sd./- CDM & PHO-cum-District Mission Director, Angul**
**OIPR-10142/11/0002/2223**

**OFFICE OF THE HEAD MASTER**
**KASTURBA GANDHI BALIKA VIDYALAYA, NUAPADA**
**SAMAGRA SHIKSHA, NUAPADA**
**SHORT TENDER CALL NTOCE**
No.21 Date 05.01.2023

Sealed tenders are invited from the intending registered and reputed Firms/ Suppliers having valid GST registration for supply of Grocery items to KGBV Hostel of Nuapada Block, Nuapada District. The tender notice along with detailed terms and conditions and the list of items / materials to be supplied can be downloaded from the official website of Nuapada district www.nuapada.nic.in and OSEPA website www.osepa.odisha.gov.in from dt.05.01.2023 to 12.01.2023. The sealed tender papers completed in all respects along with requisite earnest money and tender paper cost in shape of Bank Draft/ Bankers Cheque drawn in favour of KASTURBA GANDHI BALIKA VIDYALAYA, NUAPADA payable at Nuapada must be submitted to KGBV, Nuapada on or before 12.01.2023 by 5 P.M. through Regd./ Speed Post only. The details regarding submission of EMD, tender paper cost and address for submission of tender paper are available in enclosed tender documents. The tender will be opened on Dt.17.01.2023 at 11 A.M. in the Office of the H.M., KGBV, Nuapada.

The undersigned reserves the right to reject any tender in whole or in part without assigning any reason thereof. Any dispute in the process be subject to the court of jurisdiction of Nuapada District.

**Sd./- Head Master (I/c), KGBV, Nuapada**

**CANCELLATION OF TENDER CALL NOTICE FOR TABLEAU DISPLAY**
**(Tender Reference No. 4775/09.12.2022, E-716)**

NO. E-802: The Tender Call Notice related to display of Tableau in State Level Republic Day Parade - 2023 published in 'Dharitri' & 'Prameya' Odia daily on 13.12.2022 is hereby cancelled due to inevitable reasons.

**Sd./- Director**
**STATE INSTITUTE OF HEALTH & FAMILY WELFARE, ODISHA**
**OIPR-10003/11/0127/2223**

**ZILLA PARISAD, KALAHANDI**
**CORRIGENDUM**

**No. 86** **Dt.05.01.2023**

No. CAD-4370: Due to some technical problem the following dates & time of the bid identification No. ZP-T-1/2022-23 are rescheduled as below:

| | | | |
|---|---|---|---|
| 1 | Date and time of availability of bid document in the portal | : | 11.00 hrs. of 10.01.2023 to 17.00 hrs. of 18.01.2023 |
| 2 | Last date/time for receipt of bid in the portal | : | 17.00 hour of 18.01.2023 |
| 3 | Date & Venue of Opening of the Bid | : | On 19.01.2023 at 11.00 A.M. in the Office of the Zilla Parisad, Kalahandi |

**Sd./- CDO-cum-EO**
**OIPR-19287/11/0003/2223** **Zilla Parisad, Kalahandi**

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.17-SBP-TRD-OT-2022-23, ତା.03.01.2023ରିଖ

**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳରେ ବଣ୍ଡିଙ୍ଗ୍ (Bonding) କାର୍ଯ୍ୟ ।

**ଆନୁମାନିକ ମୂଲ୍ୟ (ଟଙ୍କାରେ):** 11,66,072.07, EMD (ଟଙ୍କାରେ): 23,300/-, ଶେଷ ହେବା ଅବଧି: 12 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.25.01.2023 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-881/N/22-23

**ପୂର୍ବ ତଟ ରେଳପଥ**

**ଖାଦ୍ୟ ସରବରାହ ୟୁନିଟ୍ ର ଇ-ନିଲାମ**

ସଂ.Comml/SBP/E-auction/Catg./23/6, ତା.03.01.2023ରିଖ

**(1)ସମ୍ପତ୍ତିର ବିବରଣୀ:** 05(ପାଞ୍ଚ) ବର୍ଷ ନିମନ୍ତେ ଟିଟିଲାଗଡ଼ 'B' ବର୍ଗ ରେଳ ଷ୍ଟେସନ ଠାରେ ଚା ଦୋକାନ (Tea Stall)(ସ୍ପେଶାଲ ମାଇନର ୟୁନିଟ୍-ଅନୁସୂଚିତ ଜାତି) ବ୍ୟବସ୍ଥା । ଷ୍ଟେସନର ନାମ: ଟିଟିଲାଗଡ଼ (TIG), ୟୁନିଟ୍ ସ୍ଥାନ : ପ୍ଲାଟଫର୍ମ ନଂ.4/5 ।

**(2)ସମ୍ପତ୍ତିର ବିବରଣୀ:** 05(ପାଞ୍ଚ) ବର୍ଷ ନିମନ୍ତେ ଟିଟିଲାଗଡ଼ 'B' ବର୍ଗ ରେଳ ଷ୍ଟେସନ ଠାରେ ଫଳ ଏବଂ ଫଳ ଜୁସ୍‌ର ଦୋକାନ (Fruit/Fruit Juice)(ସ୍ପେଶାଲ ମାଇନର ୟୁନିଟ୍-ଦାରିଦ୍ର୍ୟ ସୀମାରେଖା ତଳ ବର୍ଗ) ବ୍ୟବସ୍ଥା । ଷ୍ଟେସନର ନାମ: ଟିଟିଲାଗଡ଼(TIG), ୟୁନିଟ୍ ସ୍ଥାନ:ପ୍ଲାଟଫର୍ମ ନଂ.2/3 ।

**(3)ସମ୍ପତ୍ତିର ବିବରଣୀ:** 05(ପାଞ୍ଚ) ବର୍ଷ ନିମନ୍ତେ ଅତାବିରା 'E' ବର୍ଗ ରେଳ ଷ୍ଟେସନ ଠାରେ ଚା ଦୋକାନ (Tea Stall)(ଜେନେରାଲ ମାଇନର ୟୁନିଟ୍) ବ୍ୟବସ୍ଥା । ଷ୍ଟେସନର ନାମ: ଅତାବିରା (ATS), ୟୁନିଟ୍ ସ୍ଥାନ: ପ୍ଲାଟଫର୍ମ ନଂ.1 ।

**(4)ସମ୍ପତ୍ତିର ବିବରଣୀ:** 05(ପାଞ୍ଚ) ବର୍ଷ ନିମନ୍ତେ ଲୋଇସିଂହା 'E' ବର୍ଗ ରେଳ ଷ୍ଟେସନ ଠାରେ ଚା ଦୋକାନ (Tea Stall)(ଜେନେରାଲ ମାଇନର ୟୁନିଟ୍-ମହିଳା) ବ୍ୟବସ୍ଥା । ଷ୍ଟେସନର ନାମ: ଲୋଇସିଂହା (LSX), ୟୁନିଟ୍ ସ୍ଥାନ: ପ୍ଲାଟଫର୍ମ ନଂ.1 ।

**(5)ସମ୍ପତ୍ତିର ବିବରଣୀ:** 05(ପାଞ୍ଚ) ବର୍ଷ ନିମନ୍ତେ ସର୍ଲେଁଡଲା 'E' ବର୍ଗ ରେଳ ଷ୍ଟେସନ ଠାରେ ଚା ଦୋକାନ (Tea Stall)(ଜେନେରାଲ ମାଇନର ୟୁନିଟ୍) ବ୍ୟବସ୍ଥା । ଷ୍ଟେସନର ନାମ: ସର୍ଲେଁଡଲା (SFC), ୟୁନିଟ୍ ସ୍ଥାନ: ପ୍ଲାଟଫର୍ମ ନଂ.1 ।

**ନିଲାମ ଆରମ୍ଭ ହେବା ତାରିଖ ଓ ସମୟ:** ତା.13.01.2023 ରିଖ 1200 ଘଟିକା (କ୍ରମ ସଂ. 1 ଏବଂ 2 ପାଇଁ), ଏବଂ ତା.16.01.2023 ରିଖ 1200 ଘଟିକା (କ୍ରମ ସଂ.3, 4 ଏବଂ 5 ପାଇଁ) ।

**ନିଲାମ ବନ୍ଦ ହେବା ତାରିଖ ଓ ସମୟ:** ତା.13.01.2023 ରିଖ 1230 ଘଟିକା (କ୍ରମ ସଂ.1 ଏବଂ 2 ପାଇଁ), ଏବଂ ତା.16.01.2023 ରିଖ 1230 ଘଟିକା (କ୍ରମ ସଂ.3, 4 ଏବଂ 5 ପାଇଁ) ।

ଉପରୋକ୍ତ ଇ-ନିଲାମର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ସମ୍ବଲପୁର
PR-879/N/22-23

**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
**Plot No. C/71, Sector-7, CDA, Cuttack - 753014**
**DEMAND NOTICE**

**NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961.**

**RC/10/2022** **11-11-2022**

**STATE BANK OF INDIA**
**Versus**
**SIBANANDA PRADHAN AND ANOTHER**

**To**
**(CD 1)** Sibananda Pradhan, S/o: Dr Madan Mohan Pradhan, At: Tala Telanga Bazar, PO.: Telenga Bazar, PS: Purighat, Cuttack-753009
**(CD 2)** Manoj Kumar Pradhan, S/o: Bharat Pradhan, At: Paribahan Nagar, PO:PS: Jagatpur, Dist.: Cuttack-754021

This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL CUTTACK in **OA/293/2013** an amount of **Rs.38,94,322.00 (Rupees Thirty Eight Lakhs Ninety Four Thousands Three Hundred Twenty Two Only)** along with pendentellite and future interest @ 10% w.e.f. **26/02/2020** till realization and costs of **Rs.41,000/- (Rupees Forty One Thousands Only)** has become due against you (Jointly and severally/ Fully/ Limited).

2. You are hereby directed to pay the above sum within 15 days of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.
3. You are hereby ordered to declare on an affidavit the particulars of yours assets on or before the next date of hearing.
4. You are hereby ordered to appear before the undersigned on - **03/02/2023 at 10.30 a.m.** for further proceedings.
5. In addition to the sum aforesaid, you will also be liable to pay:
   (a) Such interests as is payable for the period commencing immediately after this notice of the certificate / execution proceedings.
   (b) All costs, charges and expenses incurred in respect of the service of this notice and warrants and other processes and all other proceedings taken for recovering the amount due.

Given under my hand and the seal of the Tribunal, on this date: **11/11/2022**

**SAROJ KUMAR BISWAL**
**Sd/- Recovery Officer**
**DEBTS RECOVERY TRIBUNAL, CUTTACK**

## ଜାତୀୟ ସେବା ଶିବିର ଉଦ୍‌ଘାଟିତ

ବୋଡେନ,(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜ ଜାତୀୟ ସେବା ସଂସ୍ଥା ପକ୍ଷରୁ ଶୀତକାଳିନ ସେବା ଶିବିର ଉଦ୍‌ଘାଟିତ ହୋଇଯାଇଛି। କର୍ଲପଡା ଗ୍ରାମରେ କାର୍ଯ୍ୟକ୍ରମ ଅଧିକାରୀ ଡା. କିଶୋର କୁମାର କର୍ଣ୍ଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲା ପରିଷଦ ଅଧକ୍ଷା ଡଲି ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। କଲେଜ ଅଧକ୍ଷ ଅବନୀ କୁମାର ଖମାରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା କାର୍ଯ୍ୟକ୍ରମ ଅଧିକାରୀ ସନ୍ତୋଷ କୁମାର ମୁଣ୍ଡ, ଆଇନ୍‌ଜୀବୀ ଯୋଗେନ୍ଦ୍ର ମାଝି, ବଳରାମ ଦଣ୍ଡସେନା, ଲଳିତ ମୋହନ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।

## ସଂକ୍ଷେପରେ

### ଦୁର୍ଗା ମନ୍ଦିରରୁ ମା'ଙ୍କ ରୁପା ମୁକୁଟ ଚୋରି

**ନୂଆପଡ଼ା ଅଫିସ,୫।୧:** ସଦର ମନ୍ଦିରପଡାସ୍ଥିତ ଦୁର୍ଗା ମନ୍ଦିରରୁ ମା'ଙ୍କ ରୁପା ମୁକୁଟ ଚୋରି ହୋଇଥିବା ଅଭିଯୋଗ ହୋଇଛି। ନୂଆପଡା ସଦର ମନ୍ଦିରପଡାସ୍ଥିତ ଦୁର୍ଗା ମନ୍ଦିରରେ ବୁଧବାର ସନ୍ଧ୍ୟାରେ ନୀତିକାନ୍ତି ଅନୁସାରେ ପୂଜା ଅର୍ଚ୍ଚନା ଓ ଆରତୀ କରି ରାତ୍ରି ୮ଟାରେ ମୁଖ୍ୟ ପୂଜକ ଅକ୍ଷୟ ରଥ ମନ୍ଦିର ୨ଟି ଗେଟରେ ତାଲା ପକାଇ ଘରକୁ ଚାଲି ଯାଇଥିଲେ । ଗୁରୁବାର ସକାଳେ ପୂଜକ ମନ୍ଦିର ଆସିବା ବେଳକୁ ମନ୍ଦିର ମୁଖ୍ୟଗେଟ ଅଧା ଖୋଲା ହୋଇଥିବା ଦେଖିଥିଲେ। ଭିତରରେ ପଶି ଦେଖିବା ବେଳେ ମା'ଙ୍କ ରୁପା ମୁକୁଟ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ରୂପା ମୁକୁଟର ଓଜନ ଏକ କିଲୋଗ୍ରାମରୁ ଅଧିକ ହୋଇଥିବା ବେଳେ ଏହାର ବଜାର ମୂଲ୍ୟ ଲକ୍ଷାଧିକରୁ ଅଧିକ ହେବ। ଏ ନେଇ ମନ୍ଦିର ପରିଚାଳନା କମିଟି ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୂର୍ବାହ୍ନରେ ନୂଆପଡା ସଦର ଥାନା ଆଇଆଇସି ନିର୍ମଳ ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଟିମ ପହଞ୍ଚି ଅନୁସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଆରମ୍ଭ କରିଛି। ମନ୍ଦିରପଡାର ଏକ ଘରକୁ ଅନୁସନ୍ଧାନୀ କୁକୁର ପଶିବାରୁ ଜଣେ ଯୁବକଙ୍କୁ ସନ୍ଦେହରେ ଅଟକ ରଖି ପଚାରା ଉଚାରା କରାଯାଉଛି ବୋଲି ଆଇଆଇସି ସୂଚନା ଦେଇଛନ୍ତି।

### ଅବସରପ୍ରାପ୍ତ ବନପାଳଙ୍କ ପରଲୋକ

**ଖଡ଼ିଆଳ,୫।୧(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଚଲାନପଡ଼ା ଗ୍ରାମର ଅବସରପ୍ରାପ୍ତ ବନପାଳ ସୁରେନ୍ଦ୍ର ବାରିକଙ୍କ ଗୁରୁବାର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୬ ବର୍ଷ ହୋଇଥିଲା। ଦୀର୍ଘ ଦିନରୁ ସେ କିଡ୍‌ନୀ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ। ସେ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର ଜଣେ ସକ୍ରିୟ ସଭ୍ୟ ସହ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ଜନପ୍ରିୟ ବ୍ୟକ୍ତିତ୍ୱ ଥିଲେ। ତାଙ୍କ ମର ଶରୀର ନିକଟରେ ସ୍ତ୍ରୀ ଜ୍ୟୋତ୍ସ୍ନା ମଞ୍ଜରୀଙ୍କ ସମେତ ୩ ପୁଅ ବଟକୃଷ୍ଣ, ଡଗରେଶ୍ୱର, ତ୍ରିଲୋଚନ ଓ ତିନି ବୋହୂ, ନାତିନାତୁଣୀ ତଥା ପରିବାରର ସମସ୍ତେ ଉପସ୍ଥିତ ରହିଥିଲେ।

### ନିମ୍ନମାନର ହମ୍ପ ନିର୍ମାଣ ଅଭିଯୋଗ



**ଖଡ଼ିଆଳ,୫।୧(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ପୂର୍ତ୍ତ ବିଭାଗ ଖଡ଼ିଆଳଠାରୁ ସିନାପାଲି ରାସ୍ତାର ଅନେକ ସ୍ଥାନରେ ହମ୍ପଗୁଡିକ ନିର୍ମାଣ ହୋଇଛି। ହେଲେ ନିମ୍ନମାନର କାର୍ଯ୍ୟ ଯୋଗୁ ହମ୍ପଗୁଡିକ ବର୍ତ୍ତମାନ ଭାଙ୍ଗି ଯାଇଥିବା ନଜରକୁ ଆସିଛି। ସୂତ୍ରରୁ ପ୍ରକାଶ ଯେ ଗତ ୧୦ ଦିନ ତଳେ ହମ୍ପ ନିର୍ମାଣ କାର୍ଯ୍ୟ ସରିଛି। ହେଲେ ଖଡ଼ିଆଳଠାରୁ ୭ କିଲୋମିଟର ଦୂର ପର୍ଯ୍ୟନ୍ତ କିଛି ହମ୍ପ ଅଳ୍ପ ଭାଙ୍ଗି ବେଳେ ସାତ କିଲୋମିଟରଠାରୁ ପଛପଟେ ଯେତେବି ହମ୍ପ ନିର୍ମାଣ ହୋଇଛି ସବୁ ନିମ୍ନମାନର କାର୍ଯ୍ୟ ଯୋଗୁ ଭାଙ୍ଗିଯାଇ ଚିପିସଗୁଡିକ ରାସ୍ତା ଉପରେ ବିଛେଇ ହୋଇପଡିଛି। ନିର୍ମାଣ ସମୟରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଉ ନ ଥିବାରୁ ଠିକାର ନିଜ ଇଚ୍ଛା ମୁତାବକ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି।

# ରାତି ଅନିଦ୍ରା ହୋଇ ହାତୀ ଜଗୁଛନ୍ତି ଲୋକେ

**ଭବାନୀପାଟଣା/ଲାଞ୍ଜିଗଡ଼, ୫।୧(ସ୍ୱ.ପ୍ର./ଡି.ଏନ.ଏ.)**

**ଲାଞ୍ଜିଗଡ଼ରେ ହାତୀ ଉପଦ୍ରବ**

- ୮ ଦିନ ହେଲା ଲୋକଙ୍କୁ ନାକେଦମ କଲାଣି ଦନ୍ତା
- ହାତୀ ଘଉଡାଇବାରେ ବନ ବିଭାଗ ବିଫଳ, ଅଞ୍ଚଳବାସୀ ଭୟଭୀତ



କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ବନାଞ୍ଚଳର ଅଞ୍ଚଳରେ ଦୀର୍ଘଦିନ ହେଲା ହାତୀଙ୍କ ଉପଦ୍ରବ ବୃଦ୍ଧି ପାଇଥିବା ବେଳେ ଗତ ୮ ଦିନ ହେଲା ଗୋଟିଏ ଏକୁଟିଆ ଦନ୍ତା ଲାଞ୍ଜିଗଡ଼ ଓ ଛତ୍ରପୁର ପଞ୍ଚାୟତ ବିଭିନ୍ନ ଗାଁ ଲୋକଙ୍କୁ ନାକେଦମ କରିଛି। ସନ୍ଧ୍ୟା ହେଲେ ଜଙ୍ଗଲରୁ ବାହାରି ବହୁ କ୍ଷୟକ୍ଷତି କରୁଥିବା ବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ଛତ୍ରପୁର ପଞ୍ଚାୟତ ବାରବୁଲି ଗାଁରେ ପଶି ଲାଞ୍ଜିଗଡ଼ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା(ଓପିଲିପି) ପକ୍ଷରୁ ନିର୍ମାଣ କରାଯାଇଥିବା ପାଣି ଟାଙ୍କି ଭାଙ୍ଗି ଦେଇଛି। ଗାଁ ନିକଟସ୍ଥ ଜମିରେ ଜନ ସାହାଯ୍ୟ ସଂସ୍ଥା ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଟବେରୀ ଚାଷ ପ୍ରଣାଳୀକୁ ମଧ ମାଡି ଚକଟି ପାଇପ ଲାଇନ ଭାଙ୍ଗି ଦେଇଛି। ଗ୍ରାମର କର୍ଣ୍ଣ ମାଝି, ଗୌରାଙ୍ଗ ମାଝି, ବନ ମାଝି, ରାଇ ମାଝି, ସାନ ମାଝି, ପୂର୍ଣ୍ଣ ମାଝି ଓ ରାଜେଶ ମାଝି ଠେଙ୍ଗାବାଡି, ବାଜାବାଜଣା ଧରି ରାତିସାରା ଗାଁ ଜଗି ରହିଥିଲେ। ଏହି ପଟିକିଆ ଦନ୍ତା ୮ ଦିନ ହେଲା ଅଞ୍ଚଳରେ ତାଣ୍ଡବ ରଚିଥିବା ବେଳେ ହାତୀ ଘଉଡ଼ାଇବା ପାଇଁ ବନ ବିଭାଗ ପାଖରେ କୌଣସି ବିକଳ୍ପ ନାହିଁ। ମାତ୍ର ୨ରୁ ୩ଜଣ ଏଲିଫାଣ୍ଟ ସ୍କ୍ୱାଡ଼ଙ୍କୁ ଦାୟିତ୍ୱ ଦେଇ ଚୁପ୍ ହୋଇବସିଛି। ଅନ୍ୟପଟେ ଲୋକେ ବାଜା ବଜାଇ ଗାଁ ଜଗୁଛନ୍ତି। ଗତ ୨୮ ତାରିଖ ବିଳମ୍ବିତ ରାତିରେ ଏକ ୮ ଟିକିଆ ହାତୀପଲ ଲାଞ୍ଜିଗଡ଼ ବନ ବିଭାଗ ଅଧୀନ ଝଜ୍ଜୁରପଦର ଗାଁରେ ପସି ଦୁଇ ଘର ଭାଙ୍ଗିବା ସହ କପା, ଧାନ, ଚାଉଳ, ଆବାସପତ୍ର ନଷ୍ଟ କରିଥିବା ଜଣାପଡ଼ିଛି। ଗତ ୨୭ ତାରିଖରେ ନିକଟସ୍ଥ ଗାଁ ଲେପଟାଗୁଡ଼ାରେ ଏହି ହାତୀଙ୍କ ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଥିଲେ। ହାତୀ ଭୟରେ ଲୋକେ ଲାଞ୍ଜିଗଡ଼-ବନ୍ଧପାରି ମୁଖ୍ୟ ରାସ୍ତାରେ ଆଜିକୁ ୮ ଦିନ ହେଲା ଯାତାୟାତ ସମ୍ପୂର୍ଣ୍ଣ ଭାବେ ଠପ ହୋଇଯାଇଥିବା ବେଳେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଜିଲା ଉଚ୍ଚସ୍ତରୀୟ ଅଧିକାରୀ ଏଥିପ୍ରତି ଅତିଶୀଘ୍ର ଦୃଷ୍ଟି ନ ଦେଲେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଅଞ୍ଚବାସୀ ଚେତାବନୀ ଦେଇଛନ୍ତି।

# ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

**କେସିଙ୍ଗା,୫।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭା ଗୃହରେ ବ୍ଲକ ଅଧକ୍ଷ ଚନ୍ଦନ ସେନାପତିଙ୍କ ଅଧକ୍ଷତାରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପାଇଁ ପ୍ରସ୍ତୁତି ବୈଠକ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୨୬ଟି ଗ୍ରାମପଞ୍ଚାୟତରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଶେଷ ହୋଇଯାଇଛି। ଆସନ୍ତା ୯ ତାରିଖରେ ହେବାକୁ ଥିବା ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ପାଇଁ କେମିତି ପାଳନ କରାଯିବା ଏବଂ ବିଭିନ୍ନ ପ୍ରତିଯୋଗିତା, ଷ୍ଟେଜ ନିର୍ମାଣ, ଖାଦ୍ୟ ପ୍ରସ୍ତୁତି, ବିଭିନ୍ନ କମିଟି ଗଠନ, ଶାନ୍ତିଶୃଙ୍ଖଳା ରକ୍ଷା କରିବା, ଷ୍ଟେଜରେ ଆଲୋକୀକରଣ, ବେଲଖଣ୍ଡି ଶୈବପୀଠରୁ ମଶାଲ ଯାତ୍ରା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ସମସ୍ତ ସରପଞ୍ଚ, ସମିତି ସଭ୍ୟସଭ୍ୟା ଯୋଗଦେଇ ଶାନ୍ତିଶୃଙ୍ଖଳା ଭାବେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପାଳନ ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ମେହେର, ଜିପିଓ ଜୟନ୍ତ ମୁଣ୍ଡ, ସିଡିପିଓ ମୁଯିବୁନି ନିଶା, ଆକାଉଣ୍ଟର ଅଫିସର କରୁଣାକର ସାମିନି, ତୁଣ୍ଡଲା ପିଇଓ ଉମାଶଙ୍କ ପ୍ରଧାନ, ସହକାରୀ ଯୋଗାଣ ଅଧିକାରୀ, ଦେଓଗାଁ ସରପଞ୍ଚ ଡମ୍ବରୁ ଧର ପଟ୍ଟନାୟକ, ଅଞ୍ଜନା ନାଗ, ସୁରେନ୍ଦ୍ର କୁମାର ଦୋରା ପ୍ରମୁଖ ଯୋଗଦେଇଥିଲେ।

# ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା



ପଲମ ପଞ୍ଚାୟତସ୍ଥିତ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ପଲମ/ଲାଞ୍ଜିଗଡ଼,୫।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ପଲମ ଉଚ୍ଚ ବିଦ୍ୟାଳୟଠାରେ ଗୁରୁବାର ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପାଳିତ ହୋଇଯାଇଛି। ପଲମ ସରପଞ୍ଚ ହେମକିଶୋର ନାଗଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପଲମ କଷ୍ଟରର ସିଆରସିସି ବିପ୍ର ବଗର୍ତ୍ତି, ମୁଖ୍ୟ ସମ୍ମାନିତ ଅତିଥି ଭାବେ ନର୍ଲା ବ୍ଲକ ଉପାଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି ଯୋଗଦାନ ଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ପଲମ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜେଶ ଭୋଇ, ପଲମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଯୁବରାଜ ଜାନୀ, ପଲମ ଏଲଆଇ ସଲମି କୁମାର, ନାଏବ ସରପଞ୍ଚ ନମୀତା ସାହୁ, ନଟବର ସାହୁ, ଖଗେଶ୍ୱର ସାହୁ, ପଞ୍ଚାୟତ ପିଇଓ ମଧୁସୁଦନ ନାଏକ ଯୋଗଦାନ ଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷକ ଗୋବିନ୍ଦ ମାଝି ଓ ଗୌରଚନ୍ଦ୍ର ଗହିର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପିଇଓ ନାଏକ ଧନ୍ୟବାଦ ଦେଇଥିଲେ।

ସେହିପରି କଳାହାଣ୍ଡି ଜିଲା ଲାଞ୍ଜିଗଡ ହାଇସ୍କୁଲ ଖେଳ ପଡ଼ିଆଠାରେ ଲାଞ୍ଜିଗଡ଼ ଗ୍ରାମପଞ୍ଚାୟତ ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଗୁରୁବାର ପାଳିତ ହୋଇଯାଇଛି। ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେଶନିଆ ଯୋଗଦେଇଥିଲେ। ଲାଞ୍ଜିଗଡ଼ ଯୁବକ ସଂଘ ସମ୍ପାଦକ ଭୁପେନ୍ଦ୍ର ମହାରଥା ଅତିଥିଙ୍କ ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ସାମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ଲାଞ୍ଜିଗଡ଼ ହାଇସ୍କୁଲ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ମହାପାତ୍ର, ପୂର୍ବତନ ସରପଞ୍ଚ ଚନ୍ଦ୍ର ଧ୍ୱଜ ପେଶନିଆ, ଲାଞ୍ଜିଗଡ଼ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ପ୍ରକଳ୍ପ ସଂଯୋଜକ ଲମ୍ବୋଦର ପ୍ରଧାନ, ଲାଞ୍ଜିଗଡ଼ ଯୁବକ ସଂଘ ପୂର୍ବତନ ସଭାପତି ଅଶୋକ ପଟନାୟକ, ବେଦାନ୍ତ ସିଏସଆର ପକ୍ଷରୁ ଶ୍ରୀମୁଖ ଅଗସ୍ତି, ଆଇସିଡିଏସ ସୁପରଭାଇଜର ଜୋସ୍ନାରାଣୀ ମିଶ୍ର, କୃଷି ଅଧିକାରୀ ଧର୍ମେନ୍ଦ୍ର ଶବର, ନିର୍ବାହୀ ଅଧିକାରୀ ଅନାଦି ଜାନୀ, ନାଏବ ସରପଞ୍ଚ ହରେକୃଷ୍ଣ ହରିଜନ ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ମହିଳାଙ୍କ ଦ୍ୱାରା ହୁଳହୁଳି ଓ ଶଙ୍ଖ ଫୁଙ୍କିବା, ଛାତ୍ରୀଛାତ୍ରମାନେ ଆଦିବାସୀ ନୃତ୍ୟ, ସଙ୍ଗିତ ପ୍ରତିଯୋଗିତା, ସଚେତନତା ନାଟକ, ଘୁମୁରା ଆଦି ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ଗ୍ରାମବାସୀ, ଲାଞ୍ଜିଗଡ଼ ବିଭିନ୍ନ ସ୍କୁଲ ଛାତ୍ରଛାତ୍ରୀ, ପଞ୍ଚାୟତର ବିଭିନ୍ନ ଗ୍ରାମର ଜନସାଧାରଣ ଉପସ୍ଥିତ ଥିଲେ।

# ସ୍କୁଲ ହେବା ସ୍ଥାନରେ ଆର୍‌ଆଇ କାର୍ଯ୍ୟାଳୟ ନିର୍ମାଣକୁ ବିରୋଧ

**ଖଡ଼ିଆଳ,୫।୧(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ କିରିକିଟା ଗ୍ରାମପଞ୍ଚାୟତଠାରେ ସ୍କୁଲ ହେବା ସ୍ଥାନରେ ଆରଆଇ ଅଫିସ ନିର୍ମାଣ ହେଉଥିବା ନେଇ ଗ୍ରାମବାସୀ ଓ ସ୍କୁଲ ପରିଚାଳନା କମିଟି ବିରୋଧ କରୁଛନ୍ତି। ସେହି ପଡ଼ିଆର ଅନ୍ୟ ପାର୍ଶରେ ଆରଆଇ ଅଫିସ ନିର୍ମାଣ କରିବା ପାଇଁ ଦାବି କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଉକ୍ତ ଉପ୍ରା ବିଦ୍ୟାଳୟର ସ୍ଥାନ ଗ୍ରାମର ଜଣେ ବ୍ୟକ୍ତିଙ୍କ ନାମରେ ରହିଛି। ଫଳରେ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ସରକାରୀ ବିଦ୍ୟାଳୟ ବେସରକାରୀ ସ୍ଥାନରେ ଥିବାରୁ ଅନେକ ସମୟରେ ବିବଦା ଲାଗି ରହୁଛି। ଫଳରେ ଗ୍ରାମବାସୀ ପଞ୍ଚାୟତ ମଝିରେ ଥିବା ଜାଗା (କେନ୍ଦୁପତ୍ର ଫଡି) ପାର୍ଶରେ ଏକ ଏକର ୧୬ ଡିସମିଲ ଥିବା ସ୍ଥାନକୁ ଚିହ୍ନଟ କରି ନୂତନ ବିଦ୍ୟାଳୟ ସ୍ଥାପନ କରିବାକୁ ସରକାରୀସ୍ତରରେ ନିଷ୍ପତ୍ତି ନେଇ ସାରିଥିଲେ। ହେଲେ ଖଡ଼ିଆଳ ରାଜସ୍ୱ ବିଭାଗ ପକ୍ଷରୁ କିରିକିଟାଠାରେ ହେବାକୁ ଥିବା ଆରଆଇ ଅଫିସ ବିଦ୍ୟାଳୟ ସ୍ଥାପନ ହେବା ଜମି ମଧ ଭାଗରେ ଗୃହ କାର୍ଯ୍ୟ ନିର୍ମାଣ ପାଇଁ ଫାଉଣ୍ଡେସନ କାର୍ଯ୍ୟ ଜାରି ରହିଥିଲା। ଫଳରେ ବିଦ୍ୟାଳୟ ନିର୍ମାଣ ହେବାରେ ଅସୁବିଧା ସୃଷ୍ଟି ହେବ। ତେଣୁ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ରାଜସ୍ୱ କାର୍ଯ୍ୟାଳୟ ସେହି ସ୍ଥାନରେ ନ କରିବାକୁ ଦାବି କରିଥିଲେ। ଆରଆଇ ଅଫିସ ପାଇଁ ଖୋଳିଥିବା ଫାଉଣ୍ଡେସନକୁ ପୋତି ଅନ୍ୟ ସ୍ଥାନରେ କରିବା ନେଇ ସ୍ଥାନ ଚିହ୍ନଟ କରି ନୂତନ ଭାବେ ଫାଉଣ୍ଡେସନ ଚିହ୍ନଟ ଦେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

# ମେଗାଲିଫ୍ଟ କେନାଲ ଡିଏମ୍ ୧୧ରୁ ଜଳସେଚନ ଦାବି

**କୋକସରା,୫।୧(ଡି.ଏନ.ଏ.)**

**ନିର୍ମାଣ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କଲେ ଚାଷୀ**

କଳାହାଣ୍ଡି ଜିଲା ମୁଖୀଗୁଡା ଇନ୍ଦ୍ରାବତୀ ମେଗାଲିଫ୍ଟ କେନାଲରୁ ଗତବର୍ଷଠାରୁ ଜୟପାଟଣା କୋକସରା ଓ ଧର୍ମଗଡ଼ ବ୍ଲକ ଜମିକୁ ଜଳସେଚନ ଆରମ୍ଭ ହୋଇଥିବା ବେଳେ ରବି ଋତୁ ଧାନଚାଷ ପାଇଁ ଡିଏମ ୧୩ ପର୍ଯ୍ୟନ୍ତ ଜୟପାଟଣା ଓ କୋକସରା ବ୍ଲକର ପାଖାପାଖି ୧୩ ହଜାର ହେକ୍ଟର ଜମିକୁ ଜଳସେଚନ କରାଯିବା ନେଇ କୁସୁମଖୁଣ୍ଟି ଉଠା ଜଳସେଚନ ନିର୍ବାହୀ ଯନ୍ତ୍ରୀଙ୍କ ସୂତ୍ରରୁ ସୁଚନା ମିଳିଛି। ତେବେ ଲଡୁଗାଁ ପଞ୍ଚାୟତ ଦେଇ ଯାଇଥିବା ମେଗାଲିଫ୍ଟ କେନାଲ ଡିଏମ ୧୧ର ଶତାଧିକ ଅଞ୍ଚଳ ହେକ୍ଟର ଜମି ଜଳସେଚନ ପରିଚାଳନାରେ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଜଳସେଚନ ହେଉ ନ ଥିବା ଓ ମରାମତି ଦାବି କରି ଗୁରୁବାର ଲଡୁଗାଁ ପଞ୍ଚାୟତ ଅଞ୍ଚଳ ଚାଷୀମାନେ ମୁଖୀଗୁଡା ଇନ୍ଦ୍ରାବତୀ ନିର୍ମାଣ ଯନ୍ତ୍ରୀ ଅନିଲ କୁମାର ପାଣିଗ୍ରାହୀଙ୍କୁ ସାକ୍ଷାତ କରି ଜଳସେଚନ ଦାବିରେ ଦାବିପତ୍ର ପ୍ରଦାନ କରିଛନ୍ତି। ଚାଷୀଙ୍କ ଦାବି ଉପରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଚାଷୀ ଦୁର୍ଗା ପ୍ରସାଦ ଅଗ୍ରୱାଲଙ୍କ ନେତୃତ୍ୱରେ ଅଶୋକ ଅଗ୍ରୱାଲ, ପୁର୍ବତନ ସରପଞ୍ଚ କହ୍ନେଇ ଚରଣ ଦାସ, କିଶୋର ଚନ୍ଦ୍ର ଦାସ, ସୁବାସ ଚନ୍ଦ୍ର ଅଗ୍ରୱାଲ, ବ୍ୟୋମକେଶ ସାହୁ, ଗୁଣନିଧି ବାଗ, ଶ୍ରୀମନ୍ତ ପାଢ଼ୀ, ରୁଦ୍ର ପ୍ରସାଦ ଦାସ, ଖଗେଶ୍ୱର ଚୌଧୁରୀ ଅନ୍ୟ ଚାଷୀମାନେ ଉପସ୍ଥିତ ରହିଥିଲେ।

# ମଣ୍ଡିରେ ଶ୍ରମିକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ଜିଲାର ଏକ ମଣ୍ଡିରେ ଶ୍ରମିକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଛନ୍ତି।

**ଭବାନୀପାଟଣା,୫।୧(ସ୍ୱ.ପ୍ର.)**

**୨ ଦଫା ଦାବି, ଧାନ ଉଠାଣ ପ୍ରକ୍ରିୟା ବାଧାପ୍ରାପ୍ତ**

କଳାହାଣ୍ଡି ଜିଲାର ୧୩୬ରୁ ଊର୍ଦ୍ଧ୍ୱ ମଣ୍ଡିରେ ଗୁରୁବାର ୨ ଦଫା ଦାବି ନେଇ ଶ୍ରମିକ (ହେମାଲ)ମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି। ଏହାଦ୍ୱାରା ମଣ୍ଡିରେ ଧାନ ଉଠାଣ ବାଧାପ୍ରାପ୍ତ ହୋଇଛି। ସେହିପରି ମଣ୍ଡିରେ ଧାନ ନ ଉଠିବା ଓ ଅନ୍ୟପଟେ କୋହଲା ପାଗକୁ ଦେଖି ଚାଷୀ ଚିନ୍ତାରେ ରହିଛନ୍ତି। ମଣ୍ଡିରେ କାର୍ଯ୍ୟରତ ଶ୍ରମିକ (ହେମାଲ)ମାନଙ୍କୁ ପ୍ରଥମେ କୁଇଣ୍ଟାଲ ପିଛା ୧୧ ଟଙ୍କା ୧୯ ପଇସା ଦିଆଯାଉଥିଲା। ବର୍ତ୍ତମାନ ଶ୍ରମିକମାନଙ୍କୁ ୮ଟଙ୍କା ୪୭ ପଇସା ଦିଆଯାଉଛି। ସେହିପରି ମଣ୍ଡିରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ମଧ କରାଯାଇନାହିଁ। ତେଣୁ ଶ୍ରମିକଙ୍କୁ ପୂର୍ବରୁ ଦିଆଯାଉଥିବା ୧୧ଟଙ୍କା ୧୯ ପଇସା ପ୍ରଦାନ ଏବଂ ଓଡିଶା ଗେଜେଟ ମୁତାବକ ମଜୁରୀ ପ୍ରଦାନ ତଥା ସାମାଜିକ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ଦାବି କରିଛନ୍ତି। ଦାବି ପୂରଣ କରା ନ ହେଲେ ଅନିର୍ଦ୍ଦିଷ୍ଟକାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ଶ୍ରମିକମାନେ ଚେତାବନୀ ଦେଇଛନ୍ତି।

# ମେଦିନୀପୁରରେ କଳାହାଣ୍ଡି ଉତ୍ସବ ପାଳିତ

**ଭବାନୀପାଟଣା,୫।୧(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ଅନ୍ତର୍ଗତ ମେଦିନୀପୁରରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପାଳିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଗୌରୀ କୁମାର ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତଥା ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଅଭ୍ୟର୍ଥନା ଉପ କମିଟି ସହ ଅଧକ୍ଷ ପ୍ରଦୀପ କୁମାର ସାହୁ ଯୋଗଦେଇ ଉତ୍ସବର ସୁଦୂର ପ୍ରସାରୀ ଲକ୍ଷ୍ୟ, ବୀରମାଟି କଳାହାଣ୍ଡିର ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ଗାଥା ଉପସ୍ଥାପନ କରିଥିଲେ। ଏହି ଅବସରରେ ଝୋଟି, ମୁରୁଜ, ଗୀତସଙ୍ଗିତ, ହୁଳହୁଳି ଆଦି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଆଶିଷ କୁମାର ପଣ୍ଡା, ଶୁଶାନ୍ତ କୁମାର ବଣିଆ, ଦେବେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଲକ୍ଷ୍ମୀ ପ୍ରିୟା ଦାଶ, ସୁନ୍ଦର ନାଏକ, ସୂର୍ଯ୍ୟକାନ୍ତ ମିଶ୍ର, ନବୀନ କୁମାର ଗଉଡ ପ୍ରମଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜିଆରଏସ ଦେବେନ୍ଦ୍ର ବାବୁ ଧନ୍ୟବାଦ ଦେଇଥିଲେ।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ଟକର୍ଲା ଚାମ୍ପିୟନ

**ତୁଣ୍ଡଲା,୫।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ତୁଣ୍ଡଲା ପଞ୍ଚାୟତ ରାଜାପଡା ଖେଳ ପଡିଆଠାରେ ଭାଗିରଥି ଯୁବକ ସଂଘ ପକ୍ଷରୁ ଚାଲିଥିବା ନକଆଉଟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ୧୨ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ ଟକର୍ଲା ଓ ଚିଚର୍ଲା ଦଳ ମଧ୍ୟରେ ହୋଇଥିଲା। ଖେଳ ୧-୧ ଗୋଲ ହୋଇଥିବାରୁ ପରେ ପେନାଲଟିକ ସୁଟଆଉଟରେ ୩-୨ରେ ଟକର୍ଲା ବିଜୟୀ ହୋଇଛି। ବିଜୟୀ ଦଳକୁ ଟ୍ରଫି ସହ ୭୦୦୦ ଓ ରନର୍ସ ଦଳକୁ ଟ୍ରଫି ସହ ୫୦୦୦ ଟଙ୍କା ପ୍ରଦାନ କରାଯାଇଛି। ଯୁବକ ସଂଘ ସଭାପତି ମୁନିରାମ ମାଝି ସଭାପତିତ୍ୱ କରିଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ମନୋଜ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ନାଏକ, ରଜାପଡାର ଗୌନ୍ତିଆ ରଜନୀକାନ୍ତ ମାଝି, ଧରିତ୍ରୀ ଖବରଦାତା ଫିରୋଜ କୁମାର ଦାଶ ପ୍ରମୁଖ ଯୋଗଦାନ କରିଥିଲେ। ରେଫରୀ ଭାବେ ଜଗଦୀଶ ଦୀପ, ପବିତ୍ର ନାଏକ ଓ ହେମନ୍ତ ମାଝି ପ୍ରମୁଖ ପରିଚାଳନା କରିଥିବା ବେଳେ ବେଲଖଣ୍ଡି କ୍ଲଷ୍ଟର ସିଆରସି ଦିବ୍ୟସିଂ ମାଝି ଧାରାବିବରଣୀ ପ୍ରଦାନ କରିଥିଲେ। ଯାଦବ ଥପା, ହେରାମ ମାଝି, ସୁନୀଲ ମାଝି, ଗୌର ମହାଡିଗ, ଅଜୟ ମାଝି, ମିଳନ ସାହୁ, କପିଳ କୁମାର ନାଏକ, ଆର୍ଯ୍ୟନ ମାଝି, ଅରମାନ ମାଝି ଏବଂ ଅନ୍ୟମାନେ ଖେଳ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

# ମଣ୍ଡିରୁ ଉଠୁନି ଧାନ, ଚାଷୀଙ୍କ ଧାରଣା

**ନୂଆପଡ଼ା ଅଫିସ,୫।୧**

ନୂଆପଡା ସଦର ବ୍ଲକ ବ୍ଲକର ୬ ପାକ୍ସ ଅଧୀନ ୧୪ଟି ମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡି ରହିଥିଲେ ମଧ୍ୟ ମିଲର୍ସ ଉଠାଉ ନାହାନ୍ତି। ଏହାର ପ୍ରତିବାଦରେ ଗୁରୁବାର ଶତାଧିକ ଚାଷୀ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଭିତରକୁ ଧସେଇ ପଶିଥିଲେ। ବୁଧବାର ଧରମବନ୍ଧା ଓ ସାରାବଙ୍ଗ ପ୍ରାଥମିକ କୃଷି ସେବା ସମବାୟ ସମିତି ଅଧୀନ ଉପର ଜୋଙ୍କ ଜଳସେଚନ ପ୍ରକଳ୍ପର ୧ରୁ ୫ ପର୍ଯ୍ୟନ୍ତ ପାଣିପଞ୍ଚାୟତର ଚାଷୀ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଭିତରେ ଧାରଣାରେ ବସିବାରୁ ସେମାନଙ୍କ ଧାନ ଗୁରୁବାର ମଣ୍ଡିରୁ ଉଠାଣ କରାଯାଉଛି। ହେଲେ ଆମ ଧାନ ଡିସେମ୍ବର ୧୦ରୁ ମଣ୍ଡିରେ ପଡିରହିଛି। ବସ୍ତା ଉଇ ଖାଇ ସାରିଲାଣି। ଆମ ୬ରୁ ୧୬ ପାଣି ପଞ୍ଚାୟତ ଚାଷୀଙ୍କ ଧାନ ଉଠାଇବାରେ ବିଳମ୍ବ କାହିଁକି। ଟୋକନ ଅବଧି ମାତ୍ର ଦୁଇ ଦିନ ବାକି ରହିଛି। ଟୋକନ ଲାପ୍ସ ହୋଇଯିବ। ତାହାର ଦାୟୀ କିଏ ହେବ। ଚାଷୀ କେଉଁଠୁ ଧାନ ନେଇ ବିକ୍ରି କରିବ ବୋଲି ଚାଷୀମାନେ ଯୋଗାଣ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ବର୍ତ୍ତମାନ ସଦର ବ୍ଲକ ଖରିଆର ରୋଡ ପାକ୍ସରେ ୧୦ଜଣ ଚାଷୀଙ୍କ ୧୦୧୦୧ ବସ୍ତା ଧାନ, ଡୁମେରପାଣି ମଣ୍ଡିରେ ୬୫ଜଣ ଚାଷୀଙ୍କ ୬୮୫୫ ବସ୍ତା ଧାନ ପଡିଥିବା ବେଳେ କୋଦୋମେରି ମଣ୍ଡିରେ ୨୭ଜଣ ଚାଷୀଙ୍କ ୩୧୫୦ ବସ୍ତା ଧାନ ପଡିଛି। ବେଲଚୁଙ୍କୁରି ପାକ୍ସରେ ୩୭ ଚାଷୀଙ୍କ ୪୭୯୮ ବସ୍ତା, ଭାଲେଶ୍ୱର ମଣ୍ଡିରେ ୭୪ ଚାଷୀଙ୍କ ୯୮୫୪ ବସ୍ତା ଧାନ, କୁଲିଆବନ୍ଧା ପାକ୍ସରେ ୪୦ଚାଷୀଙ୍କ ୪୯୭୬ ବସ୍ତା, ପରକୋଡ ପାକ୍ସରେ ୧୨୫ଜଣ ଚାଷୀଙ୍କ ୧୫୧୫୭ ବସ୍ତା, ଭୈଷାତାଲ ମଣ୍ଡିରେ ୯୬ ଚାଷୀଙ୍କ ୧୦୦୨୬ ବସ୍ତା, ବଲୋଦା ମଣ୍ଡିରେ ୨୬ ଚାଷୀଙ୍କ ୪୫୦୧ ବସ୍ତା ଓ ବୁଢ଼ିପାଲି ମଣ୍ଡିରେ ୪୮ଚାଷୀଙ୍କ ୬୮୬୦ ବସ୍ତା ଧନ ପଡି ରହିଛି। ଦର୍ଲିମୁଣ୍ଡା ପାକ୍ସର ସାହିପଲା ମଣ୍ଡିରେ ୮୪ଜଣ ଚାଷୀଙ୍କ ୮୩୮୪ ବସ୍ତା ଧାନ ପଡିଛି। ନୂଆପଡା ପାକ୍ସରେ ୮୪ଜଣ ଚାଷୀଙ୍କ ୯୭୫୪ ବସ୍ତା ଧାନ ରହିଛ। ଟାନୱାଟ ମଣ୍ଡିରେ ୨୩ଜଣ ଚାଷୀଙ୍କ ୨୮୦୦ ବସ୍ତା ଧାନ ପଡି ରହିଛି। ସଦର ବ୍ଲକର ୬ ପାକ୍ସ ଅଧୀସ୍ଥ ୧୪ଟି ମଣ୍ଡିରେ ୭୩୭ଜଣ ଚାଷୀଙ୍କ ମୋଟ ୯୮,୨୧୬ ବସ୍ତା ଧାନ ପଡି ରହିଛି। ଆକାଶରେ ମେଘୁଆ ପାଗ ଦେଖି ଚାଷୀ ଚିନ୍ତାରେ ପଡିଛନ୍ତି। ମଣ୍ଡିରୁ ଶୀଘ୍ର ଧାନ ଉଠା ନ ଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବୁ ବୋଲି ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ ଜି.ପ୍ରଭାକର ପାତ୍ରଙ୍କୁ ପଚାରିବାରୁ ମିଲର୍ସଙ୍କୁ ଫୋର୍ସ କରି ଧାନ ଶୀଘ୍ର ଉଠାଇବା ପାଇଁ ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଥିଲେ।



ଚାଷୀମାନେ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ଧାରଣାରେ ବସିଛନ୍ତି।

### ଜାତୀୟ ସେବା ଶିବିର ଉଦ୍‌ଘାଟିତ

ବୋଡେନ,(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜ ଜାତୀୟ ସେବା ସଂସ୍ଥା ପକ୍ଷରୁ ଶୀତକାଳିନ ସେବା ଶିବିର ଉଦ୍‌ଘାଟିତ ହୋଇଯାଇଛି। କର୍ଲାପଡା ଗ୍ରାମରେ କାର୍ଯ୍ୟକ୍ରମ ଅଧିକାରୀ ଡା. କିଶୋର କୁମାର କର୍ଣ୍ଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲା ପରିଷଦ ଅଧକ୍ଷା ଡଲି ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। କଲେଜ ଅଧକ୍ଷ ଅବନୀ କୁମାର ଖମାରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା କାର୍ଯ୍ୟକ୍ରମ ଅଧିକାରୀ ସନ୍ତୋଷ କୁମାର ମୁଣ୍ଡ, ଆଇନଜୀବୀ ଯୋଗେନ୍ଦ୍ର ମାଝି, ବଳରାମ ଦଣ୍ଡସେନା, ଲଳିତ ମୋହନ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।


ଲିପ୍‌ସା ମହାରଣା।

# ଆମୋଦିତ କରୁଛି ଲିପ୍‌ସାଙ୍କ କଣ୍ଠଦାନ

### ଧନୁଯାତ୍ରା ମହୋତ୍ସବରେ ପରଦା ପଛର ଗାୟିକା

ମଥୁରାନଗରୀ,୫।୧

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବର ସ୍ୱାତନ୍ତ୍ର୍ୟ ରହିଛି। ଏଠାରେ କେବଳ ଯେ କଂସ, କୃଷ୍ଣ, ବଳରାମ କିମ୍ବା ଅନ୍ୟ ଚରିତ୍ରରେ ଅଭିନୟ କରୁଥିବା ଲୋକେ କଳାକାର ତାହା ନୁହେଁ। ସାରା ମଥୁରାବାସୀଙ୍କ ସମେତ ଏଠାକୁ ଆସୁଥିବା ପ୍ରତି ଦର୍ଶକ, ନୃତ୍ୟଶିଳ୍ପୀ ଜଣେ ଜଣେ କଳାକାର। ଏହାବାଦ୍ କଳାକାରଙ୍କ ମହାକୁମ୍ଭର ଏହି ମହୋତ୍ସବରେ ଅନେକ କଳାକାରଙ୍କୁ ଦେଖିବାକୁ ମିଳେନାହିଁ। ମାତ୍ର ତାଙ୍କ ବିନା ମହୋତ୍ସବର ମାଧୁର୍ଯ୍ୟ, ଆକର୍ଷଣ ବୃଦ୍ଧି ହେବା ଆଶା କ୍ଷୀଣ। ମହୋତ୍ସବର ପରଦା ପଛରେ ରହିଥିବା ଏଭଳି ଜଣେ କଳାକାର ହେଉଛନ୍ତି ଲିପ୍‌ସା ମହାରଣା। କଳାହାଣ୍ଡି ଜିଲା ଭବାନୀପାଟଣା ସହର ନିବାସୀ ମା’ ଅତୁଲ୍ୟ ଏବଂ ବାପା ସୁରେଶଙ୍କ ଉଚ୍ଚଶିକ୍ଷିତା ଝିଅ ଲିପ୍‌ସା ଏଥର ଧନୁଯାତ୍ରାର କଂସ ଦରବାରରେ କଣ୍ଠଦାନ କରୁଛନ୍ତି। ପ୍ରଥମଥର ପାଇଁ ଏହି ଧନୁଯାତ୍ରାର ଦୃଶ୍ୟାଭିନୟ ବେଳେ ଆବଶ୍ୟକସ୍ଥଳେ ସୁଲଳିତ କଣ୍ଠରେ ଲିପ୍‌ସାଙ୍କ କଣ୍ଠଦାନ ଦୃଶ୍ୟାଭିନୟକୁ ଯେଭଳି ଆକର୍ଷିତ କରିପାରୁଛି, ଦର୍ଶକଙ୍କୁ ତାହା ଆହୁରି ଆମୋଦିତ କରୁଛି। ତେବେ କଣ୍ଠଦାନରେ ଲିପ୍‌ସା ନୂଆ ନୁହଁନ୍ତି। ଅନେକ ମଞ୍ଚ, ଆଲବମ୍ ଆଦିରେ କଣ୍ଠଦାନ କରି ସେ ରାଜ୍ୟରେ ଜଣେ ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଭାବେ ବେଶ୍ ପରିଚିତ। ଝରଣା ପାଣି, ମୋର୍ କଳାହାଣ୍ଡି ମୋତେ ସୁନ୍ଦର, ପ୍ରେମ ଉପହାର, ଆମ୍ ଲସି ଭଳି ଅନେକ ଆଲବମ୍‌ରେ ସେ କଣ୍ଠଦାନ କରି ଲୋକଙ୍କ ମନ ଜିଣିପାରିଛନ୍ତି। ସେହିପରି ଭୁବନେଶ୍ୱରର ଭଞ୍ଜ କଳା ମଣ୍ଡପରେ ଅନୁଷ୍ଠିତ ସଙ୍ଗୀତ ନାଟକ ଏକାଡ଼େମୀର କାର୍ଯ୍ୟକ୍ରମ, ସମ୍ବଲପୁର ଲୋକ ମହୋତ୍ସବର ଇନ୍ଦ୍ରାବତୀ ଗୀତିନାଟ୍ୟ, ଝାଡ଼ଖଣ୍ଡରେ ଡ୍ରାମା ଖରଟାପ୍, ଭୁବନେଶ୍ୱର ଦୂରଦର୍ଶନ କାର୍ଯ୍ୟକ୍ରମ ରଙ୍ଗବତୀ, ରବିନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ଡ୍ରାମା, ୟୁଥ୍ ଫେଷ୍ଟିଭାଲ୍, ଆକାଶବାଣୀ କାର୍ଯ୍ୟକ୍ରମ ଆଦିରେ ଲିପ୍‌ସା କଣ୍ଠଦାନ କରିଆସିଛନ୍ତି। ଏଥିପାଇଁ ସେ ଭଏସ୍ ଅଫ୍ କଳାହାଣ୍ଡି, ଭଏସ୍ ଅଫ୍ ୱେଷ୍ଟର୍ଣ୍ଣ ଓଡ଼ିଶା-୨୦୨୨, ୱିମେନ ଆଚିଭର୍ସ ଆୱାର୍ଡ଼-୨୦୨୦ ଆଦି ଆୱାର୍ଡରେ ସମ୍ବର୍ଦ୍ଧିତ ହୋଇସାରିଛନ୍ତି।


ସରକାରୀ ବାଳିକା ହାଇସ୍କୁଲରେ କଂସ ମହାରାଜଙ୍କୁ ସ୍ୱାଗତ କରାଯାଉଛି।

### ଆଜିର ଆକର୍ଷଣ ତା୬।୧।୨୩ (ଶୁକ୍ରବାର)

କୃଷ୍ଣ-ବଳରାମଙ୍କ ମଥୁରା ଭ୍ରମଣ, ଗୋବିନ୍ଦପାଲି ବିବେକାନନ୍ଦ ଛକରେ କୃଷ୍ଣ, ବଳରାମଙ୍କୁ ସ୍ୱାଗତୋତ୍ସବ, କୁବଳୟା ବଧ, ଅଷ୍ଟମଲ୍ଲ ବଧ, ଶିବଧନୁ ଭଗ୍ନ, କଂସ ବଧ, ଉଗ୍ରସେନଙ୍କ ରାଜାଭିଷେକ ଏବଂ ଉଦ୍‌ଯାପନୀ ସମାରୋହ।

## ଦୁର୍ଗା ମନ୍ଦିରରୁ ମା’ଙ୍କ ରୁପା ମୁକୁଟ ଚୋରି

**ନୂଆପଡ଼ା ଅଫିସ,୫।୧:** ସଦର ମନ୍ଦିରପଡାସ୍ଥିତ ଦୁର୍ଗା ମନ୍ଦିରରୁ ମା’ଙ୍କ ରୁପା ମୁକୁଟ ଚୋରି ହୋଇଥିବା ଅଭିଯୋଗ ହୋଇଛି। ନୂଆପଡା ସଦର ମନ୍ଦିରପଡାସ୍ଥିତ ଦୁର୍ଗା ମନ୍ଦିରରେ ବୁଧବାର ସନ୍ଧ୍ୟାରେ ନୀତିକାନ୍ତି ଅନୁସାରେ ପୂଜା ଅର୍ଚ୍ଚନା ଓ ଆରତୀ କରି ରାତ୍ରି ୮ଟାରେ ମୁଖ୍ୟ ପୂଜକ ଅକ୍ଷୟ ରଥ ମନ୍ଦିର ୨ଟି ଗେଟରେ ତାଲା ପକାଇ ଘରକୁ ଚାଲି ଯାଇଥିଲେ । ଗୁରୁବାର ସକାଳେ ପୂଜକ ମନ୍ଦିର ଆସିବା ବେଳକୁ ମନ୍ଦିର ମୁଖ୍ୟଗେଟ ଅଧା ଖୋଲା ହୋଇଥିବା ଦେଖିଥିଲେ। ଭିତରରେ ପଶି ଦେଖିବା ବେଳେ ମା’ଙ୍କ ରୁପା ମୁକୁଟ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ରୂପା ମୁକୁଟର ଓଜନ ଏକ କିଲୋଗ୍ରାମରୁ ଅଧିକ ହୋଇଥିବା ବେଳେ ଏହାର ବଜାର ମୂଲ୍ୟ ଲକ୍ଷାଧିକରୁ ଅଧିକ ହେବ। ଏ ନେଇ ମନ୍ଦିର ପରିଚାଳନା କମିଟି ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୂର୍ବାହ୍ନରେ ନୂଆପଡା ସଦର ଥାନା ଆଇଆଇସି ନିର୍ମଳ ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଟିମ ପହଞ୍ଚି ଅନୁସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଆରମ୍ଭ କରିଛି। ମନ୍ଦିରପଡାର ଏକ ଘରକୁ ଅନୁସନ୍ଧାନୀ କୁକୁର ପଶିବାରୁ ଜଣେ ଯୁବକଙ୍କୁ ସନ୍ଦେହରେ ଅଟକ ରଖି ପଚାରା ଉଚାରା କରାଯାଉଛି ବୋଲି ଆଇଆଇସି ସୂଚନା ଦେଇଛନ୍ତି।

## ଧନୁଯାତ୍ରାରେ ରୁଚି ମସଲା ମଣ୍ଡପ



ରୁଚି ମସଲା ମଣ୍ଡପରେ ଗ୍ରାହକଙ୍କ ଭିଡ଼ ।

### ଗ୍ରାହକଙ୍କ ପାଇଁ ରହିଛି ସ୍ୱତନ୍ତ୍ର ରିହାତି

ମଥୁରାନଗରୀ,୫।୧

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଓଡ଼ିଶାର ସୁପରିଚିତ ରୁଚି ମସଲା ଉଦ୍ୟୋଗ ବିଶାଳ ବାଣିଜ୍ୟ ମଣ୍ଡପ ଖୋଲିଛି। ଦୀର୍ଘବର୍ଷ ଧରି ରୁଚି ଏହି ପ୍ରସିଦ୍ଧ ସାଂସ୍କୃତିକ ମହୋତ୍ସବରେ ଗ୍ରାହକମାନଙ୍କ ପାଇଁ ବିଭିନ୍ନ ମସଲା, ସିମାଇ, ପାସ୍ତା ସାମଗ୍ରୀର ବିପଣନ ପସରା ସହିତ ଅଂଶଗ୍ରହଣ କରିଆସୁଛି। ଏହାସହିତ ଫ୍ରୋଜିଟ୍ ଡିଭିଜନ ପକ୍ଷରୁ ମଧ୍ୟ ଉତ୍ପାଦିତ ବିଭିନ୍ନ ସ୍ୱାସ୍ଥ୍ୟପ୍ରଦ ସାମଗ୍ରୀ ଏବଂ ରୁଚି ଚା’ ସ୍ଥାନ ପାଇଛି। ଧନୁଯାତ୍ରାରେ ରୁଚି ପକ୍ଷରୁ ଗ୍ରାହକଙ୍କ ପାଇଁ ବିଶେଷ ଅଫର୍ ରଖାଯାଇଛି ଏବଂ ପ୍ରତ୍ୟହ ରୁଚି ମଣ୍ଡପରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ କ୍ଷେତ୍ରରେ ଶୀର୍ଷସ୍ଥାନ ବଜାୟ ରଖିଥିବା ୪୭ ବର୍ଷର ରୁଚି ଫୁଡ୍‌ଲାଇନ ପକ୍ଷରୁ ସବୁବେଳେ ଗ୍ରାହକଙ୍କ ପାଇଁ ବିଶେଷ ଧ୍ୟାନ ଦିଆଯାଇଥାଏ। ଧନୁଯାତ୍ରାରେ ଚଳିତବର୍ଷ ରୁଚି ବ୍ୟବସାୟିକ ବୃଦ୍ଧି କ୍ଷେତ୍ରରେ ବେଶ୍ ସଫଳତା ପାଇଛି ବୋଲି ମାର୍କେଟିଂ ବିଭାଗର ମୁଖ୍ୟ ଦେବବ୍ରତ ପଟ୍ଟନାୟକ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନ୍ୟାୟବ୍ରତ ରାଉତ, ସାଗର ରଞ୍ଜନ ବାରିକ, ଆଲୋକ ଦାସ, ଅରକ୍ଷିତ ରଣା, ବିଦ୍ୟାଧର ପତି ପ୍ରମୁଖ ରୁଚି ମସଲା ମଣ୍ଡପରେ ଉପସ୍ଥିତ ଅଛନ୍ତି।

## ସ୍କୁଲ ହେବା ସ୍ଥାନରେ ଆର୍‌ଆଇ କାର୍ଯ୍ୟାଳୟ ନିର୍ମାଣକୁ ବିରୋଧ

ଖଡ଼ିଆଲ,୫।୧(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଲ ବ୍ଲକ ଅନ୍ତର୍ଗତ କିରିକିଟା ଗ୍ରାମପଞ୍ଚାୟତଠାରେ ସ୍କୁଲ ହେବା ସ୍ଥାନରେ ଆରଆଇ ଅଫିସ ନିର୍ମାଣ ହେଉଥିବା ନେଇ ଗ୍ରାମବାସୀ ଓ ସ୍କୁଲ ପରିଚାଳନା କମିଟି ବିରୋଧ କରୁଛନ୍ତି। ସେହି ପଡ଼ିଆର ଅନ୍ୟ ପାର୍ଶ୍ୱରେ ଆରଆଇ ଅଫିସ ନିର୍ମାଣ କରିବା ପାଇଁ ଦାବି କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଉକ୍ତ ଉପ୍ରା ବିଦ୍ୟାଳୟର ସ୍ଥାନ ଗ୍ରାମର ଜଣେ ବ୍ୟକ୍ତିଙ୍କ ନାମରେ ରହିଛି। ଫଳରେ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ସରକାରୀ ବିଦ୍ୟାଳୟ ବେସରକାରୀ ସ୍ଥାନରେ ଥିବାରୁ ଅନେକ ସମୟରେ ବିବଦା ଲାଗି ରହୁଛି। ଫଳରେ ଗ୍ରାମବାସୀ ପଞ୍ଚାୟତ ମଝିରେ ଥିବା ଜାଗା (କେନ୍ଦୁପତ୍ର ଫଡି) ପାର୍ଶ୍ୱରେ ଏକ ଏକର ୧୬ ଡିସମିଲ ଥିବା ସ୍ଥାନକୁ ଚିହ୍ନଟ କରି ନୂତନ ବିଦ୍ୟାଳୟ ସ୍ଥାପନ କରିବାକୁ ସରକାରୀସ୍ତରରେ ନିଷ୍ପତ୍ତି ନେଇ ସାରିଥିଲେ। ହେଲେ ଖଡ଼ିଆଳ ରାଜସ୍ୱ ବିଭାଗ ପକ୍ଷରୁ କିରିକିଟାଠାରେ ହେବାକୁ ଥିବା ଆରଆଇ ଅଫିସ ବିଦ୍ୟାଳୟ ସ୍ଥାପନ ହେବା ଜମି ମଧ ଭାଗରେ ଗୃହ କାର୍ଯ୍ୟ ନିର୍ମାଣ ପାଇଁ ଫାଉଣ୍ଡେସନ କାର୍ଯ୍ୟ ଜାରି ରହିଥିଲା। ଫଳରେ ବିଦ୍ୟାଳୟ ନିର୍ମାଣ ହେବାରେ ଅସୁବିଧା ସୃଷ୍ଟି ହେବ। ତେଣୁ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ରାଜସ୍ୱ କାର୍ଯ୍ୟାଳୟ ସେହି ସ୍ଥାନରେ ନ କରିବାକୁ ଦାବି କରିଥିଲେ। ଆରଆଇ ଅଫିସ ପାଇଁ ଖୋଳିଥିବା ଫାଉଣ୍ଡେସନକୁ ପୋତି ଅନ୍ୟ ସ୍ଥାନରେ କରିବା ନେଇ ସ୍ଥାନ ଚିହ୍ନଟ କରି ନୂତନ ଭାବେ ଫାଉଣ୍ଡେସନ ଚିହ୍ନଟ ଦେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ମେଗାଲିଫ୍ଟ କେନାଲ ଡିଏମ୍ ୧୧ରୁ ଜଳସେଚନ ଦାବି

କୋକସରା,୫।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ମୁଖୀଗୁଡା ଇନ୍ଦ୍ରାବତୀ ମେଗାଲିଫ୍ଟ କେନାଲରୁ ଗତବର୍ଷଠାରୁ ଜୟପାଟଣା କୋକସରା ଓ ଧର୍ମଗଡ଼ ବ୍ଲକ ଜମିକୁ ଜଳସେଚନ ଆରମ୍ଭ ହୋଇଥିବା ବେଳେ ରବି ଋତୁ ଧାନଚାଷ ପାଇଁ ଡିଏମ ୧୩ ପର୍ଯ୍ୟନ୍ତ ଜୟପାଟଣା ଓ କୋକସରା ବ୍ଲକର ପାଖାପାଖି ୧୩ ହଜାର ହେକ୍ଟର ଜମିକୁ ଜଳସେଚନ କରାଯିବା ନେଇ କୁସୁମଖୁଣ୍ଟି ଉଠା ଜଳସେଚନ ନିର୍ବାହୀ ଯନ୍ତ୍ରୀଙ୍କ ସୂତ୍ରରୁ ସୂଚନା ମିଳିଛି। ତେବେ ଲଡୁଗାଁ ପଞ୍ଚାୟତ ଦେଇ ଯାଇଥିବା ମେଗାଲିଫ୍ଟ କେନାଲ ଡିଏମ ୧୧ର ଶତାଧିକ ଅଞ୍ଚଳ ହେକ୍ଟର ଜମି ଜଳସେଚନ ପରିଚାଳନାରେ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଜଳସେଚନ ହେଉ ନ ଥିବା ଓ ମରାମତି ଦାବି କରି ଗୁରୁବାର ଲଡୁଗାଁ ପଞ୍ଚାୟତ ଅଞ୍ଚଳ ଚାଷୀମାନେ ମୁଖୀଗୁଡା ଇନ୍ଦ୍ରାବତୀ ନିର୍ମାଣ ଯନ୍ତ୍ରୀ ଅନିଲ କୁମାର ପାଣିଗ୍ରାହୀଙ୍କୁ ସାକ୍ଷାତ କରି ଜଳସେଚନ ଦାବିରେ ଦାବିପତ୍ର ପ୍ରଦାନ କରିଛନ୍ତି। ଚାଷୀ ଦୁର୍ଗା ପ୍ରସାଦ ଅଗ୍ରୱାଲଙ୍କ ନେତୃତ୍ୱରେ ଅଶୋକ ଅଗ୍ରୱାଲ, ପୁର୍ବତନ ସରପଞ୍ଚ କହ୍ନେଇ ଚରଣ ଦାସ, କିଶୋର ଚନ୍ଦ୍ର ଦାସ, ସୁବାସ ଚନ୍ଦ୍ର ଅଗ୍ରୱାଲ, ବ୍ୟୋମକେଶ ସାହୁ, ଗୁଣନିଧି ବାଗ, ଶ୍ରୀମନ୍ତ ପାଢ଼ୀ, ରୁଦ୍ର ପ୍ରସାଦ ଦାସ, ଖଗେଶ୍ୱର ଚୌଧୁରୀ ଅନ୍ୟ ଚାଷୀମାନେ ଉପସ୍ଥିତ ରହିଥିଲେ।

## ରାଜପଥ ଆଲୋକୀକରଣ ଶିଳାନ୍ୟାସ



ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଆଲୋକୀକରଣର ଶିଳାନ୍ୟାସ କରୁଛନ୍ତି।

ସରଣ୍ଡା, ୫।୧(ଡି.ଏନ.ଏ.)

ସମ୍ବଲପୁରରୁ ଲୋହରାଚଟି ଜାତୀୟ ରାଜପଥ-୫୩ରେ ଆଲୋକୀକରଣ ପାଇଁ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଗୁରୁବାର ଶିଳାନ୍ୟାସ କରିଛନ୍ତି। ଅତାବିରା ବ୍ଲକ ସରଣ୍ଡା ଛକରେ ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ନିର୍ଦ୍ଦେଶକ ନାଗେଶ୍ୱର ରାଓ ଏବଂ ଭାଜପା କର୍ମକର୍ତ୍ତାଙ୍କ ଗହଣରେ ଏମ୍‌ପି ପୂଜାରୀ ନଡିଆ ଭାଙ୍ଗି ଶିଳାନ୍ୟାସ କରିଥିଲେ। ଅତାବିରା ବ୍ଲକର ସରଣ୍ଡା ଛକରୁ ଉଭୟ ପଟକୁ ୩୫୦ମିଟର ଲେଖାଏ ଏବଂ ଶୁକୁଟାପାଲି ଛକ ରାଜପଥରେ ଏଲ୍‌ଇଡି ବଲ୍‌ବ ଲଗାଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି। ଶିଳାନ୍ୟାସ ପରେ ଅତାବିରା ବଣିକ ସଂଘର କର୍ମକର୍ତ୍ତା ଅତାବିରା ଏବଂ ଲାଦରପାଲି ଛକକୁ ଓସାରିଆ କରିବା, ସର୍ଭିସ ରାସ୍ତା ନିର୍ମାଣ, ଅସମାପ୍ତ ଡ୍ରେନେଜ କାମ, ବସଷ୍ଟାଣ୍ଡ ନିର୍ମାଣ ସମ୍ପର୍କରେ ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସମୟରେ ଭାଜପାର ସ୍ଥାନୀୟ ନେତୃତ୍ୱ, ଏନ୍‌ଏଚ୍‌ଏଆଇ ଓ ଅଶୋକା ବିଲ୍ଡକନର କର୍ମଚାରୀ, ସରପଞ୍ଚ ଏବଂ କର୍ମୀମାନେ ଉପସ୍ଥିତ ଥିଲେ।

## ଲାଞ୍ଜିଗଡ଼ରେ ହାତୀ ଉପଦ୍ରବ

# ରାତି ଅନିଦ୍ରା ହୋଇ ହାତୀ ଜଗୁଛନ୍ତି ଲୋକେ

ଭବାନୀପାଟଣା/ଲାଞ୍ଜିଗଡ଼, ୫।୧(ସ୍ୱ.ପ୍ର./ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ବନାଞ୍ଚଳର ଅଞ୍ଚଳରେ ଦୀର୍ଘଦିନ ହେଲା ହାତୀଙ୍କ ଉପଦ୍ରବ ବୃଦ୍ଧି ପାଇଥିବା ବେଳେ ଗତ ୮ ଦିନ ହେଲା ଗୋଟିଏ ଏକୁଟିଆ ଦନ୍ତା ଲାଞ୍ଜିଗଡ଼ ଓ ଛତ୍ରପୁର ପଞ୍ଚାୟତ ବିଭିନ୍ନ ଗାଁ ଲୋକଙ୍କୁ ନାକେଦମ କରିଛି। ସନ୍ଧ୍ୟା ହେଲେ ଜଙ୍ଗଲରୁ ବାହାରି ବହୁ କ୍ଷୟକ୍ଷତି କରୁଥିବା ବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ଛତ୍ରପୁର ପଞ୍ଚାୟତ ବାରବୁଲି ଗାଁରେ ପଶି ଲାଞ୍ଜିଗଡ଼ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା(ଓପିଲିପି) ପକ୍ଷରୁ ନିର୍ମାଣ କରାଯାଇଥିବା ପାଣି ଟାଙ୍କି ଭାଙ୍ଗି ଦେଇଛି। ଗାଁ ନିକଟସ୍ଥ ଜମିରେ ଜନ ସାହାଯ୍ୟ ସଂସ୍ଥା ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଟବେରୀ ଚାଷ ପ୍ରଣାଳୀକୁ ମଧ ମାଡି ଚକଟି ପାଇପ ଲାଇନ ଭାଙ୍ଗି ଦେଇଛି। ଗ୍ରାମର କର୍ଣ୍ଣ ମାଝି, ଗୌରାଙ୍ଗ ମାଝି, ବନ ମାଝି, ରାଇ ମାଝି, ସାନ ମାଝି, ପୂର୍ଣ୍ଣ ମାଝି ଓ ରାଜେଶ ମାଝି ଠେଙ୍ଗାବାଡି, ବାଜାବାଜଣା ଧରି ରାତିସାରା ଗାଁ ଜଗି ରହିଥିଲେ। ଏହି ପଟିକିଆ ଦନ୍ତା ୮ ଦିନ ହେଲା ଅଞ୍ଚଳରେ ତାଣ୍ଡବ ରଚିଥିବା ବେଳେ ହାତୀ ଘଉଡ଼ାଇବା ପାଇଁ ବନ ବିଭାଗ ପାଖରେ କୌଣସି ବିକଳ୍ପ ନାହିଁ। ମାତ୍ର ୨ରୁ ୩ଜଣ ଏଲିଫାଣ୍ଟ ସ୍କ୍ୱାଡ଼ଙ୍କୁ ଦାୟିତ୍ୱ ଦେଇ ଚୁପ୍ ହୋଇବସିଛି। ଅନ୍ୟପଟେ ଲୋକେ ବାଜା ବଜାଇ ଗାଁ ଜଗୁଛନ୍ତି। ଗତ ୨୮ ତାରିଖ ବିଳମ୍ବିତ ରାତିରେ ଏକ ୮ ଟିକିଆ ହାତୀପଲ ଲାଞ୍ଜିଗଡ଼ ବନ ବିଭାଗ ଅଧୀନ ଝଜୁରପଦର ଗାଁରେ ପସି ଦୁଇ ଘର ଭାଙ୍ଗିବା ସହ କପା, ଧାନ, ଚାଉଳ, ଆବାସପତ୍ର ନଷ୍ଟ କରିଥିବା ଜଣାପଡ଼ିଛି। ଗତ ୨୭ ତାରିଖରେ ନିକଟସ୍ଥ ଗାଁ ଲେପଟାଗୁଡ଼ାରେ ଏହି ହାତୀଙ୍କ ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଥିଲେ। ହାତୀ ଭୟରେ ଲୋକେ ଲାଞ୍ଜିଗଡ଼-ବନ୍ଧପାରି ମୁଖ୍ୟ ରାସ୍ତାରେ ଆଜିକୁ ୮ ଦିନ ହେଲା ଯାତାୟାତ ସମ୍ପୂର୍ଣ୍ଣ ଭାବେ ଠପ ହୋଇଯାଇଥିବା ବେଳେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଜିଲା ଉଚ୍ଚସ୍ତରୀୟ ଅଧିକାରୀ ଏଥିପ୍ରତି ଅତିଶୀଘ୍ର ଦୃଷ୍ଟି ନ ଦେଲେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଅଞ୍ଚବାସୀ ଚେତାବନୀ ଦେଇଛନ୍ତି।

## ବୌଦ୍ଧ ଏନ୍‌ଏସି କପ୍ ଫୁଟ୍‌ବଲ, ପାଣ୍ଡେ ଏକାଡେମୀ ବିଜୟୀ

ବୌଦ୍ଧ,୫।୧(ସ୍ୱ.ପ୍ର.)

ବୌଦ୍ଧ ଜିଲା ଷ୍ଟାଡିୟମଠାରେ ବୌଦ୍ଧଗଡ ଏନ୍‌ଏସି ପକ୍ଷରୁ ଆୟୋଜିତ ଏନ୍‌ଏସି କପ୍ ଫୁଟବଲ ପ୍ରତିଯୋଗିତାର ଗୁରୁବାର ଚତୁର୍ଥ ଦିବସରେ ପଞ୍ଚମ ଆଇଆରବିଏନ ଓ ପାଣ୍ଡେ ଏକାଡେମୀ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଣ୍ଡେ ଏକାଡେମୀ ୩-୦ ଗୋଲରେ ବିଜୟୀ ହୋଇଥିଲା। ଅତିଥି ଭାବରେ ଏନ୍‌ଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଜିଲା କ୍ରୀଡା ସଂଘର ସମ୍ପାଦକ ରବୀନ୍ଦ୍ର କୁମାର ରାଉତ, ବରିଷ୍ଠ ଖେଳାଳି ଲିଙ୍ଗରାଜ ଲେଙ୍କା ପ୍ରମୁଖ ଯୋଗଦେଇ ଉତ୍ସାହିତ କରିଥିଲେ। ରେଫରୀ ଭାବରେ ସୁରେନ ବେହେରା, ଅମିତ ନାଏକ, ବଳରାମ ବେହେରା ଖେଳ ପରିଚାଳନା କରିଥିଲେ। ଜିଲା କ୍ରୀଡା ସଂଘର ସଦସ୍ୟ ରିତ କୁମାର ରାଉତ ଓ ବଦ୍ରି ନାରାୟଣ ମିଶ୍ର ଖେଳ ପରିଚାଳନାରେ ସହଯୋଗ କରିଥିଲେ।


ଏନ୍‌ଏସି କପ୍ ଫୁଟବଲ ପ୍ରତିଯୋଗିତାର ଖେଳାଳି ଓ ଅତିଥି ।

# ଜିଲାପାଳଙ୍କ ପାଖରେ ଫେରାଦ ହେଲେ ଚାରିଛକ ବଜାରବାସୀ

- ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ପ୍ରଶାସନ ପକ୍ଷରୁ ଜାଗା ଚିହ୍ନଟ
- ତୁରନ୍ତ ଜାଗା ଖାଲି କରିବାକୁ ନିର୍ଦ୍ଦେଶ ପରେ ଅସନ୍ତୋଷ

ବୌଦ୍ଧ,୫।୧(ସ୍ୱ.ପ୍ର)


ଚାରିଛକ ବଜାରବାସୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଛନ୍ତି।

ବୌଦ୍ଧ ଜିଲା ଦେଇ ଯାଇଛି ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ। ବର୍ତ୍ତମାନ ଉକ୍ତ ରାଜପଥର ସମ୍ପ୍ରସାରଣ ପାଇଁ ହରଭଙ୍ଗା ବ୍ଲକ ବାଣୀଭୂଷଣପୁର ପଞ୍ଚାୟତର ଠିଡିକାଯୋର ମୌଜାର ଚାରିଛକ ବଜାରଠାରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପାଇଁ ଜାଗା ଚିହ୍ନଟ ପ୍ରକ୍ରିୟା ଗତ ଦୁଇ ଦିନ ତଳେ ଆରମ୍ଭ ହୋଇଛି। ଜାଗା ଚିହ୍ନଟ ହେବା ପରେ ବଜାରର ବହୁ ଲୋକଙ୍କ ଘର ଯାଉଛି। ଫଳରେ ବଜାରବାସୀ ବହୁ କ୍ଷତିଗ୍ରସ୍ତ ହେବେ। ଦୀର୍ଘ ୫୦ ବର୍ଷ ହେବ ବଜାରବାସୀଙ୍କ ରାସ୍ତାର ଦୁଇ ପଟ ଘର କରି ଛୋଟମୋଟ ବ୍ୟବସାୟ କରି ପରିବାର ପୋଷଣ କରିଥାନ୍ତି। ଗତ ଦୁଇ ଦିନ ତଳେ ହରଭଙ୍ଗା ତହସିଲର ଆଡଣୀଗଡ ଆରଆଇ ଓ କର୍ମଚାରୀ ଆସି ଜମି ମାପ କରିବା ସହ ଘର ଭାଙ୍ଗିବା ପାଇଁ ଚିହ୍ନଟ କରିଛନ୍ତି। ଏନେଇ ଚିନ୍ତାରେ ପଡିଯାଇଛନ୍ତି ବଜାରବାସୀ। ସେମାନେ ଅତ୍ୟନ୍ତ ଗରିବ। ଯଦି ଘର ଭାଙ୍ଗି ଦିଆଯିବ ତାହାହେଲେ ଆଶ୍ରୟ ନେବାକୁ ଜାଗା ଖଣ୍ଡେ ମିଳିବ ନାହିଁ। ଘର ଭାଙ୍ଗି ଦେଲେ ଏମାନେ ବହୁ ହଇରାଣ ହରକତର ସମ୍ମୁଖୀନ ହେବେ। ଏନେଇ ଗୁରୁବାର ବଜାରବାସୀ ମିଳିତ ଭାବେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ଘର ସମ୍ମୁଖରେ ଥିବା ଡ୍ରେନ ଉପରେ କୌଣସି ପ୍ରକାର ବ୍ୟବସାୟ କରିବୁ ନାହିଁ ବୋଲି କହିବା ସହ ଘରଗୁଡିକ ନ ଭାଙ୍ଗି ସେମାନଙ୍କୁ କିଛି ଦିନ ସମୟ ପ୍ରଦାନ କରିବାକୁ ଜିଲାପାଳଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ପ୍ରଦାନ ସମୟରେ ବଜାରର ସମସ୍ତ ଲୋକ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୬ ଜାନୁୟାରୀ, ୨୦୨୩



## ସଂକ୍ଷେପରେ

### ନାଳରୁ ବୃଦ୍ଧଙ୍କ ମୃତଦେହ ଜବତ

**ହେମଗିର,୫।୧(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ବୁରଦର ସ୍ଥିତ ଏକ ନାଳରୁ ହେମଗିର ପୋଲିସ ଜଣେ ବୃଦ୍ଧଙ୍କ ମୃତ ଶରୀରକୁ ଜବତ କରିଛି। ମିଳିଥିବା ସୂଚନା ଅନୁସାରେ ନାଳ ନିକଟରେ ନନିକ ବାରିକ ଏକ କୁଡିଆ ତିଆରି କରି ରହୁଥିଲେ। ତେବେ ବୁଧବାର ନାଳକୁ ଗାଧୋଇବାକୁ ଆସି ଆଉ ନାଳରୁ ବାହାରି ନ ଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରିଥିଲେ କିନ୍ତୁ ପାଇ ନ ଥିଲେ। ଗୁରୁବାର ତାଙ୍କ ମୃତଦେହ ନାଳରେ ଭାସୁଥିବା ଲୋକେ ଦେଖି ହେମଗିର ପୋଲିସ ଓ ଅଗ୍ନିଶ୍ରମ ଅଧିକାରୀଙ୍କୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ନନିକଙ୍କ ମୃତଦେହ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

### ପୌଷ ପୂର୍ଣ୍ଣିମା ଉପଲକ୍ଷେ କଳା ପ୍ରଦର୍ଶନ

**ବଡ଼ଗାଁ, ୫।୧(ଡି.ଏନ୍.ଏ.):** ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଫୁଲବାରି ଗ୍ରାମରେ ଗୁରୁବାର ପୌଷ ପୂର୍ଣ୍ଣିମା ଉପଲକ୍ଷେ କଳା ପ୍ରଦର୍ଶନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସ୍ଥାନୀୟ ସତ୍ୟପୀର ଆଦିବାସୀ କଳାବିକାଶ ସେବା ସଂଘ ଦାରା ଆୟୋଜିତ ଏହି କାର୍ଯ୍ୟକ୍ରମ ଗୁରୁବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଡାକ୍ତର ତ୍ରିନାଥ ବାଡ଼ା, ସତ୍ୟନାରାୟଣ ନାୟକ, ଗଣମାଧମ ପ୍ରତିନିଧି ଅଶୋକ ଷଡଙ୍ଗୀ, ଲବଣୀଧର ପୃଷ୍ଟେଟ, ଛାମୁଣ୍ଡା ଗ୍ରାମର ଫୁଟବଲ ଖେଳାଳି ବବଲୁ କିସାନ, ଫୁଲବାରି ଗ୍ରାମର ଉଦୋକ୍ତା କୃଷ୍ଣ ଖଡ଼ିଆ ଅତିଥି ଭାବେ ଯୋଗଦେଇଥିଲେ। ଫୁଲବାରି ଗ୍ରାମର ମହିଳା ଓ କଳାକାରମାନେ ଫଲସାବନିଆସ୍ଥିତ ବଜରଙ୍ଗବଲି ମନ୍ଦିରରେ ପୂଜାର୍ଚ୍ଚନା କରି ଆସିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି କଳା ପ୍ରଦର୍ଶନ କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲା ସମେତ ଆଖପାଖ ଜିଲାର ଅନେକ କଳା ସଂସ୍କୃତି ସଙ୍ଗଠନର କଳାକାରମାନେ ଯୋଗଦେବେ। ଗୁରୁବାର ପ୍ରଥମ ଦିବସରେ ଲଲୋବିରା ଗ୍ରାମର ଜୟ ମହାବୀର ଆଦିବାସୀ ନୃତ୍ୟ ସଂଘ, ଗରିଆମାଲ ଗ୍ରାମର ସ୍ୱାଧୀନ କ୍ଲବ, ଟାଙ୍ଗରମୁଣ୍ଡା ଗ୍ରାମର ଜୟ ମହାବୀର କ୍ଲବ, ତଳସରା ଗ୍ରାମର ଶ୍ରୀଲକ୍ଷ୍ମୀ ସାଂସ୍କୃତିକ ଦଳ, ତରକରା ଗ୍ରାମର ଜୟ ଧର୍ମେଶ ସାଂସ୍କୃତିକ ଦଳ, ସମଲେଇମୁଣ୍ଡାର ତାରା ଜ୍ୟୋତି ଓରାମ କ୍ଲବ, ଗଙ୍ଗାଜଳ ଗ୍ରାମର ଓମ ଗାୟତ୍ରୀ କୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିଛନ୍ତି। ଶୁକ୍ରବାର ମଧ ବିଭିନ୍ନ ସାଂସ୍କୃତିକ ଦଳ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟର ବିଶିଷ୍ଟ କଳାକାର, ସଙ୍ଗଠକମାନେ ଅତିଥି ଭାବେ ଯୋଗଦେବେ। ଆୟୋଜକ କମିଟିର ସଭାପତି ସୁମନ୍ତ କିସାନଙ୍କ ସହିତ କର୍ମକର୍ତ୍ତା ଗଣେଶ କିଷାନ, ଦିଲ୍ଲୀପ କିଷାନ, ଆନନ୍ଦ କିଷାନ, ସଂଗ୍ରାମ ବରୁଆ, ବାଦଲ ବାଡ଼ା, ମହାଦେବ କିଷାନ, ଫକିର କିଷାନ ପ୍ରମୁଖ ଯୁବକମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହେଉଛି।

### କଲେଜରେ ଆତ୍ମରକ୍ଷା ତାଲିମ ଶିବିର

**ରେଙ୍ଗାଲି,୫।୧(ଡି.ଏନ.ଏ.):** ସମ୍ବଲପୁର ଜିଲା ରେଙ୍ଗାଲିସ୍ଥିତ ସୁରଜମଲ କଲେଜରେ ଗୁରୁବାର ଯୁକ୍ତ ୨ ପ୍ରଥମବର୍ଷ ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ଼. ମନୋଜ କୁମାର ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ବୃନ୍ଦାବତୀ ମୁଣ୍ଡାଙ୍କ ନେତୃତ୍ୱରେ କଲେଜର ୧୬୨ ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ ଦିଆଯିବ। କଲେଜ ଅଧାପିକା ଲିପିକା ଦାସ ଓ କ୍ରୀଡ଼ା ପ୍ରଶିକ୍ଷକ ପ୍ରଶାନ୍ତ ମାହାଣାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହେଉଛି।

# ହକି ବିଶ୍ୱକପ୍ ଟ୍ରଫିକୁ ଦେବଗଡ଼ରେ ଭବ୍ୟ ସ୍ୱାଗତ

**ଦେବଗଡ଼, ୫।୧(ଡି.ଏନ.ଏ.)**

ପୁରୁଷ ହକି ବିଶ୍ୱକପ୍ ଟ୍ରଫିକୁ ଗୁରୁବାର ସକାଳେ ଦେବଗଡ଼ ଜିଲା ପ୍ରଶାସନ ତରଫରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ସକାଳ ୬ରେ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ହକି ରନ କରାଯାଇଥିଲା। ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜଣାଅଜଣା ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ସକାଳ ୭ରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଇ ଲଭ ଦେବଗଡ଼ଠାରେ ହକି ବିଶ୍ୱକପକୁ ସ୍ୱାଗତ କରାଯାଇଥିଲା। ଏହି ସ୍ୱାଗତ ସମାରୋହରେ ସବୁବର୍ଗର ଜନସାଧାରଣ ସାମିଲ ହୋଇଥିଲେ। ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ବ୍ୟାଣ୍ଡ, ଫୋର୍ଥ ଆଇଆର୍‌ବି ବ୍ୟାଣ୍ଡ ଦଳ ଓ ଜିଲା ଡ୍ରାଇଭର ମହାସଂଘ ଓ ସ୍କୁଲ ଛାତ୍ରୀଛାତ୍ର ୨୦୦ ଫୁଟ ଲମ୍ବର ଜାତୀୟ ପତାକାକୁ ଧରି ଏକ ସାଂସ୍କୃତିକ ଶୋଭାଯାତ୍ରାରେ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଆୟୋଜିତ ସ୍ୱାଗତ ସଭାରେ ପହଞ୍ଚିଥିଲେ। ଏହି ସଭାରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଜିଲାରେ ହକି ଖେଳରେ ଗୌରବ ଆଣି ଥିବା ଆନ୍ତର୍ଜାତିକ ହକି ଖେଳାଳି ରୋଶନ ମିଞ୍ଜ, ଆଶିଷ ଟପ୍ପୋ, ରଶ୍ମିତା ମିଞ୍ଜ, ଆନନ୍ଦ ତିର୍କୀ ଓ ଜୁନିଅର ହକି ଗୋଲ୍ଡ ମେଡାଲଲିଷ୍ଟ ତିଶା ବାରିକ, ନିଶା ବାରିକ, ଜିତ ବାରିକ, ସୁସ୍ମିତା ସିଂହ, ସୁରେନ ଏକା ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତାରେ କେନ୍ଦ୍ରୀୟ ବିଦ୍ୟାଳୟର ରୁଦ୍ର କାଷି, ସାଇନାଥ ନାଏକ, ଜଣାଅଜଣା ପ୍ରତିଯୋଗିତାରେ ଶୁଭ୍ରଜ୍ୟୋତି ଆବାସିକ ବିଦ୍ୟାଳୟର ସ୍ୱାଗତ ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ସଭାରେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଜିଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ, ବନଖଣ୍ଡ ଅଧିକାରୀ ମଗର ଧନାଜି ରାଓସ ଉପସ୍ଥିତ ହୋଇ ଖେଳାଳିମାନଙ୍କୁ ଟ୍ରଫି ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମୀୟ ମହାପାତ୍ର ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ୭୦ ପଞ୍ଚାୟତରୁ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଦସ୍ୟ ବିଭିନ୍ନ ସଙ୍ଗଠନର ସଦସ୍ୟ ଅଂଶଗ୍ରହଣ କରିଥିଲେ।



ହକି ବିଶ୍ୱକପ୍ ଟ୍ରଫିକୁ ଦେବଗଡ଼ରେ ସ୍ୱାଗତ କରାଯାଉଛି।

# ବେଆଇନ ଟୋଲ ଫି ଆଦାୟ ନେଇ ଜିଲା ଖାଉଟି ଅଦାଲତରେ ମାମଲା

**ସୁନ୍ଦରଗଡ଼,୫।୧(ଡି.ଏନ.ଏ.)**

ବୈଧ ମାସିକ ଲୋକାଲ ପାସ ଥିବା ସତ୍ତ୍ୱେ ଜଣେ ପାସଧାରୀଙ୍କଠାରୁ ବେଆଇନ ଭାବେ ଟୋଲ ଟ୍ୟାକ୍ସ ଆଦାୟ କରାଯାଇଥିବା ନେଇ ସମ୍ବଲପୁର-ରାଉରକେଲା ରାଜ୍ୟ ରାଜପଥ (ବିଜୁ ଏକ୍ସପ୍ରେସ ୱେ)ର ମସ୍କିକାନି ଟୋଲ ପ୍ଲାଜା ଅଧିକାରୀଙ୍କ ବିରୋଧରେ ସୁନ୍ଦରଗଡ଼ ଜିଲା ଖାଉଟି ଅଦାଲତରେ ଏକ ମାମଲା ରୁଜୁ ହୋଇଛି। ଜିଲା ଖାଉଟି ବିବାଦ ନିବାରଣ କମିଶନ ଏହି ମାମଲାର ଗୁରୁବାର ଅନ୍ତରୀଣ ବିଚାର କରି ଅଭିଯୋଗକାରୀଙ୍କ ଠାରୁ ଚୂଡାନ୍ତ ଶୁଣାଣି ନ ହେବା ପର୍ଯ୍ୟନ୍ତ କୌଣସି ପ୍ରକାର ଟୋଲ ଟ୍ୟାକ୍ସ ଆଦାୟ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜିଲାପାଳ ଓ ପ୍ରଶାସନିକ ଯନ୍ତ୍ରୀଙ୍କୁ ମାମଲାର ଅନୁଧ୍ୟାନ ପାଇଁ ମଧ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ଅଭିଯୋଗକାରୀ ଆଡଭୋକେଟ ଧର୍ମେଶ କୁମାର ପଟେଲ ମସ୍କିକାନି ଟୋଲପ୍ଲାଜାର ଜଣେ ନିୟମିତ ଲୋକାଲ ମାସିକ ପାସଧାରୀ ଅଟନ୍ତି। ମାତ୍ର ଗତ ନଭେମ୍ବର ୨୦୨୨ର ୧୧,୧୨ ଓ ୨୫ ତାରିଖରେ ତାଙ୍କଠାରୁ ଅନ୍ୟାୟ ଭାବରେ ସିଙ୍ଗଲ ପାସ ପାଇଁ ୯୦ଙ୍କ ହିସାବରେ ସମୁଦାୟ ୨୮୦ ଟଙ୍କା ଟୋଲ ଟ୍ୟାକ୍ସ ଆଦାୟ କରାଯାଇଥିଲା। ତାଙ୍କ ପାସ ବୈଧ ଥିବା କଥା କହିବା ସତ୍ତ୍ୱେ ମଧ ସେମାନେ ଟୋଲ ଟ୍ୟାକ୍ସ ନେଇଥିଲେ। ଆପତ୍ତି କରିଥିଲେ ମଧ ଟୋଲ ପ୍ଲାଜା କର୍ମଚାରୀମାନେ ଆଦୌ ଶୁଣି ନ ଥିଲେ। ଫଳରେ ଆଡଭୋକେଟ ପଟେଲ ଏନେଇ ଜିଲା ଖାଉଟି ଅଦାଲତର ଆଶ୍ରୟ ନେଇଥିଲେ। ଗତ ୨୨।୧୨।୨୦୨୨ରେ ଏକ ଖାଉଟି ମୋକଦ୍ଦମା (ନଂ ୫୦/୨୦୨୨)ରେ ଟୋଲ ପ୍ଲାଜା ଓ ଅନ୍ୟ ଅଧିକାରୀଙ୍କ ବିରୋଧରେ ଏକ ମାମଲା କରି ୨୦ଲକ୍ଷ ଟଙ୍କାର ମାନସିକ ଯନ୍ତ୍ରଣା, ସମ୍ମାନହାନୀ ବାବଦକୁ ଅଭିଯୋଗକାରୀ ଆଡଭୋକେଟ ପଟେଲ ଦାବି କରିଛନ୍ତି। ଏଥିସହିତ ଟୋଲ ଟ୍ୟାକ୍ସ ଆଦାୟ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଛାଡ ପାଇଁ ମୋକଦ୍ଦମା କରିଛନ୍ତି। ଏଥିସହିତ ଏକ ଅନ୍ତରୀଣ ଦରଖାସ୍ତ ମାଧ୍ୟମରେ ପ୍ଲାଜି ଅଧିକାରୀଙ୍କୁ ମାମଲାର ବିଚାର ନ ସରିବା ପର୍ଯ୍ୟନ୍ତ ଅଭିଯୋଗକାରୀ ପଟେଲଙ୍କ ଠାରୁ କୌଣସି ଟୋଲ ଟିକସ ଆଦାୟ ନ କରିବା ପାଇଁ ଆବେଦନ କରିଛନ୍ତି। ଜିଲା ଖାଉଟି କମିଶନ ଏହି ମାମଲାର ଅନ୍ତରୀଣ ବିଚାର କରି ଅଭିଯୋଗକାରୀଙ୍କ ଠାରୁ କୌଣସି ପ୍ରକାର ଟୋଲ ଆଦାୟ ନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ଭାରତୀୟ ହକି ଦଳକୁ ଶୁଭେଚ୍ଛା ଜଣାଇ ବିବିଧ ପ୍ରତିଯୋଗିତା

**ସୁନ୍ଦରଗଡ଼, ୫।୧(ଡି.ଏନ.ଏ.)**

ପୁରୁଷ ବିଶ୍ୱକପ୍ ହକି ଅବସରରେ ଭାରତୀୟ ହକି ଦଳକୁ ଶୁଭେଚ୍ଛା ଜଣାଇ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ବିବିଧ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଛାତ୍ରୀ, ଛାତ୍ର, ଅଧାପିକା, ଅଧାପକ କର୍ମଚାରୀମାନଙ୍କ ମଧ୍ୟରେ ପୁରୁଷ ହକି ବିଶ୍ୱକପ୍ ଥିମ୍‌କୁ ନେଇ ରଂଗୋଲି, ପେଣ୍ଟିଂ, ସ୍ଲୋଗାନ ପ୍ରତିଯାଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତା ମାଧ୍ୟମରେ ସମସ୍ତଙ୍କ ମଧ୍ୟରେ ବିଶ୍ୱକପ୍ ଉତ୍ସାହକୁ ବାଣ୍ଟିବା ପାଇଁ ପ୍ରତିଯୋଗୀମାନେ ବିଶ୍ୱ କପ୍ ଟ୍ରଫି, ହକିଷ୍ଟିକ ଆଦିର ଆକର୍ଷଣୀୟ ରଂଗୋଲି, ପେଣ୍ଟିଂ କରିଥିଲେ। ଏଥିସହ ବିଶ୍ୱକପ୍‌କୁ ନେଇ ବିଭିନ୍ନ ସ୍ଲୋଗାନ ମଧ୍ୟ ପ୍ରସ୍ତୁତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଆଗାମୀ ହକି ବିଶ୍ୱକପ୍ ୨୦୨୩ ପାଇଁ ଭାତୀୟ ହକି ଦଳକୁ ଶୁଭେଚ୍ଛା ଜଣାଇ ଛାତ୍ରୀଛାତ୍ର ହକି ଖେଳ ପ୍ରଦର୍ଶନ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରତିଯୋଗୀମାନଙ୍କୁ ଆସନ୍ତା ୮ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ କ୍ରୀଡାସୋବରେ ପୁରସ୍କୃତ କରାଯିବ ବୋଲି ଅଧ୍ୟକ୍ଷ ଡ. ସାହୁ ଘୋଷଣା କରିଥିଲେ।




ମହାବିଦ୍ୟାଳୟ ସମ୍ମୁଖରେ ଆୟୋଜିତ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର ଅଧ୍ୟାପିକା, ଅଧ୍ୟାପକ।

# ପଣ୍ଡିତ କମଳଲୋଚନ ଦାଶ ଜ୍ୟୋତିଷ ସିଦ୍ଧାନ୍ତ ସାଗର ଉପାଧିରେ ସମ୍ମାନିତ

**ଦେବଗଡ଼, ୫।୧(ଡି.ଏନ୍.ଏ.)**

ଭୃଗୁ ଜ୍ୟୋତିଷ ସଂସ୍ଥାନ, ଭୁବନେଶ୍ୱର ଦ୍ୱାରା ଆୟୋଜିତ ପଞ୍ଚଦଶ ଏସୀୟ ଜ୍ୟୋତିଷ ସମ୍ମିଳନୀ ଗତ ଡିସେମ୍ବର ୨୪ ଓ ୨୫ରେ ଭୁବନେଶ୍ୱରଠାରେ ଆୟୋଜିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ଭାରତର ପ୍ରତି ରାଜ୍ୟ ପ୍ରତିନିଧି ସମେତ ବିଦେଶରୁ ବହୁ ଜ୍ୟୋତିର୍ବିଦ୍, ବାସ୍ତୁବିଦ୍, ହସ୍ତରେଖାବିଦ୍, କର୍ମକାଣ୍ଡବିଦ୍‌ମାନେ ଯୋଗଦାନ କରିଥିଲେ। ଡା. ସୁବାସ ଦାଶ, ସଂସ୍କୃତ ବିଭାଗ ମୁଖ୍ୟ ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖ୍ୟ ଅତିଥି ଥିବା ସ୍ଥଳେ ଏସିଆନ ଆଷ୍ଟ୍ରୋଲୋଜର୍ସ କଂଗ୍ରେସର ଦକ୍ଷିଣ ପ୍ରାନ୍ତୀୟ ଅଧ୍ୟକ୍ଷ ଡା. ନରେନ୍ଦ୍ର କୁମାର ରାଞ୍ଚି ସମ୍ମାନୀୟ ଅତିଥି, ଅନ୍ୟାନ୍ୟ ଗଣ୍ୟମାନ୍ୟ ପଣ୍ଡିତବର୍ଗ ସଭା କାର୍ଯ୍ୟ ମଣ୍ଡନ କରିଥିଲେ। ସମ୍ମିଳନୀ ମଧ୍ୟରେ ବିଶ୍ୱର ଦଶଜଣ ଜ୍ୟୋତିଷୀଙ୍କ ମଧ୍ୟରେ ଦେବଗଡ଼ ଜିଲାର ବିଶିଷ୍ଟ ଜ୍ୟୋତିର୍ବିଦ୍ ପଣ୍ଡିତ କମଳଲୋଚନ ଦାଶଙ୍କ ଗବେଷଣାତ୍ମକ ପ୍ରବନ୍ଧ 'ଦଶମେଳକରେ ବିବାହ' ଉଚ୍ଚ ପ୍ରଶଂସିତ ହୋଇଥିଲା। ସମ୍ମିଳନୀର ଚେୟାରମ୍ୟାନ ପଣ୍ଡିତ ଶ୍ରୀଧର ଆଚାର୍ଯ୍ୟଙ୍କ କର କମଳରେ ପଣ୍ଡିତ କମଳ ଲୋଚନ ଦାଶଙ୍କୁ 'ଜ୍ୟୋତିଷ ସିଦ୍ଧାନ୍ତ ସାଗର' ଉପାଧିରେ ଭୂଷିତ କରିବା ସହିତ ଉପଢୌକନ, ମାନପତ୍ର, ଚାଦର, ମୁକୁଟ ସହିତ ଦଶ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପରିଶେଷରେ ସମ୍ମିଳନୀର ଆବାହକ ଧନ୍ୟବାଦ୍ ପ୍ରଦାନ କରିଥିଲେ। କମଳଲୋଚନଙ୍କ ଘର ଦେବଗଡ଼ ଜିଲା ବାରକୋଟ ବ୍ଲକ ସଇଡ଼ା ଗ୍ରାମରେ।

**ଏସିଆ ଜ୍ୟୋତିଷ ସମ୍ମିଳନୀରେ ଓଡ଼ିଆଙ୍କ କୃତିତ୍ୱ**



ପଣ୍ଡିତ କମଳଲୋଚନ ଦାଶଙ୍କୁ 'ଜ୍ୟୋତିଷ ସିଦ୍ଧାନ୍ତ ସାଗର' ଉପାଧିରେ ଭୂଷିତ କରାଯାଉଛି।

# ଉଠ ଜାଗ ଅମୃତ ମହୋତ୍ସବର ପରିକ୍ରମା ରଥକୁ ସ୍ୱାଗତ

**ଦେବଗଡ,୫।୧(ଡି.ଏନ.ଏ)**

ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ଓଡିଶା ପ୍ରାନ୍ତ ପକ୍ଷରୁ ଆୟୋଜିତ 'ଉଠ ଜାଗ ଅମୃତ ମହୋତ୍ସବ ଯାତ୍ରା' ଓଡିଶା ପରିକ୍ରମା କରୁଥିବା ବେଳେ ଦେବଗଡ ସହରରେ ପହଞ୍ଚିଥିଲା। ଏହି ଅବସରରେ ପରିକ୍ରମା ରଥକୁ କଚେରୀ ଛକରୁ ଗୋପାଳଜୀ ମନ୍ଦିର ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ଅଣାଯାଇଥିଲା। ଦେବଗଡ ସ୍ୱାଗତ ସମିତି ପକ୍ଷରୁ ସ୍ଥାନୀୟ ଗୋପାଳଜୀ ମନ୍ଦିର ପଡିଆଠାରେ ସ୍ୱାଗତ କରାଯିବା ସହ ଏକ ସଭାର ଆୟୋଜନ କରାଯାଇଥିଲା। ଦେବଗଡ଼ ସ୍ୱାଗତ ସମିତି ସଭାପତି ଭୋଲେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ ଏକ ସୁସଜ୍ଜିତ ପ୍ରଜ୍ଞାପନ ମେଢରେ ଅଧିଷ୍ଠିତ ଭାରତମାତାଙ୍କୁ ଅତିଥିଗଣ ବନ୍ଦାପନା କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ମଡେଲ ଡିଗ୍ରୀ କଲେଜର ଅଧ୍ୟକ୍ଷ ବିଜୟ କୁମାର ମହାରଣା ଯୋଗଦେଇ ବିବେକାନନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏଥିସହ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ଓଡିଶାପ୍ରାନ୍ତର ସଙ୍ଗଠକ ରବି ନାଇଡୁ ମୁଖ୍ୟବକ୍ତା ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ପୂର୍ବତନ ବିଚାରକ ଅଭିମନ୍ୟୁ ସୁବୁଦ୍ଧି, ଅଧ୍ୟାପକ ଖଗେଶ୍ୱର ଦାଶ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପରମାନନ୍ଦ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ଅନାଲୋଚିତ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସ୍ମରଣ କରିବା ସହ ଭାରତର ସାମର୍ଥ୍ୟ ଓ ଉପଲବ୍ଧିଗୁଡିକ ହୃଦୟଙ୍ଗମ କରିବା ଏବଂ ଭାରତ ସ୍ୱାଧୀନତାର ଶତବାର୍ଷିକୀ-୨୦୪୭ର ଲକ୍ଷ୍ୟକୁ ଦୃଷ୍ଟିରେ ରଖି ରାଷ୍ଟ୍ର ପୁନରୁତ୍ଥାନ କାର୍ଯ୍ୟରେ ସାମିଲ ହେବାପାଇଁ ଆଗ୍ରହୀ ଯୁବକଯୁବତୀମାନଙ୍କ ପାଇଁ ପ୍ରେରଣା ପ୍ରଦାନ କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ମଞ୍ଚାସୀନ ଅତିଥିଗଣ ମତବ୍ୟକ୍ତ କରିଥିଲେ। ଜନ୍ମେଜୟ ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ସମ୍ପାଦକ ଅଜୟ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ହୋଇଥିବା କୁଇଜ ଏବଂ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଦେବଗଡ ବଜରଙ୍ଗ ମଣ୍ଡପର କାର୍ଯ୍ୟକର୍ତ୍ତାଙ୍କ ସମେତ ଉଦିପ୍ତ କୁମାର ନାୟକ, ସୂର୍ଯ୍ୟକାନ୍ତ ସ୍ୱାଇଁ, ଭୋଲାନାଥ ଦାସ ଓ ସଞ୍ଜୟ କୁମାର ଗୋଏଲ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।



# ହାତୀ ଆକ୍ରମଣରେ ଫରେଷ୍ଟର, ଏଲିଫ୍ୟାଣ୍ଟ ସ୍କ୍ୱାଡ୍ କର୍ମଚାରୀ ଆହତ

**ଦେବଗଡ଼, ୫।୧(ଡି.ଏନ.ଏ.)**

ହାତୀ ଆକ୍ରମଣରେ ଗୁରୁବାର ଫରେଷ୍ଟରଙ୍କ ସମେତ ଏଲିଫେଣ୍ଟ ସ୍କ୍ୱାଡ୍‌ର କର୍ମଚାରୀ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଆହତମାନେ ହେଲେ ଦେବଗଡ଼ ରେଞ୍ଜ କଂସର ସେକସନର ଫରେଷ୍ଟର ବାଣେଶ୍ୱର ପରିଡା, ଏଲିଫେଣ୍ଟ ସ୍କ୍ୱାଡ୍ କର୍ମଚାରୀ କୁଶାଳ ତିର୍କୀ। ଖବର ମୁତାବକ ଦେବଗଡ଼ ରେଞ୍ଜ କଂସର ସେକସନ ଅନ୍ତର୍ଗତ ବଂଜାରୀ ଗ୍ରାମ ନିକଟସ୍ଥ ପାହାଡରେ ଜଙ୍ଗଲ ବିଭାଗ କର୍ମଚାରୀମାନେ ହାତୀମାନଙ୍କ ଗତିବିଧି ନିରୀକ୍ଷଣ କରୁଥିବାବେଳେ ଏହି ଅଘଟଣ ଘଟିଛି। ଦନ୍ତାର ଆକ୍ରମଣ ପରେ ଉପସ୍ଥିତ ଜଙ୍ଗଲ ବିଭାଗ କର୍ମଚାରୀ ଦୌଡି ପଳାଇଯାଉଥିବାବେଳେ ତଳେ ଖସିପଡି ଦେବଗଡ ରେଞ୍ଜ କଂସର ସେକସନର ଫରେଷ୍ଟର ବାଣେଶ୍ୱର ପରିଡା ଓ ଏଲିଫେଣ୍ଟ ସ୍କ୍ୱାଡ୍‌ର କର୍ମଚାରୀ କୁଶାଳ ତିର୍କୀ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବନବିଭାଗର କର୍ମଚାରୀମାନେ ଉଦ୍ଧାର କରି ଦେବଗଡ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଖବରପାଇ ଦେବଗଡ ଡିଏଫ୍‌ଓ ମଗର ଧାନାଜୀ ରାଓସୋ ମେଡିକାଲରେ ପହଞ୍ଚି ଆହତମାନଙ୍କୁ ଭେଟିବା ସହ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ। ଆହତ ଫରେଷ୍ଟର ବାଣେଶ୍ୱରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ ବୁର୍ଲା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି।

# ଇବ୍ ନଦୀରେ ନିଖୋଜ ଆଉ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର

**ସୁନ୍ଦରଗଡ଼,୫।୧(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ତଳସରା ଥାନା ଅନ୍ତର୍ଗତ ଇବ୍ ନଦୀର କନାକୁଣ୍ଡ ଘାଟରେ ବୁଧବାର ପିକ୍‌ନିକ କରିବାକୁ ଆସି ନଦୀ ପାଣିରେ ଭାସିଯାଇ ନିଖୋଜ ଥିବା ଆଉ ଜଣେ ଯୁବକଙ୍କ ମୃତଦେହ ଗୁରୁବାର ସକାଳେ ଉଦ୍ଧାର ହୋଇଛି। ବୁଧବାର ପିକ୍‌ନିକ୍ କରିବାକୁ ଆସିଥିବା ଝାରସୁଗୁଡା ଜିଲା ବୁରୋମାଲର ୩ଜଣ ଯୁବକ ଗାଧୋଉ ଥିବାବେଳେ ତାଙ୍କ ମଧ୍ୟରୁ ମୁକେଶ ମେହେର(୧୭) ଭାସି ଯାଇଥିଲେ। ଏହା ପରେ ତାଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ଦୁଇ ଯୁବକ ସତୀଶ ଗୁପ୍ତା(୨୬) ଓ ଚୂଡାମଣି ମେହେର (୨୬) ମଧ ପାଣିରେ ଭାସି ଯାଇଥିଲେ। ପରେ ତଳସରା ଥାନା ପୋଲିସ, ବାଲିଶଙ୍କରା ଅଗ୍ନିଶମ ବାହିନୀଓ ସ୍ଥାନୀୟ ଲୋକେ ପହଞ୍ଚି ପ୍ରଥମେ ସତୀଶଙ୍କୁ ଉଦ୍ଧାର କରିଥିଲେ। ସନ୍ଧ୍ୟାରେ ଚୂଡାମଣିଙ୍କ ମୃତଦେହ ଉଦ୍ଧାର ହୋଇଥିବାବେଳେ ଗୁରୁବାର ସକାଳେ ମୁକେଶଙ୍କ ମୃତଦେହ ଉଦ୍ଧାର ହୋଇଛି। ଉଭୟଙ୍କ ଶବ ବ୍ୟବଚ୍ଛେଦ ପରେ ପୋଲିସ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରିଛି। ଏହି ସ୍ଥାନରେ ବାରମ୍ବାର ଏଭଳି ଅଘଟଣ ଘଟୁ ଥିବାରୁ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ ସକାଶେ ଦାବି ହେଉଛି।

# ଧାନକିଣା, ଚାଷୀଙ୍କୁ ସାର ଯୋଗାଇବା ନେଇ ଆଲୋଚନା

**ଲହୁଣୀପଡା, ୫।୧(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡାସ୍ଥିତ ବଣାଇ ଆଞ୍ଚଳିକ ସମବାୟ ସମିତି (ଆର୍‌ସିଏମ୍‌ଏସ୍)ରାଜାମୁଣ୍ଡାର ବୁଧବାର ନବ ନିର୍ବାଚିତମାନଙ୍କର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଏଆର୍‌ସିଏସ୍ ଅରୁଣା କୁମାରୀ ମହାରଣା ଯୋଗ ଦେଇଥିଲେ। ସଭାପତି କୁଳମଣି ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଧୀରେନ୍ଦ୍ର କୁମାର ଶତପଥୀ ଜିଲା ସମବାୟ ବ୍ୟାଙ୍କ ସଭାପତି, ଆର୍‌ସିଏମ୍‌ଏସ୍ ସଭା, ଆର୍‌ସିଏମ୍‌ଏସ୍ ଉପାଧ୍ୟକ୍ଷା ରାଣୀ ଖାଲକୋଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ ଅନ୍ୟମାନଙ୍କର ପରିଚୟ ଓ ବୈଠକ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ଚଳିତବର୍ଷର ଧାନକିଣା,ବିଗତ ବର୍ଷର କମିଶନି, ଚାଷୀଙ୍କୁ ଯଥା ସମୟରେ ସାର ଯୋଗାଇବା, ଜବତ ଗୋଦାମ ଗୃହକୁ ପୁନର୍ବାର ଖୋଲିବା, କ୍ୱାଟର୍ସଗୁଡିକର ମରାମତି କରି ପୁନରୁଦ୍ଧାର କରିବା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହା ଚାଷୀମାନଙ୍କୁ ଅଧିକ ଧାନ କିଣା ଟୋକନ ଯୋଗାଇ ଦେବା ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ନେଇ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଆର୍‌ସିଏମ୍‌ଏସ୍‌ର ନବ ନିର୍ବାଚିତ ନିର୍ଦ୍ଦେଶକମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ସାହୁ, ଭାସ୍କର କିଷାନ, ରେବତୀ କିଷାନ, ପ୍ରମିଳା ଛେଣ୍ଟୁଆଳ,ସହଦେବ ବେହେରା, ହେମନ୍ତ ମାହାନ୍ତ, ଚାର ଓରାମ, ଚାନ୍ଦୁ ମୁଣ୍ଡା, ଇନ୍ଦ୍ରମଣି କିଷାନ ପ୍ରମୁଖ ଯୋଗଦେଇଥିଲେ। ଆଲୋଚ୍ୟ ବିଷୟ ଉପରେ ନିଜସ୍ୱ ମତାମତ ପ୍ରଦାନ କରିଥିଲେ। ଶେଷରେ ଏସ୍‌ଏଲପି ସଭ୍ୟ ସୁଦାମ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଆନନ୍ଦ ଚନ୍ଦ୍ର ମାହାନ୍ତ, ପ୍ରଫୁଲ୍ଲ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ବୋଲି ଜଣାପଡିଛି।



ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଉଛି।

**ଆରସିଏମ୍‌ଏସ୍‌ର ପ୍ରଥମ ବୈଠକ**

**୬ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍**

ଗୁଡ଼ଭେଲା,(ଡି.ଏନ୍.ଏ.): ବଲାଙ୍ଗୀର ଜିଲ୍ଲା ଗୁଡ଼ଭେଲା ବ୍ଲକ ଅନ୍ତର୍ଗତ ବିରାମୁଣ୍ଡା ଓ ପେନ୍ଦିମୁଣ୍ଡା ଗ୍ରାମ ବିଦ୍ୟାଳୟ ଗୁରୁବାର ପରିଦର୍ଶନ କରିଥିଲେ ବିଡିଓ ଗୁରେଶ୍ୱର ଭୋଇ। ପରିଦର୍ଶନ ସମୟରେ ଉକ୍ତ ଦୁଇ ବିଦ୍ୟାଳୟରେ ୩ଜଣ ଲେଖାଏ ଶିକ୍ଷକ ଅନୁପସ୍ଥିତ ଥିଲେ। କୌଣସି ଛୁଟି ଦରଖାସ୍ତ ନଦେଇ ଅନୁପସ୍ଥିତ ଥିବାରୁ ଉକ୍ତ ସମସ୍ତ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ଦିଆଯାଇଥିବା ବିଡିଓ ଭୋଇ ପ୍ରକାଶ କରିଛନ୍ତି। ଏହାପରେ ଶିକ୍ଷକ ମହଲରେ ଛନକା ପଶିଛି।

## ସଂକ୍ଷେପରେ

### ପୁରୁଷ ହକି ବିଶ୍ୱ କପ୍ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

**କଣ୍ଟାବାଞ୍ଜି,୫।୧(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ପୁରୁଷ ହକି ବିଶ୍ୱ କପ୍ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଛାତ୍ରୀମାନଙ୍କ ମଧ୍ୟରେ କରାଯାଇଥିଲା। ମହାବିଦ୍ୟାଳୟ ଅଧକ୍ଷ ରାଜେନ୍ଦ୍ର ପୁରୋହିତଙ୍କ ତତ୍ତ୍ୱାବଧାନରେ ହୋଇଥିବା ରଙ୍ଗୋଲି ପ୍ରତିଯୋଗିତାରେ ଶୀତଳ ଶର୍ମା ପ୍ରଥମ, ଡୋଲେଶ୍ୱରୀ ସତନାମୀ ଦ୍ୱିତୀୟ, ରାଇବତୀ ବୁଡେକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଝରଣା ସିଂ ପ୍ରଥମ, ଅଳି ସିପକା ଦ୍ୱିତୀୟ, ଚନ୍ଦ୍ରିକା ପ୍ରଧାନୀ ତୃତୀୟ ହୋଇଥିଲେ। ଏହି ପ୍ରତିଯୋଗିତାରେ ମହାବିଦ୍ୟାଳୟର ଅଧାପିକା ସୁନନ୍ଦା ରଥ, କଲ୍ୟାଣୀ ମେହେର, ଲିପନିତା ପଧାନ, ଅଧାପକ ସୋମନାଥ ମେହେର, ଜିତେନ୍ଦ୍ର ସୁନା, ନେପାକ ସେଠୀ ବିଚାରକ ଦାୟିତ୍ୱ ତୁଲାଇଥିଲେ। ହକି ବିଶ୍ୱକପ୍‌କୁ ଲୋକପ୍ରିୟ କରିବା ସହ ପ୍ରଚାର ପ୍ରସାର ପାଇଁ ମହିଳା ଡିଗ୍ରୀ କଲେଜ ତରଫରୁ ଆଗାମୀ ୧୧ ତାରିଖରେ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରିବା ପାଇଁ ନିଷ୍ପତ୍ତି ନେଇଥିବା ଅଧକ୍ଷ ପୁରୋହିତ କହିଛନ୍ତି।

### ୱାର୍ଡ ସଭ୍ୟଙ୍କ ଦକ୍ଷତା ବିକାଶ ତାଲିମ

**ଲୋଇସିଂହା,୫।୧(ଡି.ଏନ୍.ଏ):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ପଲ୍ଲୀ ଆଲୋକ ପାଠାଗାରରେ ବ୍ଲକର ୱାର୍ଡସଭ୍ୟଙ୍କ ତିନି ଦିନିଆ ତାଲିମ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥିଭାବେ ଯୋଗଦେଇ ପଞ୍ଚାୟତ ସମିତି ଅଧକ୍ଷା ଗୀତାଞ୍ଜଳି ଦାଶ ଶିବିରକୁ ଉଦ୍‌ଘାଟନ କରିଥିଲେ। ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଆନୁକୂଲ୍ୟ ଏବଂ ପଲ୍ଲୀ ଆଲୋକ ପାଠାଗାର ସହାୟତାରେ ଏହି ଶିବର ଅନୁଷ୍ଠିତ ହେଉଛି। ଏଥିରେ ବ୍ଲକର ବାବୁଫାସଡ, ସାଲେଭଟା, ବକଟି ପଞ୍ଚାୟତର ଜନପ୍ରତିନିଧି ତାଲିମ ନେଉଛନ୍ତି। ସମରେନ୍ଦ୍ର ସେଠ ଓ ଗୀତାଞ୍ଜଳି ପଧାନ ତାଲିମ ପ୍ରଦାନ କରୁଛନ୍ତି। ପଞ୍ଚାୟତ ଓ ୱାର୍ଡର ବିକାଶ ପାଇଁ ପଞ୍ଚାୟତ ପ୍ରତିନିଧିଙ୍କ ଭୂମିକା, କାର୍ଯ୍ୟଧାରା ସମ୍ପର୍କରେ ତାଲିମଦାତାମାନେ ବୁଝାଇଥିଲେ। ଶିବିରକୁ ଅନୁଷ୍ଠାନ ସମ୍ପାଦକ ପ୍ରଶାନ୍ତ ନାୟକଙ୍କ ପରିଚାଳନା କରୁଛନ୍ତି।

### ନୂଆଁପାଲି ଧନୁଯାତ୍ରା: ଅକ୍ରୁରଙ୍କ ମଥୁରା ଗମନ

**ଦେଓଗାଁ,୫।୧(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ଅନ୍ତର୍ଗତ ନୂଆଁପାଲି ଗ୍ରାମରେ ଚାଲିଥିବା ଧନୁଯାତ୍ରାର ଗୁରୁବାର କାର୍ଯ୍ୟକ୍ରମରେ ଅକ୍ରୁରଙ୍କ ମଥୁରା ଗମନ ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। କମିଟି ସଭାପତି ଅଶୋକ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ରାଜ ଅତିଥିଭାବେ ବଲାଙ୍ଗୀର କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସ୍ମାରକ ରଞ୍ଜନ ମିଶ୍ର ଯୋଗଦେଇ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଅଞ୍ଚଳବାସୀଙ୍କୁ ସଂଗଠିତ କରି ଏକତାର ଡୋରିରେ ବାନ୍ଧି ରଖିବା ଏକ ନିଆରା ପରମ୍ପରା ବୋଲି କହିଥିଲେ। ଚଳିତବର୍ଷ କଂସ ଭୂମିକାରେ ସଞ୍ଜୀବ ପଧାନ ଅଭିନୟ କରୁଛନ୍ତି। ଧନୁଯାତ୍ରାକୁ ପରିଚାଳନା କମିଟି ଉପସଭାପତି ସୌମିତ୍ରୀ ପଧାନ, ସମ୍ପାଦକ ପିଣ୍ଟୁ ବିଶ୍ୱାଳ, ସହ ସମ୍ପାଦକ ଅର୍ଜୁନ ପଶାୟତ, କୌସ୍ତୁଭ ପଧାନ, ସତ୍ୟ ମନହୀରା, ବିଜୟ ପଶାୟତ, ମହାଦେବ ପଧାନ ,ରାଧାକାନ୍ତ ପଧାନ ଓ କମିଟି କର୍ମକର୍ତ୍ତା ସହଯୋଗ କରୁଛନ୍ତି।

# ଜବରଦଖଲ ଉଚ୍ଛେଦକୁ ନେଇ ହାଇଡ୍ରାମା

- ଜିଲାପାଳ ଅଫିସ ଘେରିଲେ ଉଚ୍ଛେଦ ପ୍ରଭାବିତ ପଡାବାସୀ
- ବିଧାୟକଙ୍କ ଘରକୁ ଯାଉଥିଲେ ପଡାବାସୀ, ପୋଲିସ ଫେରାଇଲା
- ଜଳଚର, ୧୫ ଏକର ଜମି ଖାଲି କରାଯିବ: ଜିଲାପାଳ

**ବଲାଙ୍ଗୀର ଅଫିସ, ୫।୧**




ଜବରଦଖଲ ଉଚ୍ଛେଦ ପ୍ରତିବାଦରେ ଶତାଧିକ ମହିଳା ଓ ପୁରୁଷ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବଲାଙ୍ଗୀର ସହରରେ ଜବରଦଖଲ ଉଚ୍ଛେଦକୁ ନେଇ ଗୁରୁବାର ହାଇଡ୍ରାମା ଦେଖିବାକୁ ମିଳିଥିଲା। ସହରର ଇଚ୍ଛାପଡା, ଇନ୍ଦିରାନଗର, ତୁଳସୀନଗର ସମେତ ଅନ୍ୟ କିଛିପଡାର ଶତାଧିକ ମହିଳା ଓ ପୁରୁଷ ଶୋଭାଯାତ୍ରାରେ ଜିଲାପାଳ ଅଫିସ ସମ୍ମୁଖକୁ ଆସି ଦୀର୍ଘ ସମୟ ଧରି ଘେରାଉ କରିବା ସହ ଧାରଣା ଦେଇଥିଲେ। କୌଣସି ପରିସ୍ଥିତିରେ ସହରରୁ ଜବରଦଖଲ ଉଚ୍ଛେଦ କରିବାକୁ ଦିଆଯିବନାହିଁ ବୋଲି କହିଥିଲେ। ଏହାସହିତ ୬ ତାରିଖ ବଲାଙ୍ଗୀର ବନ୍ଦ କରିବାକୁ ଦିଆଯିବ ନାହିଁ ବୋଲି କହିଥିଲେ। ଉତ୍ତ୍ୟକ୍ତ ଲୋକେ ସ୍ଥାନୀୟ ବିଧାୟକ, ଜିଲାପାଳ ଏବଂ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ପ୍ରାୟ ଦୁଇଘଣ୍ଟା ଧରି କଚେରୀ ଛକ ମୁଖ୍ୟରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ପୂର୍ବାହ୍ନ ୧୧ଟାରୁ ସ୍ଥାନୀୟ ଇଚ୍ଛାପଡା, ଇନ୍ଦିରାନଗର ଏବଂ ତୁଳସୀନଗରପଡାର ଶତାଧିକ ମହିଳା ଏକ ରାଲିରେ ସହର ପରିକ୍ରମାରେ ବାହାରିଥିଲେ। ସେମାନେ ଭାଗିରଥି ଛକ, କଳାମଣ୍ଡଳ ରୋଡ, ପିପି ଏକାଡେମୀ ଛକ ଦେଇ ଟିକ୍ରାପଡା ଛକ ଦେଇ ମସଜିଦ ଛକ ପଟକୁ ଯାଉଥିଲେ। ସଦର ପୋଲିସ ଏସ୍‌ଡିପିଓ ତୋଫାନ ବାଗ ଏବଂ ଟାଉନ୍ ଥାନା ଆଇଆଇସି ପ୍ରିୟଙ୍କା ରାଉତରାୟ ଟିକ୍ରାପଡା ଛକ ନିକଟରେ ଶୋଭାଯାତ୍ରାରେ ଥିବା ଲୋକଙ୍କୁ ଅଟକାଇଥିଲେ। ଯେଉଁ ରୁଟ୍‌ରେ ସେମାନେ ଶୋଭାଯାତ୍ରାରେ ଯିବାକୁ ଅନୁମତି ମାଗିଛନ୍ତି ସେହି ରାସ୍ତାରେ ନଯାଇ ଅନ୍ୟ ପଟକୁ କାହିଁକି ଯାଉଛନ୍ତି ବୋଲି ପଚାରିଥିଲେ। ବିଧାୟକ ନରସିଂହ ମିଶ୍ରଙ୍କ ଘରପଟକୁ ଶୋଭାଯାତ୍ରାରେ ଲୋକେ ଯାଉଥିବା ଖବର ପାଇ ପୋଲିସ ସେମାନଙ୍କୁ ଅଟକାଇଥିଲା। ଏହାପରେ ଶୋଭାଯାତ୍ରା ସେଠାରୁ ଫେରି ଜିଲାପାଳ ଅଫିସ ସମ୍ମୁଖ କଚେରୀ ଛକରେ ପହଞ୍ଚିଥିଲା। ସେଠାରେ ପ୍ରାୟ ଦୁଇଘଣ୍ଟା ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ ସମୟରେ ମେଘନାଥପଡାର ଜଣେ ବୃଦ୍ଧା ବିନ ଥପା ମୂର୍ଚ୍ଛା ହୋଇଯାଇଥିଲେ। ସେଠାରୁ ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ବିକ୍ଷୋଭକାରୀଙ୍କ ପକ୍ଷରୁ ପରେ ୫ ଜଣିଆ ପ୍ରତିନିଧି ପୌର ଉପାଧକ୍ଷା ଗାୟତ୍ରୀ ଭୋଇ, କାଉନସିଲର ଶମ୍ଭୁ ନାଗ, ପ୍ରଦ୍ୟୁତ୍ ମିଶ୍ର, ଦିଲୀପ ବରର୍ତ୍ତି ଓ ଅନ୍ୟ ଜଣେ ମହିଳା ଜିଲାପାଳ ଅଫିସକୁ ଯାଇ ଜିଲାପାଳ ଚଞ୍ଚଳ ରାଣାଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ତେବେ ଏହି ପ୍ରତିନିଧିମାନେ ଜିଲାପାଳଙ୍କ ସହ ଆଲୋଚନା ବିଫଳ ହୋଇଥିବା ସୂଚନା ଦେଇଥିଲେ। ଗଣମାଧମ ପ୍ରତିନିଧିଙ୍କ ପ୍ରଶ୍ନରେ ଜିଲାପାଳ ରାଣା କହିଥିଲେ ଯେ, ବସ୍ତି ଉଚ୍ଛେଦ ପ୍ରଶାସନର ଉଦ୍ଦେଶ୍ୟ ନୁହେଁ। ୨/୩ଟି ବଡ ପ୍ରକଳ୍ପ ରହିଛି। ଅନୁଦାନ ଆସି ପଡିରହିଛି। ଏଣୁ ମହାରାଣୀ ସାଗରର ସମସ୍ତ ଜଳଚର ଜମିରୁ ଜବରଦଖଲ ଉଚ୍ଛେଦ କରାଯିବ। ଏହା ସହିତ ନୂଆ ଜିଲାପାଳ କାର୍ଯ୍ୟାଳୟ ଏବଂ ନୂଆ ଜିଲା କୋର୍ଟ ପାଇଁ ଆବଶ୍ୟକ ୧୫ ଏକର ଜମିରୁ ମଧ ଜବରଦଖଲ ଉଚ୍ଛେଦ କରାଯିବ। ସୁପ୍ରିମକୋର୍ଟଙ୍କ ଗାଇଡଲାଇନ୍ ଅନୁସାରେ କୌଣସି ଲୋକ ଜଳଚର ଜମି ଭିତରେ ରହିପାରିବେ ନାହିଁ। ଏହାସହିତ ରାଜ୍ୟ ସରକାର ବସ୍ତିବାସିନ୍ଦାଙ୍କ ପାଇଁ ଅନେକ ସୁନ୍ଦର ଯୋଜନା କରିଛନ୍ତି। ଲୋକେ ତାର ଫାଇଦା ଉଠାଇବା କଥା। ସହର ବିଷ୍ଣୁମୁଣ୍ଡା ଅଞ୍ଚଳରେ ପ୍ରାୟ ୧୦/୧୨ ଏକର ଜମି ବସ୍ତିବାସିନ୍ଦାଙ୍କ ପାଇଁ ଚିହ୍ନଟ କରାଯାଇ ଉନ୍ନୟନ କରାଯାଇଛି। ସେଠାରେ ରାସ୍ତାଘାଟ, ବିଦ୍ୟୁତ୍, ପାନୀୟ ଜଳ ବ୍ୟବସ୍ଥା କରାଯାଇସାରିଛି। ଏହାସହିତ ୨୫୦ ଚିହ୍ନଟ ପରିବାର ମଧ୍ୟରୁ ଏଯାବତ୍ ୧୨୦ ପରିବାରକୁ ଜାଗା ମିଶନ ଯୋଜନାରେ ଜମିପଟ୍ଟା ଦିଆସରିଛି ବୋଲି କହିଥିଲେ। ଏହାପରେ ବିକ୍ଷୋଭକାରୀ ସେଠାରୁ ଫେରି ଆସିଥିଲେ।

### ୬ ତାରିଖ ବନ୍ଦ ସ୍ଥଗିତ ରଖିଲା ଆକ୍ସନ କମିଟି

ବଲାଙ୍ଗୀର ମହାରାଣୀ ସାଗର ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ, ଲକ୍ଷ୍ମୀଯୋର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଏବଂ ସମଲେଶ୍ୱରୀ ମନ୍ଦିର ଉନ୍ନତିକରଣ କାମ ଶୀଘ୍ର ଆରମ୍ଭ କରିବା ଦାବି ନେଇ ଆସନ୍ତା ୬ ତାରିଖରେ ବଲାଙ୍ଗୀର ବନ୍ଦ ପାଳନ କରାଯିବାକୁ ଆକ୍ସନ କମିଟି ନେତୃତ୍ୱରେ ନିଷ୍ପତ୍ତି ହୋଇଥିଲା। ତେବେ ସେହିଦିନ ପୌଷପୂର୍ଣ୍ଣିମା ତିହାରକୁ ଆଖି ଆଗରେ ରଖି ବନ୍ଦ ଡାକରାକୁ ସ୍ଥଗିତ ରଖାଯାଇଥିବା ଆକ୍ସନ କମିଟି ପକ୍ଷରୁ ପୁନଃ ଡାକବାଜି ଯନ୍ତ୍ର ଜରିଆରେ ଘୋଷଣା କରାଯାଇଛି। ଆକ୍ସନ କମିଟି ବନ୍ଦ ନିଷ୍ପତ୍ତି ବିରୋଧରେ ବୁଧବାର ସଭାପତି ଗୋପାଲଜୀ ପାଣିଗ୍ରାହୀଙ୍କ ଘର ସମ୍ମୁଖରେ ଜମି ଉଚ୍ଛେଦ ପ୍ରଭାବିତ ଲୋକ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଗୁରୁବାର ଜିଲାପାଳ ଅଫିସ ସମ୍ମୁଖରେ ପ୍ରତିବାଦ ଜଣାଇଥିଲେ।

### ବିତ୍ତଶାଳୀ ଘର ପ୍ରଥମେ ଖାଲି କରାଯିବ: ଜିଲାପାଳ

ବଲାଙ୍ଗୀରରେ ମିନି ସେକ୍ରେଟେରିଏଟ୍, ନୂଆ ଜିଲା କୋର୍ଟ ନିର୍ମାଣ କରାଯିବ। ଏଥିପାଇଁ ଜମି ଚିହ୍ନଟ ସରିଛି। ଏହି ଦୁଇ ପ୍ରକଳ୍ପ ୧୫ ଏକର ଜମିରେ ତିଆରି ହେବ। ଯେଉଁ ସ୍ଥାନ ଚିହ୍ନଟ ହୋଇଛି ସେଠାରେ କିଛି ଗରିବ ଲୋକ, ସରକାରୀ ଚାକିରିଆ, ଅଧ୍ୟାପକ, ପେନସନଧାରୀ, ଉଚ୍ଚମଧ୍ୟବିତ୍ତ ଧନୀ ଶ୍ରେଣୀର ଲୋକଙ୍କ ଘର ରହିଛି। ଚିହ୍ନଟ ହୋଇଥିବା ୨୦୦ ଯୋଗ୍ୟ ପରିବାରକୁ ସରକାରୀ ଯୋଜନାରେ ଥଇଥାନ କରାଯିବ। ସେମାନଙ୍କ ମଧ୍ୟରୁ ୧୨୦ ପରିବାରକୁ ଜମିପଟ୍ଟା ଦିଆସରିଛି। ତେବେ ସେଠାରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଧନୀ ଶ୍ରେଣୀ ଓ ଚାକିରିଆ, ପେନସନଧାରୀ ବେଆଇନ ଭାବେ ରହୁଛନ୍ତି। ସେମାନଙ୍କୁ ସେଠାରୁ ସର୍ବପ୍ରଥମେ ଉଚ୍ଛେଦ କରାଯିବ। ପୂର୍ବରୁ ଏମାନଙ୍କ ମଧ୍ୟରୁ କିଛିଲୋକ ଗରିବ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଜାଗା ମିଶନ ଯୋଜନାରେ ଏଲଆରସି ହାତେଇବାକୁ ଚେଷ୍ଟା କରି ଧରାପଡିଛନ୍ତି। ସେମାନଙ୍କୁ କୌଣସି ସହାନୁଭୂତି ଦେଖାଯିବନାହିଁ ବୋଲି ଜିଲାପାଳ ରାଣା ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷେ ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ଯୋଜନାରେ ଘରଡିହ, ଜମିପଟ୍ଟା ଏବଂ ଘର ଯୋଗାଇ ଥଇଥାନ କରାଯିବ ବୋଲି ସେ କହିଥିଲେ। ପ୍ରଶାସନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଉପରେ ଜୋର ଦେବା ସହ ବସ୍ତିବାସିନ୍ଦାଙ୍କ ଥଇଥାନ ଉଭୟ ବିଷୟକୁ ଗୁରୁତ୍ୱ ଦେବ ବୋଲି କହିଥିଲେ। ଚଳିତମାସ ଶେଷ ସୁଦ୍ଧା ମହାରାଣୀ ସାଗର ପ୍ରକଳ୍ପ, ନୂଆ ଜିଲାପାଳ ଅଫିସ ଏବଂ ନୂଆ କୋର୍ଟ ଅଫିସ କାର୍ଯ୍ୟ ଆରମ୍ଭ ହେବ। ଏଦିଗରେ ହାଇକୋର୍ଟ ରେଜିଷ୍ଟ୍ରାର ମଧ ନିର୍ଦ୍ଦେଶ ଜାରି କରିଥିବା ସେ ସୂଚନା ଦେଇଥିଲେ।

### ଇସ୍ତଫା ଦେବାକୁ ଯାଇଥିଲେ, ଫେରିଆସିଲେ ଉପାଧକ୍ଷା

ବଲାଙ୍ଗୀର ପୌର ଉପାଧକ୍ଷା ଗାୟତ୍ରୀ ଭୋଇ ଗୁରୁବାର ଇସ୍ତଫା ପତ୍ର ନେଇ ଜିଲାପାଳ ଅଫିସକୁ ଯାଇଥିଲେ। ଇଚ୍ଛାପଡା, ଇନ୍ଦିରାନଗରପଡାର ଲୋକଙ୍କୁ ଉଚ୍ଛେଦ କରାଯାଉଥିବାରୁ ସେ ଇସ୍ତଫା ଦେବାକୁ ଆସିଛନ୍ତି ବୋଲି କହିଥିଲେ। ତେବେ ବିଜେଡିର ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ କହିବା ପରେ ସେ ସେଠାରୁ ଫେରି ଆସିଥିବା ଜଣାଇଛନ୍ତି। ସମସ୍ୟା ସମାଧାନ ଦିଗରେ ତାଙ୍କୁ ପ୍ରତିଶ୍ରୁତି ଦିଆଯାଇଥିବା ସେ ଜଣାଇଛନ୍ତି।

# ପାରମ୍ପରିକ ଲୋକନୃତ୍ୟରେ ଦୁଲୁକିଲି ମଞ୍ଚ



ଢୋଲ ମହୁରି କଳାପରିଷଦ ବଲାଙ୍ଗୀରର କଳାକାରମାନେ ପାରମ୍ପରିକ ଲୋକନୃତ୍ୟ ପରିବେଷଣ କରୁଛନ୍ତି।

**ଦେଓଗାଁ, ୫।୧(ଡି.ଏନ୍.ଏ.)**

**କୁଲିଆବାହାଲ ପୁଷ୍ୟାଭିଷେକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତ ଅନ୍ତର୍ଗତ କୁଲିଆବାହାଲ ପୁଷ୍ୟାଭିଷେକ ମହୋତ୍ସବର ଗୁରୁବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି କାର୍ଯ୍ୟକ୍ରମରେ କମିଟି ସଭାପତି ଲକ୍ଷ୍ମଣ କୁମାର ମେହେର ଅଧକ୍ଷତାରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ପୌରପାଳିକା ପୌରାଧକ୍ଷା ଲିକା ସାହୁ, ସମ୍ମାନୀତ ଅତିଥି ଭାବେ ବଲାଙ୍ଗୀର ପୌର ପରିଷଦ କାଉନସିଲର ଗାୟତ୍ରୀ ଭୋଇ, ତୁଷୁରା ପୌରାଧକ୍ଷ ଅଜୟ ଜୟଶୱାଲ, ଦେଓଗାଁ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ପୂର୍ବତନ ଦେଓଗାଁ ବ୍ଲକ ଅଧକ୍ଷା ରୀନା ମେହେର, କଳାକାର ଅତିଥି ଭାବେ ବ୍ୟଙ୍ଗକବି ରସରାଜ ଅଚ୍ୟୁତ ପୁରୋହିତ ପ୍ରମୁଖ ଯୋଗଦେଇଥିଲେ। ନିକୁ ଷଡଙ୍ଗୀ ଓ ରଞ୍ଜନ ଷଡଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପୁଇଁତଲା ଘୁଙ୍ଗୁରୁ କଳାପରିଷଦ, କୋଶଳ ଫୋକ ଡ୍ୟାନ୍ସ ଗ୍ରୁପ ବଲାଙ୍ଗୀର, ରାମଜୀ ଡ୍ୟାନ୍ସ ଗ୍ରୁପ ଲିଖିରିଆ, ଢୋଲ ମୁହୁରି କଳାପରିଷଦ ବଲାଙ୍ଗୀର ଓ ଜଗତ ବନ୍ଧୁ ଶିକ୍ଷା ନିକେତନ ସାଲେପାଲିଙ୍କ ଦ୍ୱାରା ପାରମ୍ପରିକ କଳା ପ୍ରଦର୍ଶିତ ହୋଇଥିଲା।

# ଫାର୍ମ ହାଉସ ରାତ୍ର ଜଗୁଆଳିଙ୍କୁ ହତ୍ୟା

**ପୋଲିସ, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ**

**ବଲାଙ୍ଗୀର ଅଫିସ, ୫।୧**

ବଲାଙ୍ଗୀର ସଦର ଥାନା ଅଇଁଲାଚୁଆଁର ଏକ ଫାର୍ମହାଉସ ରାତ୍ର ଜଗୁଆଳି ରାଏତୁ ଭୁଏ (୨୪)ଙ୍କୁ ବୁଧବାର ରାତିରେ ହତ୍ୟା କରାଯାଇଛି। ହତ୍ୟାକାଣ୍ଡସ୍ଥଳରୁ ଏକ ପଥର ଫଟା ବଡ ହାତୁଡି ଜବତ ହୋଇଥିବାରୁ ସେଥିରେ ହତ୍ୟାକାରୀ ରାଏତୁଙ୍କ ମୁଣ୍ଡକୁ ପିଟି ହତ୍ୟା କରିଥିବା ଅନୁମାନ କରାଯାଉଛି। ସଦର ଏସ୍‌ଡିପିଓ ତୋଫାନ୍ ବାଗ, ସଦର ଥାନା ଆଇଆଇସି ଶ୍ରୀକାନ୍ତ ସାହୁ ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ସହାୟତାରେ ତନାଘନା କରିଥିଲେ। ଲକ୍ଷ୍ମୀନାରାୟଣ ରାଉତଙ୍କ ଫାର୍ମରେ ବୁଧବାର ଦୁଇ ରାତ୍ର ଜଗୁଆଳି ରାଲତୁ ଭୁଏ ଏବଂ ସୋନୁ ବାଗ ଜଗିଥିଲେ। ସୋନୁଙ୍କ କହିବା ମୁତାବକ ବିଳମ୍ବିତ ରାତିରେ ୩ ଜଣ ଯୁବକ ଦୁଇ ବାଇକରେ ଫାର୍ମକୁ ଆସି ଖିଆପିଆ କରିଥିଲେ। ଏହାପରେ ରାଏତୁଙ୍କ ସହ ସେମାନଙ୍କର ମାରପିଟ ହେବାରେ ଭୟଭୀତ ହୋଇ ସେ ସେଠାରୁ ପଳାଇ ଯାଇଥିବା ସୋନୁ କହିଛନ୍ତି।

# 'ତ୍ରୁଟିପୂର୍ଣ୍ଣ ପଞ୍ଜୀକରଣରୁ ଚାଷୀ ଅସନ୍ତୋଷ'

**ଲୋଇସିଂହା,୫।୧(ଡି.ଏନ୍.ଏ)**

**ଯୋଗୀସର୍ଡା ପାକ୍ସରେ ଧାନବିକ୍ରି ପଞ୍ଜିକରଣରେ ଜାଲିଆତି ଘଟଣା**

ଲୋଇସିଂହା ବ୍ଲକ ଯୋଗୀସର୍ଡା ପାକ୍ସରେ ଖରଫ ଧାନବିକ୍ରି ପାଇଁ ଚାଷୀ ପଞ୍ଜୀକରଣରେ ଜାଲିଆତି ହୋଇଛି। ବହୁ ଚାଷୀ ଏହି ଅଭିଯୋଗ ଆଣିବା ପରେ ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି। ଏହି ଘଟଣାରେ କୃଷି ସମବାୟ ସମିତି ସଭାପତି ହୃଦୟାନନ୍ଦ ବେହେରା ଗୁରୁବାର ମୁହଁ ଖୋଲିଛନ୍ତି। ତ୍ରୁଟିଶୂନ୍ୟ ଚାଷୀ ପଞ୍ଜୀକରଣ କରା ନ ଯିବାରୁ ବହୁ ଯୋଗ୍ୟ ଚାଷୀ ଧାନବିକ୍ରିରୁ ବଞ୍ଚିତ ହେଉଛନ୍ତି। ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଉଛି। ଖୁବ୍‌ଶୀଘ୍ର ବୋର୍ଡ ବୈଠକରେ ଆଲୋଚନା କରି ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସଭାପତି ବେହେରା କହିଛନ୍ତି। ଧାନକିଣାରେ ସ୍ୱଚ୍ଛତା ଆଣିବା ପାଇଁ ସରକାର ଜମି ଅନଲାଇନ ପଞ୍ଜୀକରଣ ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ପଞ୍ଜୀକରଣ ବେଳେ ଚଷୀ ଚାଷ କରୁଥିବା ଜମିର ପଟ୍ଟା ଓ ଆବଶ୍ୟକ କାଗଜପତ୍ର ପାକ୍ସରେ ଦାଖଲ କରିଥାନ୍ତି। ଭାଗଚାଷୀ ମଧ୍ୟ ଚାଷ କରୁଥିବା ଜମି ପଟ୍ଟା ଓ ପ୍ଲଟ ନଂ ଦେଇ ପଞ୍ଜୀକୃତ ହୋଇଥାନ୍ତି। ସେଟେଲମେଣ୍ଟ ଆସି ନ ଥିବାରୁ ପଟ୍ଟା ଅଲଗା ହୋଇ ପାରିନାହିଁ। ବହୁ ଜମି ଇଜମାଇଲିରେ ରହିଛି। ଗୋଟିଏ ପଟ୍ଟାରେ ବହୁ ଚାଷୀ ରହିଛନ୍ତି। ଏଭଳି କ୍ଷେତ୍ରରେ କେତେକ ଏହାର ଫାଇଦା ଉଠାଉଛନ୍ତି। ପିପିଲିପାଲି ଗ୍ରାମର ଉଦ୍ଧବ ପଧାନଙ୍କ ସମେତ କେତେକ ଚାଷୀଙ୍କ କ୍ଷେତ୍ରରେ ଏହା ହୋଇଛି। ଉକ୍ତ ପାକ୍ସ ଅଧୀନ ଭାଲିଆମୁଣ୍ଡା ଗ୍ରାମର ଏକ ଗୋଦାମରେ ବେଆଇନ ଚାଲାଣ ଉଦ୍ଦେଶ୍ୟରେ ଧାନ ଗଚ୍ଛିତ ଥିବା ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ଗତ ଡିସେମ୍ବର ୩୦ତରେ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଶରତ ରାଉତ ଓ ରାଜସ୍ୱ କର୍ମଚାରୀ ସେଠାରେ ଚଢାଉ କରି ୪୩୯ ବସ୍ତା ଧାନ ଜବତ କରିଥିଲେ। ପଞ୍ଜୀକରଣରେ ଜାଲିଆତି ହୋଇନାହିଁ, ଏହା ତାଙ୍କ ବିରୋଧରେ ଏକ ଚକ୍ରାନ୍ତ ବୋଲି ପାକ୍ସ ଡିଇଓ ଚନ୍ଦ୍ରକାନ୍ତ ମିଶ୍ର କହିଛନ୍ତି।

# ବ୍ଲକସ୍ତରୀୟ ଲୋକ ଉତ୍ସବ ଉଦ୍‌ଘାଟିତ

**ଖପ୍ରାଖୋଲ, ୫।୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ହାଇସ୍କୁଲ ମିନି ଷ୍ଟାଡିୟମରେ ବ୍ଲକସ୍ତରୀୟ ଲୋକ ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମେ ହରିଶଙ୍କର ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରା ବାହାରିଥିଲା। ଇଷ୍ଟଦେବୀ ମା' ଡୁମରଡଲେନଙ୍କଠାରେ ପୂଜାର୍ଚ୍ଚନା ପରେ ଅତିଥିଙ୍କ ସହ କଳାକାରମାନେ ଏକ ଶୋଭାଯାତ୍ରାରେ ମିନି ଷ୍ଟାଡିୟମଠାରେ ପହଞ୍ଚିଥିଲେ। ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପଞ୍ଚାୟତ ସମିତି ଅଧକ୍ଷା ନିରୂପମା ପଟେଲ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଏମ୍‌ପି ସଙ୍ଗୀତ କୁମାରୀ ସିଂଦେଓ, ମୁଖ୍ୟବକ୍ତା ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି, ସମ୍ମାନିତ ଅତିଥି ଜିଲା ପାରିଷଦ ଉପାଧକ୍ଷା ମିଥିଳା ମାଝି, ଜିଲା ପରିଷଦ ସଦସ୍ୟା ସଂଯୁକ୍ତ ମେହେର, ପ୍ରମିଳା ପାଥର ଯୋଗଦେଇଥିଲେ। ପଶ୍ଚିମ ଓଡ଼ିଶାର ଲୋକ ସଂସ୍କୃତି ଏବଂ ଲୋକକଳା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ବିଡିଓ ରଶ୍ମୀରଞ୍ଜନ ରାଉତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଉତ୍ସବକୁ ଅଧାପକ ବଳଭଦ୍ର ଦାସ ପରିଚାଳନା କରିଥିବାବେଳେ ବ୍ଲକ ଉପାଧକ୍ଷ ସୁଖୀରାମ ସାଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଭିନ୍ନ ଲୋକନୃତ୍ୟ, ଲୋକ ବାଦ୍ୟ, ଲୋକ ସଙ୍ଗୀତ ପରିବେଷିତ ହୋଇଥିଲା। ସଂସ୍କୃତିକ ମଞ୍ଚକୁ ସୁଶୀଲ ପୋଡ଼ ଓ ମୁଗ୍ଧା ଦାଶ ପରିଚାଳନା କରିଥିଲେ। ବିଚାରକଭାବେ ଉପଖଣ୍ଡ ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇ,ହରିବୋଲ ପୋଡ଼, ମନୋଜ ବାଗ, ହରେକୃଷ୍ଣ ବାରିକ ପ୍ରମୁଖ ଯୋଗଦେଇଥିଲେ।



ବ୍ଲକସ୍ତରୀୟ ଲୋକମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ତହସିଲଦାର, ବିଡିଓଙ୍କୁ ଭେଟିଲା ସରପଞ୍ଚ ସଂଘ

**ଲୋଇସିଂହା,୫।୧(ଡି.ଏନ୍.ଏ.)**

**ନଦୀଘାଟରୁ ବାଲି ଉଠାଉଥିବା ଟ୍ରାକ୍ଟର, ହାଇୱା ଧରପଗଡ଼ ଘଟଣା**

- ଏଗ୍ରିମେଣ୍ଟ ନ କରି ରୟାଲଟି ନେଉଛନ୍ତି ଲିଜ୍‌ଧାରୀ
- ବାଲି ପାଇଁ ବାଧାପ୍ରାପ୍ତ ହେଉଛି ପ୍ରକଳ୍ପ ନିର୍ମାଣ

ଲିଜଧାରୀଙ୍କୁ ରୟାଲଟି ଦେଇ ସୁକତେଲ ନଦୀଘାଟରୁ ବାଲି ଉଠାଣ ହେଉଛି। ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ପକ୍ଷରୁ ବାଲି ବୋଝେଇ ଟ୍ରାକ୍ଟର ଧରପଗଡ କରି ମୋଟା ଅଙ୍କର ଜରିମାନା ଆଦାୟ କରାଯାଉଛି। ତହସିଲଦାରଙ୍କ ଏପରି କାର୍ଯ୍ୟାନୁଷ୍ଠାନକୁ ବେଆଇନ ଦର୍ଶାଇ ବ୍ଲକ ସରପଞ୍ଚ ସଂଘ ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁବାର ସଂଘର ଏକ ପ୍ରତିନିଧି ତହସିଲଦାର ସଂଘମିତ୍ରା କାଲୋ, ବିଡିଓ ଆକାଶ ରଞ୍ଜନ ସାହୁଙ୍କୁ ଭେଟିଥିଲା। ଲିଜ୍ ପ୍ରଦାନକୁ ବର୍ଷେ ବିତି ଯାଇଛି। ଲିଜଧାରୀ ଏଗ୍ରିମେଣ୍ଟ କରି ନାହାନ୍ତି। ଏଗ୍ରିମେଣ୍ଟ ତାଙ୍କୁ ବାରମ୍ବାର କୁହାଯାଉଛି। ମାସକ ମଧ୍ୟରେ ଏଗ୍ରିମେଣ୍ଟ ନକଲେ ଲିଜ୍ ବାତିଲ କରାଯିବ ବୋଲି ଏହି ଅବସରରେ ସରପଞ୍ଚ ସଂଘକୁ ତହସିଲଦାର କାଲୋ କହିଥିଲେ।

ସଂଘର ସୂଚନା ଅନୁଯାୟୀ, ଗତବର୍ଷ ତହସିଲ ପକ୍ଷରୁ ଛେଲବାହାଲ, ହୀରାପୁର ସମେତ କେତେକ ବାଲିଘାଟ ଲିଜ୍ ପ୍ରଦାନ କରାଯାଇଥିଲା। ହେଲେ ଲିଜଧାରୀ ତହସିଲରେ ଏଗ୍ରିମେଣ୍ଟ ଏଯାଏ କରିନାହାନ୍ତି। ଅପରପକ୍ଷେ ବିନା ଏଗ୍ରିମେଣ୍ଟରେ ବିଭିନ୍ନ ଘାଟରୁ ବାଲି ଉଠାଣ କରାଯାଉଛି। ଟ୍ରାକ୍ଟର ପିଛା ଦେଢଶହ ଟଙ୍କା ଓ ହାଇୱାରେ ବାଲି ଉଠାଣ କଲେ ୫ଶହ ଟଙ୍କା ନିଆଯାଉଛି। ଲିଜଧାରୀ ଏହି ଟଙ୍କା ସଂଗ୍ରହ କରୁଛନ୍ତି। ହେଲେ ବାଲି ଉଠାଇଥିବା ଟ୍ରାକ୍ଟର ଓ ହାଇୱାକୁ ୱେବିଲ ଦେଉନାହାନ୍ତି ଲିଜଧାରୀ। ଅପରପକ୍ଷରେ ନଦୀଘାଟରୁ ବାଲି ବୋଝେଇ କରି ଆସୁଥିବା ଟ୍ରାକ୍ଟରକୁ ତହସିଲ ପକ୍ଷରୁ ଜରିମାନା କଟାଯାଉଛି। ତହସିଲ ପକ୍ଷରୁ ଏପରି କରାଯାଉଥିବାରୁ ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ଅସନ୍ତୋଷବ୍ୟକ୍ତ କରାଯାଉଛି। ସରପଞ୍ଚ ସଂଘର ଅଭିଯୋଗ ହେଲା ପଞ୍ଚାୟତସ୍ତରରେ ବିଭିନ୍ନ ଉନ୍ନୟନ କାମ ଚାଲିଛି। ଉନ୍ନୟନ କାମ ପାଇଁ ଆବଶ୍ୟକ ବାଲି, ପଥର ପାଇଁ ବ୍ଲକ ପ୍ରଶାସନ ତରଫରୁ ତହସିଲକୁ ରୟାଲଟି ଦିଆଯାଉଛି। ଏହାସତ୍ତ୍ୱେ ବାଲି ଓ ପଥର ବୋଝେଇ ଟ୍ରାକ୍ଟରକୁ ବାଟଘାଟରେ ଅଟକାଇ ତହସିଲଦାର ଜରିମାନା କାଟିବା ପ୍ରସଙ୍ଗ ୨୮ଡିସେମ୍ବର ୨୦୨୨ ସମିତି ବୈଠକରେ ସଭ୍ୟମାନେ ଉଠାଇଥିଲେ। ଏହାପରେ ବିଡିଓ କୌଣସି ପଦକ୍ଷେପ ନନେବାରୁ ପୁଣି ତହସିଲ ପକ୍ଷରୁ ଟ୍ରାକ୍ଟର ମାଲିକଙ୍କୁ ହଇରାଣ କରାଯାଉଛି। ଏହାକୁ ନେଇ ସରପଞ୍ଚ ସଂଘ ନିନ୍ଦ କରିବା ସହ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ସଂଘ ସଭାପତି ନବକିଶୋର ନାଏକ, ଉପସଭାପତି ସୁଦୀପ କୁମାର ସା, ରମାକାନ୍ତ ବିଶ୍ୱାଳ, ପ୍ରଶାନ୍ତ ତ୍ରିପାଠୀ ଓ କୌସ୍ତୁବ ସାହୁ ପ୍ରମୁଖ ବିଡିଓଙ୍କୁ ଭେଟି ବ୍ଲକ ପ୍ରଶାସନର ସ୍ଥାଣୁତାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଖୁବ୍‌ଶୀଘ୍ର ତହସିଲଦାରଙ୍କୁ ଏ ସଂକ୍ରାନ୍ତରେ ପତ୍ର ଲେଖି ଜଣାଇବେ ବୋଲି ପ୍ରତିନିଧି ଦଳକୁ ବିଡିଓ ସାହୁ କହିଥିଲେ। ପରେ ତହସିଲଦାର କାଲୋଙ୍କୁ ଭେଟି ଲିଜଧାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କାହିଁକି ନିଆଯାଉନି ବୋଲି ପ୍ରଶ୍ନ କରିଥିଲେ। ଟ୍ରାକ୍ଟର ମାଲିକଙ୍କୁ ଦାଉ ସାଧୁଛନ୍ତି। ଏହାଦ୍ୱାର ଉନ୍ନୟନ କାମରେ ବାଧା ସୃଷ୍ଟି ହେଉଥିବା କହିଥିଲେ ସଂଘ ପ୍ରତିନିଧି।

## ସଂକ୍ଷେପରେ

### ଶିକ୍ଷକଙ୍କ ଝୁଲନ୍ତା ମୃତଦେହ ଜବତ

**ପାଇକମାଲ,୫।୧(ଡି.ଏନ.ଏ.):** ପାଇକମାଲ ଥାନା ଜାମସେଠ ଗ୍ରାମର ଶିକ୍ଷକ ସୁନ୍ଦରମଣି ହଂସ (୫୦)ଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଗୁରୁବାର ଜବତ କରିଛି। ଭେରୁଆମୁଣ୍ଡା ରାସ୍ତାର ଏକ ପିଜୁଳି ଗଛରେ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଗ୍ରାମବାସୀ ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପାଇକମାଲ ଥାନାଧିକାରୀ ସୁଶାନ୍ତ କୁମାର ବଡେଇଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧/୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ସୁନ୍ଦରମଣି ଜାମସେଠ ପଞ୍ଚାୟତ ହାଇସ୍କୁଲରେ ହିନ୍ଦୀ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ।

### ଚାଲାଣ ବେଳେ କଫ୍ ସିରପ୍ ଜବତ

**ପଦ୍ମପୁର,୫।୧(ଡି.ଏନ.ଏ.):** ପଦ୍ମପୁର ଆଦର୍ଶ ଥାନା ଅଞ୍ଚଳରେ କଫ୍ ସିରପ୍ ଚାଲାଣ ହେଉଥିବା ବେଳେ ପୋଲିସ ଚଢ଼ାଉ କରିଛି। ଚଢ଼ାଉ ବେଳେ ଏକ କାର୍ (ନଂ.ସିଜି୧୨ବିଇ/୬୬୨୮)ରେ ୫୦ ବୋତଲ କୋରେକ୍ସ, ୧୦ ଷ୍ଟ୍ରିପ୍ ନାଇଟ୍ରୋସେନ ନିଶା ବଟିକା, ୨ଟି ମୋବାଇଲ, ନଗଦ ୧୦ହଜାର ଟଙ୍କା ଜବତ ହୋଇଥିଲା। ଏହି ଘଟଣାରେ ପୋଲିସ ରାୟପୁର କାଳିବାଡି ଅଞ୍ଚଳର ଅବଦୁଲ ନଦିମ ଓ ବଲୋଦାବଜାରର ଧନୁ ମାଣିକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି।

### ଲଜ୍ ମାଲିକଙ୍କ ଘରୁ ଚୋରି

**ବରପାଲି,୫।୧(ଡି.ଏନ.ଏ.):** ବରପାଲି ରେଳ ଷ୍ଟେଶନ ସାମ୍ନା ଗ୍ରୀନ୍ ହାଉସ୍ ଲଜ୍ ମାଲିକଙ୍କ ଘରୁ ବୁଧବାର ସନ୍ଧ୍ୟାରେ ଏକ ବଡଧରଣର ଚୋରି ହୋଇଛି। ଏ ନେଇ ବରପାଲି ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରୁଛି। ବୁଧବାର ସନ୍ଧ୍ୟା ପ୍ରାୟ ୫ଟାରେ ଘର ମାଲିକ ଉଦ୍ଧବ ସାହୁ ଘରେ ତାଲା ପକାଇ ସପରିବାର ବରଗଡ଼ ଧନୁଯାତ୍ରା ଦେଖିବାକୁ ଯାଇଥିଲେ। ରାତି ୯ଟା ୩୦ ମିନିଟରେ ଘରକୁ ଫେରି ଘର ତାଲା ଖୋଲାଯାଇଥିବା ଦେଖିବାକୁ ମିଳିଥିଲା। ଘର ଭିତରକୁ ଯାଇ ଯାଞ୍ଚ କରିବାରୁ ନଗଦ ୨ ଲକ୍ଷ ୫୦ ହଜାର ଟଙ୍କା, ପ୍ରାୟ ୩୦ ଗ୍ରାମ ସୁନା ଓ ଦୁଇଟି ମୋବାଇଲ ଫୋନ ଚୋରି ହୋଇଥିବା ଜଣାପଡିଥିଲା। ଗୁରୁବାର ବରପାଲି ଆଇଆଇସି ରୋଜାଲିନ ପଟେଲ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

### କୃଷକ ସଙ୍ଗଠନ ସହ ଆଲୋଚନା

**ପଦ୍ମପୁର,୫।୧(ଡି.ଏନ.ଏ.):** ରଗଡ଼ ଜିଲା ରାଜବୋଡାସମ୍ବର କୃଷକ ସଙ୍ଗଠନ ଚାଷୀମାନଙ୍କ ସାମୂହିକ ସ୍ୱାର୍ଥ ପାଇଁ କାମ କରୁଛି। ଭୟଙ୍କର ମରୁଡି ସତ୍ତ୍ୱେ ସରକାରଙ୍କ ଚାଷୀ ବିରୋଧୀ ମନୋଭାବ ଯୋଗୁ ଅଦ୍ୟାବଧି ଇନ୍‌ପୁଟ ସବ୍‌ସିଡି ଓ ପ୍ରଧାନମନ୍ତ୍ରୀ ଫସଲ ବୀମା ପାଇବାରୁ ଚାଷୀମାନେ ବଞ୍ଚିତ ହୋଇଛନ୍ତି। ପଦ୍ମପୁର ଉପନିର୍ବାଚନ ଥିବାରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ନେତାମାନେ ଅନେକ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସରକାର ଫସଲ ବୀମା, ଇନ୍‌ପୁଟ ସବ୍‌ସିଡି ଚାଷୀଙ୍କ ଜମାଖାତାକୁ ନ ଆସିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି କୃଷକ ସଙ୍ଗଠନ ରୋକ୍‌ଠୋକ୍ ଶୁଣାଇଥିଲା। ଧାରଣାର ୬୬ ଦିନ ପରେ ଚାଷୀମାନଙ୍କ ସହ ଉପଜିଲାପାଳ ଓ ତହସିଲଦାର ସମସ୍ୟାର ସମାଧାନ ପାଇଁ ଆଲୋଚନା କରିଥିଲେ।

### ବାଉଁଶୁଣୀ ହାଇସ୍କୁଲ ଖେଳ ପଡ଼ିଆରେ ବୃକ୍ଷ ରୋପଣ

**ବାଉଁଶୁଣୀ, ୫।୧(ଡି.ଏନ.ଏ.):** ବୌଦ୍ଧ ଜିଲା ବାଉଁଶୁଣୀ ପଞ୍ଚାୟତ ବାଉଁଶୁଣୀ ହାଇସ୍କୁଲ ଖେଳ ପଡିଆଠାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଣ୍ଟାମାଳ ବିଧାୟକ ତଥା ଜିଲା ଯୋଜନା ବୋର୍ଡର ଅଧକ୍ଷ ମହିଧର ରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ। ସମ୍ମାନିତ ଅତିଥି ଭାବରେ ବାଉଁଶୁଣୀ ସରପଞ୍ଚ ଅଇଁଠୁ ମହାଲିକ, ବୌଦ୍ଧ ବ୍ଲକ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜିଲା ପରିଷଦ ସଭ୍ୟ ଇଂ ରାକେଶ କୁମାର ତ୍ରିପାଠୀ, ବାଉଁଶୁଣୀ ସମିତି ସଭ୍ୟ ପ୍ରମୋଦ କୁମାର ଦେହୁରୀ, ଖଲିଆପାଲି ପଞ୍ଚାୟତର ପୂର୍ବତନ ସରପଞ୍ଚ ବାଲମୁକୁନ୍ଦ ମେହେର ପ୍ରମୁଖ ଯୋଗଦେଇ ଖେଳ ପଡିଆ ଚତୁଃପାର୍ଶ୍ୱରେ ବୃକ୍ଷ ରୋପଣ କରିଥିଲେ।

# ସୋନପୁର, ବୀରମହାରାଜପୁର ନିର୍ବାଚନମଣ୍ଡଳୀ ପାଇଁ ସଂକ୍ଷିପ୍ତ ଭୋଟର ତାଲିକା

**ସୋନପୁର,୫।୧(ନି.ପ୍ର.)**


ରାଜନୈତିକ ଦଳର ପ୍ରତିନିଧିଙ୍କୁ ଜିଲାପାଳ ଭୋଟର ତାଲିକା ପ୍ରଦାନ କରୁଛନ୍ତି ।

ସୁବର୍ଣ୍ଣପୁର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଅବୋଲି ସୁନିଲ ନରୱଣେ ୬୫-ସୋନପୁର ଓ ୬୪-ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଚଳିତ ବର୍ଷର ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ଗୁରୁବାର ପ୍ରକାଶ କରିଛନ୍ତି। ଜାନୁୟାରୀ ୧ ତାରିଖ ସୁଦ୍ଧା ପ୍ରକାଶିତ ସବିଶେଷ ଚୂଡ଼ାନ୍ତ ଯୋଗ୍ୟ ଭୋଟର ତାଲିକାକୁ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କୁ ଏହି ଅବସରରେ ଜିଲାପାଳ ନରୱଣେ ହସ୍ତାନ୍ତର କରିଥିଲେ। ୨୦୨୩ ଜାନୁୟାରୀ ୧ ତାରିଖ ସୁଦ୍ଧା ଜିଲାର ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ୪୯୪୯ ଓ ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ୩୮୬୮ ଜଣ ନୂତନ ଯୋଗ୍ୟ ଭୋଟର ତାଲିକାଭୁକ୍ତ ହୋଇଛନ୍ତି। ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୩୩୪୬ ଓ ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୨୨୯୧ ଭୋଟର ପ୍ରକାଶିତ ତାଲିକାରୁ ବାଦ୍ ପଡିଛନ୍ତି।

ସଦ୍ୟ ପ୍ରକାଶିତ ଚୂଡ଼ାନ୍ତ ଭୋଟର ତାଲିକା ଅନୁଯାୟୀ ଜିଲାରେ ସର୍ବମୋଟ ୪ଲକ୍ଷ ୫୭ହଜାର ୫୧୮ଜଣ ଯୋଗ୍ୟ ଭୋଟର ରହିଛନ୍ତି। ୬୪ ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨ଲକ୍ଷ ୧୨ହଜାର ୩୩୦ଜଣ ଓ ୬୫ ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ୨ଲକ୍ଷ ୪୫ହଜାର ୧୮୮ଜଣ ଭୋଟର ରହିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତଥା ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ସୂର୍ଯ୍ୟନାରାୟଣ ଦାଶ, ନିର୍ବାଚନ ଅଧିକାରୀ ଯଶୋସିନୀ ପୃଥାଲ ଓ ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ ଉପସ୍ଥିତ ଥିଲେ। ସେହିପରି ବିଜେଡି ପକ୍ଷରୁ ଜନ୍ମେଜୟ ପାତ୍ର, ଭାଜପା ପକ୍ଷରୁ ସୁଶାନ୍ତ କୁମାର ସାହୁ, ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ସୁଧୀର କୁମାର ପଣ୍ଡା ଓ ଏସୟୁସିଆଇରୁ ଗୋବିନ୍ଦ ମହାରଣା ପ୍ରତିନିଧିଭାବେ ଉପସ୍ଥିତ ରହି ସଦ୍ୟ ପ୍ରକାଶିତ ଚୂଡ଼ାନ୍ତ ଯୋଗ୍ୟ ଭୋଟର ତାଲିକା ଗୁଡିକୁ ଗ୍ରହଣ କରିଥିଲେ ।

## ଦିଗଶିରା ଆଞ୍ଚଳିକ ଧନୁଯାତ୍ରା: ଗୋପପୁରକୁ ପୁତନା ପ୍ରେରଣ

**ଡୁଙ୍ଗୁରିପାଲି, ୫।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଦିଗଶିରାଠାରେ ଚାଲିଥିବା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବର ତୃତୀୟ ରଜନୀରେ କୃଷ୍ଣ, ବଳରାମଙ୍କୁ ମାରିବା ପାଇଁ ପୁତନାଙ୍କୁ ଗୋପପୁର ପ୍ରେରଣ ଦୃଶ୍ୟ ଅଭିନୀତ ହୋଇଥିଲା। ରାଜ ଦରବାରକୁ ରାଜ ଅତିଥିଭାବେ ନିରଞ୍ଜନ ଭୋଇ, ଧନୁର୍ଜୟ ଆଡଲୁଆଡି, ମାନଭଞ୍ଜନ ପୂଜାରୀ, ପବିତ୍ର ସିଂ ବରିହା, ସୁଶାନ୍ତ ସାହୁ, ଯୋଗ ଦେଇଥିଲେ। ରାଜ ଦରବାରେ ଆଲବମ କଳାକାର ମାନଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ସେହିପରି ଗଡତିଆପଡା ଗୋପପୁରଠାରେ ନନ୍ଦଉତ୍ସବ ସହ ପୁରାଣ କଥା ବସ୍ତୁକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଂସ ଭୂମିକାରେ ଜଗଦାନନ୍ଦ ମିଶ୍ରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ଆମୋଦିତ କରିଥିଲା।

## ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଯାପିତ

**ବରପାଲି,୫।୧(ଡି.ଏନ.ଏ.)**

ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ ଅବସରରେ ଗୁରୁବାର ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ପଦ୍ମିନୀ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଓଡ଼ିଆ ବିଭାଗର ମୁଖ୍ୟ ତଥା ସାଂସ୍କୃତିକ ସମ୍ପାଦକ ଯତୀନ୍ଦ୍ର କୁମାର ସାହୁଙ୍କ ପରିଚାଳନା ସଭାରେ ତର୍କ, ସଙ୍ଗୀତ, ପ୍ରବନ୍ଧ, ନୃତ୍ୟ, ଜଣାଅଜଣା, ଅଭିନୟ, ରଙ୍ଗୋଲି, କ୍ରାଫ୍ଟ, ପେଣ୍ଟିଂ, ହେୟାର ଡିଜାଇନ, ମେହେନ୍ଦି, ବ୍ରାଇଡେଲ ମେକପ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଫଳାଫଳ ଘୋଷଣା ହୋଇଥିଲା। ଅବସରପ୍ରାପ୍ତ ଅଧକ୍ଷ ଉତ୍ତର କୁମାର ଦାଶ, ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ପଣ୍ଡା, ସଚିନ ମହାପାତ୍ର, ବାବଲୁ ମେହେର, ଅଜିତ ଛତ୍ରିଆ, ପ୍ରିୟରଞ୍ଜନ ମହାନନ୍ଦ, ମନୋଜ ବରିହା, ବିନୋଦ ବେହେରା, ଶୁଭମ ବାରିକ, ତୃପ୍ତିମୟୀ ଦାଶ, ମାମି ଦାଶ ବିଚାରକ ଦାୟିତ୍ୱ ତୁଲାଇଥିଲେ। ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯାମୀ ପଣ୍ଡା, ଉଚ୍ଚମାଧ୍ୟମିକ ମହିଳା ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ସୁଧାଂଶୁ କୁମାର ଦାଶ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଅଧ୍ୟାପିକା ନୀଳିମା ନାୟକ, ଅଙ୍କିତା ବାବୁ, ପିଙ୍କି ବାରିକ, ଜ୍ୟୋତି ସାହୁ, ମନ୍ଦାକିନୀ ମେହେର, ଡଲି ପଧାନ, ଅଧ୍ୟାପକ ନୀତିଶ ତାଣ୍ଡି, ସାର୍ଥକ ପାଣିଗ୍ରାହୀ, ପ୍ରଦୀପ କୁମାର ମିଶ୍ର, ସହକର୍ମୀ ବିରେନ୍ଦ୍ର ଖଟୁଆ, ନୃପରାଜ ବରିହା, କାଲୁ କୁମାର, ଆନନ୍ଦ ବେହେରା, ତ୍ରିପୁରା ବେହେରା ସାମିଲ ହୋଇଥିଲେ।

# ସେମିରେ ଇଲେଭେନ୍ ଷ୍ଟାର୍ କଳାପଥର

**ସୁଜନ ନାଗ ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

**ସୋନପୁର,୫।୧(ନି.ପ୍ର.)**



ଅତିଥି ବୃନ୍ଦ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ।

ସୋନପୁର ରୟାଲ ପଡିଆରେ ଚାଲିଥିବା ୧୦ମ ରାଜ୍ୟସ୍ତରୀୟ ସୁଜନ ନାଗ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଗୁରୁବାର ମ୍ୟାଚ୍‌ରେ ସ୍ଥାନୀୟ ଇଲେଭେନ୍ ଷ୍ଟାର କଳାପଥର ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ସୋନପୁର ବ୍ଲକର ଇଲେଭେନ୍ ଷ୍ଟାର କଳାପଥର ଓ ରିଜୁଲ ସ୍ପୋର୍ଟିଂ ତରଭା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଇଲେଭେନ୍ ଷ୍ଟାର ୧-୦ଗୋଲରେ ବିଜୟୀ ହୋଇଛି। ରେଫେରି ନନ୍ଦୁ ନାଏକ, ଯୋଗେନ୍ଦ୍ର ଓରାମ, ଜଗତ ଜଗଦଳା, ପ୍ରଶାନ୍ତ କୁମାର ସେଠୀ ଓ ଖଗେଶ୍ୱର ତାଣ୍ଡି ମ୍ୟାଚ୍ ପରିଚାଳନା କରିଥିଲେ। ଶଙ୍କର ଆଗ୍ରୋର ନିର୍ଦ୍ଦେଶକ ଲୋକନାଥ ରଥ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ବରିଷ୍ଠ ଆଇନଜୀବୀ ସୁରେଶ ଷାଣ୍ଡ, ଜ୍ୟୋତିରଞ୍ଜନ କୁଶଳ, ଅଶୋକ ମିଶ୍ର ଓ ସନାତନ ବାସ୍କେ ଯୋଗ ଦେଇଥିଲେ। ଇଲେଭେନ ଷ୍ଟାରର ବର୍ଣ୍ଣି ଓରାମଙ୍କୁ ବେଷ୍ଟ ଡିଫେନ୍ସ, ବିନି କିଷାନଙ୍କୁ ବେଷ୍ଟ ମିଡ୍ ଫିଲ୍ଡ, ରିଜୁଲ ସ୍ପୋର୍ଟିଂର ଉମେଶ ଭୋଇଙ୍କୁ ବେଷ୍ଟ ଡ୍ରିଙ୍ଗର, ସୁଶିଲ ବନଛୋରଙ୍କୁ ବେଷ୍ଟ ଗୋଲ କିପର ଓ ଇଲେଭେନ ଷ୍ଟାରର ବିଷ୍ଣୁ ଓରାମଙ୍କୁ ହିରୋ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜକ ସୋନପୁର ରୟାଲ ସ୍ପୋର୍ଟିଂ କ୍ଲବର ସମ୍ପାଦକ ରାକେଶ ନାଗ ପୁରସ୍କାର ବିତରଣୀ ଉତ୍ସବକୁ ପରିଚାଳନା କରିଥିଲେ। ଶୁକ୍ରବାର ମୟୁରଭଞ୍ଜ ଓ ବିଏସ୍‌ଏଫ ସୋନପୁର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

# ଉର୍ସ ଉତ୍ସବ ପାଳନ ପାଇଁ ଚାଦର ଶୋଭାଯାତ୍ରା

**ତରଭା, ୫।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭାରେ ମୁସଲିମ ସମ୍ପ୍ରଦାୟ ମହାପୁରୁଷ ଫକୀର ବାବାଙ୍କ ୪୦ତମ ଶ୍ରାଦ୍ଧ ବାର୍ଷିକ ତଥା ଉର୍ସ ଉତ୍ସବ ପାଳନ ପାଇଁ ପ୍ରଶାସନ, ମସ୍‌ଜିଦ ମଜାର କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଗୁରୁବାର ମସ୍‌ଜିଦ ମଜାର ପରିସରରେ କୋରାନ ପାଠ, ସମାଜର ପତାକା ଉତ୍ତୋଳନ କରାଯାଇ ଅପରାହ୍ନ ୪ଟାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ଚାଦରକୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ଚାଦର ଶୋଭାଯାତ୍ରା ସମୟରେ ମସ୍‌ଜିଦ ମଜାର କମିଟି ସଭାପତି ଅଜନବି ଖାଁନ, ଆକବର ଅଲ୍ଲୀ, ଗୁଲାମ ଖାଁନ, ୱାଜ ମହମ୍ମଦଙ୍କ ସମେତ କମିଟିର ସମସ୍ତ ସଭ୍ୟ ଓ ଶ୍ରଦ୍ଧାଳୁ ସାମିଲ ଥିଲେ। ଆଗାମୀ ୫ ଓ ୬ତାରିଖ ଦୁଇଦିନ ଧରି ଉତ୍ସବ ପାଳନ ହେବ। ଉତ୍ସବକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ଜିଲା ପ୍ରଶାସନ, ଏନଏସି, ବ୍ଲକ, ତହସିଲ ପ୍ରଶାସନ, ମସଜିଦ ଓ ମଜାର କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଟ୍ରାଫିକ, ଭକ୍ତଙ୍କ ରହିବା, ପରିମଳ ସେବା ଉପରେ ଗୁରୁତ୍ୱ ଦିଆଯାଇଛ। ଏସ୍‌ଡିପିଓ ପୁଷ୍ପାଞ୍ଜଳି ନିଗି, ତରଭା ଥାନା ଆଇଆଇସି ସୁବ୍ରତ ପାଣିଗ୍ରାହୀ ଆଇନଶୃଙ୍ଖଳା ଦାୟିତ୍ୱରେ ରହିଛନ୍ତି।


ତରଭା ସହରରେ ବାହାରି ଥିବା ଚାଦର ଶୋଭାଯାତ୍ରା।

# ବଲାଙ୍ଗୀରକୁ ହରାଇ ବୌଦ୍ଧ ସେମିରେ

**ମାହେଶ୍ୱରୀ କ୍ରିକେଟ କପ୍**


ଦେବାଶିଷ ବାଘଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଉଛି।

**ଅମରପାଲି,୫।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରା ପଞ୍ଚାୟତର ବିକଳପୁର ଗ୍ରାମରେ ଚାଲିଥିବା ୧୬ତମ ମା'ମାହେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗୁରୁବାର ଦୁଇଟି ମ୍ୟାଚ ହୋଇଥିଲା। ପ୍ରଥମ ମ୍ୟାଚ ଆୟୋଜକ ବିକଳପୁର ଓ ବୌଦ୍ଧ ମଧ୍ୟରେ ହୋଇଥିଲା। ବିକଳପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ହରାଇ ୫୪ରନ କରିଥିଲା। ଦଳର ମଣ୍ଟୁ ପ୍ରଧାନ ୨୭ କରିଥିବା ବେଳେ ବିପକ୍ଷ ବୌଦ୍ଧର ରଜନିସ ଯାଦବ ୨ଟି ଉଇକେଟ ନେଇଥିଲେ। ଜବାବର ବୌଦ୍ଧ ଦଳ ଆବଶ୍ୟକ ୫୫ରନକୁ ୩.୪ ଓଭରରେ ଗୋଟିଏ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳର ହେମନ୍ତ ଚମ୍ପତି ୧୫ବଲରୁ ୩୪ରନ କରିଥିଲେ। ବିକଳପୁରର ବୈକୁଣ୍ଠ କର୍ଣ୍ଣ ଗୋଟିଏ ଉଇକେଟ ନେଇଥିଲେ। ଦ୍ୱିତୀୟ ମ୍ୟାଚ ପ୍ରଥମ ମ୍ୟାଚର ବିଜେତା ବୌଦ୍ଧ ଓ ବଲାଙ୍ଗୀର ମଧ୍ୟରେ ହୋଇଥିଲା। ବୌଦ୍ଧ ପ୍ରଥମେ ବ୍ୟାଟିଂ କରି ୧୨ଓଭରରେ ଗୋଟିଏ ଉଇକେଟ ହରାଇ ୧୭୫ରନ କରିଥିଲା। ଦଳର ଦେବାଶିସ ବାଘ ୪୩ ବଲରୁ ୧୦୬ରନ ଓ ଋଷି ମେହେର ୨୨ବଲରୁ ୫୭ରନ କରିଥିଲେ। ବଲାଙ୍ଗୀରର ଆୟୁଷ୍ମାନ ଦାଶ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ବଲାଙ୍ଗୀର ଦଳ ୧୦ଓଭରରେ ୪ ଉଇକେଟ ହରାଇ ୧୨୪ରନ କରିଥିଲା। ଦଳର ବାବୁଲୁ ସେଠି ୨୫ବଲରୁ ୫୧ରନ, କୁଲଦିପ ସୁନା ୩୧ ଓ ବାଦଲ ଖମାରୀ ୨୫ରନ କରିଥିଲେ। ମନୋଜ ନାଏକ ୨ଟି, ସୌରଭ ପତି ଓ ଦେବାଶିଷ ବାଘ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ । ବୌଦ୍ଧ ଦଳ ବିଜୟୀ ହୋଇ ସେମିଫାଇଲରେ ପ୍ରବେଶ କରିଛି। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବିଶିଷ୍ଟ ବ୍ୟବସାୟୀ ଦିଲ୍ଲିପ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଥମ ମ୍ୟାଚ ପାଇଁ ହେମନ୍ତ ଚମ୍ପତି ଓ ଦ୍ୱିତୀୟ ମ୍ୟାଚରେ ଆକର୍ଷଣୀୟ ଶତକୀୟ ପାରି ପାଇଁ ଦେବାଶିଷ ବାଘଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚ ଗୁଡିକରେ ସୁଶାନ୍ତ ସେଠ, ପ୍ରଶାନ୍ତ ମିଶ୍ର ଓ ସୁରେଶ ବିଶି ଅମ୍ପେୟାର, ଚନ୍ଦ୍ରଶେଖର ପଧନ ସ୍କୋରିଂ, ପରକ୍ଷିତ କର୍ଣ୍ଣ ଅନଲାଇନ ସ୍କୋରିଂ ଏବଂ ବି.ଏସ .ରାଓ ଏବଂ ଏସ.ପ.ସିମରନ ଧାରା ବିବରଣୀ ପ୍ରଦାନ କରିଥିଲେ।

# ୨ ମାମଲାରେ ୪ ଅଭିଯୁକ୍ତ ଗିରଫ

**ମଥୁରାନଗରୀ,୫।୧**

ବରଗଡ଼ ଟାଉନ ଥାନା ପୋଲିସ ୨ ଆପରାଧିକ ମାମଲାରେ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଗଞ୍ଜେଇ ଚାଲାଣ ମାମଲାରେ ୩ଜଣ ଏବଂ ମୋବାଇଲ ଲୁଟ୍ ମାମଲାରେ ଜଣେ ରହିଛନ୍ତି। ଗଞ୍ଜେଇ ଚାଲାଣ ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ, ବରଗଡ଼ ଟାଉନ ଥାନା ଅନ୍ତର୍ଗତ ୱାର୍ଡ଼ ନଂ-୨ ବାଲିକ୍ରିଆ ନିବାସୀ କ୍ରିଷ୍ଣା ମହାପାତ୍ର(୩୫), ୱାର୍ଡ଼ ନଂ-୮ ଖଜୁରିକ୍ରିଆର ସଚିନ ମିଶ୍ର(୨୮) ଏବଂ କେଶବନଗର ନିବାସୀ ଦେବରାଜ ସାହୁ(୨୮)। ସେମାନଙ୍କ ପାଖରୁ ୪ କି.ଗ୍ରା ୯୩୭ ଗ୍ରାମ୍ ଗଞ୍ଜେଇ ଏବଂ ଏକ ବ୍ୟବହୃତ କାର୍ (ନଂ.ଓଡ଼ି୧୭ଏନ/୩୮୦୦ ଜବତ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ବରଗଡ଼ ଟାଉନ ଥାନାରେ ଏନ୍‌ଡିପିଏସ୍ ଆକ୍ଟର ଧାରା ୨୦(ବି)ରେ ଏକ ମାମଲା (ନଂ.୧୪/୨୩) ରୁଜୁ ହୋଇଛି । ସେହିପରି ଧନୁଯାତ୍ରା ମହୋତ୍ସବ ଚାଲିଥିବାବେଳେ ମୀନା ବଜାରରୁ ମୋବାଇଲ ଲୁଟ୍ ମାମଲାରେ ପୋଲିସ ଅନ୍ୟ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବରଗଡ଼ ଟାଉନ ଥାନା ହାଟପଦାର ବିକାଶ ବାଗ(୨୬)। ତାଙ୍କ ପାଖରୁ ୪ଟି ମୋବାଇଲ ଜବତ ହୋଇଛି। ବରଗଡ଼ ଜିଲା ଅମ୍ବାଭୋନା ଥାନା କପାଶିରା ଗ୍ରାମର ମାନସ କୁମାର ଭୋଇ, ଭେଡ଼େନର ରଞ୍ଜନ ଅଦାବର, ବରଗଡ଼ ସଦର ଥାନା ଅନ୍ତର୍ଗତ ବାଗଡ଼ିଆ ଗ୍ରାମର ସିଦ୍ଧାନ୍ତ ଭୋଇ ଏବଂ ଭଟଲି ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମର ଉଦ୍ଧବ ସାହୁ ସେମାନଙ୍କ ମୋବାଇଲ ଲୁଟ୍ ହେବା ନେଇ ବରଗଡ଼ ଟାଉନ ଥାନାରେ ଏତଲା ଦେଇଥିଲେ। ସେମାନଙ୍କ ଏତଲାକୁ ଭିତ୍ତି କରି ପୋଲିସ ୪ଟି ପୃଥକ୍ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା ଏବଂ ଅଭିଯୁକ୍ତଙ୍କୁ ଗିରଫ ସହିତ ଚୋରି ମୋବାଇଲ ଜବତ କରିଥିଲା।

## ସଂଗ୍ରାମୀଙ୍କ ସ୍ମୃତିସଭା

**ପାଇକମାଲ,୫।୧(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଲ ବ୍ଲକ ବିକ୍ରମ ନଗରରେ ସାମାଜିକ କର୍ମୀ ତଥା ସଂଗ୍ରାମୀ ସ୍ୱର୍ଗତ ରାଏଧର ଲୁହାରଙ୍କ ୧୭ ତମ ସ୍ମୃତିସଭା ପାଇକମାଲ ବ୍ଲକ ଲକ୍ଷେଘର ଗଣ୍ଡା ସମାଜର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଗୁରୁବାର ପାଳନ କରାଯାଇଥିଲା। ଖେତ୍ରି ଲୁହାରଙ୍କ ଆହ୍ୱାନ କ୍ରମେ ବ୍ଲକ ସଭାପତି ଯୁଧିଷ୍ଠିର ଚାନ୍ଦ ସଭା ପରିଚାଳନା କରିଥିଲେ। ଏହି ସ୍ମୃତିସଭାରେ ରମଳା ଲୁହାର, ଶରତ ଚନ୍ଦ୍ର ତାଣ୍ଡି, ଯୁଗଳ କିଶୋର ମହାନନ୍ଦ, ବେନି ମହାନନ୍ଦ, ରାଜୁ ମହାନନ୍ଦ, ଦଶରଥ ଚାନ୍ଦ, ନବଘନ ତାଣ୍ଡି, ମନୋରଞ୍ଜନ ସୁନା, ମୋହନ ଜଗତ ପ୍ରମୁଖ ଉପସ୍ଥିତ ଥିଲେ।

# ହୃଦ୍‌ରୋଗ ସ୍ୱାସ୍ଥ୍ୟ ସଚେତନତା ଶିବିର

**ସୋନପୁର,୫।୧(ନି.ପ୍ର.)**

ସୋନପୁର ମହାରାଜା ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ହୃଦ୍‌ରୋଗ ସମ୍ପର୍କିତ ସ୍ୱାସ୍ଥ୍ୟ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହାରାଜା ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂଘ ଓ ବରିଷ୍ଠ ନାଗରିକ ସଂଘର ମିଳିତ ଆନୁକୂଲ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା। ଶିବିରରେ କଳିଙ୍ଗ ହାର୍ଟ ରିହାବିଲେସନ ସେଣ୍ଟରର ପରିଚାଳକ ଡାକ୍ତର ଦେବାଶିଷ ସାମନ୍ତରାୟ ଷ୍ଟେଣ୍ଟ ଓ ଅସ୍ତ୍ରୋପଚାର ବିନା କିପରି ହୃଦ୍‌ଯନ୍ତ୍ରକୁ ସୁସ୍ଥ ରଖା ଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ମହାରାଜା ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂଘ ସଭାପତି ତଥା ବରିଷ୍ଠ ନାଗରିକ ସଂଘ ଉପଦେଷ୍ଟା ଗୋରେଖନାଥ ସାହୁ ଶିବିରକୁ ସଂଯୋଜନା କରିଥିଲେ। ବରିଷ୍ଠ ନାଗରିକ ସଂଘ ସଭାପତି ଡ. ଜ୍ୟୋତିରଞ୍ଜନ ବହିଦାର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ର, ଶିକ୍ଷୟତ୍ରୀ ଶିକ୍ଷକ ଓ ବରିଷ୍ଠ ନାଗରିକ ଯୋଗଦାନ କରି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପ୍ରାଧାପିକା ମୀନା ମହାରଣା ଧନ୍ୟବାଦ ପ୍ରଦାନ କରିଥିଲେ। ଶିବିରକୁ ସଫଳତାର ସହ ଆୟୋଜନ ପାଇଁ ପ୍ରଧାନଶିକ୍ଷକ ଆଶିଷ ରଞ୍ଜନ ରଥ ଓ ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ ।


ଶିବିରରେ ମଞ୍ଚାସୀନ ଡାକ୍ତର ଓ ଅତିଥି ।

# ବଡି ବିଲ୍‌ଡିଂରେ ଜିତିଲେ ୪ପଦକ

**ବୀରମହାରାଜପୁର ପ୍ରତିଯୋଗୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା**

**ଅମରପାଲି, ୫।୧(ଡି.ଏନ.ଏ.)**


କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମୈତ୍ରୀ ସଦନରେ ଗୁରୁବାର ବଡି ବିଲଡଂ ପଦକ ଜିଣିଥିବା ଜିଲାର ୪ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଦକ୍ଷିଣ ଗୋଆଠାରେ ଅନୁଷ୍ଠିତ ବଡି ବିଲଡିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସୁବର୍ଣ୍ଣପୁର ଜିଲା କ୍ରିପାଲ ଫିଟନେସର ଏସ.କ୍ରିପାଲ ମିଶ୍ର, ଅଙ୍କିତ ତାଣ୍ଡି, ସୁଧିର ପଧାନ ଓ ଶାନ୍ତନୁ ମିଶ୍ର ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିଣିଛନ୍ତି। ଆଇ କମ୍ପେଟ ନେଚୁରାଲ ଅଷ୍ଟ୍ରେଲିଆନ ଫେଡେରେସନ ଆନୁକୂଲ୍ୟରେ ଦକ୍ଷିଣ ଗୋଆରେ ହୋଇଥିବା ଉକ୍ତ ପ୍ରତିଯୋଗୀତରେ କ୍ରିପାଲ ଫିଟନେସ ଟିମ ମ୍ୟାନେଜର ଆଲୋକ ଦେହୁରିଙ୍କ ନେତୃତ୍ୱରେ ଦଶ ପ୍ରତିଯୋଗୀଙ୍କୁ ନେଇ ଏକ ଦଳ ଯାତ୍ରା କରିଥିଲା। ସେଠାରେ ହୋଇଥିବା ପ୍ରତିଯୋଗୀତାରେ ଦେଶର ବିଭିନ୍ନ ରାଜ୍ୟର ପ୍ରତିଯୋଗୀଙ୍କ ସହିତ ଶ୍ରୀଲଙ୍କା, କୁଏତ, ଦୁବାଇର ଏକ ହଜାରରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀତାରେ ଏସ.କ୍ରିପାଲ ମିଷ୍ଟର ଇଣ୍ଡିଆ ମେଲ ଫିଜିକରେ ରନର୍ସ ଅପ ଓ ଚାମ୍ପିୟନ କୋଚ, ଅଙ୍କିତ ତାଣ୍ଡି କ୍ଲାସିକ ଫିଜିକରେ ସ୍ୱର୍ଣ୍ଣ, ସୁଧିର ପ୍ରଧାନ କ୍ଲାସିକ ଫିଜିକରେ ରୌପ୍ୟ, ଶାନ୍ତନୁ ମିଶ୍ର ମେଲ ଫିଜିକରେ ରୌପ୍ୟ ପଦକ ହାସଲ କରିଥିଲେ। ଏହା ସହିତ ଏସ.କ୍ରୀପାଲଙ୍କ ପ୍ରଶିକ୍ଷକରେ ରାଜ୍ୟର ବିଭିନ୍ନ ପ୍ରାନ୍ତର ଦଶଜଣ ପ୍ରତିଯୋଗୀ ପଦକ ଜିଣିଥିଲେ। କୋଚ କ୍ରିପାଲ ଶ୍ରୀରାମଙ୍କ ନେତୃତ୍ୱରେ ଯାଇଥିବା ଟିମକୁ ଗୁରୁବାର ବୀରମହାରାଜପୁରରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏନେଇ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ଏକ ଶୋଭାଯାତ୍ରାରେ ଉକ୍ତ ପ୍ରତିଯୋଗୀଙ୍କୁ ମୈତ୍ରୀସଦନକୁ ଅଣାଯାଇଥିଲା। ସେଠାରେ ବରିଷ୍ଠ ଆଇନଜୀବୀ ତଥା ଉପଖଣ୍ଡ ସାମ୍ବାଦିକ ସଂଘ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ ମୁଖ୍ୟ ଅତିଥି, ଉପଖଣ୍ଡ ପୋଲିସ ଅଧିକାରୀ ତୋଳାମଣି ଭୋଇ, ଶିକ୍ଷାବିତ୍ ଡା. ପ୍ରଫୁଲ୍ଲ କୁମାର ରଥ, ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜିତ କୁମାର ରଥ ସମ୍ମାନୀତ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗୀଥଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୀନକେତନ ମହାକୁର ସଭା ସଂଯୋଜନା କରିଥିଲେ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ପିଠାପଣା ପ୍ରତିଯୋଗିତା, ସ୍ୱାଧୀନତା ସ୍ମୃତି ଭବନ, ଅପରାହ୍ନ ୪ଟା ।
- ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ପକ୍ଷରୁ ପୁଷପୁନି ଭେଟ, ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସନ୍ଧ୍ୟା ସାଢ଼େ ୬ଟା ।

## ସଂକ୍ଷେପରେ

### ଆଜି ସକାଳ ୮ରୁ ବିଦ୍ୟୁତ୍ ଯୋଗାଣ ବନ୍ଦ

**ସମ୍ବଲପୁର,୫ା୧(ବ୍ୟୁରୋ):** ସୁନ୍ଦରଗଡ ଜିଲା ଅନ୍ତର୍ଗତ ଓପିଟିସିଏଲ୍‌ର ଯୋଡା ସବଷ୍ଟେଶନର ୩୩କେଭି ମରାମତି କାର୍ଯ୍ୟ ଶୁକ୍ରବାର କରାଯିବ । ତେଣୁ ରାଉରକେଲା ସଦର ବିଦ୍ୟୁତ୍ ଡିଭିଜନ ଅଧୀନ ଟେନ୍‌ସା, କୋଇଡା, ରୁଙ୍ଗଟା ମାଇନ୍ସ, ଶୁଭମ୍ ମିନି ରାଇସ ପ୍ରଭୃତି ଅଞ୍ଚଳରେ ସକାଳ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଉପଭୋକ୍ତାମାନେ ସହଯୋଗ କରିବାକୁ ଗୁରୁବାର ଏକ ପ୍ରେସ ବିବୃତିରେ ଟିପିଡବ୍ଲୁଓଡିଏଲ୍ କର୍ତ୍ତୃପକ୍ଷ ଅନୁରୋଧ କରିଛନ୍ତି ।

### ଯୁବତୀଙ୍କ ଆତ୍ମହତ୍ୟା

**ବ୍ରଜରାଜନଗର,୫ା୧(ଡି.ଏନ.ଏ.):** ବ୍ରଜରଜନଗର ଥାନା ଅନ୍ତର୍ଗତ ଗୁଆଲାପଡ଼ାରେ ବୁଧବାର ମଧ ରାତ୍ରରେ ଜଣେ ଯୁବତୀ ଓଢ଼ଣି ଦ୍ୱାରା ନିଜ ଘରେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ପ୍ରୀତି ରାଏ (୧୮)। ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡିନାହିଁ। ତାଙ୍କ ବାପା ଅବଧେଶ ରାଏ କହନ୍ତି, ପ୍ରୀତି ବେଲପାହାଡ କଲେଜରେ +୩ରେ ପରୀକ୍ଷା ଦେଇ ଫେଲ ହୋଇଥିଲେ। ହେଲେ ବୁଧବାର ରାତିରେ ଝିଅର ମାନସିକ ସ୍ଥିତି ଠିକ ଥିବା ସେ କହିଥିଲେ। ଗୁରୁବାର ସକାଳେ ପୋଲିସ ସାଇଣ୍ଟିଫିକ ଟିମ୍ ଦ୍ୱାରା ତଦନ୍ତ କରାଇ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ବ୍ରଜରାଜନଗର ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ବ୍ରଜରଜନଗର,୫ା୧(ଡି.ଏନ.ଏ.):** ବ୍ରଜରଜନଗର ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମହାବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟ ସୁଦର୍ଶନ ପାଣିଗ୍ରାହୀ ମୁଖ୍ୟଅତିଥି ଓ ପ୍ରଭାତ ବିଶି, ପ୍ରାଧ୍ୟାପକ ରବି ପାଣିଗ୍ରାହୀ, ପଦ୍ମିନୀ ତ୍ରିପାଠୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ମୋଟ ୪୪ଗୋଟି ଇଭେଣ୍ଟରେ ୩୨୬ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଯୁକ୍ତ ୨ ବାଳକ ବିଭାଗରେ ରଜତ ରାଏ ଓ ବାଳିକା ବିଭାଗରେ କାଜଲ କୁମାରୀ ଯାଦବ ଚାମ୍ପିୟନ ହୋଇଥିଲେ। ସେହିପରି ଯୁକ୍ତ ୩ ବାଳକ ବିଭାଗରେ ସୁରଜ ସିଂହ ଓ ବାଳିକା ବିଭାଗରେ ସିମରାନ ଛାତ୍ରପଲ ଚାମ୍ପିୟନ ହୋଇଥିଲେ। ମହାବିଦ୍ୟାଳୟ ଅଧକ୍ଷ ବିଶ୍ୱଜିତ ଖମାରିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

### ଯାତ୍ରୀଙ୍କ ପାଇଁ ବିପଦ ସାଜିଛି ପୁରୁଣା ଗଛ



**ଜମନକିରା,୫ା୧(ଡି.ଏନ.ଏ.):** ଜମନକିରା ବ୍ଲକ ବଡ଼ମାଲ ପଞ୍ଚାୟତ ସଦର ମହକୁମାରୁ ଗୁଣ୍ଡୁରୁଚୁଆକୁ ସଂଯୋଗ କରୁଥିବା ଆର୍‌ଡି ରାସ୍ତା ପାର୍ଶ୍ୱରେ ଏକ ପୁରୁଣା ଆମ୍ବଗଛ ଢଳିରହି ଯାତ୍ରୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଏହି ରାସ୍ତାର ସୁଦବଲଣ୍ଡା ନିକଟରେ ଥିବା ଆମ୍ବଗଛ ୪ମାସ ତଳେ ଝଡ଼ବର୍ଷା ଯୋଗୁ ଢ଼ଳି ପଡ଼ିଥିଲା। ଯିବାଆସିବା ବ୍ୟାହତ ହେବାରୁ ଗ୍ରାମବାସୀ ପ୍ରଶାସନକୁ ଜଣାଇଥିଲେ। ପ୍ରଶାସନ ପକ୍ଷରୁ ଅଗ୍ନିଶମ ବିଭାଗ ମାଧ୍ୟମରେ ଗଛର କିଛି ଡାଳ କଟାଯାଇ ଯାତାୟାତ ସ୍ୱାଭାବିକ କରାଯାଇଥିଲା। ହେଲେ ରାସ୍ତାରେ ଭାରିଯାନ ଯିବା ସମ୍ଭବ ହେଉନାହିଁ। ସାପ୍ତାହିକ ବଜାର ଓ ଧାନମଣ୍ଡିକୁ ଗାଡି ନେଇ ଯିବା ପାଇଁ ଲୋକଙ୍କୁ ଅଧିକ ୮ କି.ମି. ବୁଲିବାକୁ ପଡୁଛି। ଏପରି କି ଯାତ୍ରୀବାହୀ ଯାନ ଯିବାବେଳେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ସ୍କୁଲ ପିଲାଠାରୁ ଆରମ୍ଭ କରି ସାଧାରଣ ଲୋକେ ଦୈନିକ ଏହି ରାସ୍ତାଦେଇ ଯା'ଆସ କରୁଥିବାରୁ କୌଣସି ସମୟରେ ଗଛପଡି ବିପଦ ସୃଷ୍ଟି କରିବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ତୁରନ୍ତ ପ୍ରଶାସନ ଏହି ଗଛକୁ କାଟି ସଫା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ରୟତି ଜମି ଦଖଲ କରି ପଥର ଖନନ

**ସମ୍ବଲପୁର,୫ା୧(ବ୍ୟୁରୋ)**

ସମ୍ବଲପୁର ଜିଲା ଝୁଝୁମୁରା ତହସିଲ ଅଞ୍ଚଳରେ ଏକ କମ୍ପାନୀ ଜଣେ ବ୍ୟକ୍ତିଙ୍କ ରୟତି ଜମି ଦଖଲ କରି ପଥର ଖନନ କରୁଥିବା ଅଭିଯୋଗ ହୋଇଛି। ଉକ୍ତ ତହସିଲ ଅନ୍ତର୍ଗତ ଜାମଟାଲ ଗ୍ରାମର ଚାଷୀ ବୃନ୍ଦାବନ ବଗର୍ତ୍ତିଙ୍କ ଅଭିଯୋଗକ୍ରମେ, ହାରିବାରି ମୌଜା ଜାମଟାଲ ଗ୍ରାମ ପହାଡ ପାଦଦେଶରେ ତାଙ୍କର ଅଧଏକର ଜମି ରହିଛି। ଏଥିରେ ସେ ପରିବା ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ଏଡା ପରିସରରେ ୫ରୁ ୬ ଗୋଟି ବଡ ମହୁଲ ଗଛ ମଧ ରହିଥିଲା। ମହୁଲ ଫୁଲ ସଂଗ୍ରହ କରି ବର୍ଷକୁ ୪୦ରୁ ୫୦ ହଜାର ଟଙ୍କା ରୋଜଗାର କରୁଥିଲେ। ହେଲେ ଏବେ ଜାତୀୟ ରାଜପଥ ନିର୍ମାଣ କରୁଥିବା କମ୍ପାନୀ ଏଆଇପିଏଲ୍



ପଥର ଖନନ ଦ୍ୱାରା ଜାମଟାଲ ଗ୍ରାମର ପ୍ରଭାବିତ ଚାଷୀ।

ତାଙ୍କ ଜମି ନିକଟରେ ପଥର ଖାଦାନ କରିଛି। ପଥରଖାଦାନ ପାଇଁ କମ୍ପାନୀ ରୟତି ଜମିକୁ ଦଖଲ କରିନେଇଛି। ଉକ୍ତ ଜମିରେ ପଥର ଉତ୍ତୋଳନ ସାଙ୍ଗକୁ ମାଟି ଖୋଳି ଦିଆଯାଇଥିବାରୁ ଚାଷ କରିବା ସମ୍ଭବ ହେଉନାହିଁ। ଫଳରେ ଏକମାତ୍ର ରୋଜଗାର ମାଧ୍ୟମ ବନ୍ଦ ହୋଇଯାଇଛି। ପଥର ଉତ୍ତୋଳନ ସମୟରେ ବିରୋଧ କରିଥିଲେ ମଧ ପୋଲିସ ଲଗାଇ ଭୟଭୀତ କରାଗଲା। ବାରମ୍ବାର ବିରୋଧ ଯୋଗୁ ପୋଲିସ ଓ କମ୍ପାନୀ କର୍ମଚାରୀ ପହଞ୍ଚିଥିଲେ। ଜମି ମାପଚୁପ କରିବା ପରେ ପଥର ଉତ୍ତୋଳନ କରିବାକୁ ପୋଲିସ ପରାମର୍ଶ ଦେଇଥିଲା। ହେଲେ କମ୍ପାନୀ କର୍ମଚାରୀ ପୋଲିସ ସମ୍ମୁଖରେ ରାଜି ହୋଇ ପରେ ଦେଖାଦେଲେ ନାହିଁ। ଏପଟେ ବଳ ପୂର୍ବକ ପ୍ରତିଦିନ ପଥର ଉତ୍ତୋଳନ କାମ କରାଯାଉଛି। ଜିଲାପାଳ ଓ ବରିଷ୍ଠ ପୋଲିସ ଅଧିକାରୀ ଏ ନେଇ ପଦକ୍ଷେପ ଗ୍ରହଣ କରି ନ୍ୟାୟ ପ୍ରଦାନ କରନ୍ତୁ ବୋଲି ବୃନ୍ଦାବନ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ଝୁଝୁମୁରା ତହସିଲଦାର ଅଭିଷେକ ସାହୁ କହିଛନ୍ତି, ପଥରଖାଦାନ ପାଇଁ ଅନୁମତି ଦିଆଯାଇଛି। ହେଲେ ରୟତି ଜମି ଦଖଲ କରିପାରିବେ ନାହିଁ। ଏ ନେଇ କମ୍ପାନୀକୁ ତାଗିଦ କରାଯିବ। ଚାଷୀଙ୍କ ହିତ ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ ।

# ୭ରୁ ସପ୍ତମ ହୀରାକୁଦ ମହୋତ୍ସବ

**ସମ୍ବଲପୁର,୫ା୧୨(ବ୍ୟୁରୋ)**

ଜାନୁୟାରୀ ୭ ତାରିଖଠାରୁ ସପ୍ତମ ହୀରାକୁଦ ମହୋତ୍ସବ ଆରମ୍ଭ ହେବ। ସ୍ଥାନୀୟ ସୁବାସ ମଇଦାନରେ ୩ ଦିନ ଧରି ଏହି ମହୋତ୍ସବ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ କଳାକାରଙ୍କ ସମାଗମ ହେବ ବୋଲି ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହୋତ୍ସବ ପରିଚାଳନା କମିଟି ସଦସ୍ୟମାନେ ସୂଚନା ଦେଇଛନ୍ତି। ସେମାନେ ଆହୁରି କହିଥିଲେ, ୭ ତାରିଖ ସକାଳେ ଶକ୍ତି ମନ୍ଦିରରୁ ସାଂସ୍କୃତିକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବ। ଏଥିରେ ୪ଶହ କଳାକାର ସାମିଲ ହେବେ। ମୁଖ୍ୟ ଆକର୍ଷଣ କଂସ ମହାରାଜଙ୍କ ଦରବାର ରହିବ। ମୋଟ ୪୦୦ କଳାକାର ମହୋତ୍ସବରେ ସାମିଲ ହେବେ। ଚଳିତବର୍ଷ ବଜେଟ ବୃଦ୍ଧି ପାଇ ୧୭ ଲକ୍ଷରେ ପହଞ୍ଚିଛି। ମହୋତ୍ସବ କମିଟି ସଭାପତି ରତ୍ନାକର ରାଉତ, କାର୍ଯ୍ୟକାରୀ ସଭାପତି ସିମାଞ୍ଚଳ ଖଟେଇ, ସାଧାରଣ ସମ୍ପାଦକ ଶାନ୍ତନୁ ବଡପଣ୍ଡା, ସାଂସ୍କୃତିକ ସଂଯୋଜକ ସଞ୍ଜିତ କୁମାର ପଣ୍ଡା ଉପସ୍ଥିତ ଥିଲେ।



ହୀରାକୁଦ ମହୋତ୍ସବ ସମ୍ପର୍କରେ କର୍ମକର୍ତ୍ତା ସୂଚନା ଦେଉଛନ୍ତି ।

# ମିଶନ ଶକ୍ତି ମହିଳାଙ୍କ ଉନ୍ନତି ନାଁରେ ଅନିୟମିତତା

**ଜମନକିରା,୫ା୧(ଡି.ଏନ.ଏ.)**

ଜମନକିରା ବ୍ଲକରେ ମହିଳାମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଜୀବିକା ମିଶନ ଓ ମିଶନ ଶକ୍ତି ବିଭାଗ ପକ୍ଷରୁ ଗରିବ, ମଧ୍ୟବିତ୍ତ ପରିବାରର ମହିଳାମାନଙ୍କ ଉନ୍ନତି ନିମନ୍ତେ ଅନେକ ଯୋଜନା କରାଯାଇଛି। ହେଲେ ଅନିୟମିତତା କାରଣରୁ ଯୋଜନାର ସୁଫଳ ମହିଳାମାନେ ପାଉ ନ ଥିବା ଅଭିଯୋଗ କରିଛନ୍ତି।

ମହିଳାମାନଙ୍କ ଅଭିଯୋଗ ଅନୁଯାୟୀ, ଜମନକିରା ଜୀବିକା ମିଶନର ଅଧିକାରୀ ଗତ ଡିସେମ୍ବର ୧୨ରେ କୁକୁଡ଼ା ଚିଆଁ ବଣ୍ଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ବ୍ଲକର କସଡ଼ା, କେନାଡିପା, ଖର୍ଶନମାଲ, ଭୋଜପୁର, ଡିମିରିମୁଣ୍ଡା ଆଦି ୫ ପଞ୍ଚାୟତରେ ଜିପିଏଲ୍‌ଏଫ୍ (ଗ୍ରାମ ପଞ୍ଚାୟତ ଲେବୁଲ ଫେଡେରେଶନ) ଜରିଆରେ ଏସ୍‌ଏଚ୍‌ଜି ମହିଳାମାନଙ୍କୁ ୨୫୦୦ ଚିଆଁ ପ୍ରଦାନ କରାଯାଇଥିଲା। ଗୋଟାକୁ ୬୫ଟଙ୍କା ହିସାବରେ ମୋଟ ୧,୬୨,୫୦୦ଟଙ୍କା ବିନିମୟରେ ଚିଆଁ ବଣ୍ଟନ ହୋଇଥିଲା।



ମହିଳାଙ୍କୁ ବଣ୍ଟନ କରାଯାଇଥିବା କୁକୁଡା ଚିଆଁ।

ହେଲେ ଚିଆଁ ଗୁଡ଼ିକର ଗୁଣାତ୍ମକ ମାନ ଠିକ୍ ନ ଥିବାରୁ ମାସକ ମଧ୍ୟରେ ମରିଯାଉଥିବା ନେଇ କୁଆଗୋଲା ଗ୍ରାମର ମହାମାୟୀ ଏସ୍‌ଏଚ୍‌ଜି ଗ୍ରୁପ ସଦସ୍ୟା କିଶୋରୀ କିଷାନ, ଲଳିତା କିଷାନ, ତପସିନି କିଷାନ ପ୍ରମୁଖ ପ୍ରକାଶ କରିଛନ୍ତି। ସେମାନେ ଆହୁରି କହିଛନ୍ତି ଉକ୍ତ ଚିଆଁ ବାବଦକୁ ୬ ମାସରେ ଅଧା ଓ ବର୍ଷକରେ ସବୁ ଟଙ୍କା ପୈଠ କରିବାକୁ ତାଗିଦ କରାଯାଇଛି। ୧୬ ଦିନ ମଧ୍ୟରେ ଅଧା କୁକୁଡ଼ା ଚିଆଁ ମରିଯାଇଥିବା ଅଭିଯୋଗ କରିଛନ୍ତି। ପୂର୍ବରୁ ଏ ନେଇ ମହିଳାମାନେ ପିଡି ଡିଆର୍‌ଡିଏ ଓ ଜିଲାପାଳଙ୍କ ଅଫିସରେ ଅଭିଯୋଗ କରିଥିଲେ ମଧ ପଦକ୍ଷେପ ନିଆଯାଇ ନାହିଁ। ଜିଲାପାଳ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଜିବୀକା ମିଶନର ବିପିଏମ୍ ମିର କରିମଙ୍କୁ ପଚାରିବାରୁ ସେ ଅଭିଯୋଗକୁ ଖଣ୍ଡନ କରିବା ସହ ଥଣ୍ଡା ଦିନରେ କିଛି ମାତ୍ରାରେ ଚିଆଁ ମରିଛନ୍ତି, କିନ୍ତୁ କୌଣସି ଅନିୟମିତତା ହୋଇନାହିଁ ବୋଲି କହିଥିଲେ।

# ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ବହିଷ୍କୃତ

## ନକଲି ମାଟ୍ରିକ ସାର୍ଟିଫିକେଟ୍‌ରେ ଚାକିରି

**ସମ୍ବଲପୁର,୫ା୧(ବ୍ୟୁରୋ)**

ନକଲି ମାଟ୍ରିକ ସାର୍ଟିଫିକେଟ୍ ଦେଇ ଚାକିରି କରିଥିବା ଜଣେ ଶିକ୍ଷୟିତ୍ରୀଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଜିଲା ଶିକ୍ଷାବିଭାଗ ନିର୍ଦ୍ଦେଶ କ୍ରମେ ବ୍ଲକ ଶିକ୍ଷା ଅଧିକାରୀ ଉଜାଗର ପ୍ରଧାନ ଗୁରୁବାର ତାଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ସେ ହେଲେ ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ପଥରଗଡା ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ଭୋଇ।

ଜ୍ୟୋତ୍ସ୍ନାମୟୀଙ୍କ ମାଟ୍ରିକ ସାର୍ଟିଫିକେଟ ନକଲି ବୋଲି ବିଭିନ୍ନ ସମୟରେ ଅଭିଯୋଗ ହେଉଥିଲା। ସାର୍ଟିଫିକେଟ ଯାଞ୍ଚ ସକାଶେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦକୁ ପଠାଯାଇଥିଲ। ୨୦ ଜାନୁୟାରୀ ୨୦୨୦ରୁ ତାଙ୍କ ଦରମା ମଧ ବନ୍ଦ ରହିଥିଲା। ତଥାପି ସେ ନିୟମିତ ବିଦ୍ୟାଳୟକୁ ଯାଇ ନିଜ କାର୍ଯ୍ୟ କରୁଥିଲେ। ଅପରପକ୍ଷେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପତ୍ର ମାଧ୍ୟମରେ ସମ୍ବଲପୁର ଜିଲା ଶିକ୍ଷା କାର୍ଯ୍ୟାଳୟକୁ ଜ୍ୟୋତ୍ସ୍ନାମୟୀଙ୍କ ମାଟ୍ରିକ ସାର୍ଟିଫିକେଟ୍ ନକଲି ବୋଲି ସ୍ପଷ୍ଟ କରିବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୂଚନାଯୋଗ୍ୟ, ୨୦୦୫ ଜାନୁୟାରୀରେ ଜ୍ୟୋତ୍ସ୍ନାମୟୀ ଶିକ୍ଷା ସହାୟିକା ଭାବେ ଝୁଝୁମୁରା ବ୍ଲକ ଡଙ୍ଗରପଡା ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିଲେ।

# ସ୍ନାତକ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ନାକଟିଦେଉଳ,୫ା୧(ଡ଼ି.ଏନ.ଏ.)**

ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ସୁଧୀର କୁମାର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ମୋଟ ୧୨ଟି ବିଭାଗରେ ଖେଳ ଅନୁଷ୍ଠିତ ହୋଇଥିବାବେଳେ ୧୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବାଳକ ବିଭାଗରେ ସ୍ନାତକ ପ୍ରଥମ ବର୍ଷ ଛାତ୍ର ଚୈତନ୍ୟ ବାରିକ ଓ ବାଳିକା ବିଭାଗରେ ସ୍ନାତକ ଶେଷବର୍ଷ ଛାତ୍ରୀ ଭାରତୀ ଶବର ଚାମ୍ପିୟନ ହୋଇଥିଲେ। ଅଧକ୍ଷ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ବ୍ଲକ ଅଧକ୍ଷା ସ୍ୱରୁପାରାଣୀ ସାହୁ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼. ଦୀପେନ କୁମାର ପଟ୍ଟନାୟକ ମୁଖ୍ୟବକ୍ତା ଓ ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶରତଚନ୍ଦ୍ର ନାୟକ, ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ପ୍ରାଣକୃଷ୍ଣ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅଧ୍ୟାପକ ଶେଷଦେବ ବିଶ୍ୱାଳ ବୀବରଣୀ ପାଠ ଓ ଅଧ୍ୟାପକ ଦେବେଶ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଖେଳ ଶିକ୍ଷକ ଧନଞ୍ଜୟ ମହାକୁଡ଼, ସାଲେଭଟା ଉଚ୍ଚବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପ୍ରଦୀପ କୁମାର ସାହୁ, ପଞ୍ଚଖଣ୍ଡା ଉଚ୍ଚବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ବାସୁଦେବ ସାହୁ କ୍ରୀଡ଼ା ପରିଚାଳନା କରିଥିଲେ।

# ପ୍ଲାନେଟାରିୟମ ସମସ୍ୟା ମନ୍ତ୍ରୀଙ୍କୁ ଜଣାଇଲେ



ଯୁବ ବିଜେଡି ପ୍ରତିନିଧି ମନ୍ତ୍ରୀଙ୍କୁ ଭେଟି ସମସ୍ୟା ଜଣାଉଛନ୍ତି ।

**ସମ୍ବଲପୁର,୫ା୧(ବ୍ୟୁରୋ)**

ମନ୍ତ୍ରୀ ଅଶୋକ ପଣ୍ଡା ସମ୍ବଲପୁର ଆସିଥିବା ସମୟରେ ଯୁବ ବିଜେଡ଼ିର ପୂର୍ବତନ କାର୍ଯ୍ୟକାରୀ ସଭାପତି ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ତାଙ୍କୁ ଭେଟି ବୁର୍ଲାରେ ଥିବା ପ୍ଲାନେଟାରିୟମ ଓ ବିଜ୍ଞାନ ପାର୍କର ସମସ୍ୟା ଜଣାଇଥିଲେ। ସେମାନେ ଦର୍ଶାଇଥିଲେ, ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକମାନେ ହୀରାକୁଦ ଜଳଭଣ୍ଡାର ପରିଦର୍ଶନ ପାଇଁ ଆସୁଥିବାବେଳେ ଏହି ପ୍ଲାନେଟାରିୟମ୍, ବିଜ୍ଞାନ ପାର୍କ ବୁଲିଥାନ୍ତି। ହେଲେ ରକ୍ଷଣାବେକ୍ଷଣ ଅଭାବ, ପରିଚାଳନାଗତ ତ୍ରୁଟି ଯୋଗୁ ବିଜ୍ଞାନ ପାର୍କ ଭଲ ଅବସ୍ଥାରେ ନାହିଁ। ଏ ଦିଗରେ ଉଚିତ ପଦକ୍ଷେପ ନେବା ପାଇଁ ମନ୍ତ୍ରୀ ପଣ୍ଡାଙ୍କୁ ଅନୁରୋଧ କରିଥିଲେ। ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନେବା ପାଇଁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିନିଧି ଦଳରେ ଛାତ୍ର ବିଜେଡ଼ି ଜୋନ ସଭାପତି ମିଲନ ହୋତା, ବିଜେଡ଼ି ବୁର୍ଲା ପୂର୍ବତନ ଉପସଭାପତି ଧିରେନ୍ ଦେବତା, ଯୁବ ବିଜେଡ଼ି ଜୋନ ସମ୍ପାଦକ ବିକାଶ ସାହୁ, ଛାତ୍ର ବିଜେଡ଼ି ଜିଲା ଉପସଭାପତି ସୁମିତ ପଟେଲ, ଜୋନ ଉପସଭାପତି ଦେବଜ୍ୟୋତି ପଟ୍ଟନାୟକ, ମହିଳା ବିଜେଡ଼ି ଜିଲା ସମ୍ପାଦକ ବୈଜୟନ୍ତି ପାଢ଼ୀ, ଛାତ୍ର ବିଜେଡ଼ି ସମ୍ପାଦକ ଜଗା ସେଠୀ ପ୍ରମୁଖ ସାମିଲ ଥିଲେ ।

# ପ୍ରୋଗ୍ରେସିଭ ସମ୍ବଲପୁର ସାଧାରଣ ପରିଷଦ ବୈଠକ



ପ୍ରୋଗ୍ରେସିଭ ସମ୍ବଲପୁରର ବୈଠକ ।

**ସମ୍ବଲପୁର,୫ା୧(ବ୍ୟୁରୋ)**

ପ୍ରୋଗ୍ରେସିଭ ସମ୍ବଲପୁର ସାଧାରଣ ପରିଷଦ ବୈଠକ ସ୍ଥାନୀୟ ସାମ୍ବାଦିକ ଭବନରେ ଅନୁଷ୍ଠିତ ହୋଇଯାଇଛି। ଆବାହକ ସଞ୍ଜିତ ମହାନ୍ତି ସଭାପତିତ୍ୱ କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପାଇଁ ପ୍ରୋଗ୍ରେସିଭ ଜିଏମ୍‌ୟୁ ଛାତ୍ର କମିଟି ଗଠନ କରାଯାଇଛି। ବିଶ୍ୱବିଦ୍ୟାଳୟ, ରାଜ୍ୟ ଓ ଜାତୀୟ ସ୍ତରୀୟ ବିଭିନ୍ନ ସମସ୍ୟା ସମ୍ପର୍କରେ ଛାତ୍ରମାନଙ୍କୁ ଅବଗତ କରାଇବା, ଜାତି,ଧର୍ମ, ବର୍ଣ୍ଣ, ଲିଙ୍ଗଗତ ଭେଦଭାବ ନିର୍ବିଶେଷରେ ସମାଜ ଗଠନ ଦିଗରେ ବ୍ରତୀ ହେବା, ସମ୍ବଲପୁରର ବିଭିନ୍ନ ସମସ୍ୟା ସମାଧାନ କ୍ଷେତ୍ରରେ ଛାତ୍ରମାନଙ୍କୁ ଯୋଡିବା, ବିଶ୍ୱବିଦ୍ୟାଳୟରେ ଛାତ୍ର ସଂଗଠନ ସୁଦୃଢ଼ କରିବା ପାଇଁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପ୍ରୋଗ୍ରେସିଭ ସମ୍ବଲପୁରର ସହଆବାହକ ମିଲନ ହୋତା, ଉପସଭାପତି ସୁମିତ ପଟେଲ, ଦେବଜ୍ୟୋତି ପଟ୍ଟନାୟକ, ଆକାଶ ଦିକ୍ଷୀତ, ସମ୍ପାଦକ ଚୁମନ ପ୍ରଧାନ, ନିଖିଲ ବାବୁ ଉପସ୍ଥିତ ଥିଲେ। ପ୍ରୋଗ୍ରେସିଭ ଜିଏମ୍‌ୟୁର ନୂତନ କର୍ମକର୍ତ୍ତା ଭାବେ ସଭାପତି ପ୍ରଜଲ୍ ଧରୁଆ, କାର୍ଯ୍ୟକାରୀ ସଭାପତି ଅନୁଜ ଛତ୍ରିଆ, ଉପସଭାପତି ଧରିତ୍ରୀ ସାହୁ, ଆକାଂକ୍ଷା ପୁରୋହିତ, ବିକାଶ ପଟେଲ, ପ୍ରଥମ ଶର୍ମା, ସାଧାରଣ ସମ୍ପାଦକ ଦିପ୍ତିମୟୀ ହୋତା, ଶ୍ରୀୟା ରାଜଲକ୍ଷ୍ମୀ ସରାଫ, ସପନ କୁମାର ହୋତା, ଆଶିଷ ଜଲା, ସୁନିଲ ବାଦୀ, ଆକାଶ ପାଢ଼ୀ, ଯୁଗ୍ମ ସମ୍ପାଦକ ଇନ୍ଦ୍ରାଣୀ ବାରିକ, ସୁଦେସ ପଣ୍ଡା, ବିକାଶ ପ୍ରଧାନ, ଗିରିଜାକାନ୍ତ ବଗର୍ତ୍ତିଙ୍କୁ ଘୋଷଣା କରାଯାଇଛି।

# କଳାକାର ଚୟନ ଶିବିର

**କୁଚିଣ୍ଡା,୫ା୧(ଡି.ଏନ.ଏ.)**

କୁଚିଣ୍ଡା ଟାଉନ ହଲଠାରେ ଗୁରୁବାର କୁଚିଣ୍ଡା ବ୍ଲକସ୍ତରୀୟ କଳାକାର ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧକ୍ଷ ଭୁବନେଶ୍ୱର କିଷାନ ମୁଖ୍ୟଅତିଥି, ଜିଲ୍ଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ବିଡିଓ ନିରଞ୍ଜନ ସା, ଏବିଡିଓ ସହଦେବ ନନ୍ଦ ସମ୍ମାନିତ ଅଥିତି ଭାବେ ଯୋଗଦେଇଥିଲେ। ସୁରଥ ନାୟକ, ହୃଦାନନ୍ଦ ଶର୍ମା, ବାନେଶ୍ୱର ପ୍ରଧାନ, ରେଣୁକା ଶର୍ମା, ସନାତନ ଓରାମ ଉପସ୍ଥିତ ରହି କଳାକାର ଚୟନ କରିଥିଲେ। ଶିବିରରେ ୧୩୮ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ବିଏସ୍‌ଏସ୍‌ଓ ଇଉତି ଭୋଇ ପରିଚାଳନା କରିଥିଲେ।

# ଗଣ୍ଡ ସମାଜର ୨୮ତମ ବାର୍ଷିକ ଉତ୍ସବ

**କୁଚିଣ୍ଡା,୫ା୧(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ କୁନ୍ତରା ପଞ୍ଚାୟତ ତୁରେଇ ନିକ୍ରିମାଲ ଜଙ୍ଘା ଓ ଲିଙ୍ଗା ମନ୍ଦିରଠାରେ ମାଣ୍ଡିଆପୁରା ଗୁଡି ପକ୍ଷରୁ ବୁଧବାର ଗଣ୍ଡ ସମାଜର ୨୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମାଣ୍ଡିଆପୁରା ଗୁଡି ସଭାପତି ମିଥୁନ ଧୁରୁଆଙ୍କ ସଭାପତିତ୍ୱରେ ହୋଇଥିବା ଉତ୍ସବରେ ଗୋଣ୍ଡୱାନା ରାଜ୍ୟ ସଭାପତି ମହେନ୍ଦ୍ର ନାଏକ ମୁଖ୍ୟଅତିଥି, ଭୁବନେଶ୍ୱର ଅତିରିକ୍ତ ରାଜସ୍ୱ କମିଶନର ଚନ୍ଦ୍ରମଣୀ ବଡନାୟକ, ରାଜ୍ୟ ମହିଳା ଉପସଭାନେତ୍ରୀ ବୀଣାପାଣୀ ନାଏକ, ଝାରସୁଗୁଡା ଜିଲା ଆଦିବାସୀ ସଭାପତି ମାଧବ ସିଂ, ବାମରା ବ୍ଲକ ଅଧକ୍ଷା ପିଙ୍କି ଧୁରୁଆ, ସମ୍ବଲପୁର ଜିଲା ସଭାପତି ଯୋଗେଶ୍ୱର ପଟ୍ଟା, ବାମରା ବ୍ଲକ ସଭାପତି ଦୁର୍ଗାଚରଣ ନାଏକ, ଝାରସୁଗୁଡା ଜିଲା ସଭାପତି ଜମ୍ବୁଧର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜର ଶିକ୍ଷା, ସ୍ୱାସ୍ଥ୍ୟ ଓ ଅର୍ଥନୈତିକ ବିକାଶ ସହ ସଂଗଠନକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ମଙ୍ଗଳବାର କଳସ ଶୋଭାଯାତ୍ରା କରଯାଇ ବୁଧବାର ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଦାଶରଥି ଧୁରୁଆ ସଭାପରିଚାଳନା କରିଥିବାବେଳେ, ମାଣ୍ଡିଆପୁରା ଗୁଡି ସମ୍ପାଦକ ଲମ୍ବୋଦର ପାଇଲେ ଧନ୍ୟବାଦ ଦେଇଥିଲେ।



ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ଅଭିଯୋଗର ୨୮ଦିନ ପରେ ମାମଲା ରୁଜୁ

## ମୃତଦେହ ବ୍ୟବଚ୍ଛେଦ ଗୃହରୁ ଭିସେରା ଚୋରି ଘଟଣା

### ଉଚ୍ଚସ୍ତରୀୟ ତଦନ୍ତ ଦାବିକଲା ଭାଜପା

**ଝାରସୁଗୁଡ଼ା ଅଫିସ,୫ା୧**

ଝାରସୁଗୁଡ଼ା ମଙ୍ଗଳବଜାରସ୍ଥିତ ମୃତଦେହ ବ୍ୟବଚ୍ଛେଦ ଗୃହରୁ ପ୍ରାୟ ଏକମାସ ତଳେ ଭିସେରା ଚୋରି ହୋଇଥିଲା। ଏହା ଜଣାପଡିବା ପରେ ସିଡିଏମ୍‌ଓ ଡା. ତୋଲାମଣି ପଟେଲଙ୍କ ନିର୍ଦ୍ଦେଶକ୍ରମେ ଡିଏମ୍‌ଓ (ଏମ୍‌ଏସ୍) ଡା. ମହେଶ ମୋହନ ପଣ୍ଡା ଗତ ଡିସେମ୍ବର ୮ରେ ଝାରସୁଗୁଡା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ଷ୍ଟେଶନ ଡାଏରି କରି ନୀରବ ରହିଥିଲା। ହେଲେ ୨୮ଦିନ ପରେ ପୋଲିସ ମାମଲା ରୁଜୁ କରିବା ନେଇ ଜିଲାରେ ଚର୍ଚ୍ଚା ଜୋର ଧରିଛି।

ଏହି ପରିପ୍ରେକ୍ଷୀରେ ଭାଜପା



ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା।

ତରଫରୁ ବିଟିଏମ୍‌ସ୍ଥିତ ପାର୍ଟି କାର୍ଯ୍ୟାଳୟରେ ଦଳର ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନୀଲ ପଣ୍ଡା, ଜିଲା ସମ୍ପାଦକ ବିମଳେନ୍ଦୁ ଭୋଳ, ପ୍ରେମସେନ ରାୟ, ପୁରୁଷୋତ୍ତମ ଥିରାନୀ, ରବି ରାଓ, ରାଜେନ୍ଦ୍ର ସା ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତଥିଲେ। ରାଜ୍ୟ ସମ୍ପାଦକ ତ୍ରିପାଠୀ କହିଛନ୍ତି, କେତେକ ମୃତ ଘଟଣାରେ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥାଏ। ଏହାର ପ୍ରକୃତ କାରଣ ଉନ୍ମୋଚନ ପାଇଁ ମୃତବ୍ୟକ୍ତିଙ୍କ ଶରୀରର କିଛି ଅଂଶ(ଭିସେରା)କୁ କେମିକାଲ୍ ଦେଇ ରଖାଯାଇଥାଏ । ପରେ ଏହାକୁ ପରୀକ୍ଷାପାଇଁ ପଠାଯାଇଥାଏ । ଦୁର୍ବୃତ୍ତମାନେ ବ୍ୟବଚ୍ଛେଦ ଗୃହର ଝରକା ଭାଙ୍ଗି ଭିସେରା ଚୋରି କରିବା ପଛରେ କି ରହସ୍ୟ ରହିଛି। ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ଅଭିଯୋଗପରେ ପୋଲିସ୍ କାହିଁକି ନୀରବ ରହିଛି ବୋଲି ଭାଜପା ପ୍ରଶ୍ନ ଉଠାଇଛି । ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ରୋଷେୟା ମୃତ୍ୟୁ ଘଟଣା ଭଳି ଅନେକ ଘଟଣାର କାରଣ ଅସ୍ପଷ୍ଟ ରହିଛି। ପ୍ରମାଣ ନଷ୍ଟ ପାଇଁ ଏକ ର୍‍ୟାକେଟ୍ ଏଭଳି କାମ କରିଥାଏ ବୋଲି ସେ ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣପାଇଁ ସେ ଦାବି କରିଛନ୍ତି। ଅନ୍ୟପକ୍ଷେ ଏହି ଖବରଦାତା ସମ୍ମିଳନୀର ମାତ୍ର ୪ଘଣ୍ଟାପରେ ପୋଲିସ୍ ଏହାକୁ ଗୁରୁତର ଭାବେ ଗ୍ରହଣକରି ଝାରସୁଗୁଡା ଟାଉନ ଥାନା କେସ୍ ନଂ.୧୫/୨୩ରେ ମାମଲା ରୁଜୁ କରିଛି। ଏ ନେଇ ଏସ୍‌ଡିପିଓ ନିର୍ମଳ ମହାପାତ୍ର କହିଛନ୍ତି, ଏହାର ତଦନ୍ତ କରାଯାଇ ଖୁବ୍‌ଶୀଘ୍ର ପର୍ଦ୍ଦାଫାଶ କରାଯିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସିଡିଏମ୍‌ଓ ଡା. ପଟେଲ କହିଛନ୍ତି, ବ୍ୟବଚ୍ଛେଦ ଗୃହରୁ ଡିସେମ୍ବର ୨ରେ ଭିସେରା ଚୋରି ହୋଇଥିଲା । ଏ ସମ୍ପର୍କରେ ସେଠାରେ କାର୍ଯ୍ୟରତ କର୍ମଚାରୀ ସୁଶୀଲ ସୁନାନୀ ଡିସେମ୍ବର ୩ରେ ଜଣାଇବା ପରେ ଡିଏମ୍‌ଓ(ଏମ୍‌ଏସ୍) ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

**ଖସିଲା ଶେୟାର ବଜାର କାରବାର**

**ନୂଆଦିଲ୍ଲୀ:** କ୍ରମାଗତ ୨ୟ ଦିନ ଲାଗି ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସ (ଷ୍ଟକ୍ ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ଶେୟାର ବଜାର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୩୦୪ (୩୦୪.୧୮) ପଏଣ୍ଟ ଖସି ୬୦,୩୫୩ (୬୦,୩୫୩.୨୭) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୫୧ (୫୦.୮୦) ପଏଣ୍ଟ ହ୍ରାସ ଘଟି ୧୭,୯୯୨ (୧୭,୯୯୨.୧୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ହ୍ରାସ ପାଇଛି ଗାଡ଼ି ବିକ୍ରି

- ୨ ଚକିଆ ଗାଡ଼ି ବିକ୍ରିରେ ୧୧% ହ୍ରାସ
- ଡିସେମ୍ବରରେ କମିଛି ୫% ଗାଡ଼ି ବିକ୍ରି

**ନୂଆଦିଲ୍ଲୀ,୫।୧**



ଗତ ବର୍ଷର ଶେଷ ମାସରେ ଭାରତୀୟ ଅଟୋ ବଜାରରେ ଗାଡ଼ି ବିକ୍ରି ମାନ୍ଦା ରହିଥିବା ସୂଚନା ମିଳିଛି। ଏପରିକି ୨୦୨୨ ଅକ୍ଟୋବର ଏବଂ ନଭେମ୍ବର ମାସରେ ଗାଡ଼ି ବିକ୍ରିରେ ସକାରାତ୍ମକ ପ୍ରଭାବ ପଡ଼ିଥିବା ବେଳେ, ଡିସେମ୍ବରରେ ଏହାର ସଂଖ୍ୟା ହ୍ରାସ ପାଇଥିବା ଜଣାପଡିଛି। ବିଶେଷ କରି ରିଟେଲ୍ ଅଟୋମୋବାଇଲ୍ ବିକ୍ରିରେ ୫% ହ୍ରାସ ଘଟିଥିବା ଫେଡେରେସନ ଅଫ୍ ଅଟୋମୋବାଇଲ୍ ଡିଲର୍ସ ଆସୋସିଏସନ୍ (ଫାଡା) ପକ୍ଷରୁ ଘୋଷଣା କରାଯାଇଛି। ସେହିଭଳି ୨୦୨୨ ଡିସେମ୍ବରରେ ୧୧,୩୩,୧୩୮ ୟୁନିଟ୍ ୨ ଚକିଆ ଗାଡି ବିକ୍ରି ହୋଇଥିବା ବେଳେ ଏହି ସମୟରେ ୩ ଚକିଆ ୬୩,୬୫୫ ୟୁନିଟ୍ ଗାଡି ବିକ୍ରି ହୋଇଛି। ଏପରିକି ବାଣିଜ୍ୟଭିତ୍ତିକ ଗାଡି ୬୬,୯୪୫ ୟୁନିଟ୍ ବିକ୍ରି ହୋଇଥିବା ବେଳେ ପାସେଞ୍ଜର ଗାଡ଼ି ୨,୮୦,୦୧୬ ୟୁନିଟ୍ ବିକ୍ରି ରେର୍କଡ କରିଛି। ସେହିପରି ଏହି ଅବଧି ମଧ୍ୟରେ ଟ୍ରାକ୍ଟର ୭୮,୫୬୩ ୟୁନିଟ୍ ଗାଡି ବିକ୍ରି ରେର୍କଡ କରିଥିବା ଫାଡା ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଫାଡା ସଭାପତି ରାଜ ସିଙ୍ଘାନିଆ କହିଛନ୍ତି, ୨୦୨୨ ବର୍ଷରେ ଦେଶରେ ମୋଟ ଖୁଚୁରା ଗାଡି ବିକ୍ରିରେ ୧୫% ବର୍ଷକୁ ବର୍ଷ ବୃଦ୍ଧି ପାଇଛି ଏବଂ ପାସେଞ୍ଜର ଗାଡ଼ି ୩.୪୩ ନିୟୁତ ୟୁନିଟ୍ ଗାଡି ସର୍ବାଧିକ ବିକ୍ରି ହୋଇଛି। ଏପରିକି ପାସେଞ୍ଜର ଗାଡି ବ୍ୟତୀତ ଟ୍ରାକ୍ଟର ସେଗମେଣ୍ଟ ହେଉଛି ଅନ୍ୟ ଏକ ବିଭାଗ ଯେଉଁଥିରେ ୨୦୨୧, ୨୦୨୦ ଏବଂ ୨୦୧୯ ଠାରୁ ଅଧିକ ବିକ୍ରି ହୋଇଛି ବୋଲି ସେ ମତପ୍ରକାଶ କରିଛନ୍ତି। ସେହିଭଳି ଡିସେମ୍ବର ମାସରେ ଓଭରଅଲ୍ କ୍ଷେତ୍ରରେ ୫% ଗାଡ଼ି ବିକ୍ରି ହ୍ରାସ ଘଟିଥିବାବେଳେ ୨ଚକିଆ କ୍ଷେତ୍ରରେ ୧୧%, ୩ ଚକିଆ ୪୨% ପିଭି କ୍ଷେତ୍ରରେ ୮% ଟ୍ରାକ୍ଟର ୫% ଏବଂ ସିଭି କ୍ଷେତ୍ରରେ ୧୧% ବୃଦ୍ଧି ଘଟିଥିବା ରେର୍କଟ କରାଯାଇଛି। ସୂଚନାଯୋଗ୍ୟ, ଡିସେମ୍ବର ୨୦୨୨ରେ ୧୬ ଲକ୍ଷ ୨୨ ହଜାର ୩୧୭ ଗାଡି ବିକ୍ରି , ଡିସେମ୍ବର ୨୦୨୧ରେ ୧୭ ଲକ୍ଷ ୧୪ ହଜାର ୯୪୨ ଗାଡି ବିକ୍ରି ଏବଂ ଡିସେମ୍ବର ୨୦୨୦ରେ ୨୦ ଲକ୍ଷ ୫୭ ହଜାର ୪୫୯ ଗାଡି ବିକ୍ରି ହୋଇଅଛି ବୋଲି ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ ପକ୍ଷରୁ ଘୋଷଣା କରାଯାଇଛି।

## ମାଞ୍ଚେଷ୍ଟର ସିଟି ସହ ଜିଓର ସହଭାଗିତା

**ନୂଆଦିଲ୍ଲୀ,୫।୧**

ମାଞ୍ଚେଷ୍ଟର ସିଟି କ୍ଲବ୍ ବୁଧବାର ଦେଶର ଅଗ୍ରଣୀ ପ୍ରାଇଭେଟ୍ ଟେଲିକମ୍ ସଂସ୍ଥା ଜିଓ ସହିତ ତାର ନୂତନ ଆଞ୍ଚଳିକ ଭାଗିଦାରୀ ରୂପେ ଚୁକ୍ତିନାମା କରିଛି ବୋଲି ମାଞ୍ଚେଷ୍ଟର ସିଟି କ୍ଲବ୍ ପକ୍ଷରୁ ଘୋଷଣା କରାଯାଇଛି। ଏହା ଦ୍ୱାରା ମ୍ୟାନ୍‌ସିଟିର ଓଟିଟି ପ୍ଲାଟଫର୍ମ ସିଟି ଏବଂ ଜିଓ ଟିଭି ପ୍ଲାଟଫର୍ମ ଏକା ହୋଇ ଭାରତୀୟ ପ୍ରଶଂସକ ମାନଙ୍କୁ ଖେଳ ହାଇଲାଇଟ୍, ଲାଇଭ୍ ମ୍ୟାଚ୍ ଏବଂ ଖେଳ ଉପରେ ଅଧିକ ତଥ୍ୟ ଖେଳ ପ୍ରଶଂସକ ମାନଙ୍କୁ ଯୋଗାଇ ଦିଆଯିବ ବୋଲି କୁହାଯାଇଛି। ଏ ନେଇ ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍ ଚେୟାରମ୍ୟାନ୍ ଆକାଶ ଅମ୍ବାନୀ କହିଛନ୍ତି, ଭାରତର ମାଞ୍ଚେଷ୍ଟର ସିଟି ସହିତ ଜିଓର ସ୍ୱତନ୍ତ୍ର ଭାଗିଦାରୀ ଘୋଷଣା ହୋଇଥିବାରୁ ଆମେ ବହୁତ ଉତ୍ସାହିତ। ଏହି ଚୁକ୍ତିନାମା ଦ୍ୱାରା ଭାରତର ଖେଳ ବିଷୟରେ ଏବଂ ମ୍ୟାନ୍ ସିଟି ପ୍ରଶଂସକଙ୍କ ପାଇଁ ସର୍ବୋତ୍ତମ ଫୁଟବଲ୍ ଖେଳ ଆଣିବାକୁ ଆମେ ଚେଷ୍ଟା କରିବୁ ବୋଲି ସେ ମତପ୍ରକାଶ କରିଛନ୍ତି।

## ତନିସ୍କରେ ଫେଷ୍ଟିଭାଲ ଅଫ୍ ଡାଇମଣ୍ଡ୍‌ର ଶୁଭାରମ୍ଭ




**ଭୁବନେଶ୍ୱର,୫।୧:**

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ତନିସ୍କ ପକ୍ଷରୁ 'ଫେଷ୍ଟିଭାଲ ଅଫ୍ ଡାଇମଣ୍ଡ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ହୀରା ଗହଣାର ସର୍ବବୃହତ୍ ସମ୍ଭାର 'ସମର ଏଡିଟ୍-୨୩'ର ମଧ୍ୟ ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ପ୍ରକାର ମୁଦି, ପେଣ୍ଡେଣ୍ଟ, ନେକ୍‌ଲେସ୍, ବ୍ରେସ୍‌ଲେଟ୍, ବ୍ୟାଙ୍ଗେଲ ଏବଂ ଅନେକ କିଛି ଅନ୍ତର୍ଭୁକ୍ତ ରହିଛି। ଏପରିକି ମହିଳା ଏବଂ ହୀରା ମଧ୍ୟରେ ଏକ ଆନ୍ତରିକ ସମ୍ପର୍କ ରହିଛି। ମହିଳାଙ୍କ ଜୀବନର ସ୍ୱତନ୍ତ୍ର କାହାଣୀକୁ ବଖାଣିବା ପାଇଁ ତନିସ୍କି ହୀରା ସର୍ବଦା ଆଗରେ ରହିଥାଏ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ସେହିଭଳି ଚଳିତ ନୂଆବର୍ଷ ପରିପ୍ରେକ୍ଷୀରେ ତନିସ୍କ ୮ ପୃଥକ୍ ଡିଜାଇନର ହୀରା ଗହଣା କଲେକ୍ସନରେ ୪ଜଣ ମହିଳାଙ୍କୁ ଉପସ୍ଥାପନ କରାଯାଇଛି। ଉଲ୍ଲେଖଯୋଗ୍ୟ, 'ସମର ଏଡିଟ୍-୨୩' ମାଧ୍ୟମରେ ତନିସ୍କ ଚଳିତ ଋତୁର ହୀରା ଉତ୍ସବକୁ ମହା ଆଡମ୍ବର ଓ ଆକର୍ଷଣୀୟ ଅଫର ମାଧ୍ୟମରେ ପାଳନ କରୁଛି। ବିଶେଷକରି ହୀରା କ୍ରୟ ଅନୁଭୂତିକୁ ଆହୁରି ସ୍ୱତନ୍ତ୍ର କରିବା ପାଇଁ ପ୍ରତି ହୀରା ଗହଣା କ୍ରୟ ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ମଧ୍ୟ ପ୍ରଦାନ କରାଯାଉଛି। ସୂଚନାଯୋଗ୍ୟ, ଦେଶର ସମସ୍ତ ତନିସ୍କ ଷ୍ଟୋରରେ ଏହି ଅଫର ଉପଲବ୍ଧ ହେଉଛି। ଏପରିକି ଗ୍ରାହକ ସେମାନଙ୍କ ସୁବିଧା ଆଧାରରେ ନିକଟସ୍ଥ ତନିସ୍କ ଷ୍ଟୋର କିମ୍ବା ଘରେ ବସି ଅନ୍‌ଲାଇନରେ ମଧ୍ୟ ବ୍ରାଣ୍ଡ୍‌ର ୱେବ୍‌ସାଇଟ ଜରିଆରେ ଶପିଂ କରିପାରିବେ।

## ଉଦ୍ୟୋଗିଙ୍କୁ ଉତ୍ସାହିତ କରିବ 'ଉଦ୍ୟୋଗିନୀ'

**ଭୁବନେଶ୍ୱର,୫।୧**

ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା ୟୁନିଟ୍ ଦ୍ୱାରା ପରିଚାଳିତ ଶୁଭଲକ୍ଷ୍ମୀ ମହିଳା ସମବାୟ ସମିତି ପକ୍ଷରୁ ନିକଟରେ ଏକ ନୂତନ ପ୍ରକଳ୍ପ 'ଉଦ୍ୟୋଗିନୀ' ଶୁଭାରମ୍ଭ କରାଯାଇଛି। ଏପରିକି ୪,୧୦୦ ମହିଳା ସଦସ୍ୟାଙ୍କୁ ନେଇ ଉକ୍ତ ମହିଳା ସମବାୟ ସମିତି ପରିଚାଳିତ ହେଉଛି। ବିଶେଷକରି ବେଦାନ୍ତ ଗୋଷ୍ଠୀ ବିକାଶ ପଦକ୍ଷେପର ଏହା ଏକ ବଳିଷ୍ଠ ପଦକ୍ଷେପ ବୋଲି କୁହାଯାଉଛି। ଉକ୍ତ ସମିତି ମହିଳା ସଶକ୍ତୀକରଣ ଦିଗରେ ଅନେକ କିଛି କାର୍ଯ୍ୟ କରୁଛି, ବହୁ ମହିଳା ମାଇକ୍ରୋ ଫାଇନାନ୍ସ, ଦକ୍ଷତା ବିକାଶ, ଆର୍ଥିକ ସାକ୍ଷରତା ଓ ସ୍ଥାୟୀ ଜୀବିକା ପନ୍ଥାକୁ ଆପଣାଇ ସମାଜରେ ନିଜକୁ ପ୍ରତିଷ୍ଠିତ କରାଇପାରିଛନ୍ତି। ଅପରପକ୍ଷରେ ଉକ୍ତ ପ୍ରକଳ୍ପ ଅଧୀନରେ ସମବାୟ ସମିତି ସଦସ୍ୟାଙ୍କ ସଂଖ୍ୟାକୁ ୧୦,୦୦୦କୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ଏହାର ପରିଚାଳନା ବିଭାଗରେ ୧୫ଜଣ ନବ ନିର୍ବାଚିତ କର୍ମକର୍ତ୍ତା ଓ ଅନ୍ୟ ସଦସ୍ୟାଙ୍କ ପାଇଁ ଏକ ୨ଦିନିଆ କାର୍ଯ୍ୟକ୍ରମ ସହ ପ୍ରକଳ୍ପର ଶୁଭାରମ୍ଭ ହୋଇଥିଲା। ଏଥିରେ ଉଦ୍ୟୋଗୀ ନୀତି, ଜେନେସିସ୍, ଆର୍ଥିକ ପୋର୍ଟଫୋଲିଓ ଇତ୍ୟାଦି ବିଷୟରେ ଅଂଶଗ୍ରହଣକାରୀମାନେ ଆଲୋଚନା କରିଥିଲେ। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍(ଝାରସୁଗୁଡ଼ା)ର ସିଇଓ ଗୁପ୍ତା କହିଛନ୍ତି, ଶୁଭଲକ୍ଷ୍ମୀ ସମବାୟ ସମିତି ଗ୍ରାମୀଣ ମହିଳାମାନଙ୍କ ପ୍ରକୃତ ସାମାଜିକ ଓ ଅର୍ଥନୈତିକ ସଶକ୍ତୀକରଣ ଦିଗରେ ମୁଖ୍ୟ ଭୂମିକା ଗ୍ରହଣ କରୁଛି। ଏପରିକି ଆମେ ସେମାନଙ୍କ ଆକାଂକ୍ଷାକୁ ଅନୁସରଣ କରିବାକୁ ପ୍ରୟାସ କରିବୁ।




ଟୟୋଟାର ସ୍ୱୀକୃତିପ୍ରାପ୍ତ ଡିଲର ଇସ୍ପିରିଟ୍ ଟୟୋଟା ପକ୍ଷରୁ ନିକଟରେ ଏହାର ଅଲ୍ ନ୍ୟୁ ଇନୋଭା 'ହାଇକ୍ରସ୍'ର ଅନାବରଣ କରାଯାଇଛି। ଏହି ଅବସରରେ ଉଭୟ ଟୟୋଟା ଶୋ'ରୁମ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

## ଓଡ଼ିଶାରେ ଜିଓ ଟ୍ରୁ-୫ଜି

**ନୂଆଦିଲ୍ଲୀ,୫।୧**

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ପକ୍ଷରୁ ଓଡ଼ିଶାରେ ୫ଜି ସେବାର ଆନୁଷ୍ଠାନିକ ଶୁଭାରମ୍ଭ କରାଯାଇଛି। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଧର୍ମେନ୍ଦ୍ର ପ୍ରଧାନ ଏହାର ଶୁଭାରମ୍ଭ କରିଛନ୍ତି। ସେହିଭଳି ଭୁବନେଶ୍ୱରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଶାରେ ୫ଜି ସେବାର ଉଦ୍‌ଘାଟନ କରାଯାଇଥିବା ବେଳେ ଜିଓ ପକ୍ଷରୁ ଏକ ସ୍ୱତନ୍ତ୍ର ଟ୍ରୁ-୫ଜି ଏକ୍ସପେରିଏନ୍ସ ଜୋନ୍ ମଧ୍ୟ ସ୍ଥାପନ କରାଯାଇଛି। ଏ ସମ୍ପର୍କରେ ଜିଓର ପ୍ରବକ୍ତା କହିଛନ୍ତି, ଦ୍ୱୈତନଗରୀ ଭୁବନେଶ୍ୱର ଓ କଟକ ସହ ଓଡ଼ିଶାରେ ଜିଓ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରି ଆମେ ବେଶ୍ ଆନନ୍ଦିତ। ଏପରିକି ଓଡ଼ିଶାରେ ଟ୍ରୁ-୫ଜି ସେବା ଆରମ୍ଭ କରିବା ଆମ ପାଇଁ ଗର୍ବର ବିଷୟ ଏବଂ ଖୁବ୍‌ଶୀଘ୍ର ଓଡ଼ିଶାର କୋଣ ଅନୁକୋଣକୁ ଦ୍ରୁତଗତିରେ ଟ୍ରୁ-୫ଜି ନେଟ୍‌ୱର୍କର ସମ୍ପ୍ରସାରଣ କରାଯିବ। ସେହିଭଳି ୨୦୨୩ ଫେବୃୟାରୀ ଶେଷ ସୁଦ୍ଧା ଓଡ଼ିଶାର ରାଉରକେଲା, ବ୍ରହ୍ମପୁର, ପୁରୀ, ସମ୍ବଲପୁର ଓ ବାଲେଶ୍ୱର ସହରରେ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରାଯିବ। ସେହିପରି ୨୦୨୩ ଡିସେମ୍ବର ଶେଷ ସୁଦ୍ଧା ଓଡ଼ିଶାର ପ୍ରତି ତହସିଲ ଓ ତାଲୁକା ପର୍ଯ୍ୟନ୍ତ ଜିଓ ଟ୍ରୁ-୫ଜି ସେବା ସମ୍ପ୍ରସାରଣ ଯୋଜନା ରହିଛି। ବିଶେଷକରି ଜାନୁୟାରୀ ୫ ରୁ ଜିଓ ୱେଲ୍‌କମ୍ ଅଫରରେ ବିନା କୌଣସି ଅତିରିକ୍ତ ମୂଲ୍ୟରେ ୧ଜିବିପିଏସ୍‌ରୁ ଅଧିକ ସ୍ପିଡ୍‌ର ଅସୀମିତ ଡେଟାର ଅନୁଭୂତି ହାସଲ କରିବା ଲାଗି ଭୁବନେଶ୍ୱର ଓ କଟକର ଜିଓ ଗ୍ରାହକମାନଙ୍କୁ ଆମନ୍ତ୍ରଣ କରାଯିବ।

**ଫୁର୍‌ସତ**

# ସବୁଠୁ ବଡ଼ ସୁଇମିଂପୁଲ୍



**ସାଣ୍ଟିଆଗୋ:** ଯେଉଁମାନେ ନଦୀ ଏବଂ ସମୁଦ୍ରରେ ଗାଧୋଇବାକୁ ଡରନ୍ତି, ସେମାନେ ସୁଇମିଂପୁଲ୍‌ରେ ତାଙ୍କର ଏହି ଇଚ୍ଛା ପୂରଣ କରନ୍ତି। ବର୍ତ୍ତମାନ ପ୍ରାୟ ସମସ୍ତ ରିସର୍ଟରେ ସୁଇମିଂପୁଲ୍‌ର ବ୍ୟବସ୍ଥା ରହିଛି। ଏହା ଛୋଟ ଏବଂ ବେଶି ଗଭୀର ହୋଇ ନ ଥିବାରୁ ଅତ୍ୟନ୍ତ ସୁରକ୍ଷିତ ହୋଇଥାଏ। ହେଲେ ଦୁନିଆରେ ଏପରି ଏକ ସୁଇମିଂପୁଲ୍ ଅଛି, ଯାହା ସବୁଠାରୁ ବଡ଼। ଏହା ୧ କି.ମି. ପର୍ଯ୍ୟନ୍ତ ବ୍ୟାପିଛି। ଚିଲିର ଆଲ୍‌ଗାରୋବୋ ସହରରେ ଏହି ସୁଇମିଂପୁଲ୍ ରହିଛି। ସେଠାରେ ଅବସ୍ଥିତ ସାନ୍ ଅନ୍‌ଫନ୍‌ସୋ ଡେଲ୍ ମାର୍ ନାମକ ଏକ ରିସର୍ଟ ପ୍ରସିଦ୍ଧ। ତେବେ ରିସର୍ଟଠାରୁ ସୁଇମିଂପୁଲ୍ ଅଧିକ ପ୍ରସିଦ୍ଧ। ଏହା ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇସାରିଛି। ରିପୋର୍ଟ ମୁତାବକ ଏହି ସୁଇମିଂପୁଲ୍ ୧ କି.ମି.ଠାରୁ ଅଧିକ ବଡ଼। ଯାହାକି ପ୍ରାୟ ୧୬ ଫୁଟବଲ୍ ପଡ଼ିଆ ସହ ସମାନ ହେବ। ଏହା ୧୧୫ ଫୁଟ୍ ଗଭୀର। ଏଥିରେ ୨୫୦ ମିଲିୟନ୍ ଲିଟର ଶୁଦ୍ଧ ସମୁଦ୍ର ପାଣି ରହିଛି। ଏହି ପାଣିକୁ ଛଣା ଯାଇ ଶୁଦ୍ଧ କରାଯାଇଥାଏ। ୨୦୦୬ରେ ସୁଇମିଂପୁଲ୍ ତିଆରି ପାଇଁ ୧୬ ହଜାର କୋଟି ଅର୍ଥ ବ୍ୟୟ କରାଯାଇଥିଲା। କେବଳ ସେହି ରିସର୍ଟରେ ରହିବା ଲୋକେ ହିଁ ଏହାର ମଜା ନେଇ ପାରିବେ।

# ଘର ବିକିଲେ ସୋନମ୍



ସୋନମ୍ କପୁର

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ସୋନମ୍ କପୁର ଆହୁଜା ବର୍ତ୍ତମାନ ତାଙ୍କ ମାତୃତ୍ୱ ସମୟ ଉପଭୋଗ କରୁଛନ୍ତି। ତେବେ ଏହା ଭିତରେ ଏକ ଖବର ସାମ୍ନାକୁ ଆସିଛି। ସେ ୭ ବର୍ଷ ପୂର୍ବେ ଅର୍ଥାତ୍ ୨୦୧୫ରେ ମୁମ୍ବାଇରେ କିଣିଥିବା ଏକ ଫ୍ଲାଟ୍‌କୁ ବିକ୍ରି କରିଛନ୍ତି। ଯେଉଁଥିରୁ ସେ ୧ କୋଟି ଲାଭ ମଧ୍ୟ କରିଛନ୍ତି। ରିପୋର୍ଟ ମୁତାବକ, ଗତ ଡିସେମ୍ବର ୨୯ରେ ସେ ଏହି ଫ୍ଲାଟ୍ ବିକ୍ରି କରିଛନ୍ତି। ତାଙ୍କର ଏହି ବିଳାସପୂର୍ଣ୍ଣ ଫ୍ଲାଟ୍ ମୁମ୍ବାଇର ବି.କେ.ସି.ର କେନ୍ଦ୍ରୀୟ ବ୍ୟବସାୟ ଜିଲାରେ ରହିଛି। ଉକ୍ତ ଫ୍ଲାଟ୍‌କୁ ସେ ୩୨. ୫ କୋଟିରେ ବିକ୍ରି କରିଛନ୍ତି। ଫ୍ଲାଟ୍‌କୁ ଏସ୍‌ଏମ୍‌ଏଫ୍ ନାମକ ଇନ୍‌ଫ୍ରାଷ୍ଟ୍ରକଚର ନାମକ ଏକ କମ୍ପାନୀ କିଣିଛି। ସୋନମ୍‌ଙ୍କ ଫ୍ଲାଟ୍‌ଟି ସିଗ୍‌ନେଚର ଆଇଲାଣ୍ଡ ନାମକ ଏକ ବିଲ୍ଡିଂର ତୃତୀୟ ମହଲାରେ ଅବସ୍ଥିତ। ଏହି ଫ୍ଲାଟ୍ ସହ ୪ଟି କାର୍ ପାଇଁ ପାର୍କିଂ ସୁବିଧା ମିଳିବ। ତେବେ ବ୍ୟବସାୟୀ ଆନନ୍ଦ ଆହୁଜାଙ୍କୁ ସୋନମ୍ ଅନେକ ଦିନ ଧରି ଡେଟ୍ କରିବା ପରେ ୨୦୧୮ରେ ବିବାହ କରିଥିଲେ। ୨୦ ଅଗଷ୍ଟ ୨୦୨୨ରେ ସୋନମ୍ ଏକ ପୁତ୍ରସନ୍ତାନ ଜନ୍ମ ଦେଇଛନ୍ତି। ସୋନମ୍ ଏବେ ବଲିଉଡ୍ ଦୁନିଆରୁ ଦୂରରେ ଅଛନ୍ତି। ସେ ବର୍ତ୍ତମାନ ଅଧିକ ସମୟ ଲଣ୍ଡନରେ ବିତାଉଛନ୍ତି। ତେବେ ତାଙ୍କୁ ଶେଷ ଥର ପାଇଁ ୨୦୧୯ରେ ଫିଲ୍ମ 'ଦି ଜୋୟା ଫ୍ୟାକ୍ଟର'ରେ ଦେଖିବାକୁ ମିଳିଥିଲା।

# କ୍ଷମା ମାଗିଲେ ସୋନୁ

**ମୁମ୍ବାଇ:** ସୋନୁ ସୁଦ୍ ତାଙ୍କର ଏକ ଭିଡିଓ ନେଇ ସମସ୍ତଙ୍କୁ କ୍ଷମା ମାଗିଛନ୍ତି। ଗତ ଡିସେମ୍ବର ୧୩ରେ ସେ ଟ୍ରେନ୍‌ରେ ଯାତ୍ରା କରିବା ସମୟରେ ଟ୍ରେନ୍ ଡୋର ପାଖରେ ବସି ଏକ ଭିଡିଓ କରିଥିଲେ। ସେ ସେହି ଭିଡିଓକୁ ସୋସିଆଲ ମିଡିଆରେ ଶେୟାର କରିବାରୁ ତାଙ୍କୁ ସମାଲୋଚିତ ହେବାକୁ ପଡ଼ିଥିଲା। ତାଙ୍କର ଏହି ଭିଡିଓରେ ବୁଧବାର ଉତ୍ତର ତଟ ରେଲ୍‌ୱେ ତାଙ୍କୁ ସମାଲୋଚନା କରିବା ସହ ଆପତ୍ତି ଉଠାଇ ନାପସନ୍ଦ କରିଛି ମୁମ୍ବାଇ ରେଲ୍‌ୱେ ପୋଲିସ କମିଶନରେଟ୍। ରେଲ୍‌ୱେ ଟୁଇଟ୍ କରି ଲେଖିଛି, ଆପଣ ହେଉଛନ୍ତି ସମସ୍ତଙ୍କ ପାଇଁ ଆଦର୍ଶ। ଯଦି ଆପଣ ଟ୍ରେନ୍ ଡୋର ନିକଟରେ ଯାତ୍ରା କରିବା ବିପଜ୍ଜନକ ବୋଲି ଜାଣି ଏପରି କରିବେ, ତେବେ ଏହା ଆପଣଙ୍କ ପ୍ରଶଂସକମାନଙ୍କୁ ଭୁଲ୍ ବାର୍ତ୍ତା ଦେଇପାରେ। ଆପଣ ଦୟାକରି ଏମିତି କରନ୍ତୁ ନାହିଁ। ବାସ୍ତବ ଜୀବନରେ ତାଙ୍କୁ ଏପରି କୌଣସି ଷ୍ଟଣ୍ଟ ନ କରିବାକୁ ପରାମର୍ଶ ଦେଇଛନ୍ତି।



# ଶାନ୍ତି ଦ୍ୱାରା ହୃଦୟ ଜୟ ହିଁ ପ୍ରକୃତ ବିଜୟ

**ଯୁଦ୍ଧ ଅନାଥଙ୍କ ବିଶ୍ୱ ଦିବସ**



ଶାନ୍ତି ଏବଂ ସହନଶୀଳତା ଦ୍ୱାରା ବିକାଶର ଲକ୍ଷ୍ୟ ହାସଲ କରିବା ସହଜ ହୋଇଥାଏ। କାରଣ ହିଂସା ଦ୍ୱାରା କେବେ ମଧ୍ୟ ବିଜୟ ଲାଭ କରାଯାଇ ପାରେନା। ସ୍ନେହ ପ୍ରେମ ଭଲ ପାଇବା ଏବଂ ଶାନ୍ତି ଦ୍ୱାରା ହୋଇଥିବା ହୃଦୟ ଜୟ ହିଁ ପ୍ରକୃତ ବିଜୟ। ତେଣୁ ସମୃଦ୍ଧ ପୃଥିବୀ ପାଇଁ ଯୁଦ୍ଧ ନୁହେଁ ଶାନ୍ତି ହିଁ ଅପରିହାର୍ଯ୍ୟ। ବିଶ୍ୱ ଶାନ୍ତି ସମ୍ପର୍କରେ ସଚେତନତା ଏବଂ ଯୁଦ୍ଧ ଦ୍ୱାରା ସୃଷ୍ଟି ହେଉଥିବା ବିଭୀଷିକା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜାନୁୟାରୀ ୬ରେ ବିଶ୍ୱ ଯୁଦ୍ଧ ଅନାଥ ଦିବସ ପାଳନ କରାଯାଇଥାଏ। ଯୁଦ୍ଧ ଅନାଥ ଅର୍ଥ ହେଉଛନ୍ତି ଯବାନଙ୍କ ପିଲା, ଯେଉଁମାନଙ୍କର ପିତାଙ୍କର ମୃତ୍ୟୁ ସଶସ୍ତ୍ର ବାହିନୀରେ ଡ୍ୟୁଟି ସମୟରେ ଘଟିଛି। ଯୁଦ୍ଧ ଯୋଗୁ ଅନାଥ ହୋଇଯାଇଥିବା ପିଲାମାନଙ୍କ ବିଷୟରେ ସଚେତନତା ସୃଷ୍ଟି କରିବାକୁ ଏହି ଦିନରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥାଏ। ଯୁଦ୍ଧ ଅନାଥ ପିଲାମାନଙ୍କ ଜୀବନଧାରଣ ଅବସ୍ଥାକୁ ସ୍ୱାଭାବିକ ଭାବେ ସୁନିଶ୍ଚିତ କରିବା ଏବଂ ଏଭଳି ପିଲାମାନେ ସମ୍ମୁଖୀନ ହେଉଥିବା ଭାବପ୍ରବଣ, ସାମାଜିକ ଏବଂ ଶାରୀରିକ ଆହ୍ୱାନର ସମାଧାନ କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଅନାଥ ପିଲାମାନଙ୍କ ମଧ୍ୟରୁ ଅଧିକାଂଶ ବୁଢ଼ାବାପା ବୁଢ଼ୀମା, ଜେଜେବାପା ଜେଜେମା ଅବା ପରିବାରର ଅନ୍ୟ ସଦସ୍ୟଙ୍କ ଦ୍ୱାରା ପ୍ରାୟତଃ ପ୍ରତିପାଳିତ ହୋଇଥାନ୍ତି। ଏଭଳି ଅନାଥ ପିଲାଙ୍କ ମଧ୍ୟରୁ ୯୫ ପ୍ରତିଶତଙ୍କ ବୟସ ୫ ବର୍ଷରୁ ଅଧିକ। ବିକଶିତ ଦେଶଗୁଡ଼ିକରେ ଅନାଥମାନଙ୍କ ସଂଖ୍ୟା ଅପେକ୍ଷାକୃତ କମ୍ ରହିଛି। ଜାତିସଂଘ ରିପୋର୍ଟ ଅନୁସାରେ ଯୁଦ୍ଧ ଅନାଥଙ୍କ ସଂଖ୍ୟା ପ୍ରାୟ ୧୫୦ ନିୟୁତ ସେଥିମଧ୍ୟରେ ଏସିଆରେ ୬୧ ନିୟୁତ, ଆଫ୍ରିକାରେ ୫୨ ନିୟୁତ, ଲାଟିନ ଆମେରିକା ଏବଂ କାରିବିଆନରେ ୧୦ ନିୟୁତ, ପୂର୍ବ ୟୁରୋପ ଏବଂ ମଧ୍ୟ ଏସିଆରେ ୭.୩ ନିୟୁତ ଯୁଦ୍ଧ ଅନାଥ ଥିଲେ। ୟୁନିସେଫ୍ ଅନୁଯାୟୀ, ଯୁଦ୍ଧ ଅନାଥ ପିଲାମାନଙ୍କର ସଂଖ୍ୟା ବଢ଼ିବାରେ ଲାଗିଛି। ସମ୍ପ୍ରତି ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଯୋଗୁ ଏହି ସଂଖ୍ୟାରେ ବୃଦ୍ଧି ଘଟିଛି। ଏହି ଦିବସ ଅବସରରେ ପୃଥିବୀରେ ଯୁଦ୍ଧ ବିରୋଧରେ ସଚେତନତା ସୃଷ୍ଟି କରାଯାଇଥାଏ।



ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନିଫ୍ୟୁ ରିଓଙ୍କୁ ମନ୍ତ୍ରୀ ନବକିଶୋର ଦାସ ନିମନ୍ତ୍ରଣ କରୁଛନ୍ତି।



ମେଘାଳୟ ମୁଖ୍ୟମନ୍ତ୍ରୀ କନ୍‌ରାଡ ସାଙ୍ଗମାଙ୍କ ତରଫରୁ କ୍ୟାବିନେଟ୍ ମନ୍ତ୍ରୀ ରେନିକଟୋନ ଲିଙ୍ଗଡୋ ଟଙ୍ଗଖାର ମନ୍ତ୍ରୀ ପ୍ରଦୀପ ଅମାତଙ୍କଠାରୁ ନିମନ୍ତ୍ରଣ ଗ୍ରହଣ କରୁଛନ୍ତି।



ସିକ୍କିମ ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂ ତମାଙ୍ଗଙ୍କ ତରଫରୁ ବାଚସ୍ପତି ଅରୁଣ କୁମାର ଉପ୍ରେତୀ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କଠାରୁ ଜର୍ସି ଗ୍ରହଣ କରୁଛନ୍ତି।

# ମେଘାଳୟ, ସିକ୍କିମ, ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ

**ଭୁବନେଶ୍ୱର,୫।୧(ବ୍ୟୁରୋ)**

ପୁରୁଷ ହକି ବିଶ୍ୱକପ୍ ଦେଖିବା ପାଇଁ ଗତ କିଛିଦିନ ହେବ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିବା ପ୍ରକ୍ରିୟା ଜାରି ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ମନ୍ତ୍ରୀମାନେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରୁଛନ୍ତି। ଇତିମଧ୍ୟରେ ୨୫ ଜଣ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଥିବା ବେଳେ ଗୁରୁବାର ଆଉ ୩ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଛି। ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାତ ମେଘାଳୟ ମୁଖ୍ୟମନ୍ତ୍ରୀ କନ୍‌ରାଡ୍ ସାଙ୍ଗମାଙ୍କୁ ଓଡ଼ିଶାରେ ହେଉଥିବା ହକି ବିଶ୍ୱକପ୍ ଦେଖିବାକୁ ଆସିବା ପାଇଁ ନିମନ୍ତ୍ରଣ କରିଛନ୍ତି। ମେଘାଳୟ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ରାଜ୍ୟର କ୍ୟାବିନେଟ ମନ୍ତ୍ରୀ ରେନିକଟୋନ ଲିଙ୍ଗଡୋ ଟଙ୍ଗଖାର ନିମନ୍ତ୍ରଣ ଗ୍ରହଣ କରିଛନ୍ତି। ସେହିପରି ଆଦିବାସୀ ଉନ୍ନୟନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଗ୍ୟାଙ୍ଗ୍‌ଟକଠାରେ ସିକ୍କିମ ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂ ତମାଙ୍ଗଙ୍କୁ ଆସନ୍ତା ୧୩ ତାରିଖରେ ଓଡ଼ିଶାରେ ହେବାକୁ ଥିବା ହକି ବିଶ୍ୱକପ୍ ଦେଖିବାକୁ ଆସିବା ଲାଗି ନିମନ୍ତ୍ରଣ କରିଛନ୍ତି। ତମାଙ୍ଗଙ୍କ ତରଫରୁ ବାଚସ୍ପତି ଅରୁଣ କୁମାର ଉପ୍ରେତୀ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କଠାରୁ ଜର୍ସି ଗ୍ରହଣ କରିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ମନ୍ତ୍ରୀ ନବ କିଶୋର ଦାସ କୋହିମାଠାରେ ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନିଫ୍ୟୁ ରିଓଙ୍କୁ ସାକ୍ଷାତ୍ କରି ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ହକି ବିଶ୍ୱକପ୍‌କୁ ଆସିବା ନିମନ୍ତେ ନିମନ୍ତ୍ରଣ ପତ୍ର, ରୁପାର ଅଶୋକ ଚକ୍ର ଓ ଜର୍ସି ପ୍ରଦାନ କରିଛନ୍ତି।

# ରାଜ୍ୟରେ ୩,୨୩,୪୯,୩୪୧ ଭୋଟର

**ଭୁବନେଶ୍ୱର,୫।୧(ବ୍ୟୁରୋ)**

ରାଜ୍ୟର ୧୪୬ ବିଧାନସଭା ନିର୍ବାଚନମଣ୍ଡଳୀରେ ଚୂଡ଼ାନ୍ତ ଫଟୋ ଭୋଟର ତାଲିକା ଗୁରୁବାର ପ୍ରକାଶ କରାଯାଇଛି। ୫୮ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲାପାଳଙ୍କ କାର୍ଯ୍ୟାଳୟ, ୩୦ ଜିଲାର ନିର୍ବାଚନ ଅଧିକାରୀ ତଥା ଜିଲାପାଳଙ୍କ କାର୍ଯ୍ୟାଳୟ, ରାଜ୍ୟର ସମସ୍ତ ବୁଥ୍ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ୱେବ୍‌ସାଇଟ୍‌ରେ ଫଟୋ ଭୋଟର ତାଲିକା ପ୍ରକାଶ କରାଯାଇଛି । ୨୦୨୩ ଚୂଡ଼ାନ୍ତ ଫଟୋ ଭୋଟର ତାଲିକା ଅନୁଯାୟୀ ରାଜ୍ୟରେ ସର୍ବମୋଟ ୩,୨୩,୪୯,୩୪୧ ଭୋଟର ଅଛନ୍ତି । ସେଥିମଧ୍ୟରୁ ୧,୬୪,୯୬,୧୫୩ ଜଣ ପୁରୁଷ ଭୋଟର ହୋଇଥିବାବେଳେ ୧,୫୮,୪୯,୯୬୬ ଜଣ ମହିଳା ଏବଂ ୩୨୨୨ ତୃତୀୟଲିଙ୍ଗ ଭୋଟର ରହିଛନ୍ତି । ଏତଦ୍‌ବ୍ୟତୀତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ମଧ୍ୟରେ ୧୭ ବର୍ଷରୁ ଊର୍ଦ୍ଧ୍ୱ ୭୮,୨୬୦ ଜଣ ଯୁବ ଭୋଟରଙ୍କ ଆଗୁଆ ଦରଖାସ୍ତ ଗ୍ରହଣ କରାଯାଇଛି ଏବଂ ପରବର୍ତ୍ତୀ ଯୋଗ୍ୟତା ସୂଚକ ତାରିଖରେ ସେମାନଙ୍କ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବ । ବରଗଡ଼ ଜିଲା ପଦ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଉପନିର୍ବାଚନ ହୋଇଥିବାରୁ ସେଠାରେ ବର୍ତ୍ତମାନ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟ ଚାଲୁରହିଛି । ଫଟୋ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା ଭୋଟରଙ୍କ ଫଟୋ ପରିଚୟପତ୍ର ସ୍ପିଡ୍ ପୋଷ୍ଟ ଯୋଗେ ଘର ଠିକଣାରେ ମାଗଣାରେ ପହଞ୍ଚାଇ ଦିଆଯିବ । ଦୁର୍ବଳ ଶ୍ରେଣୀର ଆଦିବାସୀମାନେ ବସବାସ କରୁଥିବା ଜିଲାଗୁଡ଼ିକରେ ୨୨୭ଟି ସ୍ୱତନ୍ତ୍ର ପ୍ରଚାର ଅଭିଯାନ କରାଯାଇ ଯୋଗ୍ୟ ଭୋଟରମାନଙ୍କୁ ତାଲିକାଭୁକ୍ତ କରାଯାଇଛି । ୨୦୨୩ର ଚିଠା ଭୋଟର ତାଲିକାରେ ରାଜ୍ୟର ଲିଙ୍ଗ ଅନୁପାତ ୯୫୯ ଜଣରୁ ଚୂଡ଼ାନ୍ତ ଫଟୋ ଭୋଟର ତାଲିକାରେ ୯୬୧କୁ ବୃଦ୍ଧି ପାଇଛି। ସେହିପରି ୨୦୨୩ ଫଟୋ ଭୋଟର ତାଲିକା ଅନୁସାରେ ୧୮-୧୯ ବର୍ଷର ଭୋଟରଙ୍କ ସଂଖ୍ୟା ୨,୧୦,୨୬୮ରୁ ୪,୪୬,୭୭୯କୁ ବୃଦ୍ଧି ପାଇଛି। ୨୦୨୨ ତାଲିକାରେ ୯୯.୭୪% ଫଟୋ ଭୋଟର ଥିବାବେଳେ ୨୦୨୩ ଚୂଡ଼ାନ୍ତ ତାଲିକାରେ ୯୯.୯୯% ଫଟୋ ଭୋଟର ଅଛନ୍ତି । ସେହିପରି ୨୦୨୩ର ଭୋଟର ଫଟୋ ପରିଚୟ ପତ୍ରଧାରୀଙ୍କ ସଂଖ୍ୟା ଶତକଡ଼ା ୯୯.୯୯କୁ ବୃଦ୍ଧି ପାଇଛି । ୨୦୨୨ଚିଠା ଭୋଟର ତାଲିକାରେ ୪୯,୮୯୭ ଜଣ ସର୍ଭିସ୍ ଭୋଟର ଥିବାବେଳେ ୨୦୨୩ର ଚୂଡ଼ାନ୍ତ ଭୋଟର ତାଲିକାରେ ଏହା ବୃଦ୍ଧି ପାଇ ୪୯,୯୧୯ ହୋଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ରତ୍ନଭଣ୍ଡାର ଖୋଲିବା ମାମଲା

# ପୁରୀରେ ଖୋଲିବ ଦ୍ୱିତୀୟ ପ୍ରତ୍ନତତ୍ତ୍ୱ ବିଭାଗ କାର୍ଯ୍ୟାଳୟ

**କଟକ ଅଫିସ,୫।୧**

ପୁରୀ-କୋଣାର୍କ ଅଞ୍ଚଳ ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍‌ଆଇ)ର ଦ୍ୱିତୀୟ କାର୍ଯ୍ୟାଳୟ ପୁରୀଠାରେ ଖୁବ୍‌ଶୀଘ୍ର ଖୋଲାଯିବ। ଭୁବନେଶ୍ୱରଠାରେ ଏଏସ୍‌ଆଇ କାର୍ଯ୍ୟାଳୟ ରହିଥିବାବେଳେ ଆବଶ୍ୟକତା ଦୃଷ୍ଟିରୁ ଦ୍ୱିତୀୟ କାର୍ଯ୍ୟାଳୟ ଖୋଲାଯିବା ପାଇଁ ନିଷତ୍ତି ନିଆଯାଇଛି। ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ମାମଲାର ଗୁରୁବାର ଶୁଣାଣିରେ ଡେପୁଟି ସଲିସିଟର ଜେନେରାଲ ଅଫ୍ ଇଣ୍ଡିଆ ଫର୍ ଓଡ଼ିଶା ହାଇକୋର୍ଟ ପ୍ରସନ୍ନ କୁମାର ପାଢ଼ୀ ହାଇକୋର୍ଟଙ୍କୁ ଏନେଇ ଅବଗତ କରାଇଛନ୍ତି। ହେଲେ ରତ୍ନଭଣ୍ଡାର ସଂକ୍ରାନ୍ତରେ କୌଣସି ସତ୍ୟପାଠ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦାଖଲ କରାଯାଇନାହିଁ। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ମୁରାହରି ଶ୍ରୀରମଣଙ୍କ ଖଣ୍ଡପୀଠ ଏ ସମ୍ପର୍କିତ ମାମଲାର ଶୁଣାଣି କରିଥିଲେ। ଆସନ୍ତା ମାର୍ଚ୍ଚ ୧୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ପରବର୍ତ୍ତୀ ଶୁଣାଣିରେ ରତ୍ନଭଣ୍ଡାର ସମ୍ପର୍କରେ ସତ୍ୟପାଠ ଦାଖଲ ପାଇଁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଆମିକସ୍‌କ୍ୟୁରୀ ଏନ୍.କେ. ମହାନ୍ତି ଅଦାଲତଙ୍କୁ ଅବଗତ କରାଇଥିଲେ ନୂଆବର୍ଷ ପାଳନ ପାଇଁ ଶ୍ରୀମନ୍ଦିର ଜଗମୋହନ ଓ ନାଟମଣ୍ଡପ ମରାମତି କାର୍ଯ୍ୟ ଧିମେଇ ଯାଇଛି। ପରବର୍ତ୍ତୀ ଶୁଣାଣି ସୁଦ୍ଧା ଜଗମୋହନ ଓ ନାଟମଣ୍ଡପ ସ୍ଥିତି ଜଣାଇବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ଗତ ଅକ୍ଟୋବର ୧୮ ତାରିଖ ଶୁଣାଣିରେ ହାଇକୋର୍ଟ ୪ ସପ୍ତାହ ମଧ୍ୟରେ ରତ୍ନ ଭଣ୍ଡାରର ସ୍ଥିତି ସଂକ୍ରାନ୍ତ ରିପୋର୍ଟ ଦାଖଲ କରିବାକୁ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ରତ୍ନଭଣ୍ଡାର ଶେଷଥର ପାଇଁ କେବେ ଖୋଲିଥିଲା ଓ ସେ ସମୟରେ ଏଥିରେ କେତେ ଅଳଙ୍କାର ଥିଲା, ସେବେଠାରୁ ଏ ପର୍ଯ୍ୟନ୍ତ କାହିଁକି

**■ ଧିମେଇଛି ନାଟମଣ୍ଡପ, ଜଗମୋହନ ମରାମତି**
**■ ପରବର୍ତ୍ତୀ ଶୁଣାଣିରେ ଦାଖଲ ହେବ ସତ୍ୟପାଠ**

ରତ୍ନଭଣ୍ଡାର ଖୋଲାଯାଇନି ସେ ସଂକ୍ରାନ୍ତରେ ଜବାବ ରଖିବାକୁ ମନ୍ଦିର ପ୍ରଶାସନକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀ ଦିଲ୍ଲୀପ ମହାପାତ୍ରଙ୍କ ପକ୍ଷରୁ ଆଇନଜୀବୀ ଆଲୋକ ମହାପାତ୍ର ମାମଲା ପରିଚାଳନା କରୁଛନ୍ତି। ଆବେଦନକାରୀ ପିଟିଶନରେ ଦର୍ଶାଇଥିଲେ, ୧୯୭୮ ମସିହାରେ ଶେଷଥର ପାଇଁ ରତ୍ନଭଣ୍ଡାର ଖୋଲାଯାଇଥିଲା। ସେତେବେଳେ ତତ୍କାଳୀନ ରାଜ୍ୟପାଳଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠିତ ହୋଇଥିଲା। ଏହି କମିଟି ରତ୍ନଭଣ୍ଡାରରେ କେତେ ସୁନା ଅଳଙ୍କାର ରହିଛି, ତାହାର ଏକ ଆକଳନ କରି ରାଜ୍ୟ ସରକାରଙ୍କ ନିକଟରେ ରିପୋର୍ଟ ଦାଖଲ କରିଥିଲା। ମାତ୍ର ସେବେଠାରୁ ରତ୍ନଭଣ୍ଡାର ଖୋଲାଯାଇନାହିଁ। କିଛିବର୍ଷ ତଳେ ଏ ନେଇ ରୁଜୁ ଏକ ମାମଲାରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରତ୍ନଭଣ୍ଡାର ଖୋଲିବା ପାଇଁ ଉଦ୍ୟମ ହୋଇଥିଲା। ହେଲେ ରତ୍ନଭଣ୍ଡାର ଆଉ ଖୋଲାଯାଇ ପାରି ନଥିଲା। ସେବେଠାରୁ ରତ୍ନଭଣ୍ଡାର ଖୋଲାଯିବା ପାଇଁ ଉଦ୍ୟମ ହୋଇନାହିଁ। ଅପରପକ୍ଷରେ ଶ୍ରୀମନ୍ଦିର ଓ କୋଣାର୍କ ସୂର୍ଯ୍ୟମନ୍ଦିର ମରାମତିକୁ ନେଇ ଆମିକସ୍‌କ୍ୟୁରୀ ମହାନ୍ତିଙ୍କ ପକ୍ଷରୁ ହାଇକୋର୍ଟରେ ଏକ ରିପୋର୍ଟ ଦାଖଲ କରାଯାଇ ଶ୍ରୀମନ୍ଦିର ନାଟମଣ୍ଡପ ଏବଂ ଜଗମୋହନରେ ଫାଟ ସୃଷ୍ଟି ହୋଇଥିବା ନେଇ କୁହାଯାଇଥିଲା। ଆମିକସ୍‌କ୍ୟୁରୀ ଶ୍ରୀମନ୍ଦିରର ସୁରକ୍ଷା କାର୍ଯ୍ୟର ଗୁରୁତ୍ୱ ଦୃଷ୍ଟିରୁ ହାଇକୋର୍ଟ ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମରାମତି କାର୍ଯ୍ୟ ତଦାରଖ ଲାଗି ପ୍ରାର୍ଥନା କରିଥିଲେ। ପ୍ରତି ମାସେ କିମ୍ବା ଦୁଇ ମାସରେ ହାଇକୋର୍ଟ ଏହି ମାମଲାର ଶୁଣାଣି କରି ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରୁ ରିପୋର୍ଟ ତଲବ କଲେ ଏହି ମରାମତି କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି ମହାନ୍ତି ଦର୍ଶାଇଥିଲେ।


**ORISSA STATE AIDS CONTROL SOCIETY (OSACS)** OSACS

(Department of Health & Family Welfare), Government of Odisha

Letter No. XII-OSACS/Estt.-33/2021/54 Date: 05.01.2023

**ADVERTISEMENT**

No. E-801: OSACS invites applications from suitable candidates to fill-up the following posts on contractual basis to be posted at district level for implementation of HIV/AIDS programme in the State. These positions are purely temporary and co-terminus with the scheme. The lower age limit for all the positions is 21 years as on Dtd.30.09.2022.

| Sl. No. | Name of the Post(s) | Qualification & Experience | | No. of Posts | Monthly Consolidated Remuneration (Rs.) |
|---|---|---|---|---|---|
| 01 | Technical Officer at State Reference Laboratory at Micro-Biology Deptt., SCB, MCH, Cuttack, MKCG, MCH, Berhampur & VIMSAR, Burla | 1. Medical Graduate with two years Laboratory Experience. 2. M.Sc. in Medical Microbiology/ Biotechnology/Life Sciences. | • Minimum two years experience in Medical Microbiological/ Immunological Laboratory Techniques. • Candidates with experience in quality assurance will be preferred | 03 Posts | 35,000/- per month |

Eligible candidates may apply to **the Project Director, Orissa State AIDS Control Society (OSACS), Oil Odisha Building, F-Nayapalli, Bhubaneswar** on or before 23.01.2023 by submitting their bio-data in the prescribed format. The prescribed formats for submission of application and details of the posts, salary, qualification, experience, age, duties & responsibilities and other terms and conditions are available on the website **www.osacs.nic.in**. The authority reserves the right to accept/reject any or all application(s) without assigning any reason thereof.

**Sd./- Project Director**
**OIPR-10009/11/0018/2223**



**NOTICE INVITING EXPRESSION OF INTEREST**

**No.n-84:**Odisha School Education Programme Authority (OSEPA) invites Expression of interest {EoI} from reputed local book publishers./ publishing houses of Odisha towards procurement of class / age appropriate library books for Class I to XII published in Odia language .The EoI document with all information, instructions, eligibility criteria, terms & conditions etc are available in the website of OSEPA osepa.odisha.gov.in. The interested Local book publishers / publishing houses may refer the above website, read, the EoI document carefully & furnish the EoI proposal to the O/o.State Project Director, Odisha School Education Programme Authority, Shiksha Soudha, Unit-V, Bhubaneswar, 751001 **by 31st Jan 2023**. The EoI proposal may be **submitted in sealed envelope superscripted as "Expression of Interest for Supply of Library Books" 2022-23 only by Registered Post/Speed Post/Courier.**

Corrigendum / addendum, if required, will be uploaded in the above website. Hence, potential local book publishers / publishing houses of Odisha are requested to be in continuous touch with the above website. The EoI Inviting Authority i.e. OSEPA reserves the right to accept or reject any / all bids also can cancel the entire selection process at any stage without assigning any reason thereof. No claim, whatsoever, shall be admissible for the alleged loss/damage suffered by the applicants on account of such rejections.

**Sd./-**
**State Project Director**
**OIPR-27068/11/0028/2223**



**WORKS DEPARTMENT** No.B-1083:
**OFFICE OF THE EXECUTIVE ENGINEER**
**MAYURBHANJ (R&B) DIVISION,BARIPADA**
e-mail-bpd_eerb@rediffmail.com
**Government of Odisha "e" Procurement Notice**
**Bid Identification No.E.E.,69/2022-23**

1. Number of works: 22 (Twenty Two) Number of Works.
2. Approximate estimated cost: 42 Thousand & 11.01 Lakh
3. Period of Completion: 1 (One) Calendar Month
4. Date & Time of availability of bid documents in the portal: Dt.09.01.2023 to 16.01.2023.
5. Last Date/Time of receipt of bid in the portal: Dt.16.01.2023 upto 4.00 P.M.
6. Date of Opening of Bid : Dt.17.01.2023 at 11.00 A.M.
7. Name & Address of the Officer Inviting Bid: Executive Engineer, Mayurbhanj (R&B) Division, Baripada.

Further details can be seen from the e-Procurement portal http://www.tendersodisha.gov.in.

**Sd./- Executive Engineer**
**Mayurbhanj (R&B) Division**
OIPR-34025/11/0021/2223



**"e" PROCUREMENT NOTICE**
**GOVERNMENT OF ODISHA**
**WORKS DEPARTMENT**
E-mail:qualitycontrol02@gmail.com
**Bid Identification No.CE/RDQP-01/2022-23-03 Dated 04.01.2023**

**No.B-1087:**Chief Engineer, R.D.& Q.P. (R&B), Odisha, Bhubaneswar, on behalf of Governor of Odisha, invites online bids/ tenders from eligible reputed/ISO certified laboratory equipment manufacturers or their authorized distributors/dealers in double cover system for supply of various laboratory equipment/machinaries such as Universal Testing Machine and Concrete Core Cutter Machine to Quality Control (R&B) laboratory at Sambalpur under Chief Engineer, R.D.& Q.P. (R&B), Odisha including their installation, commissioning & operational training under terms and conditions contained in the bid document.
2. Cost of Tender Paper: Rs.6000.00
3. Availability of bid document on in the website: From 10.00 A.M. of 10.01.2023 to 5.30 P.M. of 31.01.2023.
4. Date of Opening of Bid : Dt.01.02.2023 at 12.30 P.M.
5. The bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum/ corrigendum/ cancellation of tender can also be seen in the said website.

**Sd./- Chief Engineer, RD&QP (R&B), Odisha**
**OIPR-34117/11/0096/2223**



**PANCHAYAT SAMITI OFFICE BANSPAL**
**At/Po.- Banspal, Dist-Keonjhar, Pin-758085**
**E-mail Id: ori-banspal@nic.in.**
**TENDER CALL NOTICE No.02/2022-23**

**No.63,** **Date:4.1.2023**

**No.i-318:**The Block Development Officer, Banspal invites sealed percentage rate bid on behalf of Governor of Odisha from registered and eligible Civil Contractors of the State PWD (R&B)/Water Resources/ Rural Works/ M.I./ C.P.W.D. conformity with the DTCN for execution of works under Panchayat Samiti, Banspal as detailed in Annexure-I. The tender document (DTCN & BOQ) can be obtained from district NIC website (www.kendujhar.nic.in.) from Dt.07.01.2023 to 21.01.2023 till 1.00 P.M. The tender document (DTCN & BOQ) duly signed by the Contractors should be accompanied with the self attested photocopy of valid GST Clearance Certificate, PAN Card, Registration Certificate. The tender document (DTCN & BOQ) should accompanied with requisite tender paper cost in shape of Demand Draft drawn in favour of BDO, Banspal" payable at "Banspal" from any Nationalised Bank. The tenders will be received upto Dt.21.01.2023 till 5.00 P.M. and addressed to O/o. Block Development Officer, Banspal, Keonjhar, 758085 through Registered / Speed Post. The tender is scheduled to be opened on Dt.24.01.2023 at 11.00 A.M. at Block Conference Hall, O/o. the Block Development Officer, Banspal, Keonjhar, 758085 in presence of the tenderers or their authorised representatives. All bidders shall have to submit an affidavit in support of authenticity of documents/ credentials. The detail terms and conditions can be seen at NIC website (www.kendujhar.nic.in.) The name of the work/ Class of Contractor with mobile no. should be written on the top of the envelope. The undersigned reserves the right to cancel the tender without assigning any reason thereof.

**Sd./- Block Development Officer, Banspal**
**OIPR-19083/11/0003/2223**



**Directorate of Economics & Statistics**
**Odisha, Bhubaneswar**
**Tender Call Notice No..../ Date......**

**No.S-30:**Sealed tenders are invited from reputed eligible bidders for supply, installation & commissioning of Video Conferencing Camera (PTZ Camera) and Audio Solution System in conference hall of DE&S, Odisha, Bhubaneswar. For details log onto website www.desorissa.nic.in.

**Sd./- Director**
**OIPR-01483/11/0001/2223**



**Government of Odisha** **No.O-1571:**
**Office of the Superintending Engineer**
**Rural Works Division, Jharsuguda**
**Email:eerw_jharsuguda@yahoo.co.in.,Tel:06645-271643**
**Bid Identification No.Online-SEJSG-12 of 2022-23**
**NOTICE INVITING TENDER FOR BUILDING WORKS IN ODISHA**
**NATIONAL COMPETITIVE BIDDING THROUGH e-Procurement**

1. Name of the Work : Building works as per DTCN available in the www.tendersorissa.gov.in.
2. Total No. of Work : 03 (Three) Nos.
3. Estimated Cost : Rs.4.32 Lakh to 29.84 Lakh
4. Period of Completion : 1 (One) & 6 (Six) Calendar Months
5. Period and Time of availability of bid document in the portal for bidding : Dt.09.01.2023 at 11.00 A.M. to 18.01.2023 upto 05.00 P.M.
6. Date and Time of bid opening : Dt.19.01.2023 at 11.00 A.M.
7. Name and address of the Officer Inviting Bid : S.E., R.W.Division, Jharsuguda

(1) Other details can be seen from detailed notice inviting tenders, available in website www.tendersorissa.gov.in.
(2) Corrigendum if any shall only be published in the above website.

**Sd./-Superintending Engineer**
**R.W.Division, Jharsuguda**
OIPR-25104/11/0021/2223



**OFFICE OF THE DEPUTY DIRECTOR**
**SIMILIPAL (NORTH) WILDLIFE DIVISION**
**At: Matiagarh Chhaka, P.O.: K. Jashipur,**
**Dist.: Mayurbhanj, Odisha - 757091, Tel.: 06797-295030**
**Email: dfo.similipalnorthwl@odisha.gov.in/ ddsimilipalnorth@gmail.com**
**TENDER CALL NOTICE**

**No. 01** **Date: 04.01.2023**

No. MM-397: Sealed tenders are invited from reputed manufacturers/distributors/authorized dealers for supply and installation of Solar Street Light each for use Different location under Similipal North WL Division.

| Supply and Installation of Solar Street Light | Quantity | Cost of Tender Paper | EMD to be Deposited |
|---|---|---|---|
| Supply and Installation of Solar Street Light each for use Different location under Similipal North WL Division | 01 No. each | Rs.1000/- | Rs.25000/- |

Non-transferable Tender Documents for Supply and installation of Solar Street Light as stated above will be available and can be collected in person from the Office of the Deputy Director, Similipal North Wildlife Division, Jashipur, Mayurbhanj, Odisha on payment of Cost of Tender document as mentioned above on any working day. The tender document cost which is non-refundable, should be deposited in shape of crossed Demand Draft from any Nationalized Bank drawn in favour of the Deputy Director, Similipal North Wildlife Division, Jashipur, Mayurbhanj payable at Jashipur.

1. Tender papers/documents will be available in the O/o. the Deputy Director, Similipal North Wildlife Division, Jashipur, Mayurbhanj from Dt.05.01.2023 to Dt.15.01.2023 (during office hours).
2. Receiving of tender papers will be within Dt.05.01.2023 until 01.00 P.M. on 20.01.2023.
3. Tender opening 03.00 P.M. on 20.01.2023.

**Sd./- Deputy Director**
**Similipal (North) WL Division, Jashipur**
**OIPR-08133/11/0006/2223**


See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମାଗଣା ଚାଉଳକୁ ନେଇ ବଢ଼ିଲା ରାଜନୀତି

**ଭୁବନେଶ୍ୱର,୫।୧(ବ୍ୟୁରୋ)**

- **ରାଜ୍ୟ ସରକାର ଉପଯୁକ୍ତ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରନ୍ତୁ: ଧର୍ମେନ୍ଦ୍ର**
- **ଏହା ନିର୍ବାଚନକୁ ଦେଖିକି ନୁହେଁ: ଅତନୁ**

ରାଜ୍ୟରେ ଆସନ୍ତା ବର୍ଷେ ପର୍ଯ୍ୟନ୍ତ ଖାଦ୍ୟ ସୁରକ୍ଷା ଯୋଜନାରେ ମାଗଣା ଚାଉଳ ବଣ୍ଟନ କଥାକୁ ନେଇ ଏବେ ରାଜନୀତି ଜୋର୍ ଧରିବାରେ ଲାଗିଛି। ରାଜ୍ୟ ଗସ୍ତରେ ଆସିଥିବା ୨ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅଶ୍ୱିନୀ ବୈଷ୍ଣବ ଏହି ଘଟଣାରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଆଗରୁ ଯେପରି କେନ୍ଦ୍ର ଯୋଜନାକୁ ହଡ଼ପ କରି ରାଜ୍ୟ ସରକାର ବାହାବା ନେଇଯାଉଥିଲେ ସେ ପରିସ୍ଥିତି ଆଉ ଏବେ ନାହିଁ। ମୋଦି ସରକାର ମାଗଣା ଚାଉଳ ଦେଉଥିବା କଥା ସମସ୍ତେ ଜାଣିଲେଣି ବୋଲି କେନ୍ଦ୍ରମନ୍ତ୍ରୀ କହିଥିବା ବେଳେ ରାଜ୍ୟ ସରକାରଙ୍କ ଘୋଷଣା ନିର୍ବାଚନକୁ ଦେଖିକି ନୁହେଁ ବୋଲି ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି।

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଓଡ଼ିଶାର ୩.୨୫ କୋଟି ହିତାଧିକାରୀଙ୍କୁ ମୋଦି ସରକାର ଦେଉଥିବା ମାଗଣା ଚାଉଳକୁ ରାଜ୍ୟ ସରକାର ଠିକ୍ ଭବେ ବିତରଣ କରନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସେ କହିଛନ୍ତି, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ଦିଆଯାଉଥିବା ଖାଦ୍ୟାନ୍ନର ୯୦ରୁ ୯୫ ଭାଗ ମୋଦି ସରକାର ଦେଉଥିବା ବେଳେ ଅବଶିଷ୍ଟ ଭାଗ ରାଜ୍ୟ ସରକାର ଦେଉଛନ୍ତି। ଏବେ ଦେଶରେ ୮୧ କୋଟି ୩୫ ଲକ୍ଷ ଲୋକଙ୍କୁ ମାଗଣାରେ ମାସକୁ ୫ କେଜି ଚାଉଳ ଦେବା ପାଇଁ କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ଓଡ଼ିଶାର ୪.୫ କୋଟି ନାଗରିକଙ୍କ ମଧ୍ୟରୁ ୩ କୋଟି ୨୫ ଲକ୍ଷ ଲୋକ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର ସୁବିଧା ପାଉଛନ୍ତି। ଏଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧ ଲକ୍ଷ ୮୭ ହଜାର ମେଟ୍ରିକ ଟନ୍ ଚାଉଳ ପ୍ରଦାନ କରାଯାଉଛି। ବଜାର ମୂଲ୍ୟ ଅନୁସାରେ ବର୍ତ୍ତମାନ କେଜି ପିଛା ୩୭ ଟଙ୍କା ୨୮ ପଇସା ଖର୍ଚ୍ଚ ହେଉଛି। ଅର୍ଥାତ୍ ଏଥିପାଇଁ ମାସିକ ୭୦୦ କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ କେନ୍ଦ୍ର ସରକାର ବର୍ଷକୁ ପ୍ରାୟ ୮,୪୦୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ରାଜ୍ୟ ସରକାର ନିଜସ୍ୱ ଯୋଜନାରେ ମାତ୍ର ୧୮୫ କୋଟି ଦେଉଛନ୍ତି। ତେବେ ବିତରଣର ଦାୟିତ୍ୱ ରାଜ୍ୟ ସରକାରଙ୍କ ହାତରେ ନ୍ୟସ୍ତ ରହିଛି। ନିର୍ଭୁଲ୍ ଓ ନିର୍ଦ୍ଦିଷ୍ଟ ଲାଭାର୍ଥୀଙ୍କୁ ଚାଉଳ ଦେବା ପାଇଁ ଚାଉଳ ବିତରଣ ପ୍ରଣାଳୀରେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଅନେକ ସହାୟତା ଦେଇଛନ୍ତି। ରାଜ୍ୟ ସରକାର ଉପଯୁକ୍ତ ହିତାଧିକାରୀଙ୍କୁ ଚାଉଳ ବିତରଣ କରିବା ନେଇ ଧର୍ମେନ୍ଦ୍ର ଦାବି କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, କେନ୍ଦ୍ରରେ କାମ ଦେଖାଇବା ବାଲା ସରକାର। ଆଗରୁ ଯେପରି ରାଜ୍ୟ ସରକାର ୧ ବା ୨ ଟଙ୍କା ଚାଉଳ ପାଇଁ ଦେଇକି ଯୋଜନାର ନାଁ ନେଇଯାଉଥିଲେ ଆଜି ସେ ପରିସ୍ଥିତି ନାହିଁ। ମୋଦି ସରକାର ପହଞ୍ଚାଉଥିବା କଥା ସମସ୍ତେ ଦେଖୁଛନ୍ତି।

ଅନ୍ୟପଟେ ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି, କୋଭିଡ୍ ସମୟରେ ମଧ୍ୟ ହିତାଧିକାରୀଙ୍କୁ ମାଗଣା ଚାଉଳ ଦିଆଯାଇଥିଲା। ଏହାସହ ବିଭିନ୍ନ ସମୟରେ ମଧ୍ୟ ଦିଆଯାଉଛି। ତେଣୁ ଆବଶ୍ୟକତାକୁ ଅନୁଭବ କରି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି କିପରି ମାଗଣା ଚାଉଳ ଦିଆଯିବ। ଏ ସମ୍ପର୍କରେ ଗାଇଡ୍‌ଲାଇନ ଏବଂ ଇନ୍‌ଷ୍ଟ୍ରକଶନ୍ ଚାଲିଛି। ନିର୍ବାଚନକୁ ଆଖି ଆଗରେ ରଖି ମୁଖ୍ୟମନ୍ତ୍ରୀ କେବେହେଲେ କିଛି କାମ କରନ୍ତି ନାହିଁ ବୋଲି ଅତନୁ କହିଛନ୍ତି।






# ଜୈନ ତୀର୍ଥକ୍ଷେତ୍ରକୁ ବ୍ୟବସାୟିକ କରିବାକୁ ଚାହୁଁଛି ଭାଜପା

**ନୂଆଦିଲ୍ଲୀ,୫।୧(ପି.ଟି.)**

ଦେଶରେ ଥିବା ଜୈନ ଧର୍ମର ତୀର୍ଥକ୍ଷେତ୍ରଗୁଡ଼ିକୁ ବ୍ୟବସାୟୀକରଣ କରିବା ଲାଗି ଭାଜପା ଉଦ୍ୟମ ଚଳାଇଥିବା ଗୁରୁବାର କଂଗ୍ରେସ ଅଭିଯୋଗ କରିଛି। ଗୈରିକ ଦଳର ଏଭଳି ଉଦ୍ୟମ ଜୈନ ସମ୍ପ୍ରଦାୟର ଭାବାବେଗକୁ ଆଘାତ ଦେଇଥିବା ବିରୋଧୀ ଦଳ କହିଛି। ଜୈନ ଧର୍ମର ପବିତ୍ର ସାମ୍ମେଦ ଶିଖରଜୀ ପର୍ବତକୁ ଅକ୍ତିଆର କରିବା ଲାଗି ଝାଡ଼ଖଣ୍ଡ ସରକାର ବିଜ୍ଞପ୍ତି ଜାରି କରିଛନ୍ତି, ଯାହା ପୂର୍ବର ରଘୁବର ଦାସଙ୍କ ନେତୃତ୍ୱାଧୀନ ଭାଜପା ସରକାର ସମୟରେ ହୋଇଥିଲା। ଉକ୍ତ ବିଜ୍ଞପ୍ତିକୁ ତୁରନ୍ତ ପ୍ରତ୍ୟାହାର କରିନେବା ଲାଗି କଂଗ୍ରେସ ଦାବି କରିଛି। ସାମ୍ମେଦ ଶିଖରଜୀ ଭଳି ଗୁଜରାଟର ଶତ୍ରୁଞ୍ଜୟ ପାହାଡ଼, ମାଉଣ୍ଟ ଗିର୍‌ନାରକୁ ମଧ୍ୟ ବ୍ୟବସାୟୀକରଣ କରିବାକୁ ଭାଜପା ଉଦ୍ୟମ ଚଳାଇଥିବା


ପଓ୍ୱନ ଖେରା

## କଂଗ୍ରେସର ଅଭିଯୋଗ

କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରଦୀପ ଜୈନ ଆଦିତ୍ୟ ଏବଂ ଦଳ ମୁଖପାତ୍ର ପଓ୍ୱନ ଖେରା କହିଛନ୍ତି। କଂଗ୍ରେସ ଦେଶର ସମସ୍ତ ଧର୍ମୀୟ ସ୍ଥଳକୁ ସୁରକ୍ଷା ଦେବା ଲାଗି ପ୍ରତିଶ୍ରୁତିବଦ୍ଧ ବୋଲି ସେମାନେ କହିଛନ୍ତି। ପରିବେଶ ପର୍ଯ୍ୟଟନ ଲାଗି ଝାଡ଼ଖଣ୍ଡର ପବିତ୍ର ପର୍ବତକୁ ଅଧିଗ୍ରହଣ ଲାଗି ପୂର୍ବର ଭାଜପା ସରକାରଙ୍କ ନିଷ୍ପତ୍ତି ବିରୋଧରେ ସମୁଦାୟ ଜୈନ ସମ୍ପ୍ରଦାୟ ରାସ୍ତାକୁ ଓହ୍ଲାଇଛନ୍ତି। ଭାଜପା ଏବଂ ଆର୍‌ଏସ୍‌ଏସ୍ ଜୈନ ସମାଜକୁ ପ୍ରତାରିତ କରିଥିବା କଂଗ୍ରେସ ଅଭିଯୋଗ କରିଛି।

# 'ବିକଳ୍ପ ମେଣ୍ଟର ନେତୃତ୍ୱ ସିପିଆଇ ନେଇପାରିବ'

**ଭୁବନେଶ୍ୱର,୫।୧(ବ୍ୟୁରୋ)**

ସିପିଆଇ ଭୁବନେଶ୍ୱର ଜୋନ୍ କମିଟିର ଜେନେରାଲ ବଡି ବୈଠକ ଗୁରୁବାର ଅଶୋକନଗରସ୍ଥିତ ଭଗବତୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସିପିଆଇର ନବନିର୍ବାଚିତ ରାଜ୍ୟ ସମ୍ପାଦକ ଅଭୟ ସାହୁ ଗତ ଅକ୍ଟୋବରରେ ଆନ୍ଧ୍ରପ୍ରଦେଶର ବିଜୟୱାଡ଼ାଠାରେ ଅନୁଷ୍ଠିତ ପାର୍ଟିର ସର୍ବଭାରତୀୟ ସମ୍ମିଳନୀରେ ଆଗାମୀ ୩ ବର୍ଷ ପାଇଁ ଗ୍ରହଣ କରାଯାଇଥିବା ରାଜନୈତିକ, ସାଙ୍ଗଠନିକ ରଣକୌଶଳ ସମ୍ପର୍କରେ ଆଲୋକପାତ କରିଥିଲେ। ଏହା ସହ ଭାଜପା ଓ ଆରଏସ୍‌ଏସ୍‌କୁ କ୍ଷମତାରୁ ଦୂରେଇ ରଖିବା ପାଇଁ ବାମ ଗଣତାନ୍ତ୍ରିକ ଧର୍ମନିରପେକ୍ଷ ଦେଶପ୍ରେମୀ ଶକ୍ତି, ସଙ୍ଗଠନ ଏବଂ ରାଜନୈତିକ ଦଳଗୁଡ଼ିକୁ ନେଇ ଏକ ବିକଳ୍ପ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ। ଏକ ଦୃଢ଼ ସିପିଆଇ ହିଁ ଏହି ମେଣ୍ଟର ନେତୃତ୍ୱ ନେଇପାରିବ ବୋଲି ସେ ମତ ଦେଇଥିଲେ।

ଏହି ବୈଠକରେ ସିପିଆଇ ଖୋର୍ଦ୍ଧା ଜିଲା ସହସମ୍ପାଦକ ସତୀଶ ମିଶ୍ର ଶୋକ ପ୍ରସ୍ତାବ ଆଗତ କରିଥିବା ବେଳେ ପାର୍ଟି ଜୋନ୍ ସମ୍ପାଦକ ସୁର ଜେନା ପ୍ରାରମ୍ଭିକ ଭାଷଣ ଦେଇଥିଲେ। ବରିଷ୍ଠ ସିପିଆଇ ନେତା କ୍ଷୀରୋଦ ସିଂଦେଓ ପାର୍ଟିର ସଙ୍ଗଠନକୁ ମଜଭୁତ କରିବା ସହିତ ଆଗାମୀ ମାର୍ଚ୍ଚ ୨୩ରେ ସିପିଆଇର ରାଜ୍ୟସ୍ତରୀୟ ସମାବେଶକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶଙ୍କର ବାରିକ, ଶରତ ସ୍ୱାଇଁ, ମଞ୍ଜୁ ଭୋଇ, ଡାକ ହେମ୍ବ୍ରମ୍, ସାଗରିକା ଦାସ, ଲିଙ୍ଗରାଜ ସାହୁ, ନାନିକା ମୁଣ୍ଡା, ମିନତି ବେହେରା, ଅଜିତ୍ ମହାପାତ୍ରଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଯୋଗଦେଇଥିଲେ। ଜୋନ୍ ସହସମ୍ପାଦକ ସାଥୀ କୈଳାସ ପୁହାଣ ଧନ୍ୟବାଦ ପ୍ରଦାନ କରିଥିଲେ।


କୋଏମ୍ବାଟୁରଠାରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍, ରାଜ୍ୟ ମନ୍ତ୍ରୀ ଉଦୟନିଧି ଡି.ଏମ୍.କେ. ଏମ୍‌ପି କାନିମୋଝିଙ୍କୁ ତାଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଉଛନ୍ତି।

# ଭାଜପା କାଉନ୍‌ସିଲରଙ୍କୁ ପ୍ରିଜାଇଡିଂ ଅଫିସର ନିଯୁକ୍ତି ନେଇ ବିବାଦ

**ନୂଆଦିଲ୍ଲୀ,୫।୧(ପି.ଟି.)**

ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ (ଏମ୍‌ସିଡି) ମେୟର ନିର୍ବାଚନ ଶୁକ୍ରବାର ହେବାକୁ ଥିବାବେଳେ ଏହା ଦିନକ ପୂର୍ବରୁ ଉପରାଜ୍ୟପାଳ ଭି.କେ. ସାକ୍ସେନା ଏବଂ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଆମ୍ ଅଦ୍‌ମୀ ପାର୍ଟି (ଏଏପି) ମଧ୍ୟରେ ବିବାଦ ତୀବ୍ର ହୋଇଛି। ଉପରାଜ୍ୟପାଳ ନବନିର୍ବାଚିତ ଏମ୍‌ସିଡିକୁ ୧୦ ସଦସ୍ୟ ମନୋନୀତ କରିବା ପରେ ମେୟର ନିର୍ବାଚନ ପରିଚାଳନା ଲାଗି ଗୁରୁବାର ଭାଜପା କାଉନସିଲର ସତ୍ୟ ଶର୍ମାଙ୍କୁ ପ୍ରିଜାଇଡିଂ ଅଫିସର ବା ଅସ୍ଥାୟୀ ବାଚସ୍ପତି ନିଯୁକ୍ତ କରିଛନ୍ତି। ଏହାକୁ ନେଇ ଏଏପି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ସମସ୍ତ ଗଣତାନ୍ତ୍ରିକ ପରମ୍ପରା ଓ ଅନୁଷ୍ଠାନକୁ ଧ୍ୱଂସ କରିଦେବା ଲାଗି ଜାଣିଶୁଣି ଏଭଳି କାର୍ଯ୍ୟ କରାଯାଉଥିବା ଏଏପି ଅଭିଯୋଗ କରିଛି।

## ଆଜି ଦିଲ୍ଲୀ ମେୟର ନିର୍ବାଚନ

ଏଭଳି ବେଆଇନ ଏବଂ ଅସାମ୍ବିଧାନିକ ବ୍ୟବହାରକୁ ନେଇ ଦିଲ୍ଲୀର ଶାସକ ଦଳ ଉପରାଜ୍ୟପାଳଙ୍କୁ ଚିଠି ଲେଖିଛି। ଉପରାଜ୍ୟପାଳ ସାକ୍ସେନା ଦିଲ୍ଲୀରେ ତାଙ୍କ ସରକାରକୁ ଅଣଦେଖା କରି କ୍ଷମତାର ଅପବ୍ୟବହାର କରୁଥିବା ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ ଅଭିଯୋଗ କରିଛନ୍ତି। ସରକାରଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିବା ଏବଂ ପ୍ରଶାସନରେ ମୁଣ୍ଡ ଖେଳାଇବାରେ ଉପରାଜ୍ୟପାଳ କୌଣସି ଉଦ୍ୟମକୁ ହାତଛଡ଼ା କରୁନାହାନ୍ତି। ମେୟର ନିର୍ବାଚନକୁ ପ୍ରଭାବିତ କରିବା ଲାଗି ସାକ୍ସେନା ଉଦ୍ଦେଶ୍ୟମୂଳକ ଭାବେ ୧୦ ଜଣଙ୍କୁ ଏମ୍‌ସିଡିକୁ ମନୋନୀତ କରି ଏହାକୁ ଭାଜପା ସପକ୍ଷରେ ନେବାକୁ ଉଦ୍ୟମ କରୁଛନ୍ତି ବୋଲି କେଜ୍‌ରିୱାଲ କହିଛନ୍ତି।

# ଗ୍ରାମାଞ୍ଚଳରେ ଏଯାଏଁ ୨-ଜି,୩-ଜି ସେବା ପହଞ୍ଚିନି: ବିଜେଡି

## ରାଜ୍ୟରେ ୫-ଜି ସେବା ଆରମ୍ଭ

**ଭୁବନେଶ୍ୱର,୫।୧(ବ୍ୟୁରୋ)**

ରାଜ୍ୟରେ ଗୁରୁବାର ୫-ଜି ସେବା ଆରମ୍ଭ ହୋଇଥିବା ବେଳେ ଏହାକୁ ନେଇ ବର୍ତ୍ତମାନ ରାଜନୀତି ଆରମ୍ଭ ହୋଇଯାଇଛି। ଏହି ସେବା କେବଳ ପ୍ରଚାର ସର୍ବସ୍ୱ ନ ହୋଇଯାଉ ବୋଲି ବିଜେଡି କହିଥିବା ବେଳେ ଭାଜପା ଶାସକ ଦଳ ଅଯଥା ରାଜନୀତି ନ କରୁ ବୋଲି କହିଛି।

ବିଜେଡି ପକ୍ଷରୁ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ କହିଛନ୍ତି, ଓଡ଼ିଶାର ୨ ସହର କଟକ ଓ ଭୁବନେଶ୍ୱରରେ ବର୍ତ୍ତମାନ ଯେଉଁ ୫-ଜି ସେବାର ଶୁଭାରମ୍ଭ ହୋଇଛି ଏହା ସ୍ୱାଗତଯୋଗ୍ୟ । କିନ୍ତୁ ଓଡ଼ିଶାର ବହୁ ଗ୍ରାମାଞ୍ଚଳରେ ଏ ପର୍ଯ୍ୟନ୍ତ ୨-ଜି ଓ ୩-ଜି ସେବା ଉପଲବ୍ଧ ନାହିଁ। ଫଳରେ ଲୋକେ ମୋବାଇଲ ଓ ଇଣ୍ଟରନେଟ୍ ସେବାରୁ ବଞ୍ଚିତ ହୋଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ କେନ୍ଦ୍ର ସରକାରଙ୍କ


ଅମର ପଟ୍ଟନାୟକ

ଏହି ୫-ଜି ସେବା କେବଳ ପ୍ରଚାର ସର୍ବସ୍ୱ ହୋଇ ନ ଯାଉ ବୋଲି ବିଜେଡି ପକ୍ଷରୁ କୁହାଯାଇଛି । ଓଡ଼ିଶାର ସମସ୍ତ ଅଞ୍ଚଳକୁ ମୋବାଇଲ ଓ ଇଣ୍ଟରନେଟ୍ ସେବା ତୁରନ୍ତ ଯୋଗାଯାଉ। ଟେଲି ଘନତ୍ୱ କ୍ଷେତ୍ରରେ ଦେଶର ସବୁଠାରୁ ୫ ପଛୁଆ ରାଜ୍ୟ ମଧ୍ୟରେ ଓଡ଼ିଶା ଅନ୍ୟତମ । ୨୦୨୨ ଜୁଲାଇରେ 'ଟ୍ରାଇ' ପକ୍ଷରୁ ପ୍ରକାଶିତ ସଦ୍ୟତମ ରିପୋର୍ଟରେ ତଥ୍ୟ ଅନୁଯାୟୀ ଦେଶର ହାରାହାରି ଟେଲି ଘନତ୍ୱ ୮୫% ରହିଥିବା ବେଳେ ଓଡ଼ିଶାରେ ଏହି ହାରାହାରି ୭୫% ଏବଂ ଓଡ଼ିଶାର ଗ୍ରାମାଞ୍ଚଳରେ ମାତ୍ର ୬୭%


ମୁକେଶ ମହାଲିଙ୍ଗ

ରହିଛି। ଏପରିକି ଦେଶର ସର୍ବାଧିକ ପଛୁଆ ଅଞ୍ଚଳ ଭାବେ ବିବେଚିତ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଟେଲି ଘନତ୍ୱ ଓଡ଼ିଶାଠାରୁ ଅଧିକ ୭୮% ଏବଂ ଜମ୍ମୁ-କଶ୍ମୀରରେ ୮୦% ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ଓଡ଼ିଶାର ୬୨୭୮ ଗାଁରେ ମୋବାଇଲ ଓ ଇଣ୍ଟରନେଟ୍ ସେବା ପହଞ୍ଚିପାରୁ ନାହିଁ। ଏହି ସେବା ପହଞ୍ଚାଇବାକୁ ୨୫୦୦ ଟାୱାରର ଆବଶ୍ୟକତା ରହିଥିବା ବେଳେ ଏପର୍ଯ୍ୟନ୍ତ ମାତ୍ର ୪୮୮ଟାୱାର ମଞ୍ଜୁର ହୋଇଛି। ନେଟ୍‌ୱର୍କ ନ ଥିବାରୁ କୋଭିଡ୍ ସମୟରେ ପିଲାମାନେ ଅନ୍‌ଲାଇନରେ ପାଠପଢ଼ା ପାଇଁ କେମିତି ହଇରାଣ ହେଉଥିଲେ ତାହା ସମସ୍ତେ ଜାଣିଛନ୍ତି। ତେଣୁ କେନ୍ଦ୍ର ସରକାର ରାଜ୍ୟବାସୀଙ୍କୁ ଦିନରେ ଲଣ୍ଠନ ନ ଦେଖାଇ ଲୋକଙ୍କ ହକ୍ ଏବଂ ସେବା ଯୋଗାଇ ଦିଅନ୍ତୁ ବୋଲି ଅମର କହିଛନ୍ତି ।

## ୫-ଜି ସେବାକୁ ନେଇ ବିଜେଡି ବିବ୍ରତ ନ ହେଉ: ଭାଜପା

ଭାଜପା ବିଧାୟକ ମୁକେଶ ମହାଲିଙ୍ଗ କହିଛନ୍ତି, ଓଡ଼ିଶା ପାଇଁ ଏହା ଏକ ଐତିହାସିକ ଦିନ । ଓଡ଼ିଶାରେ ବର୍ତ୍ତମାନ ନିର୍ଦ୍ଧାରିତ ସମୟଠାରୁ ଆଗୁଆ ୫-ଜି ସେବା ଶୁଭାରମ୍ଭ କରାଯାଇଛି । ଓଡ଼ିଶାରେ ଟେଲି ସେବା ଯୋଗାଇବା ନେଇ ମୋଦି ସରକାରଙ୍କ ଅବଦାନ ଐତିହାସିକ। ବିଜେଡି ୫-ଜି ସେବାକୁ ନେଇ ଆଦୌ ବିବ୍ରତ ନ ହେଉ । ଯେପର୍ଯ୍ୟନ୍ତ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ସରକାର ଅଛି ସେତେବେଳ ପର୍ଯ୍ୟନ୍ତ ଓଡ଼ିଶାର ଜନତାଙ୍କ ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପ୍ରାଥମିକତା ରହିଛି । ୨୨ ବର୍ଷ ଶାସନରେ ରହିବା ପରେ ମଧ୍ୟ ପାଖାପାଖି ୧୦ ହଜାର ଗାଁକୁ ସବୁଦିନିଆ ରାସ୍ତା ନିର୍ମାଣ କରିବାରେ ବିଫଳ ହୋଇଥିବା ବିଜେଡି ଏବେ ଟେଲି ଡେନ୍‌ସିଟ କଥା କହିବା ଅତ୍ୟନ୍ତ ହାସ୍ୟାସ୍ପଦ। ସବୁବେଳେ କେନ୍ଦ୍ର ଅବହେଳାର ମିଛ ବୟାନବାଜି କରୁଥିବା ବିଜେଡି ତଥ୍ୟ ଉପରେ ବିତର୍କ କରୁ । ଏବେ କେନ୍ଦ୍ର ସରକାର ପୁଣି ଓଡ଼ିଶାରେ ଆଉ ୫ ହଜାର ଟେଲିକମ୍ ଟାୱାର ପାଇଁ ୫ ହଜାର କୋଟି ଟଙ୍କା ଅନୁମୋଦନ କରିଛନ୍ତି । ତେଣୁ ଓଡ଼ିଶାରେ ଟେଲିକମ୍ ସେବାର ବିକାଶ ନେଇ କେନ୍ଦ୍ରରେ ଥିବା ଭାଜପା ସରକାର ସବୁବେଳେ ଅଗ୍ରାଧିକାର ଦେଇ ଆସିଛି ବୋଲି ମହାଲିଙ୍ଗ କହିଛନ୍ତି । ବିଜେଡି ପାଖରେ ଏବେ କେନ୍ଦ୍ର ଅବହେଳାର କୁମ୍ଭୀର କାନ୍ଦଣା କାନ୍ଦିବା ଛଡ଼ା ସେମାନଙ୍କ ପାଖରେ ଆଉ କିଛି ରାଜନୈତିକ ପ୍ରସଙ୍ଗ ନାହିଁ । ଓଡ଼ିଶାରେ ପ୍ରତି ଗାଁକୁ ଅପ୍ଟିକାଲ ଫାଇବାର ସଂଯୋଗ ପାଇଁ କେନ୍ଦ୍ର ସରକାର ୧୦୮୦ କୋଟି ଟଙ୍କାର ଅନୁଦାନ ରାଜ୍ୟ ସରକାରଙ୍କୁ ଯୋଗାଇ ଦେଇଛନ୍ତି । ସେହି କାମ କେଉଁବାଟ ଗଲା ବିଜେଡି ଜବାବ ରଖୁ ବୋଲି ମହାଲିଙ୍ଗ କହିଛନ୍ତି ।


# Classified Everyday
**0674-2580101, 2549949**


REAL ESTATE

**SALE**

ଝିଅ ବିଭାଘର ପାଇଁ ଦୁଇପଟେ 30' ଫୁଟ ରୋଡ୍ ଥାଇ ରେଡ଼ଂଗରେ ୧୦ ଗୁଣ୍ଠ ଜମି ବିକ୍ରିହେବ- (ଗୁଣ୍ଠ- 5,25,000/-). 9938016295. D-74180

190sqft. super builtup commercial Shop for sale in Forest Park, Unit-6. 9937928349. D-2410

**30ft. road, boundary, gharabari plot sale in Shreekhetra Vihar Phase-3 Pipili Chhaka NH side gated society with electricity, Park, Temple, Drange sqft. 980/-. 8117084862.** D-74177

ଭୁବନେଶ୍ୱର ନଖରା ଘରବାରି SC plot Sqft - 150/-, General - 350/-. 9439660381. D-74178

**ଭୁବନେଶ୍ୱର ଖଣ୍ଡଗିରି AMRI Hospital ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ Madanpur, Gita/Gandhi College ପାଖରେ Sqft. 650/-ରେ ମିଳୁଛି - 9348767829.** D-74173

ସତ୍ୟନଗରରେ ୧୦୦ ଫୁଟ ରୋଡ୍‌କୁ ଲାଗି ୨୦୦୦୦ ବର୍ଗଫୁଟ ଘରବାରି ପ୍ଲଟ୍ ବିକ୍ରିହେବ। ଯୋଗାଯୋଗ- 9778928492. D-73672

ମୋର କୋଳଥିଆରେ **Corner** ପ୍ଲଟ୍ ଓ ଘାଟିକିଆରେ ପ୍ଲଟ୍ ଅଛି, କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ। **9438166196.** D-2417

**3BHK Flat Sale At Satya Sai Lewis Road Bhubaneswar. Contact - 9114494004, 9040044440.** D-2385

Tamando ନିକଟରେ ୫୫୦୦ ବର୍ଗଫୁଟ ଘରବାରି ପ୍ଲଟ୍ ବିକ୍ରିହେବ। ଯୋଗାଯୋଗ- 9778928492. D-73673

ଭୁବନେଶ୍ୱର ଜଟଣୀଗେଟ୍ **NH-5** ପାଖରେ ଘରବାରି ପ୍ଲଟ୍ **30'** ରାସ୍ତାଥାଇ **sqft.-400/-, 630/-. 9437607388, 8637269760.** D-74166

କଟକ-ଭୁବନେଶ୍ୱର ରୋଡ୍‌ରୁ **2.5.K.M.,** ନଖରା ଓ ପାହାଳରୁ **2.5.K.M.** ଘରବାରି **25'** ରୋଡ୍, ବାଉଣ୍ଡରୀ, ଇଲେକ୍ଟ୍ରିସିଟି ସୁବିଧା ଥାଇ ପ୍ଲଟ୍ ମିଳୁଛି। **9348152874, 9337317665.** D-74179

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Newly open SPA positively health benefits with expert therapist. 7849011931. D-73674

**Full body massage by smart I expert therapist @999 only. 9078484455.** D-73670

**Relax, Refresh your body, Mind at Saikrupa Spa with best therapies. 8984068077.** D-2374

Newly open Spa positively health benefit with expert. Contact: 7749976301. D-74505

Fullbody massage relax body mind by traind lady therapist. 7008773793. D-73671

Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74623

**LOST**

I Sri Satyananda Sahu resident of Plot No.-K3A-15, Kalinga Nagar, Ghatikia, Bhubaneswar lost the Original sale deed document No.-197 of 2009, Khata No.-731/104 at my above mentioned residence. Mob: 9841237961. D-2419

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**AFFIDAVIT**

ଶାଶ୍ୱତୀ ପଟ୍ଟନାୟକ ନୁହେଁ, ଦିବ୍ୟା ଶାଶ୍ୱତୀ। ମୁଁ ଶାଶ୍ୱତୀ ପଟ୍ଟନାୟକ, ପ୍ଲଟ୍ ନଂ.- ୧୦୨୫, ୱାର୍ଡ ନଂ.-୬୫, ପାତ୍ରପଡ଼ା, ଭୁବନେଶ୍ୱର ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ୨୮।୧୧।୨୦୨୨ରେ କରିଥିବା ସତ୍ୟପାଠ ନଂ.-୧୧୮ ଅନୁଯାୟୀ ମୋର ନାଁ ଶାଶ୍ୱତୀ ପଟ୍ଟନାୟକରୁ ଦିବ୍ୟା ଶାଶ୍ୱତୀକୁ ପରିବର୍ତ୍ତନ କରିଛି। ଆଧାର କାର୍ଡରେ ମଧ୍ୟ ପରିବର୍ତ୍ତନ କରିଛି। ତେଣୁ ଭବିଷ୍ୟତରେ ମୁଁ ଦିବ୍ୟା ଶାଶ୍ୱତୀ ଭାବେ ପରିଚିତ ହେବି। ଧ-୨୪୭୦

By virtue of an affidavit sworn before the Notary Public, Bhubaneswar on 03.01.2023, I, K Priyabrata Panigrahi have changed my name from K Priyabrata Panigrahi to Priyabrata Panigrahi. Henceforth I shall be known as Priyabrata Panigrahi for all purposes. D-2411

**ଛାତ୍ରୀଙ୍କ କୃତିତ୍ୱ**



ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ତୁମୁଗୋଳାର ଛାତ୍ରୀ ସ୍ମାରକୀ ସ୍ମରଣିକା ଗଡ଼ନାୟକ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ କଣିହାଁ ବ୍ଲକରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହା ପୂର୍ବରୁ ସ୍ମାରକୀ ନବୋଦୟ ପ୍ରବେଶିକା ପରୀକ୍ଷାରେ ମଧ୍ୟ ସଫଳତା ହାସଲ କରିଥିଲେ। ସ୍ମାରକୀ ଇଞ୍ଜିନିୟର ହେମନ୍ତ କୁମାର ଗଡ଼ନାୟକ ଓ ଶିକ୍ଷୟିତ୍ରୀ ଧର୍ମପ୍ରିୟା ସାହୁଙ୍କ ଏକ ମାତ୍ର କନ୍ୟା ଅଟନ୍ତି। ଧ-୨୪୧୮

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୧୫ ବର୍ଷ ପରେ ମା'ଙ୍କୁ ଖୋଜିଲେ ମମତା

ପୁରୀ ଅଫିସ, ୫।୧

■ ଅଷ୍ଟ୍ରେଲିଆରୁ ଲେଖିଲେ ଆବେଗଭରା ଚିଠି
■ ଭେଟ କରାଇଦେବାକୁ କଲେ ଆକୁଳ ନିବେଦନ



'ସେ କୁଷ୍ଠ ରୋଗରେ ଆକ୍ରାନ୍ତ ହୋଇଥିବା ଜାଣିବା ପରେ ଏକ ନିଷ୍ଠୁର ନିଷ୍ପତ୍ତି ନେଇଥିଲେ ଓ ମୋତେ ଯିବାକୁ ଦେଇଥିଲେ। ସେ ଜଣେ ମହାନ୍ ମା'। କାରଣ ସେ କେବଳ ମୋ ପାଇଁ ଏଭଳି ପଦକ୍ଷେପ ନେଇଥିଲେ, ଯେପରିକି ମୁଁ ଭଲରେ ଜୀବନ ଜିଇ ପାରିବି।' ଏହା ହେଉଛି ନିଜ ମା'ଙ୍କ ପ୍ରତି ଜଣେ ଝିଅର କିଛି ଆବେଗଭରା ଅଭିବ୍ୟକ୍ତି, ଯାହା କୌଣସି ଲୋକର ହୃଦୟକୁ ତରଳାଇଦେଇପାରେ।

୧୫ ବର୍ଷ ତଳେ ଓଡ଼ିଶାରୁ ଏକ ଅଷ୍ଟ୍ରେଲୀୟ ଦମ୍ପତିଙ୍କ ଦ୍ୱାରା ପୋଷ୍ୟ ଭାବେ ଗ୍ରହଣ ହୋଇଥିବା ମମତା ପୁରୀ ଚାଇଲ୍ଡ ଲାଇନକୁ ଏକ ଚିଠି ଲେଖିଛନ୍ତି। ସେଥିରେ ସେ ଏଭଳି କିଛି ଭାବପୂର୍ଣ୍ଣ ବାକ୍ୟ ଲେଖି ନିଜ ମା'ଙ୍କୁ ଖୋଜିଦେବା ପାଇଁ ଆକୁଳ ନିବେଦନ କରିଛନ୍ତି। ମମତା ଏବେ ପ୍ରାପ୍ତ ବୟସ୍କା ଏବଂ ସେ ଅଷ୍ଟ୍ରେଲିଆର ଭିକ୍ଟୋରିଆରେ ପାଳିତ ମାତା ପିତାଙ୍କ ପାଖରେ ରହି ସ୍ନାତକ ଶିକ୍ଷା ଶେଷ କରିଛନ୍ତି। ସମ୍ପ୍ରତି ସେ ନିଜର ଜନ୍ମଦାତ୍ରୀ ମା' ବାସନ୍ତୀ ଦାସଙ୍କୁ ଖୋଜୁଛନ୍ତି। ବାସନ୍ତୀ ଖୋର୍ଦ୍ଧା ଜିଲାର ବାସିନ୍ଦା ବୋଲି ଜଣାପଡ଼ିଛି।

ଏ ନେଇ ପୁରୀ ଚାଇଲ୍ଡ ଲାଇନ୍ ନିର୍ଦ୍ଦେଶକ ଦେବାଶିଷ ରଥ କହିଛନ୍ତି, ୧୫ ବର୍ଷ ତଳେ ଅର୍ଥାତ୍ ୨୦୦୭ ଜାନୁୟାରୀ ୧୩ରେ ମାତ୍ର ୩ବର୍ଷ ବୟସରେ ମମତା ହଜିଯାଇଥିଲେ। ତାଙ୍କୁ ଏକାକୀ ଅସହାୟ ଅବସ୍ଥାରେ ପୁରୀ ସିଂହଦ୍ୱାର ନିକଟରୁ ପୁରୀ ଚାଇଲ୍ଡ ଲାଇନ କର୍ତ୍ତୃପକ୍ଷ ଉଦ୍ଧାର କରିଥିଲେ। ସେତେବେଳେ କୌଣସି ଶିଶୁ ମଙ୍ଗଳ କମିଟି ଗଠନ ହୋଇ ନ ଥିଲା। ତେଣୁ ତାଙ୍କୁ ନିଜ ମା'ଙ୍କୁ ହସ୍ତାନ୍ତର କରାଯାଇଥିଲା। ତେବେ ପରଦିନ ମମତାଙ୍କୁ ତାଙ୍କ ମା' ଫେରାଇ ଦେଇଥିଲେ ଏବଂ ଝିଅର ଲାଳନପାଳନ ନେଇ ଅସହାୟତା ପ୍ରକାଶ କରିଥିଲେ। ସମ୍ପୃକ୍ତ ମହିଳା ଦିବ୍ୟାଙ୍ଗ ହୋଇଥିବା ବେଳେ କୁଷ୍ଠରୋଗରେ ଆକ୍ରାନ୍ତ ଥିଲେ। ତାଙ୍କର ଏଭଳି ନିଷ୍ପତ୍ତିରେ ଆମେମାନେ ପ୍ରଥମେ ଆଶ୍ଚର୍ଯ୍ୟାନ୍ୱିତ ହୋଇଥିଲୁ। ପରେ ତାଙ୍କୁ କଟକସ୍ଥିତ ବସୁନ୍ଧରା ଶିଶୁ ଯତ୍ନ କେନ୍ଦ୍ରକୁ ହସ୍ତାନ୍ତର କରାଯାଇଥିଲା। ଝିଅକୁ ଦେବା ନେଇ ଆଇନଗତ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ମମତା ପ୍ରାୟ ୧୮ ମାସ ଧରି ବସୁନ୍ଧରା ଶିଶୁ ଯତ୍ନ କେନ୍ଦ୍ରରେ ରହିଥିଲେ। କୌଣସି ଭାରତୀୟ ଦମ୍ପତି ମମତାଙ୍କୁ ତାଙ୍କ ମା'ଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ କୋଳେଇ ନେବାକୁ ଆଗ୍ରହ ପ୍ରକାଶ କରି ନ ଥିଲେ। ତେବେ ଏକ ଅଷ୍ଟ୍ରେଲୀୟ ଦମ୍ପତି ମମତାଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରି ଆଗେଇ ଆସିଥିଲେ। ସେହି ଦମ୍ପତି ନିୟମ ଅନୁସାରେ ମମତାଙ୍କୁ ପୋଷ୍ୟ ଝିଅ ଭାବେ ଗ୍ରହଣ କରି ସେମାନଙ୍କ ସାଥିରେ ଅଷ୍ଟ୍ରେଲିଆ ନେଇଯାଇଥିଲେ। ୨୦୧୯ରେ ଇ-ମେଲ୍ ମାଧ୍ୟମରେ ଚାଇଲ୍ଡ ଲାଇନ୍ ନିର୍ଦ୍ଦେଶକ ରଥଙ୍କ ନିକଟକୁ ଏକ ଫଟୋ ଆସିଥିଲା, ଯାହା ମମତାଙ୍କର ଥିଲା। ଏହି ଫଟୋ ଦେଖିବା ପରେ ମମତାଙ୍କୁ ରଥ ଚିହ୍ନିପାରିଥିଲେ। ମମତାଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିବା ଦମ୍ପତି ରଥଙ୍କ ସହ କଥା ହୋଇଥିଲେ। ମମତା ପୁରୀ ଯିବା ସହ ତାଙ୍କ ମା'ଙ୍କୁ ଭେଟିବା ପାଇଁ ଚାହୁଁଛନ୍ତି ବୋଲି ସେମାନେ ଜଣାଇଥିଲେ। ପ୍ରାୟ ଦୁଇବର୍ଷ ତଳେ ନିଜ ମା'ଙ୍କୁ ଭେଟିବା ପାଇଁ ଇଚ୍ଛା ପ୍ରକାଶ କରି ମମତା ଇ-ମେଲ୍ ଯୋଗେ ପୁରୀ ଚାଇଲ୍ଡ ଲାଇନକୁ ଏକ ଚିଠି ପଠାଇଥିଲେ। ମାତ୍ର କୋଭିଡ୍ କଟକଣା କାରଣରୁ ସେତେବେଳେ ମମତା ତାଙ୍କ ପାଳିତ ମା, ବାପାଙ୍କ ସହିତ ପୁରୀ ଆସିପାରି ନ ଥିଲେ। ଚଳିତ ଜାନୁୟାରୀ ମାସ ୩ ତାରିଖରେ ତାଙ୍କ ୧୮ତମ ଜନ୍ମଦିନ ଅବସରରେ ସେ ପୁଣି ଏଭଳି ଏକ ଚିଠି ଲେଖିଛନ୍ତି। ପ୍ରତ୍ୟେକ ଥର ସେ ତାଙ୍କ ଚିଠିରେ ନିଜ ମା'ଙ୍କୁ ମହାନ ବୋଲି ଉଲ୍ଲେଖ କରିଛନ୍ତି। ଆର୍ଥିକ ସ୍ୱଚ୍ଛଳ ହେବା ପରେ ମମତା ତାଙ୍କ ମା'ଙ୍କ ପାଇଁ କିଛି କରିବାକୁ ଚାହୁଁଛନ୍ତି। ସମ୍ଭବତଃ ଚଳିତ ମାସରେ ନିଜ ଜନ୍ମଦାତ୍ରୀ ମା'ଙ୍କୁ ଭେଟିବା ଲାଗି ମମତା ପୁରୀ ଆସିବେ। ତେଣୁ ତାଙ୍କ ମା' ବାସନ୍ତୀଙ୍କ ସହିତ ଯୋଗାଯୋଗ କରିବାକୁ ପୁରୀ ଚାଇଲ୍ଡ ଲାଇନ ଉଦ୍ୟମ ଜାରି ରଖିଛି ବୋଲି ନିର୍ଦ୍ଦେଶକ ରଥ ସୂଚନା ଦେଇଛନ୍ତି। ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

# ବାପାଙ୍କୁ ହତ୍ୟାକରି ଘରେ ପୋତି ଥିଲା ପୁଅ

ଭବାନୀପାଟଣା,୫।୧(ସ୍ୱ.ପ୍ର.)

ବାପାକୁ ହତ୍ୟାକରି ଭଙ୍ଗା ଘରେ ପୋତି ଥିଲା ପୁଅ। ଏଭଳି ଅଭାବନୀୟ ଘଟଣା ଘଟିଛି କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ କାଡ଼ମ ଗାଁରେ। ଗାଁର ପରମା ହରିଜନ ଓ ତାଙ୍କ ସାନ ପୁଅ ସୁମନ୍ତ ହରିଜନଙ୍କ ମଧ୍ୟରେ ପ୍ରାୟ ସମୟରେ ଝଗଡ଼ା ଲାଗି ରହୁଥିଲା। ଗତ ୧ ତାରିଖରେ ଉଭୟ ବାପ ପୁଅ ମଧ୍ୟରେ ବଚସା ହୋଇଥିଲା। ଏଥିରେ ସୁମନ୍ତ ଉତ୍କ୍ଷିପ୍ତ ହୋଇ ବାପା ପରମାଙ୍କୁ ହତ୍ୟାକରି ଏକ ଭଙ୍ଗା ଘରେ ପୋତି ଦେଇଥିଲେ। ୫ ଦିନ ପରେ ବାପାଙ୍କ ଦେଖା ନ ମିଳିବାରୁ ମଝିଆ ପୁଅ ଓ ବଡ଼ପୁଅ ଆସି ନିଜ ସମ୍ପର୍କୀୟଙ୍କ ଘରେ ଖୋଜାଖୋଜି କରି ନିରାଶ ହୋଇ ଥିଲେ। ସାନଭାଇ ସୁମନ୍ତଙ୍କ ସାମ୍ନା ଭଙ୍ଗା ଘରେ ସିମେଣ୍ଟ ରଖି ଥିବାରୁ ଉଭୟେ ସିମେଣ୍ଟ ଦେଖି ଯାଉଥିବା ବେଳେ ଉକ୍ତ ପରିତ୍ୟକ୍ତ ଭଙ୍ଗା ଘରୁ ଦୁର୍ଗନ୍ଧ ବାହାରିଥିଲା । ପରେ ମାଟି ଖୋଳି ଉକ୍ତ ସ୍ଥାନକୁ ଦେଖିବା ପରେ ସେଥିରୁ ବାପାଙ୍କ ମୃତଦେହ ମିଳିଥିଲା। ଏହା ଦେଖି ସମସ୍ତେ ଚମକି ପଡିଥିଲେ। ବାପାଙ୍କୁ କିଏ ହତ୍ୟା କରିଛି ବୋଲି ପରିବାର ଲୋକେ ଖୋଜିବା ବେଳକୁ ହତ୍ୟାକାରୀ ପୁଅ ସୁମନ୍ତ ଫେରାର ହୋଇଯାଇଥିଲେ। ଏ ନେଇ ମଝିଆ ଭାଇ ମଦନ ଭବାନୀପାଟଣା ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପୋଲିସ ଏହି ଘଟଣାରେ ମୃତକଙ୍କ ସ୍ତ୍ରୀ ଓ ସୁମନ୍ତଙ୍କ ସ୍ତ୍ରୀଙ୍କୁ ପଚରାଉଚରା ଜାରି ରଖିଛି। ଏ ନେଇ ଭବାନୀପାଟଣା ସଦର ଥାନାରେ ଏକ ମାମଲା (ନଂ.୮/୨୩) ରୁଜୁ ହୋଇଛି। ଅନ୍ୟପକ୍ଷରେ ହତ୍ୟା ଅଭିଯୋଗ ଆସିଥିବା ପୁଅ ସୁମନ୍ତ ଏବେ ବି ଫେରାରଥିବା ସୂଚନା ମିଳିଛି।

# 'ସବୁ ସ୍କୁଲ ପାଇଁ ଏପ୍ରିଲରୁ ଶିକ୍ଷାବର୍ଷ ଆରମ୍ଭ ହେଉ'

ଭୁବନେଶ୍ୱର, ୫।୧ (ବ୍ୟୁରୋ)

## ଓଡିଶା ଅଭିଭାବକ ମହାସଂଘର ଦାବି

କରୋନା ପାଇଁ ପିଲାଙ୍କ ପାଠପଢ଼ାରେ ଗୁରୁତର ବ୍ୟତିକ୍ରମ ସୃଷ୍ଟି ହୋଇଥିଲା। ଏପରିକି ଶିକ୍ଷାବର୍ଷ ମଧ୍ୟ ବଦଳିଯାଇଥିଲା। ନୂତନ ଶିକ୍ଷାବର୍ଷ ପାଠ ପଢ଼ାରେ ବ୍ୟତିକ୍ରମ ସୃଷ୍ଟି ହୋଇଥିଲା। ଏବେ ସ୍ଥିତିରେ ସୁଧାର ଆସିବା ସହ ପାଠପଢ଼ା, ପରୀକ୍ଷା ମଧ୍ୟ ସ୍ୱାଭାବିକ ଭାବେ ଚାଲିଛି। ହେଲେ ବିଭିନ୍ନ ବର୍ଗର ସ୍କୁଲ ପାଇଁ ଶିକ୍ଷାବର୍ଷ ଅଲଗା ରହିଥିବାରୁ ପିଲାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସବୁ ସ୍କୁଲ୍ ପାଇଁ ଏପ୍ରିଲରୁ ଶିକ୍ଷାବର୍ଷ ଆରମ୍ଭ ହେଉ ବୋଲି ଓଡ଼ିଶା ଅଭିଭାବକ ମହାସଂଘ ନିଜ ଦାବିକୁ ପୁଣି ଦୋହରାଇଛି। ମହାସଂଘ ସହଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀ କହିଛନ୍ତି, ମାର୍ଚ୍ଚ ୧୦ରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଘୋଷଣା କରାଯାଇଛି। ନବମ ଶ୍ରେଣୀ ପରୀକ୍ଷା ମଧ୍ୟ ୨୨ ତାରିଖରେ ଆରମ୍ଭ ହେବ। ପରିଷଦର ଏହି ନିଷ୍ପତ୍ତିକୁ ଓଡିଶା ଅଭିଭାବକ ମହାସଂଘ ସ୍ୱାଗତ କରିଛି। ତେବେ ସିବିଏସ୍‌ଇ ଓ ଆଇସିଏସଇ ପରୀକ୍ଷା ସହିତ ସମାନ ସମୟରେ ପରୀକ୍ଷା ଅନୁଷ୍ଠିତ ହୋଇ ଫଳାଫଳ ପ୍ରକାଶ ପାଇଲେ ଓଡ଼ିଆ ମାଧ୍ୟମିକ ପିଲାଙ୍କ ଆଗାମୀ ଭବିଷ୍ୟତରେ ଶିକ୍ଷା ଗ୍ରହଣ ପାଇଁ ସୁବିଧା ହେବ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି। ଅପରପକ୍ଷେ ଫେବୃୟାରୀ ୨୦ରୁ ୨୫ ସୁଦ୍ଧା ନବମ ଶ୍ରେଣୀ ପରୀକ୍ଷା ଶେଷ କରି ମାର୍ଚ୍ଚ ଶେଷ ସପ୍ତାହ ସୁଦ୍ଧା ଫଳାଫଳ ପ୍ରକାଶ ହେବ। ୨୦୨୩-୨୪ର ଦଶମ ଶ୍ରେଣୀ ଶିକ୍ଷାବର୍ଷ ପାଠପଢ଼ା ଏପ୍ରିଲ ପ୍ରଥମ ସପ୍ତାହ ସୁଦ୍ଧା ଆରମ୍ଭ କରିବାକୁ ମଧ୍ୟ ଘୋଷଣା କରାଯାଇଛି। ଏହା ମଧ୍ୟ ସ୍ୱାଗତଯୋଗ୍ୟ। ପୂର୍ବରୁ ଓଡିଶା ଅଭିଭାବକ ମହାସଂଘ ପକ୍ଷରୁ ସମାନ ସମୟରେ ସବୁ ଶ୍ରେଣୀରେ ସମସ୍ତ ସରକାରୀ ବେସରକାରୀ ସ୍କୁଲରେ ନୂତନ ଶିକ୍ଷାବର୍ଷ ଆରମ୍ଭ ପାଇଁ ଦାବି ହୋଇ ଆସୁଛି। ଏକା ସମୟରେ ସମସ୍ତଙ୍କ ପାଇଁ ନାମଲେଖା ସହ ପାଠପଢ଼ା ବ୍ୟବସ୍ଥା ରହିଲେ କୌଣସି ତାରତମ୍ୟ ନ ରହି ସବୁ ପିଲା ଏକା ସାଙ୍ଗରେ ଓ ଏକା ସମୟରେ ପାଠ ପଢ଼ିବାର ସୁଯୋଗ ପାଇବେ ଏବଂ ଏକ ସୁଗମ ଓ ଠିକ ବ୍ୟବସ୍ଥା ସୃଷ୍ଟି ହୋଇପାରିବ ବୋଲି ବିଷୋୟୀ କହିଛନ୍ତି।

# ଖଗେଶ୍ୱରଙ୍କୁ ଜେରା, ଅର୍ଚ୍ଚନାଙ୍କ ଘର ମୂଲ୍ୟାୟନ ହେଲା

ଭୁବନେଶ୍ୱର, ୫।୧ (ବ୍ୟୁରୋ)

## ବେଆଇନ ଅର୍ଥ କାରବାର ମାମଲା



ବେଆଇନ ଅର୍ଥ କାରବାର ମାମଲାରେ ଚର୍ଚ୍ଚିତ ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କୁ ବୁଧବାର ଝାରପଡ଼ା ଜେଲରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ୬ ଘଣ୍ଟା ଜେରା କରାଯାଇଥିଲା। ଗୁରୁବାର ତାଙ୍କ ବ୍ୟବସାୟିକ ସହଯୋଗୀ ଖଗେଶ୍ୱର ପାତ୍ରଙ୍କୁ ମଧ୍ୟ ଜେଲରେ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଜେରା କରାଯାଇଛି। ଏହି ସମୟରେ ଇଡି ପକ୍ଷରୁ ତାଙ୍କୁ ଷ୍ଟେଟ୍ ଫୋରେନ୍‌ସିକ୍ ଲ୍ୟାବ୍ (ଏସ୍‌ଏଫ୍‌ଏସ୍‌ଏଲ୍)ରୁ ମିଳିଥିବା ଡିଜିଟାଲ ପ୍ରମାଣପତ୍ର ସଂକ୍ରାନ୍ତରେ ଏକାଧିକ ପ୍ରଶ୍ନ ପଚରାଯାଇଥିଲା। ତେବେ ଇଡି ଖଗେଶ୍ୱରଙ୍କଠାରୁ କିଛି ନୂଆ ତଥ୍ୟ ପାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଅର୍ଚ୍ଚନା, ସ୍ୱାମୀ ଜଗବନ୍ଧୁ ଚାନ୍ଦ ଓ ଖଗେଶ୍ୱରଙ୍କ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ଇଡି ପ୍ରକ୍ରିୟା ଆରମ୍ଭ କରିଛି। ଇଡିର ଏକ ସ୍ୱତନ୍ତ୍ର ଟିମ୍ ଭୁବନେଶ୍ୱର ସତ୍ୟବିହାରସ୍ଥିତ ଅର୍ଚ୍ଚନାଙ୍କ ଘରକୁ ଯାଇ ଏହାର ମାପଚୁପ କରିବା ସହ ମୂଲ୍ୟାୟନ କରିଛି। ଏପରିକି ଘରେ ଲାଗିଥିବା ଦାମି ସାମଗ୍ରୀର ମୂଲ୍ୟାୟନ ଏବଂ ଇଣ୍ଟେରିୟର ଡିଜାଇନ ସମ୍ବନ୍ଧରେ ମଧ୍ୟ ଇଡି ତଥ୍ୟ ହାସଲ କରିଛି। ପରବର୍ତ୍ତୀ ସମୟରେ ଏହି ଆଲିସାନ ଘରର ମୂଲ୍ୟ ନେଇ କୋର୍ଟକୁ ଅବଗତ କରାଯିବ। ଘର ନିର୍ମାଣ ପାଇଁ ଅର୍ଚ୍ଚନା କେଉଁଠୁ ଟଙ୍କା ଆଣିଥିଲେ, ସେନେଇ ସନ୍ତୋଷଜନକ ଉତ୍ତର ଦେଇ ନ ପାରିଲେ କୋର୍ଟଙ୍କ ମାଧ୍ୟମରେ ଘରର ବାଜ୍ୟାପ୍ତି କରାଯିବ ବୋଲି ସୂଚନା ମିଳିଛି। ସେହିପରି ଇଡି ଚଢ଼ାଉ ଓ ତଦନ୍ତ କରିବା ସମୟରେ ଅର୍ଚ୍ଚନାଙ୍କ ସମେତ ଅନ୍ୟମାନଙ୍କ ବିପୁଳ ସମ୍ପତ୍ତି ଠାବ କରିଛି। ଏହି ସମ୍ପତ୍ତି ଭିତରେ ଅର୍ଚ୍ଚନାଙ୍କ ଗାଡ଼ି, ଆଲିସାଲ୍ ଘର, ଘରୋଇ ସାମଗ୍ରୀ, ସୁନା ଗହଣା, ଘୋଡ଼ା ଆଦି ରହିଛି। ଏସବୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ମୋଟ ମୂଲ୍ୟ କେତେ ସେନେଇ ଇଡି ପକ୍ଷରୁ ସୂଚନା ଦିଆଯାଇ ନ ଥିଲେ ମଧ୍ୟ ଠାବ ହୋଇଥିବା ସମ୍ପତ୍ତି ୩ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ସମ୍ପତ୍ତି କାହିଁକି ବାଜ୍ୟାପ୍ତି ନ ହେବ ଜଣାଇବାକୁ ଅର୍ଚ୍ଚନା, ଜଗବନ୍ଧୁ ଓ ଖଗେଶ୍ୱରଙ୍କୁ ଇଡି କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। ଆସନ୍ତା ୧୩ ତାରିଖରେ ଏନେଇ କୋର୍ଟରେ ଶୁଣାଣି ହେବାକୁ ଥିବା ବେଳେ ଅଭିଯୁକ୍ତମାନେ ଏନେଇ ସେମାନଙ୍କ ପକ୍ଷ ରଖିବେ ବୋଲି ସୂଚନା ମିଳିଛି।

## ରେଲଲାଇନରେ ବିଦ୍ୟୁତ୍ ବ୍ୟବସ୍ଥାରେ ତ୍ରୁଟି ଘଟଣା

# କୋରାପୁଟ ଷ୍ଟେଶନ ମାଷ୍ଟର, ମ୍ୟାନେଜର ନିଲମ୍ବିତ

କୋରାପୁଟ,୫।୧(ସ୍ୱ.ପ୍ର.)

ବିଦ୍ୟୁତ୍ ବ୍ୟବସ୍ଥାରେ ତ୍ରୁଟି ଯୋଗୁ କୋରାପୁଟ ରେଲୱେ ଷ୍ଟେଶନଠାରୁ ୩ଶହ ମିଟର ଦୂରରେ ଗତ ମଙ୍ଗଳବାର ରାତିରେ ୩ଟି ଟ୍ରେନ ଅଟକି ରହି ୪ଘଣ୍ଟା ବିଳମ୍ବରେ ନିଜ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲା। ଏନେଇ ଯାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହି ଘଟଣାକୁ ବିଶାଖାପାଟଣା ଡିଆର୍‌ଏମ୍ ଅନୁପ ଶତପଥୀ ଗୁରୁତର ସହ ନେଇଛନ୍ତି। ସେ ଏହାର ଅନୁଧ୍ୟାନକରି ଦାୟିତ୍ୱରେ ଅବହେଳା ପାଇଁ କୋରାପୁଟ ଷ୍ଟେଶନ ମ୍ୟାନେଜର ଏନ୍.କେ. ଭିତିରିଆ ଓ ଷ୍ଟେଶନ ମାଷ୍ଟର ଦାୟିତ୍ୱରେ ଥିବା ଶୁଭକାନ୍ତ ଭୋଇଙ୍କୁ କାର୍ଯ୍ୟରୁ ଗୁରୁବାର ନିଲମ୍ବିତ କରିଛନ୍ତି।

ଏପରି ବିଦ୍ୟୁତ୍ ବ୍ୟବସ୍ଥାରେ ତ୍ରୁଟି ହେତୁ ସେହିଦିନ ରାତିରେ ହୀରାଖଣ୍ଡ ଏକ୍ସପ୍ରେସ୍ ଟ୍ରେନ୍ ପ୍ରାୟ ୪ ଘଣ୍ଟା ବିଳମ୍ବରେ ଭୁବନେଶ୍ୱର ଯାତ୍ରା କରିଥିଲା । ସେହିପରି ସମଲେଶ୍ୱରୀ ଟ୍ରେନ୍ ଡୁମୁରିପୁଟ ଷ୍ଟେଶନରେ ଅଟକି ରହିଥିବାବେଳେ କିରାଣ୍ଡୁଲ ବିଶାଖାପାଟଣା ଏକ୍ସପ୍ରେସ୍ ମାନବାରଠାରେ ଦୀର୍ଘ ଘଣ୍ଟା ଧରି ଅଟକି ରହିଥିଲା । ସୂଚନାଯୋଗ୍ୟ, ହୀରାଖଣ୍ଡ ଏକ୍ସପ୍ରେସ୍ କୋରାପୁଟ ଷ୍ଟେଶନରୁ ଭୁବନେଶ୍ୱରକୁ ସନ୍ଧ୍ୟା ୭ଟା ୧୦ରେ ଯିବା ପରିବର୍ତ୍ତେ ସେହିଦିନ ରାତି ୧୧ଟା ୧୦ ମିନିଟ୍‌ରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲା ।


**Government of Odisha "e" Procurement Notice**
Bid Identification No. PWDK-32/2022-23
No.G2/10996/WE Dt.31.12.2022
e-mail: eepwdkeonjhar@yahoo.com
GOVT. OF ODISHA
No.B-1082:-

| | | |
|---|---|---|
| 1 | No. of the work:- | 01 No. Electrical Works |
| 2 | Estimated cost:- | ₹ 9.30 Lakh |
| 3 | Period of completion:- | **1 (One)** Calendar Month |
| 4 | Date and Time of availability of Bid document in the portal | From 10.00 Hr **07.01.2023** to 17.00 Hr of 16.01.2023 |
| 5 | Last date/Time for receipt of bids in the portal:- | 17.00 Hr of **16.01.2023** |
| 6 | Date of opening of Bid from Portal:- | 11.30 Hr of **17.01.2023** |
| 7 | Name and address of the officer inviting Bid:- | Superintending Engineer, Keonjhar (R&B) Division, Keonjhar |

Further details can be seen from the e-procurement portal "**http://tendersodisha.gov.in**"
**Sd./- Superintending Engineer, Keonjhar (R&B) Division**
OIPR-34004/11/0012/2223



**DIRECTORATE OF MEDICAL EDUCATION & TRAINING, ODISHA**
**ADVERTISEMENT FOR ISSUE OF NOC FOR OPENING OF NEW INSTITUTIONS FOR IMPARTING PHARMACY/ OCCUPATIONAL THERAPY & PHYSIOTHERAPY/ ALLIED MEDICAL SCIENCE/ DMLT & DMRT COURSE: 2023-24**
**Notice No. MET-III-Pharmacy-136/2021/23 Dated: 04.01.2023**
No. E-797: The online applications are invited from interested Trust/Societies/Universities to open new Institution for Imparting Pharmacy/ Occupational Therapy & Physiotherapy/ Allied Medical Science/ DMLT & DMRT Course in the State of Odisha in the Academic Session 2023-24. The detail is available in the website of DMET (O), i.e. **www.dmetodisha.gov.in**.
**Sd./- Addl. Director, Medical Education & Training, Odisha**
OIPR-10016/11/0040/2223



**ପଞ୍ଚଦଶ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା-୨୦୨୨-୨୩**
**15th STATE LEVEL KALINGA HERBAL FAIR-2022-23**
*Organised by* **State Medicinal Plants Board, Odisha**
SMPB ODISHA
**ଷ୍ଟଲ୍ ବୁକିଂ ନିମନ୍ତେ ବିଶେଷ ସୂଚନା**
**No.CAD-4356:** ସରକାରୀ ସଂସ୍ଥା, ଜଙ୍ଗଲ ଉନ୍ନୟନ କର୍ତ୍ତୃପକ୍ଷ, ବୈଦ୍ୟ ଓ ପାରମ୍ପରିକ ଚିକିତ୍ସକ, ଔଷଧୀୟ ବୃକ୍ଷରୁ ମିଳୁଥିବା ପଦାର୍ଥଗୁଡିକର ଉତ୍ପାଦନକାରୀ ଓ ତତ୍‌ସମ୍ପର୍କୀୟ ବ୍ୟବସାୟ ପ୍ରତିଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ବନ ସୁରକ୍ଷା ସମିତି ଏବଂ ସ୍ୱେଚ୍ଛାସେବୀ ସଂଗଠନମାନେ ଉକ୍ତ ମେଳାରେ ଭାଗନେବା ପାଇଁ କାର୍ଯ୍ୟାଳୟ ସମୟରେ ନିମ୍ନଲିଖିତ କାର୍ଯ୍ୟାଳୟ ଓ ଅଧିକାରୀଙ୍କ ସହିତ ସମ୍ପର୍କ କରିବାକୁ ଅନୁରୋଧ । ପ୍ରତ୍ୟେକ ଷ୍ଟଲ୍ ନିମନ୍ତେ ୨ ଜଣଙ୍କର ରହିବା ଏବଂ ଖାଇବାର ବନ୍ଦୋବସ୍ତ ଅଛି ।

| Place & Venue | Date | Contacts for Stall Booking and Sponsorship |
|---|---|---|
| IDCO Exhibition Ground, Unit-III, Bhubaneswar | 10th to 16th February, 2023 | M/s. Bharati Chitralaya, Event Manager Sri Narendra Sahoo Mob- 9437044375/6371466401 & State Medicinal Plants Board, Odisha Aranya Bhawan, Chandrasekharpur, Bhubaneswar-751023, Tele-0674-2954911, E-mail: smpborissa@gmail.com |

**Stall Charges for Booking (Stall Size 10x10x10 ft.)**
For VSS, SHG, Vaidya and other Traditional Healers- Rs.1,500/- per Stall Govt. Institution- Rs.2,500/- per Stall, NGO Rs.2,000/- per Stall, Pharmaceutical Company/ Traders- Rs.3,000/- per Stall, Medicinal Plants Cultivators/ Farmers- Rs.1,000/- per Stall & Yoga- Rs.500/- per Stall
ବିଶେଷ ସୂଚନା– ଷ୍ଟଲ୍ ପାଇଁ ଟଙ୍କା ଦାଖଲକାରୀ ମେଳା ଉଦ୍‌ଘାଟନ ଦିନ ଅପରାହ୍ନ ୩ଟା ସୁଦ୍ଧା ଷ୍ଟଲ୍‌କୁ ନିଜ ଦଖଲକୁ ନ ନେଲେ ଜମା ଟଙ୍କା ବାଜ୍ୟାପ୍ତି କରାଯିବ ଓ ଷ୍ଟଲ୍‌କୁ ଅନ୍ୟ ଇଚ୍ଛୁକ ବ୍ୟକ୍ତିଙ୍କୁ ଦିଆଯିବ । ମେଳାର ଉଦ୍‌ଯାପନୀ ସମାରୋହ ପୂର୍ବରୁ କୌଣସି ବ୍ୟକ୍ତି ଷ୍ଟଲ୍ ଛାଡ଼ି ଯାଇପାରିବେ ନାହିଁ ।
OIPR-08117/11/0004/2223 **Sd./- Chief Executive, SMPB, Odisha**



**OFFICE OF THE ERO & SUB-COLLECTOR, BHUBANESWAR**
**EXPRESSION OF INTEREST FROM EVENT ORGANIZERS**
**No. 38** **Date: 03.01.2023**
No. F-424: Expression of Interest are invited from Event Organizers (from 06.01.2023 to 15.01.2023, 5 P.M.) for organizing the 13th National Voters' Day 2023 on 25.01.2023 at Rabindra Mandap and organizing the Awareness Rally from Master Canteen Square to Rabindra Mandap via Ram Mandir Square and Housing Board Square.
The EOI aims to select successful Event Organizers that will be responsible to provide/manage services for celebration of 13th National Voters' Day 2023. The details of scope of work, eligibility criteria and submission of details can be downloaded from website **https://khordha.nic.in/**. Last date and time for submission of the EOI documents by Speed Post/Registered Post/Courier/Hand in all working days upto Dt.15.01.2023.
This EOI does not entail any commitment on the part of Sub-Collector Office, Bhubaneswar either financial or otherwise. ERO & Sub-Collector, Bhubaneswar reserves the right to accept or reject any or all without incurring any obligation to inform the affected applicant of the grounds. The EOI will be evaluated based on the information provided.
**Sd./- ERO & Sub-Collector, Bhubaneswar**
OIPR-24281/11/0004/2223



**OFFICE OF THE MUNICIPAL COUNCIL, BHAWANIPATNA, KALAHANDI**
NO.12 / BPM Dated the 3.1.23
**QUOTATION CALL NOTICE**
No.C-2223:- Sealed quotations are invited from the registered Firm/ Dealers for supply of a 63 KVA capacity silent type Generator as per specification mentioned below. The rates are to be quoted in figures & words. The quotation will be received by the undersigned upto 5 P.M. on dt.11.01.2023 through Registered Post / Speed Post and shall be opened in presence of the quotationer or their authorized person 12.01.2023 day at 12 Noon. The quotation shall be accompanied with copy of PAN Card and upto date GST clearance certificate. The rate should be quoted inclusive of all taxes, transport, fitting, fixing complete in all respect. The authority reserves the right to cancel any or all the quotations without assigning the reason thereof.

| Sl. No. | Specification | Rate per each |
|---|---|---|
| 1 | Fitting & fixing of 62.5 KVA capacity silent type Generator Set as per specification noted below<br>1. Kirloskar, Mahindra, Escorts, Cummins or Volvo Eicher brand may be prefer.<br>2. Overall Specification:-<br>a) The engine is to be 6 cylinder, Cold starting, heavy duty industrial Engine rate as per B.S./I.S. Specification, Capacity of Engine 5.7 & Three Phase, Liquid Colled, Electronic, 4 Strokes.<br>b) The alternator of same company or reputed company matching with above generating set having fully tropicalited, screen protected drop proof continuous duty in accordance with B.S./ I.S. specification and output voltage is regulated as per relevant I.S.<br>c) Control panel-AMF control panel, Inside the canopy, Multifunctional Display digital meter, Switches, MCB, Contractor, Circuite Breaker, Battery Charger | |

**Terms and conditions**
1. The firm/ supplier has to arrange all necessary arrangement such as alignment of the both the engine and alternator of Generator set and other above instruments as per direction of the undersigned.
2. The firm / supplier should offer 60 months warranty at the time of supply of all items along with single window service for all items and free accessories to the user manual made for each item.
3. The successful bidder has to submit delivery within 10 days from the date of issue of indent order from the Bhawanipatna Municipality.
4. All the materials will be supplied to Executive Officer, Bhawanipatna Municipality, Kalahandi.
5. The quotation paper form must be submitted with the cost of EMD for an amount of Rs.5,000/- (Rupees Five Thousand) only through Demand Draft in favour of Executive Officer, Bhawanipatna Municipality payable at Bhawanipatna.
6. The quotation paper shall reach the Office of the Executive Officer, Bhawanipatna Municipality, Kalahandi by Registered Post / Speed Post only on or before 11.01.2023 at 05.00 P.M. The tender received beyond the date and time mentioned above shall not be taken into consideration.

**Sd./- Executive Officer, Bhawanipatna Municipality**
OIPR-13100/11/0041/2223



**GOVERNMENT OF ODISHA** No.A-967
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER & BASIN MANAGER, TEL BASIN, BHAWANIPATANA, DIST- KALAHANDI**
**Tel. No.06670230209** **Mail: cetelbasinbhp@gmail.com**
**NOTICE INVITING TENDER**
**"e" Procurement Notice No. CE&BM, TEL-17/2022-23**
**PERCENTAGE RATE e-TENDER**
1. The Chief Engineer & Basin Manager, Tel Basin, Bhawanipatna, Dist- Kalahandi, Pin-766001, Odisha on behalf of Governor of Odisha invites **"PERCENTAGE RATE Bids"** in **DOUBLE COVER SYSTEM** in electronic tendering system for the construction works detailed in the table below.
**Table-1: Details of critical dates, Details of works, Bid security.**

| Bid Id No. | Name of works | Approx. Value of work (in lakhs) (Excluding GST) | Period of Completion | Class of Contractor | Bid Security/ EMD-(online)-(in INR) | Cost of tender document-(online)-(in INR) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| CETEL-Kandhamal-01/ 2022-23 | **Construction of dedicated Storm water drain to be connected to the Pillasalki River for 100 seated Medical College & Hospital at Phulbani** | Rs.957.09 (excluding G.S.T.) | 18 (Eighteen) Calendar Months | 'A' & 'Special' Class | Rs. 9,57,093/- | Rs. 10,000/- |

**(One no. of work only)**

| | |
|---|---|
| Tender document available on website | Can be downloaded from Website (http://www.tenderodisha.gov.in) |
| Tender document available date and time | 07.01.2023 at 11.00 Hrs. |
| Tender clarification start date & closing date | 07.01.2023 to 20.01.2023 during office Hour |
| Online Bid submission closing date and time | 25.01.2023 at 17.00 Hrs. |
| Date, Time and Venue of opening of bid online | 27.01.2023 at 11.00 Hrs, Office of the Chief Engineer & Basin Manager, Tel Basin, Bhawanipatna, Dist- Kalahandi, Pin-766001 (Odisha) |
| Date/Time of Opening of Financial Bid | To be intimated after evaluation of Technical Bid |

**Further details can be seen from the e-procurement portal "https://tendersodisha.gov.in"**
OIPR-32317/11/0021/2223 **Sd./- Chief Engineer & Basin Manager, Tel Basin, Bhawanipatana**



**NOTIFIED AREA COUNCIL, GOPALPUR**
GOPALPUR N.A.C
**GANJAM, ODISHA, PIN - 761002**
**Email ID: nacgopapur61@gmail.com**
**Letter No. 11** **Date: 04.01.2023**
**QUOTATION CALL NOTICE**
No. C-2218: Sealed quotations are invited from the authorized dealers/agencies/suppliers/manufactures for supply & installation of following items for NAC Gopalpur.
The rate should be quoted against the items excluding taxes. The quotationers are essentially required to enclose their GST Registration Certificate, PAN Card, Warranty/Guarantee Certificate. The quotationers shall be required to produce the original copy of the required document before the undersigned at the time of opening of quotation for verification.
The quotationers should submit EMD in shape of Cash/B.D./DD/ T.D.A. pledged in favour of Executive Officer, NAC Gopalpur as mentioned detailed below. The quotation paper will be available at the Cash Section from date 05.01.2023 10.00 A.M., 07.01.2023, 5.00 P.M. in the office hours except holidays. The quotations should be received on or before Dt.12.01.2023 at 5.00 P.M. on Tender Box/Speed Post/Registered Post and the same will be opened on Dt.13.01.2023 at 11.00 A.M. in presence of respective quotationers or their authorized representatives.
The authority reserves the right to accept, cancel or reject any or all offers without assigning any reason thereof.

| Sl. No. | Description of Items | Paper Cost | EMD |
|---|---|---|---|
| 1 | Splash Park | Rs.1000/- | Rs.3000/- |
| 2 | 02 Nos. of Pyre Points | Rs.1000/- | Rs.1500/- |

**Sd./- Executive Officer, NAC Gopalpur**
OIPR-13186/11/0012/2223



ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ହକି ଷ୍ଟାଡ଼ିୟମ୍‌ର ଉଦ୍‌ଘାଟନୀ ଅବସରରେ ଖେଳାଳିମାନଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ଦ୍ୱିତୀୟ ଟି୨୦ ଜିତିଲା ଶ୍ରୀଲଙ୍କା

**ପୁଣେ,୫ା୧:** ଭାରତ ବିପକ୍ଷ ଦ୍ୱିତୀୟ ଟି୨୦ କ୍ରିକେଟ ମ୍ୟାଚରେ ଶ୍ରୀଲଙ୍କା ୧୬ ରନ୍‌ରେ ବିଜୟୀ ହୋଇଛି। ପୁଣେର ଏମ୍‌ସିଏ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା କୁଶାଲ ମେଣ୍ଡିସ୍ ୫୨ ଓ ଦାଶୁନ ସନକାଙ୍କ ୫୬* ରନ୍ ବଳରେ ୭ ଉଇକେଟରେ ୨୦୬ ରନ କରିଥିଲା। ଜବାବରେ ଭାରତ ୧୯୦/୮ ରନରେ ସୀମିତ ରହିଥିଲା। ଶ୍ରୀଲଙ୍କା ପକ୍ଷରୁ କୁଶାଲ ମେଣ୍ଡିସ୍ ୩୧ ବଲରୁ ୫୨ ଓ ଦଶୁନ ସନକା ୫୬ ରନ କରିଥିଲେ। ସନକା ୨୨ ବଲ ଖେଳି ସେ ୨ ଚୌକା ଓ ୬ ଛକା ମାରିଥିଲେ। ଭାରତ ପକ୍ଷରୁ ଉମ୍ରାନ୍ ମଲିକ୍ ୩, ଅକ୍ଷର ପଟେଲ ୨ ଓ ୟୁଜବେନ୍ଦ୍ର ଚହଲ ଗୋଟିଏ ଉଇକେଟ ନେଇଥିଲେ। ୨୦୭ ରନ୍ ଲକ୍ଷ୍ୟର ପିଛା କରୁଥିବା ଭାରତ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୩୪ ରନରେ ୪ ବ୍ୟାଟରଙ୍କୁ ହରାଇଥିଲା। ତେବେ ସୂର୍ଯ୍ୟକୁମାର ଯାଦବ ୫୧ ଓ ଅକ୍ଷର ପଟେଲ ୬୫ଙ୍କ ଧୂଆଁଧାର ବ୍ୟାଟିଂ ବଳରେ ଭାରତ ବିଜୟର ନିକଟତର ହୋଇଥିଲା। ଶେଷ ଆଡକୁ ଶିବମ ମାଭି ୨୬ ରନ୍ କରିଥିଲେ। ୩୦ ବଲରୁ ୬୫ ରନ୍ କରିଥିବା ଅକ୍ଷର ଶେଷ ଓଭରରେ ଆଉଟ ହେବାରୁ ଭାରତର ବିଜୟ ସମ୍ଭାବନା ଶେଷ ହୋଇ ଯାଇଥିଲା। ଶ୍ରୀଲଙ୍କା ପକ୍ଷରୁ କସୁନ୍ ରଜିଥା ଓ ଦିଲଶାନ ମଦୁଶନକା ୨ଟି ଲେଖାଏ ଉଇକେଟ ନେଇଥିଲେ। ସଂକ୍ଷିପ୍ତ ସ୍କୋର: ଶ୍ରୀଲଙ୍କା ୨୦ ଓଭରରେ ୨୦୬/୬ (ଦାଶୁନ୍ ସନକା-୫୬*, କୁଶାଲ ମେଣ୍ଡିସ୍-୫୨, ଚରିଥ୍ ଅସଲଙ୍କା-୩୭, ଉମ୍ରାନ୍‌ମଲିକ୍-୩/୪୮, ଅକ୍ଷର ପଟେଲ-୨/୨୪, ୟୁଜବେନ୍ଦ୍ର ଚହଲ-୧/୩୦)। ଭାରତ ୨୦ ଓଭରରେ ୧୯୦/୮ (ଅକ୍ଷର ପଟେଲ୍-୬୫, ସୂର୍ଯ୍ୟକୁମାର ଯାଦବ-୫୧, ଶିବମ ମାଭି-୨୬, କସୁନ୍ ରଜିଥା-୨/୨୨, ଦିଲଶାନ ମଦୁଶନକା-୨/୪୫, ୱାନିନ୍ଦୁ ହସରଙ୍ଗା-୧/୪୧)।



କସୁନ୍ ରଜିଥା

# ଭାରତୀୟ ମହିଳା ହକି ଦଳ ଘୋଷଣା

## ○ ସବିତା ଅଧିନାୟିକା ○ ରାଣୀଙ୍କ ପ୍ରତ୍ୟାବର୍ତ୍ତନ

**ବେଙ୍ଗାଲୁରୁ, ୫ା୧**

ଦକ୍ଷିଣ ଆଫ୍ରିକା ଟୁର୍ ପାଇଁ ଗୁରୁବାର ୨୨ ଜଣିଆ ଭାରତୀୟ ମହିଳା ହକି ଦଳ ଘୋଷଣା କରାଯାଇଛି। ଜାନୁୟାରୀ ୧୬ରୁ କେପ୍ ଟାଉନ୍‌ରେ ଏହି ଟୁର୍ ଆରମ୍ଭ ହେବ। ଭାରତ ନିକଟରେ ଭାଲେନ୍‌ସିଆରେ ଏଫ୍‌ଆଇଏଚ୍ ମହିଳା ନେଶନ୍ସ କପ୍ ୨୦୨୨ ଜିତିଛି। ଜାନୁୟାରୀ ୧୬ରୁ ୨୮ ମଧ୍ୟରେ ଏହି ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୪ଟି ଏବଂ ନେଦରଲାଣ୍ଡ୍ସ ବିପକ୍ଷରେ ୩ଟି ମ୍ୟାଚ୍ ଖେଳିବ। ଟୁର୍ନାମେଣ୍ଟ ପାଇଁ ଗୋଲ୍‌କିପର ସବିତା ପୁନିଆଙ୍କୁ ଅଧିନାୟିକା ଭାବେ ମନୋନୀତ କରାଯାଇଥିବା ବେଳେ ନବନୀତ କୌରଙ୍କୁ ଦଳର ଉପଅଧିନାୟିକା କରାଯାଇଛି। ଭେଟେରାନ ଫରୱାର୍ଡ ରାଣୀ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରାଣୀ ଗତଥର ଏଫ୍‌ଆଇଏଚ୍ ମହିଳା ପ୍ରୋ-ହକି ଲିଗ୍ ୨୦୨୧/୨୨ରେ ବେଲଜିୟମ ବିପକ୍ଷ ମ୍ୟାଚ୍ ଖେଳିଥିଲେ। ଅନ୍ୟପକ୍ଷରେ ଗତ ମେ' ମାସରେ ଉନିଫାର୍ ୨୩ ବର୍ଷରୁ କମ୍ ପଞ୍ଚରାଷ୍ଟ୍ରୀୟ ଟୁର୍ନାମେଣ୍ଟ ୨୦୨୨ରେ ଭାରତୀୟ ଜୁନିୟର ମହିଳା ଦଳର ନେତୃତ୍ୱ ନେଇଥିବା ବୈଷ୍ଣବୀ ବିଥାଲ ଫାଲ୍‌କେଙ୍କୁ ପ୍ରଥମଥର ସିନିୟର ଦଳରେ ସ୍ଥାନ ମିଳିଛି। ଦଳରେ ସବିତା ଓ ବିଚୁ ଦେବୀ ଖରିବାମ୍‌ଙ୍କୁ ଗୋଲ୍‌କିପର ଭାବେ ନିଆଯାଇଥିବା ବେଳେ ନିକ୍କି ପ୍ରଧାନ, ଇଶିକା ଚୌଧାରୀ, ଉଦିତା ଓ ଗୁରଜିତ୍ କୌର ଡିଫେଣ୍ଡର ଭାବେ ଦଳରେ ସ୍ଥାନ ପାଇଛନ୍ତି। ବୈଷ୍ଣବୀ ବିଥାଲ ଫାଲ୍‌କେଙ୍କ ବ୍ୟତୀତ ମିଡ୍‌ଫିଲ୍ଡ ପୋଜିଶନ ପାଇଁ ନିଶା ସଲିମା ଟେଟେ, ସୁଶୀଲା ଚାନୁ, ମୋନିକା, ନେହା, ସୋନିକା ଏବଂ ବଲ୍‌ଜିତ କୌରଙ୍କୁ ନିଆଯାଇଛି। ସେହିପରି ଫରୱାର୍ଡ ଲାଇନ୍ ପାଇଁ ରାଣୀ ଓ ନବନୀତଙ୍କ ବ୍ୟତୀତ ଅଭିଜ୍ଞ ବନ୍ଦନା କାଟାରିୟା, ଲାଲ ରେମ୍‌ସିଆମି, ସଙ୍ଗୀତା କୁମାରୀ, ବିୟୁଟି ଡୁଙ୍ଗ୍‌ଡୁଙ୍ଗ୍, ରୀନା ଖୋଖାର ଓ ଶର୍ମିଳା ଦେବୀଙ୍କୁ ମନୋନୀତ କରାଯାଇଛି। ଏହି ଅବସରରେ ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ସ୍କପ୍‌ମାନ କହିଛନ୍ତି, ନେଦରଲାଣ୍ଡ୍ସ ହେଉଛି ବିଶ୍ୱର ନମ୍ବର ୱାନ୍ ଦଳ। ଏହି ଦଳ ବିପକ୍ଷରେ ଆମେ

### ଦକ୍ଷିଣ ଆଫ୍ରିକା ଟୁର୍

ଆମ ଦୋଷ ଦୁର୍ବଳତା ଜାଣିପାରିବୁ ଏବଂ ସେଥିରେ ସୁଧାର ଆଣିବାକୁ ଚେଷ୍ଟା କରିବୁ। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବା ଦ୍ୱାରା ବଲ୍‌କୁ ଅଧିକ ସମୟ ନିଜ ଅକ୍ତିଆରରେ ରଖିବା କୌଶଳ ହାସଲ କରିହେବ।

**ଭାରତୀୟ ମହିଳା ହକି ଦଳ:** ଗୋଲ୍‌କିପର- ସବିତା ପୁନିଆ (ଅଧିନାୟିକା), ବିଚୁ ଦେବୀ ଖରିମ୍‌ବାମ୍। ଡିଫେଣ୍ଡର- ନିକ୍କି ପ୍ରଧାନ, ଉଦିତା, ଇଶିକା ଚୌଧାରୀ ଓ ଗୁରଜିତ୍ କୌର।
ମିଡ୍ ଫିଲ୍ଡର- ବୈଷ୍ଣବୀ ବିଥାଲ ଫାଲ୍‌କେ, ପି. ସୁଶୀଲା ଚାନୁ, ନିଶା, ସଲିମା ଟେଟେ, ମୋନିକା, ନେହା, ସୋନିକା ଓ ବଲ୍‌ଜିତ୍ କୌର।
ଫରୱାର୍ଡ-ଲାଲ୍ ରେମ୍‌ସିଆମି, ନବନୀତ କୌର (ଉପଅଧିନାୟିକା), ବନ୍ଦନା କାଟାରିୟା, ସଙ୍ଗୀତା କୁମାରୀ, ବିୟୁଟି ଡୁଙ୍ଗ୍‌ଡୁଙ୍ଗ୍, ରାଣୀ, ରୀନା ଖୋଖୋର ଓ ଶର୍ମିଳା ଦେବୀ।

# ସେପ୍ଟେମ୍ବରରେ ହେବ ଏସିଆ କପ୍

**ନୂଆଦିଲ୍ଲୀ, ୫ା୧ (ପି.ଟି.):** ୫୦ ଓଭର ଫର୍ମାଟର ଏସିଆ କପ୍ ଆସନ୍ତା ସେପ୍ଟେମ୍ବରରେ ଖେଳାଯିବ। ତେବେ ଏସିଆନ କ୍ରିକେଟ କାଉନ୍‌ସିଲ(ଏସିସି) ପ୍ରତିଯୋଗିତାର ଆୟୋଜକ ଦେଶ ଓ କାର୍ଯ୍ୟସୂଚୀ ଘୋଷଣା କରିନାହିଁ। ଚଳିତବର୍ଷ ପ୍ରକୃତରେ ପାକିସ୍ତାନ ଏସିଆ କପ୍‌ର ଆୟୋଜକ ରହିଥିଲା। ମାତ୍ର ଦୁଇ ପଡ଼ୋଶୀ ରାଷ୍ଟ୍ର ମଧ୍ୟରେ ରାଜନୈତିକ ଉତ୍ତେଜନା ଯୋଗୁ ବିସିସିଆଇ ଏହି ଦେଶକୁ ଦଳ ପଠାଇବା ଲାଗି ମନା କରିଦେଇଥିଲା। ପରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଚେୟାରମ୍ୟାନ ରମିଜ ରାଜା ବିସିସିଆଇର ଏହି ଆଭିମୁଖ୍ୟକୁ ବିରୋଧ କରିଥଲେ। ଏପରିକି ଭାରତରେ ହେବାକୁ ଥିବା ୫୦ ଓଭର ବିଶ୍ୱକପ୍‌କୁ ବର୍ଜନ କରିବା ଲାଗି ଧମକ ଦେଇଥିଲେ। କିନ୍ତୁ ନିକଟରେ ପିସିବିରେ ପରିବର୍ତ୍ତନ ଘଟିଛି। ରାଜାଙ୍କ ସ୍ଥାନରେ ନଜମ ସେଠୀ ପିସିବିର ନୂଆ ମୁଖ୍ୟ ହୋଇଛନ୍ତି।

# ୪୧ ରନ୍ ପଛରେ ଓଡ଼ିଶା

**ଭୁବନେଶ୍ୱର,୫ା୧ (ସ୍ପୋର୍ଟ୍ସ ବ୍ୟୁରୋ)**

କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ରଣଜୀ ଟ୍ରଫି ମୁକାବିଲାରେ ପ୍ରଥମ ଇନିଂସ ଅଗ୍ରଣୀ ଆଡ଼କୁ ଅଗ୍ରସର ହେଉଛି ଓଡ଼ିଶା। ଓପ୍‌ନର ଶାନ୍ତନୁ ମିଶ୍ରଙ୍କ ଅପରାଜିତ ଶତକ ବଳରେ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଦଳ ୬ ଉଇକେଟରେ ୩୯୨ ରନ୍ ସଂଗ୍ରହ କରିଥିବା ବେଳେ ହାତରେ ୪ ଉଇକେଟ ଥାଇ ଦଳ ୪୧ ରନ୍ ପଛରେ ରହିଛି। ଶାନ୍ତନୁ ନିଜ ରଣଜୀ ଟ୍ରଫି କ୍ୟାରିୟରର ତୃତୀୟ ଶତକ ହାସଲ କରିଥିବା ବେଳେ ଅଧିନାୟକ ଶୁଭ୍ରାଂଶୁ ସେନାପତି ୬୭ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁରାଗ ଷଡ଼ଙ୍ଗୀ ୮୪, ଅଭିଜ୍ଞ ଗୋବିନ୍ଦ ପୋଦ୍ଦାର ୪୧ ରନ୍ କରିଛନ୍ତି। ତୃତୀୟ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଶାନ୍ତନୁ ୧୩୪ ଓ ପ୍ରୟାସ ସିଂ ୪୨ ରନ୍‌ରେ ବ୍ୟାଟିଂ କରୁଛନ୍ତି। ନାଗାଲାଣ୍ଡ ପକ୍ଷରୁ ଆକାଶ ସିଂ ସଫଳ ବୋଲର ଭାବେ ୪ ଉଇକେଟ ନେଇଛନ୍ତି।

### ଶାନ୍ତନୁ ମିଶ୍ରଙ୍କ ଶତକ

**ଶାନ୍ତନୁଙ୍କ ତୃତୀୟ ଶତକ:** ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୧୧୧/୦ରୁ ଖେଳ ଆରମ୍ଭ କରି ଓଡ଼ିଶା ୧୨୮ ରନ୍‌ରେ ଦୁଇ ଉଇକେଟ ହରାଇଥିଲା। ୪୧ତମ ଓଭରରେ ଆକାଶ ସିଂ ୫ ବଲ୍ ବ୍ୟବଧାନରେ ଦୁଇଟି ଉଇକେଟ ନେଇଥିଲେ। ଅନୁରାଗ ଷଡ଼ଙ୍ଗୀ ପୂର୍ବଦିନର ସ୍କୋରରେ ୯ ରନ୍ ଯୋଡ଼ି ପାଭିଲିୟନ ଫେରିଥିବା ବେଳେ ସମାନ ଓଭରରେ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ତେବେ ତୃତୀୟ ଉଇକେଟରେ ଶାନ୍ତନୁ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତି ଶତକୀୟ ଭାଗୀଦାରି କରି ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲେ। ଉଭୟ ଚତୁର୍ଥ ଉଇକେଟରେ ୧୧୫ ରନ୍ ଯୋଡ଼ିଥିଲେ। ଶାନ୍ତନୁ ନିଜର ୨୭ତମ ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ତୃତୀୟ ଶତକ ହାସଲ କରିବା ସହିତ ରଣ୍‌ଜୀ କ୍ୟାରିୟରର ସର୍ବୋଚ୍ଚ ସ୍କୋର ମଧ୍ୟ କରିଛନ୍ତି। ଶୁଭ୍ରାଂଶୁ ୭୮ ବଲ୍ ଖେଳି ୫ ଚୌକା ମାରିଥିଲେ। ଗତ ମ୍ୟାଚ୍‌ର ଶତକ ହାସଲକାରୀ କାର୍ତ୍ତିକ ବିଶ୍ୱାଳ ୧୨ ରନ୍ କରି ପାଭିଲିୟନ ଫେରିଥିବା ବେଳେ ଅଭିଜ୍ଞ ଗୋବିନ୍ଦ ପୋଦ୍ଦାର(୪୧)ଙ୍କୁ ସାଥି କରି ୫୦ ରନ୍ ଯୋଡ଼ିଥିଲେ ଶାନ୍ତନୁ। ରାଜେଶ ଧୂପର ୨ ରନ୍ କରି ଆଉଟ ହେବା ପରେ ଓଡ଼ିଶାର ପ୍ରଥମ ଇନିଂସ ଅଗ୍ରଣୀ ହାସଲ ନେଇ ଆଶଙ୍କା ଉପୁଜିଥିଲା। ତେବେ ପ୍ରୟାସ ସିଂ(୪୨*)ଙ୍କୁ ସାଥି କରି ସପ୍ତମ ଉଇକେଟରେ ଅବିଭାଜିତ ୭୦ ରନ୍ ଯୋଡ଼ିଥିଲେ ଶାନ୍ତନୁ। ୩୨୩ ବଲ୍‌ର ଧୈର୍ଯ୍ୟପୂର୍ଣ୍ଣ ଇନିଂସରେ ସେ ୧୫ ଚୌକା ମାରିଥିଲେ।

**ଆକାଶଙ୍କୁ ୪ ଉଇକେଟ:** ନାଗାଲାଣ୍ଡ ଦଳର ଅନ୍ୟ ବୋଲରମାନଙ୍କ ପ୍ରଦର୍ଶନ ପ୍ରଭାବଶାଳୀ ନ ଥିବା ବେଳେ ୧୯ ବର୍ଷରୁ କମ୍ ଭାରତୀୟ ଦଳର ପୂର୍ବତନ ସଦସ୍ୟ ଆକାଶ ସିଂ କିନ୍ତୁ ଓଡ଼ିଶା ବ୍ୟାଟରଙ୍କୁ ଅସୁବିଧାରେ ପକାଇଥିଲେ। ୨୦ ଓଭର ବୋଲିଂରେ ସେ ୫୭ ରନ୍ ଦେଇ ୪ ଉଇକେଟ ନେବା ସହିତ ଓଡ଼ିଶାର ରନ୍ ଗତି ଉପରେ ଅଙ୍କୁଶ ଲଗାଇଥିଲେ। ଅନୁରାଗ ଷଡ଼ଙ୍ଗୀ ଓ ସ୍ୱସ୍ତିକ ସାମଲଙ୍କୁ ଗୋଟିଏ ଓଭରରେ ଆଉଟ୍ କରିଥିବା ବେଳେ ଗୋବିନ୍ଦ ପୋଦ୍ଦାର ଓ ରାଜେଶ ଧୂପରଙ୍କୁ ଗୋଟିଏ ଓଭର ବ୍ୟବଧାନରେ ପାଭିଲିୟନ୍ ଫେରାଇଥିଲେ। ୩ ଦିନର ଖେଳରେ ମାତ୍ର ୧୬ ଉଇକେଟର ପତନ ଘଟିଥିବା ବେଳେ ଏହି ମ୍ୟାଚ୍‌ଟି ଡ୍ର ଆଡ଼କୁ ଯାଉଥିବା ସ୍ପଷ୍ଟ ହୋଇଛି।

**ସଂକ୍ଷିପ୍ତ ସ୍କୋର**

ନାଗାଲାଣ୍ଡ ପ୍ରଥମ ଇନିଂସ: ୪୩୩/ଅଲ୍‌ଆଉଟ (ଚେତନ ବିସ୍ତ-୧୨୯, ସେଦେଝାଲି ରୁପେରୋ-୭୧*, ଶ୍ରୀକାନ୍ତ ମୁଣ୍ଡେ-୬୬, ହୋକାଇତୋ ଝିମୋମି-୫୯, ନାଗାହୋ ଚିଶି-୩୨, ସୂର୍ଯ୍ୟକାନ୍ତ ପ୍ରଧାନ-୩/୮୯, ତାରିଣୀ ସ'-୩/୮୬, ଜୟନ୍ତ ବେହେରା-୨/୯୪, ଶାନ୍ତନୁ ମିଶ୍ର-୧/୨୦)। ଓଡ଼ିଶା ପ୍ରଥମ ଇନିଂସ: ୧୧୧/୦ (ଅନୁରାଗ ଷଡ଼ଙ୍ଗୀ-୮୪, ଶାନ୍ତନୁ ମିଶ୍ର-୧୩୪* ଶୁଭ୍ରାଂଶୁ ସେନାପତି ୬୭, ଆକାଶ ସିଂ-୪/୫୭, ରୋଙ୍ଗସେନ୍ ଜୋନାଥନ୍-୧/୯୦, ଇମଲିୱାଟି ଲେମଟୁର-୧/୬୫ )।

ଅଭିନନ୍ଦନ ୨୦୨୩
ବୁର୍ଡା ପଞ୍ଚାୟତବାସୀଙ୍କୁ ନବବର୍ଷ ଓ କୃଷିଭିତ୍ତିକ ପର୍ବ ପୌଷ ପୂର୍ଣ୍ଣିମାର ଅଭିନନ୍ଦନ।
ସୁଦୀପ କୁମାର ସା
ସରପଞ୍ଚ, ବୁର୍ଡା

ଅଭିନନ୍ଦନ ୨୦୨୩
ଲୋଇସିଂହା ଅଞ୍ଚଳବାସୀଙ୍କୁ ନବବର୍ଷ ଓ କୃଷିଭିତ୍ତିକ ପର୍ବ ପୌଷ ପୂର୍ଣ୍ଣିମାର ଅଭିନନ୍ଦନ।
ଅଶୋକ କୁମାର ବରିହା
ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ, ଲୋଇସିଂହା

ନୂତନ ବର୍ଷର ହାର୍ଦ୍ଦିକ ଅଭିନନ୍ଦନ ୨୦୨୩
ସମସ୍ତ ଜନସାଧାରଣ ଏବଂ ଗୁରୁଜନ ବୃନ୍ଦଙ୍କୁ
ପବିତ୍ର ନବ ବର୍ଷର ଶୁଭକାମନା ଏବଂ ଶୁଭେଚ୍ଛା ସହ ଆପଣ ଓ ଆପଣଙ୍କ
ପରିବାରରେ ସୁଖ ଶାନ୍ତି, ସମୃଦ୍ଧି ଓ ଖୁସିର ଲହରୀ ନେଇ ଆସୁ
ଏତିକି ଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା
ନିହାର ରଞ୍ଜନ ବେହେରା
ରାଜ୍ୟ ପରିଷଦ ସଦସ୍ୟ
ବିଜୁ ଜନତା ଦଳ, ଲୋଇସିଂହା ନିର୍ବାଚନ ମଣ୍ଡଳି

ନୂତନ ବର୍ଷର ହାର୍ଦ୍ଦିକ ଅଭିନନ୍ଦନ ୨୦୨୩
ବିଜୁ ଜନତା ଦଳ
ଲୋଇସିଂହା ବ୍ଲକ୍ ର ଗୁରୁଜନ ଏବଂ
ମୋର ଭାଇ ଓ ଭଉଣୀ ମାନଙ୍କୁ
ନୂତନ ବର୍ଷର ଅଭିନନ୍ଦନ
ମାଁ ସମଲେଶ୍ୱରୀଙ୍କ ଠାରେ ପ୍ରାର୍ଥନା
ଏହି ନୂତନ ବର୍ଷରେ ସମସ୍ତଙ୍କର
ଚଲାପଥ କୁସୁମିତ ହେଉ ...
ହୃଦାନନ୍ଦ ବେହେରା
ଲିଲିମା ବେହେରା
ଜିଲ୍ଲା ପରିଷଦ ସଭ୍ୟା

MAHESWARI GROUP OF INSTITUTIONS
SUNDARGARH/ BARGARH
(Permanently affiliated to Sambalpur University)
DNMEB, DMET and INC, New Delhi
New life club
20 HAPPY NEW YEAR 23
Last Chance to take Admission 2022-23
M.Sc (Nursing), ANM , DMLT, B.Sc in Emergency Medicine Technology (EMT), Certified OT Technician, Certified ECG Technician, Certified Course in First Aids
Facilities: well equiped Laboratory, Experience Teacher, Practical in Hospitals, Separate Hostel for Boys & Girls
Contact Address: Sundargarh, Sankara (Mobile) 94371-58472, 99376-93555, 8342927552, 63711-82721,79031-28874,
Bargarh Campus: Bhatli Chowk
(Mobile) 9439532267, 8327789898
Email- nlcattabira@gmail.com, Website: maheswarigroup.in

ଅଭିନନ୍ଦନ ୨୦୨୩
ନବବର୍ଷ ଓ ପୌଷ ପୂର୍ଣ୍ଣିମାର ଅଭିନନ୍ଦନ ଓ ଶୁଭେଚ୍ଛା।
ଲକ୍ଷ୍ମୀ ପଧାନ
ସରପଞ୍ଚ, ବୁଢୀପଦର
ଯୁଧିଷ୍ଠିର ପଧାନ
ସାମାଜିକ କର୍ମୀ, ବୁଢୀପଦର

ଅଭିନନ୍ଦନ ୨୦୨୩
ଭରସୁଜା ପଞ୍ଚାୟତବାସୀଙ୍କୁ ନବବର୍ଷ ଓ ପୌଷ ପୂର୍ଣ୍ଣିମାର ଅଭିନନ୍ଦନ ଓ ଶୁଭେଚ୍ଛା।
ଗଣେଶ ସାହୁ
ପୂର୍ବତନ ସରପଞ୍ଚ, ଭରସୁଜା, ଆଗଲପୁର

ଅଭିନନ୍ଦନ ୨୦୨୩
ଭୋଗରାଇ ନିର୍ବାଚନମଣ୍ଡଳୀ ୩୫ ନଂ. ଜିଲ୍ଲା ପରିଷଦ ଜୋନର ସମସ୍ତ ସରପଞ୍ଚ, ସମିତି ସଦସ୍ୟା/ସଦସ୍ୟ, ୱାର୍ଡ ସଦସ୍ୟ, ଜନପ୍ରତିନିଧି ଓ ଗୁରୁଜନମାନଙ୍କୁ ଜଣାଉଛି ନବବର୍ଷ ଓ ମକର ସଂକ୍ରାନ୍ତି ଅବସରରେ ସଭକ୍ତି ପ୍ରଣାମ ଓ ଆନ୍ତରିକ ଶୁଭେଚ୍ଛା। ଚଳିତ ବର୍ଷ ଆପଣମାନଙ୍କ ଚଲାପଥ କୁସୁମିତ ହେବା ସହିତ ବାବା ଚନ୍ଦନେଶ୍ୱର, ବାବା ଭୂଷଣ୍ଡେଶ୍ୱର ମହାଦେବ ଓ ମା' ବାଶୁଳୀ ସୁସ୍ୱାସ୍ଥ୍ୟ, ସୁଖ ଓ ସମୃଦ୍ଧିର କରୁଣା ହସ୍ତ ଅଜାଡି ଦିଅନ୍ତୁ ଏହାହିଁ ପ୍ରାର୍ଥନା। ଆପଣଙ୍କ ସ୍ନେହାଧୀନ
ପ୍ରତିମା ଚାନ୍ଦ
୩୫ ନଂ. ଜୋନ ଜିଲ୍ଲା ପରିଷଦର ସଦସ୍ୟା, ଭୋଗରାଇ

ଅଭିନନ୍ଦନ ୨୦୨୩
ଇଂରାଜୀ ନବବର୍ଷ ଓ ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ଭୋଗରାଇ ନିର୍ବାଚନ ମଣ୍ଡଳୀର ସମସ୍ତ ଗୁରୁଜନ, ସମିତି ସଦସ୍ୟା/ସଦସ୍ୟ, ସରପଞ୍ଚ, ଲଘୁଜନ ଓ ସାଥୀମାନଙ୍କୁ ଜଣାଉଛି ମୋ ହୃଦୟର ସଭକ୍ତି ପ୍ରଣିପାତ, ଶ୍ରଦ୍ଧା ଓ ଅଭିନନ୍ଦନ। ଆସନ୍ତୁ ସଭିଏଁ ମିଳିମିଶି ଭୋଗରାଇକୁ ଏକ ଆଦର୍ଶ ଏବଂ ଓଡ଼ିଶାର ଶ୍ରେଷ୍ଠ ବ୍ଲକ ଭାବେ ଗଢିତୋଳିବା। ଚଳିତ ବର୍ଷ ଆପଣଙ୍କ ସୁଖ, ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ ଏହା ହିଁ ପ୍ରଭୁଙ୍କଠାରେ ପ୍ରାର୍ଥନା।
ପ୍ରବୀର କୁମାର ଗିରି
ବିଜେଡି ଜିଲ୍ଲା ଯୁବ ଉପସଭାପତି
ତଥା ପଞ୍ଚାୟତ ସମିତି ଅଧକ୍ଷ, ଭୋଗରାଇ

ଅଭିନନ୍ଦନ ୨୦୨୩
ନବବର୍ଷ ଓ ମକର ସଂକ୍ରାନ୍ତି ଅବସରରେ ଭୋଗରାଇ ନିର୍ବାଚନ ମଣ୍ଡଳୀର ସାହାବାଜିପୁର ପଞ୍ଚାୟତର ସମସ୍ତ ୱାର୍ଡ ସଦସ୍ୟା, ସଦସ୍ୟ, ଜନପ୍ରତିନିଧି, ଗୁରୁଜନମାନଙ୍କୁ ଜଣାଉଛି ସଭକ୍ତି ପ୍ରଣାମ। ସାନ ଓ ସାଥୀମାନଙ୍କୁ ମୋ ହୃଦୟର ଗଭୀରତମ ପ୍ରଦେଶରୁ ସ୍ନେହଭରା ଆନ୍ତରିକ ଶୁଭେଚ୍ଛା। ଆସନ୍ତୁ ଆମେ ସମସ୍ତେ ମିଳିମିଶି ପଞ୍ଚାୟତର ଉନ୍ନତି ପ୍ରଗତି ରଥକୁ ଆଗେଇନେବା। ନବବର୍ଷ ଆପଣଙ୍କର ମଙ୍ଗଳମୟ ହେଉ, ବାବା ଚନ୍ଦନେଶ୍ୱର, ବାବା ଭୂଷଣ୍ଡେଶ୍ୱର ଓ ମା' ବାଶୁଳୀଙ୍କ ନିକଟରେ ମୋର ପ୍ରାର୍ଥନା।
ଆପଣଙ୍କର ସେବକ
ଅରୁଣ କୁମାର ଗିରି
ସରପଞ୍ଚ, ସାହାବାଜିପୁର, ଭୋଗରାଇ

# ହକି ବିଶ୍ୱକପ୍

**ଚଳିତ ମାସ ୧୩ ତାରିଖରୁ ଆରମ୍ଭ ହେବ ହକି ବିଶ୍ୱକପ୍। ଓଡ଼ିଶାରେ ଦ୍ୱିତୀୟ ଥର ପାଇଁ ହେବାକୁ ଯାଉଥିବା ଏହି ମେଗା ପ୍ରତିଯୋଗିତାର ମ୍ୟାଚଗୁଡ଼ିକ ଦୁଇଟି ସହର ଭୁବନେଶ୍ୱର ଏବଂ ରାଉରକେଲାରେ ୨୯ ତାରିଖ ପର୍ଯ୍ୟନ୍ତ ଖେଳାଯିବ। କଳିଙ୍ଗ ଷ୍ଟାଡିୟମ ପୂର୍ବରୁ ପ୍ରସ୍ତୁତ ହୋଇସାରିଥିବା ବେଳେ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ଗୁରୁବାର ଉଦ୍‌ଘାଟିତ ହୋଇଛି। ସମଗ୍ର ହକି ଜଗତର ନଜର ଏବେ ଓଡ଼ିଶା ଉପରେ। ପ୍ରତିଯୋଗିତାକୁ ସ୍ମରଣୀୟ କରିବା ସହ ସଫଳ ଆୟୋଜନ ପାଇଁ ଓଡ଼ିଶା ପ୍ରସ୍ତୁତ...**



ନିର୍ମଳ କୁମାର ମିଶ୍ର

ଚଳିତ ମାସ ୧୩ ତାରିଖରୁ ଆରମ୍ଭ ହେବ ହକି ବିଶ୍ୱକପ୍। ଦ୍ୱିତୀୟ ଥର ପାଇଁ ଓଡ଼ିଶାରେ ହେବାକୁ ଯାଉଛି ଏହି ହକି ମହାକୁମ୍ଭ। ଏଥର ଦୁଇଟି ସହର ଭୁବନେଶ୍ୱର ଏବଂ ରାଉରକେଲାରେ ୨୯ ତାରିଖ ପର୍ଯ୍ୟନ୍ତ ହେବ ଏହି ମେଗା ପ୍ରତିଯୋଗିତା। ଏଥିପାଇଁ ପ୍ରସ୍ତୁତି ଶେଷ ହୋଇଛି। କଳିଙ୍ଗ ଷ୍ଟାଡିୟମ ପୂର୍ବରୁ ପ୍ରସ୍ତୁତ ହୋଇ ସାରିଥିବାବେଳେ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ଗୁରୁବାର ଉଦ୍‌ଘାଟିତ ହୋଇଛି। ସମଗ୍ର ହକି ଜଗତର ନଜର ଏବେ ଓଡ଼ିଶା ଉପରେ। ପ୍ରତିଯୋଗିତାର ସଫଳ ଆୟୋଜନ ପାଇଁ ଓଡ଼ିଶା ପ୍ରସ୍ତୁତ। ବଢୁଛି ଉତ୍ସାହ ଓ ଉତ୍କଣ୍ଠା। ସାରା ରାଜ୍ୟରେ ଏବେ ହକି ଫିଭର। ଓଡ଼ିଶା ମାଟିରେ ଖେଳିବେ ବିଭିନ୍ନ ଦେଶର ନାମୀ ଦାମୀ ଅନ୍ତର୍ଜାତୀୟ ଖେଳାଳି। ବିଶ୍ୱକପ୍ ପାଇଁ ଉଭୟ ଭୁବନେଶ୍ୱର ଓ ରାଉରକେଲାକୁ ନୂଆ ରୂପରେ ସଜେଇ ଦିଆଯାଇଛି। ପ୍ରତ୍ୟେକ ସ୍ଥାନରେ ହକି ଉତ୍ସାହ। ନାଚ ଗୀତରେ ଝୁମୁଛି ସମଗ୍ର ଓଡ଼ିଶା। ୨୦୧୮ରେ ପ୍ରଥମ ଥର ପାଇଁ ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତା ସଫଳତାର ସହିତ ଆୟୋଜନ କରି ଅନେକ ପ୍ରଶଂସା ସାଉଁଟି ଥିଲେ ରାଜ୍ୟ ସରକାର। ୨ୟ ଥର ପାଇଁ ହେବାକୁ ଯାଉଛି ଏହି ମେଗା ପ୍ରତିଯୋଗିତା। ୨ଟି ଷ୍ଟାଡିୟମ ସମ୍ପୂର୍ଣ୍ଣ ପ୍ରସ୍ତୁତ। ୧୫ ଏକର ଜମିରେ ୧୨୦କୋଟି ଟଙ୍କା ବ୍ୟୟରେ ରାଉରକେଲାର ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମକୁ ସ୍ୱଳ୍ପ ସମୟ ମଧ୍ୟରେ ନିର୍ମାଣ କରି ସମଗ୍ର ବିଶ୍ୱକୁ ଚମକାଇ ଦେଇଛନ୍ତି ରାଜ୍ୟ ସରକାର। ଏହି ବିଶ୍ୱସ୍ତରୀୟ ହକି ଷ୍ଟାଡିୟମ ଭାରତବର୍ଷର ଅନ୍ୟତମ ବୃହତ୍ତମ ଷ୍ଟାଡିୟମ ହୋଇଥିବା ବେଳେ ଏହାର ସର୍ବାଧିକ ଦର୍ଶକ କ୍ଷମତା ୨୦ହଜାର ରହିଛି। ସେହିପରି ଭୁବନେଶ୍ୱରର କେନ୍ଦ୍ରରେ ଅବସ୍ଥିତ କଳିଙ୍ଗ ଷ୍ଟାଡିୟମର ନବୀକରଣ କରାଯିବା ସହିତ ଦର୍ଶକ ସଂଖ୍ୟା ୧୦ ହଜାରରୁ ୧୬ ହଜାରକୁ ବୃଦ୍ଧି କରାଯାଇଛି। ଭାରତୀୟ ହକିର ପ୍ରାୟୋଜକ ସଙ୍କଟ ସମୟରେ ସହାୟତାର ହାତ ବଢ଼ାଇଥିଲା ଓଡ଼ିଶା। ହକି ପ୍ରତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆନ୍ତରିକତା ଯୋଗୁ ଏହା ସମ୍ଭବ ହୋଇଥିଲା। ରାଜ୍ୟ ସରକାର ହକିର ପୃଷ୍ଠପୋଷକତା କରିବା ସହିତ ୨୦୩୩ ପର୍ଯ୍ୟନ୍ତ ଏହାର ମୁଖ୍ୟ ପ୍ରାୟୋଜକ ରହିଛନ୍ତି। ହକି ବିଶ୍ୱକପ୍‌ର ବିଡିଂ ପ୍ରକ୍ରିୟା ସମୟରେ ଓଡ଼ିଶାରେ ଆଉ ଏକ ଅତ୍ୟାଧୁନିକ ହକି ଷ୍ଟାଡିୟମର ଆବଶ୍ୟକତା ରହିଛି ବୋଲି କୁହାଯାଇଥିଲା। ଏହାକୁ ସାଦରେ ଗ୍ରହଣ କରିଥିଲେ ରାଜ୍ୟ ସରକାର। ଫେବୃୟାରୀ ୨୦୨୧ରେ ମୁଖ୍ୟମନ୍ତ୍ରୀ ଏହି ଷ୍ଟାଡିୟମର ଶିଳାନ୍ୟାସ କରିଥିବାବେଳେ ଖୁବ୍ କମ୍ ସମୟ ମଧ୍ୟରେ ଏହି ବିଶ୍ୱସ୍ତରୀୟ ଷ୍ଟାଡିୟମ କାର୍ଯ୍ୟ ସମାପ୍ତ କରି ସମଗ୍ର ବିଶ୍ୱରେ ଓଡ଼ିଶା ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି।

ବିଶ୍ୱକପ୍‌ର ସଫଳ ଆୟୋଜନ ପାଇଁ ବ୍ୟାପକ ପ୍ରଚାର, ପ୍ରସାର କରାଯାଉଛି। ସାରା ରାଜ୍ୟ ପରିକ୍ରମା କରୁଛି ହକି ବିଶ୍ୱକପ୍ ଟ୍ରଫି। ସବୁଠାରେ ଭବ୍ୟ ସମ୍ବର୍ଦ୍ଧନା ମିଳିବା ସହିତ ଖେଳାଳି ଏବଂ ଯୁବପିଢ଼ିଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହୋଇଛି। ସେଲ୍‌ଫି ପଏଣ୍ଟ, ସେମିନାର, କୁଇଜ ପ୍ରତିଯୋଗିତା ଆୟୋଜନ ହେଉଥିବାବେଳେ ମାସ୍କଟ୍ ଓଲି ମନ ମୋହୁଛି। ରାସ୍ତାଘାଟ, ହୋର୍ଡିଂ, ପ୍ରାଚୀର ଏବଂ ଐତିହାସିକ ସ୍ଥାନଗୁଡ଼ିକରେ ଓଡ଼ିଶାର କଳା, ସଂସ୍କୃତି ଏବଂ ଐତିହ୍ୟର ଚିତ୍ର ଝଲସିବା ସହିତ ଅତିଥି ଓ ଖେଳାଳିମାନଙ୍କୁ ଭବ୍ୟ ସ୍ୱାଗତ ଜଣାଉଛି। ଗୋଟିଏ ପରେ ଗୋଟିଏ ଦଳ ପହଞ୍ଚିବା ଆରମ୍ଭ କରିଛନ୍ତି। ଆତିଥ୍ୟରେ ସମସ୍ତେ ଆନନ୍ଦିତ। ୨୦୧୮ ବିଶ୍ୱକପ୍‌ଠାରୁ ୨୦୨୩ ବିଶ୍ୱକପ୍ ହେବ ସମ୍ପୂର୍ଣ୍ଣ ନିଆରା। ଗତ ଅଲିମ୍ପିକ୍ସରେ ଭାରତ ଭଲ ପ୍ରଦର୍ଶନ କରିଥିବାରୁ ହକି ବିଶ୍ୱକପ୍‌ରେ ମଧ୍ୟ ଘରୋଇ ଦଳ ଭଲ ଖେଳିବ ବୋଲି ଆଶା ରହିଛି।

ଅନ୍ତର୍ଜାତୀୟ ହକି ଫେଡେରେଶନ୍ (ଏଫ୍‌ଆଇଏଚ୍), ହକି ଇଣ୍ଡିଆ ଓ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ବିଶ୍ୱକପ୍‌ର ୧୫ତମ ସଂସ୍କରଣ ହେବାକୁ ଯାଉଛି। ବିଶ୍ୱର ୫ଟି କନ୍‌ଫେଡେରେଶନରୁ ୧୬ଟି ଦେଶ ଏହି ସମ୍ମାନଜନକ ଟ୍ରଫି ପାଇଁ ଓଡ଼ିଶା ମାଟିରେ ଲଢ଼େଇ କରିବେ। ମୋଟ ୪୪ ମ୍ୟାଚ ଖେଳାଯିବ। ଏଥିରୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଫାଇନାଲକୁ ମିଶାଇ ୨୪ଟି ଏବଂ ଏବଂ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ୨୦ଟି ମ୍ୟାଚ ଅନ୍ତର୍ଭୁକ୍ତ। ଏଥି ସହିତ ଅନେକ ଅଭ୍ୟାସ ମ୍ୟାଚ ମଧ୍ୟ ବିଭିନ୍ନ ଟିମ୍ ମଧ୍ୟରେ ଖେଳାଯିବ। ଭାଗ ନେଉଥିବା ୧୬ଟିମ୍‌କୁ ୪ଟି ଗ୍ରୁପରେ ବିଭକ୍ତ କରାଯାଇଛି। ପୁଲ୍-'ଏ'ରେ ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, ଫ୍ରାନ୍ସ, ଦକ୍ଷିଣ ଆଫ୍ରିକା ଥିବା ବେଳେ ପୁଲ୍-'ବି'ରେ ବେଲଜିୟମ, ଜର୍ମାନ, କୋରିଆ, ଜାପାନ ରହିଛନ୍ତି। ସେହିପରି ପୁଲ୍-'ସି'ରେ ନେଦରଲାଣ୍ଡ, ନ୍ୟୁଜିଲାଣ୍ଡ, ମାଲେସିଆ, ଚିଲି ଏବଂ ପୁଲ୍-'ଡି'ରେ ଆୟୋଜକ ଭାରତ, ଇଂଲଣ୍ଡ, ସ୍ପେନ୍ ଏବଂ ୱେଲ୍ସ ସ୍ଥାନ ପାଇଛନ୍ତି। ସୂଚନାଯୋଗ୍ୟ ଜାନୁୟାରୀ ୧୩ ତାରିଖରେ ୪ଟି ମ୍ୟାଚ ଖେଳାଯିବାକୁ ଥିବା ବେଳେ ଭାରତ ତା'ର ପ୍ରଥମ ମ୍ୟାଚ ସ୍ପେନ୍ ସହିତ ଖେଳିବ। ପ୍ରଥମ ମ୍ୟାଚ ଆର୍ଜେଣ୍ଟିନା ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବ। ଜାନୁୟାରୀ ୧୫ରେ ଭାରତ ତା'ର ୨ୟ ମ୍ୟାଚ ଇଂଲଣ୍ଡ ଏବଂ ୩ୟ ମ୍ୟାଚ ୧୯ ତାରିଖରେ ୱେଲ୍ସ ବିପକ୍ଷରେ ଖେଳିବ। ପାକିସ୍ତାନ ସର୍ବାଧିକ ୪ଥର ବିଶ୍ୱକପ୍ ଟାଇଟଲ ଜିତି ଆଗରେ ଥିବା ବେଳେ ଭାରତ ଥରେ ୧୯୭୫ ମସିହାରେ ଚାମ୍ପିୟନ ହୋଇଥିଲା। ଗତ ୧୪ ତମ ସଂସ୍କରଣରେ ମୋଟ ୧୬ଟିମ୍ ମଧ୍ୟରେ ୩୬ଟି ମ୍ୟାଚ ଖେଳାଯାଇଥିବା ବେଳେ ୧୫୭ଟି ଗୋଲ ସ୍କୋର ହୋଇଥିଲା। ଗତ ସଂସ୍କରଣର ଫାଇନାଲ ବେଲଜିୟମ ଏବଂ ନେଦରଲାଣ୍ଡ୍ସ ମଧ୍ୟରେ ହୋଇଥିଲା। ରୋମାଞ୍ଚକ ଫାଇନାଲର ନିର୍ଦ୍ଧାରିତ ସମୟ ଖେଳ ଗୋଲ ଶୂନ୍ୟ ଭାବେ ଶେଷ ହୋଇଥିଲା। ପେନାଲ୍ଟି ସୁଟ୍ ଆଉଟ୍‌ରେ ବେଲଜିୟମ ୩-୨ ଗୋଲରେ ନେଦରଲାଣ୍ଡ୍ସକୁ ହରାଇ ଚାମ୍ପିୟନ ହୋଇଥିଲା। ତୃତୀୟ ସ୍ଥାନରେ ଅଷ୍ଟ୍ରେଲିଆ ରହିଥିଲା। ବେଲଜିୟମ ଗୋଲକିପର ଭିନସେଣ୍ଟ ଭାନାର ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ନେଦରଲାଣ୍ଡର ଆର୍ଥର ଭାନ ଡୋରେନ୍ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।











## ହକି କାଉଣ୍ଟ ଡାଉନ

ହକି ମେନ୍ ୱାର୍ଲ୍ଡ କପ୍ କମ୍ପୁଅଛି
ଚକ୍‌ଦେ ଭୁବନେଶ୍ୱର
ଚିତ୍ର ଭାସ୍କର୍ଯ୍ୟ ସବୁଜିମାରେ ଜୀବନ୍ତ
ମୋ ରାଜଧାନୀ ସହର
ଟେରାକୋଟା ଠୁଁ ପ୍ରସ୍ତର
ଅଠେଇଶ ଗ୍ରୁପ୍‌ରେ ଚିତ୍ର ଆଙ୍କୁଛନ୍ତି
ପାଞ୍ଚ ଶହ କଳାକାର।

ନେଦରଲାଣ୍ଡ୍ସ ଶକ୍ତିଶାଳୀ ଦଳ କହେ
ବିଶ୍ୱକପ୍ ଇତିହାସ
ଫୋର୍ ଟାଇମ୍ସ ରନରଅପ୍ ତିନିଥର
ଟାଇଟଲ ବିଜେତା ଦେଶ
ଜୋରିଟ ବ୍ଲାକ୍ ଜୋନାସ
ଗୋଲ ସ୍କୋର କରିବି କହେ କ୍ୟାପ୍‌ଟେନ
ବ୍ରିକ୍‌ମାନ ମୋଡ଼ି ନିଶ।

ବିଶ୍ୱର ସିକ୍ସଟିନ୍ ଦଳ ସହ ଚିଲି
ମାଲେସିଆ ନ୍ୟୁଜିଲାଣ୍ଡ
ସତର ଦିନର ଏ ହକି ଯୁଦ୍ଧରେ
କିଏ ସେ ହୋଇବ ଷଣ୍ଢ
ସମୟ କହିବ ଧଣ୍ଡ
ରିଅଲ୍ ଷଣ୍ଢ ଆମ ସିଏମ୍ ନବୀନ
ଧନ୍ୟ କୁଲ୍‌ମ୍ୟାନ ମୁଣ୍ଡ।
-ସୁବାସ ଚନ୍ଦ୍ର ପ୍ରଧାନ

## ବିଶ୍ୱ ଏବଂ ଭାରତୀୟ ହକି

# ପ୍ରସିଦ୍ଧ ପେନାଲ୍ଟି କର୍ଣ୍ଣର ଓ ଡ୍ରାଗ୍‌ଫ୍ଲିକ୍ ବିଶେଷଜ୍ଞ



ଅଶୋକ ମହାନ୍ତି

ଗତ ଡିସେମ୍ବର ୧୬ ତାରିଖରେ ହକି ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଦେଶର ଖ୍ୟାତିସମ୍ପନ୍ନ ହକି କୋଚ୍ ଏବଂ କ୍ରୀଡ଼ା ବିଜ୍ଞାନୀ ଡ. ଜାସୁ ଜୋସେଫଙ୍କର ଇଂଲିଶ ପୁସ୍ତକ ''ସିଜିଙ୍ଗ ଦି ଅପର୍ଚ୍ଚୁନିଟି'' (ହକି ଖେଳରେ ଡ୍ରାଗ୍ ଫ୍ଲିକ୍‌ର

**ଫିଲ୍ଡ ହକିରେ ପେନାଲ୍ଟି କର୍ଣ୍ଣର ବା ଶର୍ଟ କର୍ଣ୍ଣରର ପ୍ରଚଳନ ୧୯୦୮ରୁ ଆରମ୍ଭ ହୋଇଥିଲା। ସମୟକ୍ରମେ ଏହାର ନିୟମାବଳୀରେ ପରିବର୍ତ୍ତନ ହୋଇ ୧୯୮୭ରୁ ନୂତନ ନିୟମ ଲାଗୁ ହୋଇଥିଲା, ଯାହାକି ଆଜି ପର୍ଯ୍ୟନ୍ତ ବଳବତ୍ତର ରହିଛି...**

ଗୁରୁତ୍ୱ)କୁ ରାଜ୍ୟର ମୁଖ୍ୟ ଶାସନ ସଚିବ ଉନ୍ମୋଚନ କରିଛନ୍ତି। ଆଧୁନିକ ହକିରେ ପେନାଲ୍ଟି କର୍ଣ୍ଣର ବିଶେଷଜ୍ଞମାନେ ''ଡ୍ରାଗ୍‌ଫ୍ଲିକ୍''ର ସଫଳ ପ୍ରୟୋଗ ଦ୍ୱାରା କିପରି ମ୍ୟାଚ୍ ବିଜୟ ପାଇଁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାନ୍ତି ସେ ବିଷୟରେ ଡ. ଜୋସେଫ ଏହି ପୁସ୍ତକରେ ବିସ୍ତୃତ ଭାବେ ବର୍ଣ୍ଣନା କରିଛନ୍ତି। ଏହି ଲେଖକ କାର୍ଯ୍ୟକ୍ରମ ପରିଚାଳନା କରିବାର ଦାୟିତ୍ୱ ନିର୍ବାହ କରୁଥିବା ଅବସରରେ ପୁସ୍ତକର ବିଷୟବସ୍ତୁ ଉପରେ ଡ. ଜୋସେଫଙ୍କ ସହିତ ସଂକ୍ଷେପରେ ଆଲୋଚନା କରିବାର ସୁଯୋଗ ପାଇଥିଲା। ଏହାଦ୍ୱାରା ପ୍ରେରିତ ହୋଇ ଭାରତର ପ୍ରସିଦ୍ଧ ପେନାଲ୍ଟି କର୍ଣ୍ଣର ବିଶେଷଜ୍ଞମାନଙ୍କ ଉପରେ ଏକ ସଂକ୍ଷିପ୍ତ ଆଲେଖ୍ୟ ପ୍ରସ୍ତୁତ କରାଯାଇଛି।

ଫିଲ୍ଡ ହକିରେ ପେନାଲ୍ଟି କର୍ଣ୍ଣର ବା ଶର୍ଟ କର୍ଣ୍ଣରର ପ୍ରଚଳନ ୧୯୦୮ରୁ ଆରମ୍ଭ ହୋଇଥିଲା। ସମୟକ୍ରମେ ଏହାର ନିୟମାବଳୀରେ ପରିବର୍ତ୍ତନ ହୋଇ ୧୯୮୭ରୁ ନୂତନ ନିୟମ ଲାଗୁ ହୋଇଥିଲା, ଯାହାକି ଆଜି ପର୍ଯ୍ୟନ୍ତ ବଳବତ୍ତର ରହିଛି। ୭୦ଦଶକରେ କୃତ୍ରିମ ପଡ଼ିଆ (ଆଷ୍ଟ୍ରୋଟର୍ଫ)ର ପ୍ରଚଳନ ଫଳରେ ପେନାଲ୍ଟି କର୍ଣ୍ଣର 'ହିଟ୍'ରେ ବଲ୍‌ର ଗତିର ତୀବ୍ରତା ବଢ଼ିବା ସହିତ 'ହାର୍ଡ ହିଟର'ମାନଙ୍କର ଗୋଲ୍ କରିବାର ସଫଳତା ହାର ବୃଦ୍ଧି ହୋଇଥିଲା। ଏହି ସମୟରେ ବିଶ୍ୱ ହକିର ସଫଳତମ ପେନାଲ୍ଟି କର୍ଣ୍ଣର ସ୍ପେଶାଲିଷ୍ଟ ନେଦରଲାଣ୍ଡର କିମ୍ବଦନ୍ତୀ ଖେଳାଳି ପଲ୍ ଲିଟ୍‌ଭେନ୍ସ ପଲ୍ ଲିଟ୍‌ଜେନ୍ସ ୧୭୭ଟି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ୨୬୮ଟି ଗୋଲ୍ ଦେଇ ବିଶ୍ୱ କୀର୍ତ୍ତିମାନ ସ୍ଥାପନ କରିଥିଲେ। ନିୟମ ଅନୁସାରେ ପେନାଲ୍ଟି କର୍ଣ୍ଣର 'ହିଟ୍' କେବଳ ୪୪ ଇଞ୍ଚର ଉଚ୍ଚତା ଗୋଲ୍‌ପୋଷ୍ଟ 'ବ୍ୟାକ୍ ବୋର୍ଡ'ରେ ବାଜିଲେ ହିଁ ଗୋଲ୍ ହେଉଥିଲା। ଫଳରେ ଗୋଲ ରକ୍ଷକମାନେ ପୋଷ୍ଟ ଆଗରେ ପୂରା ଶରୀର ସହିତ ଶୋଇପଡ଼ି ଗୋଲ୍ ରକ୍ଷା କରିବାରେ ସକ୍ଷମ ହେଉଥିଲେ। ଏପରି କୌଶଳକୁ ନିଷ୍ଫଳ କରିବା ପାଇଁ ''ଡ୍ରାଗ୍‌ଫ୍ଲିକ୍'' ଟେକ୍ନିକ୍‌ର ପ୍ରଚଳନ ଆରମ୍ଭ ହୋଇଥିଲା। ଏହି ''ଡ୍ରାଗ୍‌ଫ୍ଲିକ୍'' ଟେକ୍ନିକ୍‌ର ସଫଳ ପ୍ରୟୋଗ କରି ପାକିସ୍ତାନର ପ୍ରଖ୍ୟାତ ଡ୍ରାଗଫ୍ଲିକ୍‌ର ସୋହେଲ ଆବାସ ଅନ୍ତର୍ଜାତୀୟ ହକିରେ ପାକିସ୍ତାନ ତରଫରୁ ୩୧୧ଟି ମ୍ୟାଚ୍‌ରୁ ୩୪୮ଟି ଗୋଲ୍ ସ୍କୋର କରି ପଲ୍ ଲିଟ୍‌ଜେନ୍ସଙ୍କ କୀର୍ତ୍ତିମାନକୁ ଅତିକ୍ରମ କରିଥିଲେ। ବିଗତ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ବିଶ୍ୱ ହକିରେ ଯେଉଁ ଖେଳାଳିମାନେ ପେନାଲ୍ଟି କର୍ଣ୍ଣର ବିଶେଷଜ୍ଞ ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି ସେମାନଙ୍କ ମଧ୍ୟରେ ପ୍ରମୁଖ ଖେଳାଳିମାନେ ହେଲେ ନେଦରଲାଣ୍ଡର ଟାଇକ୍ରୁଜ (୨୦୨ ମ୍ୟାଚ୍ ୧୬୭ ଗୋଲ୍), ପଲ୍ ଲିଟ୍‌ଜେନ୍ସ (୧୭୭ ମ୍ୟାଚ୍ ୨୬୮ ଗୋଲ) ଏବଂ ଫ୍ଲୋରିସ୍ ବଉଲଣ୍ଡର (୨୪୧ ମ୍ୟାଚ୍, ୨୧୫ ଗୋଲ୍), ପଶ୍ଚିମ ଜର୍ମାନୀର କାରଷ୍ଟେନ ଫିସର (୨୫୯ ମ୍ୟାଚ୍, ୧୫୪ ଗୋଲ୍) ସ୍ପେନ୍‌ର ଜୁଆନ ଆମାଟ୍, ଆର୍ଜେଣ୍ଟିନାର ଗୋଞ୍ଜାଲୋ ପିଲାଟ୍ (୧୫୫ ମ୍ୟାଚ୍, ୧୬୮ ଗୋଲ୍), ଅଷ୍ଟ୍ରେଲିଆର ବ୍ଲେକ ଗୋଭର୍ସ (୧୦୩ ମ୍ୟାଚ୍ ୮୯ ଗୋଲ୍) ବେଲଜିୟମ୍‌ର ଆଲେକଜାଣ୍ଡାର ହେଣ୍ଡରିକ୍ସ (୧୩୯ ମ୍ୟାଚ୍, ୫୦ ଗୋଲ୍), ଜର୍ମାନୀର ଲୁକାସ ଉଇଣ୍ଡଫେଡର (୧୨୨ ମ୍ୟାଚ୍, ୪୦ ଗୋଲ୍) ଏବଂ ଭାରତର ହରମନପ୍ରିତ୍ ସିଂ (୧୬୪ମ୍ୟାଚ୍ ୧୨୬ ଗୋଲ୍)।

ଏହି ପୃଷ୍ଠଭୂମିରେ ଭାରତୀୟ ହକିର କିଛି ପୁରାତନ ଓ ବର୍ତ୍ତମାନର ପ୍ରବୀଣ ପେନାଲ୍ଟି କର୍ଣ୍ଣର ଓ ଡ୍ରାଗ୍‌ଫ୍ଲିକ୍ ବିଶେଷଜ୍ଞଙ୍କ ଉପରେ ଏକ ସଂକ୍ଷେପ ଉପସ୍ଥାପନା।

**ରନ୍ଧୀର ସିଂ ଜେଣ୍ଟଲ୍:** ୧୯୨୨ରେ ଦିଲ୍ଲୀରେ ଜନ୍ମିତ ଆର୍.ଏସ୍. ଜେଣ୍ଟଲ୍ ଭାରତୀୟ ହକିର ସୁବର୍ଣ୍ଣ ଯୁଗରେ ଜଣେ ଶ୍ରେଷ୍ଠ ଫୁଲ୍ ବ୍ୟାକ୍ ଭାବେ ୧୯୪୮ରୁ ୧୯୫୬ ପର୍ଯ୍ୟନ୍ତ ୩ଟି ଅଲିମ୍ପିକ୍ କ୍ରୀଡ଼ା (୧୯୪୮- ଲଣ୍ଡନ, ୧୯୫୨-ହେଲେସଙ୍କି ଏବଂ ୧୯୫୬ ମେଲ୍‌ବୋର୍ନ)ରେ ସ୍ୱର୍ଣ୍ଣପଦକ ଜିତିଥିବା ଭାରତୀୟ ହକି ଦଳର ସଦସ୍ୟ ଥିଲେ। ସେ ସମୟରେ ବିଶ୍ୱର ଶ୍ରେଷ୍ଠ ପେନାଲ୍ଟି କର୍ଣ୍ଣର ବିଶେଷଜ୍ଞର ମାନ୍ୟତା ପାଇଥିବା ଜେଣ୍ଟଲ୍ ୧୯୫୬ ମେଲ୍‌ବୋର୍ନ ଅଲିମ୍ପିକ୍ସରେ ୬ଟି ଗୋଲ୍ ସ୍କୋର କରିବା ସହିତ ଫାଇନାଲରେ ପାକିସ୍ତାନ ବିପକ୍ଷରେ ପେନାଲ୍ଟି କର୍ଣ୍ଣରରୁ ଏକମାତ୍ର ଗୋଲ୍ ଦେଇ ଭାରତକୁ ସ୍ୱର୍ଣ୍ଣ ପଦକ ବିଜେତା କରାଇଥିଲେ।

**ପ୍ରିଥିପାଲ ସିଂ:** ବ୍ରିଟିଶ ଇଣ୍ଡିଆ ଅଧୀନ ନନକନାସାହିବ (ବର୍ତ୍ତମାନ ପାକିସ୍ତାନରେ ଅବସ୍ଥିତ)ରେ ୨୮ ଜାନୁୟାରୀ ୧୯୩୨ରେ ଜନ୍ମଗ୍ରହଣ କରିଥିବା ପ୍ରିଥିପାଲ ସିଂ ୬୦ ଦଶକରେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ପେନାଲ୍ଟି କର୍ଣ୍ଣର ଏକ୍ସପର୍ଟ ଭାବେ ପ୍ରସିଦ୍ଧିଲାଭ କରିଥିଲେ। ତାଙ୍କୁ ରେଡିଓ ଭାଷ୍ୟକାରମାନେ ''ଶର୍ଟକର୍ଣ୍ଣରର ରାଜା'' ଭାବେ ବର୍ଣ୍ଣନା କରୁଥିଲେ। ୧୯୬୦ ରୋମ ଅଲିମ୍ପିକ୍ସ ରୌପ୍ୟ, ୧୯୬୪ ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ଏବଂ ୧୯୬୮ ମେକ୍ସିକୋ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ହକି ଦଳର ପ୍ରମୁଖ ସଦସ୍ୟ ଥିବା ପ୍ରିଥିପାଲ୍ ଟୋକିଓରେ ଭାରତ ସ୍କୋର କରିଥିବା ୨୨ଟି ଗୋଲ୍‌ରୁ ଏକାକୀ ୧୧ଟି ଗୋଲ୍ ପେନାଲ୍ଟି କର୍ଣ୍ଣରରୁ ଦେଇଥିଲେ। ଦେଶର ପ୍ରଥମ ହକି ଖେଳାଳି ଭାବେ ୧୯୬୧ରେ ଅର୍ଜୁନ ଏବଂ ୧୯୬୭ରେ ପଦ୍ମଶ୍ରୀ ସମ୍ମାନ ପାଇଥିଲେ।

**ସନ୍ଦୀପ ସିଂ-** ହରିୟାଣାର ପ୍ରସିଦ୍ଧ ହକି ଗଡ଼ ଭାବେ ପରିଚିତ ଶାହବାଦଠାରେ ୨୭ ଫେବୃୟାରୀ ୧୯୮୬ରେ ସନ୍ଦୀପ ସିଂଙ୍କ ଜନ୍ମ। ବିଶ୍ୱ ହକିର ଅନ୍ୟତମ ଶ୍ରେଷ୍ଠ ଡ୍ରାଗ୍ ଫ୍ଲିକର୍‌ର ମାନ୍ୟତା ପାଇଥିବା ସନ୍ଦୀପ ସମକାଳୀନ ଖେଳାଳିମାନଙ୍କ ମଧ୍ୟରେ ବିଶ୍ୱର ଦ୍ରୁତତମ (ଘଣ୍ଟାକୁ ୧୪୫ କିମି ଗତି) ଡ୍ରାଗ୍‌ଫ୍ଲିକର ଭାବେ କୀର୍ତ୍ତିମାନ ସ୍ଥାପନ କରିଥିଲେ। 'ଫ୍ଲିକର ସିଂ' ଭାବେ ପ୍ରସିଦ୍ଧି ଲାଭ କରିଥିବା ସନ୍ଦୀପ ୨୦୦୯ ଆଜଲାନ ସାହା କପ୍‌ରେ ସର୍ବାଧିକ ଗୋଲ ସ୍କୋର କରି ୧୩ ବର୍ଷ ପରେ ଭାରତକୁ ଚାମ୍ପିୟନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

ବିଶ୍ୱ ସ୍ତରରେ ଭାରତୀୟ ହକିର ଯାତ୍ରାରେ ଦେଶର ପ୍ରସିଦ୍ଧ ପେନାଲ୍ଟି କର୍ଣ୍ଣର ଏବଂ ଡ୍ରାଗ୍‌ଫ୍ଲିକ ବିଶେଷଜ୍ଞମାନଙ୍କ ମଧ୍ୟରେ ଅଛନ୍ତି ୭୦ ଦଶକରେ ପୂର୍ବତନ ଭାରତୀୟ ଅଧିନାୟକ ଏବଂ ୧୯୭୫ ବିଶ୍ୱକପ୍ ବିଜେତା ସ୍ୱର୍ଗତ ସୁରଜିତ ସିଂ ଏବଂ ଆସଲାମ ସେର ଖାଁ। ଏତଦ୍‌ବ୍ୟତୀତ ପଦ୍ମଶ୍ରୀ ଦିଲୀପ ତିର୍କୀ, ଯୁବରାଜ ସିଂ, ରୂପିନ୍ଦରପାଲ ସିଂ, ବି.ଆର୍. ରଘୁନାଥ ଏବଂ ବର୍ତ୍ତମାନ ଭାରତୀୟ ଦଳର ଅଧିନାୟକ ହରମନପ୍ରୀତ ସିଂ। ଆସନ୍ତା ବିଶ୍ୱକପ୍‌ରେ ହରମନପ୍ରୀତଙ୍କ ବ୍ୟତୀତ ଓଡ଼ିଆ ଖେଳାଳି ଅମିତ ରୋହିତ ଦାସ ମଧ୍ୟ 'ଡ୍ରାଗ ଫ୍ଲିକର' ଭୂମିକାକୁ ସଫଳତାର ସହିତ ତୁଲାଇବା ପାଇଁ ସକ୍ଷମ।




ସନ୍ଦୀପ ସିଂ



ପ୍ରିଥିପାଲ ସିଂ



ସୋହେଲ ଆବାସ




ହରମନପ୍ରୀତ ସିଂ

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଜାନୁୟାରୀ ୬/୨୦୨୩ Bhubaneswar, Friday, January 6/ 2023



ପୁରୁଷ ହକି ବିଶ୍ୱକପ୍ ଖେଳିବା ଲାଗି ଭୁବନେଶ୍ୱରରେ ପହଞ୍ଚିଥିବା ଚିଲି ଦଳର ଖେଳାଳିମାନେ।

# ହକି ବିଶ୍ୱକପ୍ ଆନ୍ଥେମ୍ ଲଞ୍ଚ୍ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୫ା୧ (ସ୍ପୋର୍ଟ୍ସ ବ୍ୟୁରୋ)**

ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ହକି ବିଶ୍ୱକପ ୨୦୨୩ର ଆନ୍ଥେମ୍ ଲଞ୍ଚ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଦେଶାତ୍ମବୋଧ ଭାବ ଜାଗ୍ରତ କରିବା ପାଇଁ ଗୀତ 'ଜୟ ହୋ ହିନ୍ଦୁସ୍ତାନ କି' ଲଞ୍ଚ କରାଯାଇଛି। ବଲିଉଡର ଲୋକପ୍ରିୟ ଗାୟକ ସୁଖବିନ୍ଦର ସିଂ ଏହି ଗୀତଟି ଗାଇଥିବା ବେଳେ ଓଡିଆ ସଙ୍ଗୀତକାର ପ୍ରେମ୍ ଆନନ୍ଦ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ସମୀର ଅଞ୍ଜାନ ଏହି ଗୀତଟିକୁ ଲେଖିଥିବା ବେଳେ ଆଲୋକ କୁମାର ମିଶ୍ର ଏହାର ନିର୍ଦ୍ଦେଶନା ଦେଇଥିଲେ। ଏହା ସହିତ ଏହି ଗୀତ ମାଧ୍ୟମରେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତିକୁ ମଧ୍ୟ ସ୍ମରଣ କରାଯାଇଛି।

# ଇଣ୍ଡିଆ ବ୍ଲୁ ବିଜୟୀ

**ରାଉରକେଲା ଅଫିସ,୫ା୧**

**ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ଉଦ୍‌ଘାଟନୀରେ ଅଭ୍ୟାସ ମ୍ୟାଚ୍**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗୁରୁବାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଇଣ୍ଡିଆ ବ୍ଲୁ ଓ ଇଣ୍ଡିଆ ହ୍ୱାଇଟ୍ ଦଳ ମଧ୍ୟରେ ଏକ ଅଭ୍ୟାସ ମ୍ୟାଚ୍ ଖେଳାଯାଇଥିଲା। ଅମିତ୍ ରୋହିଦାସ ଇଣ୍ଡିଆ ବ୍ଲୁର ଅଧିନାୟକତ୍ୱ କରିଥିବାବେଳେ ଇଣ୍ଡିଆ ହ୍ୱାଇଟ ଦଳର ନେତୃତ୍ୱ ନେଇଥିଲେ ଭାରତୀୟ ହକି ଦଳର ଅଧିନାୟକ ହରମନ୍‌ପ୍ରୀତ ସିଂ। ଏଥିରେ ଇଣ୍ଡିଆ ବ୍ଲୁ ୪-୩ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚ୍ ବେଳେ ଭାରତୀୟ ହକି ଦଳର କୋଚ୍ ଗ୍ରାହାମ ରିଡ୍ ଉପସ୍ଥିତ ଥିଲେ।

# ପଦାର୍ପଣରେ ଛାପ ଛାଡ଼ିବା ଲକ୍ଷ୍ୟରେ ଚିଲି

**ଭୁବନେଶ୍ୱର,୫ା୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍ ୨୦୨୩ରେ ଅଂଶଗ୍ରହଣ କରିବାକୁ ଭୁବନେଶ୍ୱରରେ ପହଞ୍ଚିଛି ଚିଲି ହକି ଦଳ। ଗୁରୁବାର ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଓହ୍ଲାଇଥିବା ଏହି ଦଳକୁ ଭବ୍ୟ ସ୍ୱାଗତ କରାଯାଇଛି। ଫର୍ନାଣ୍ଡୋ ରେଞ୍ଜ୍‌ଙ୍କ ନେତୃତ୍ୱରେ ଦଳ ପ୍ରଥମଥର ପାଇଁ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାକୁ ଯାଉଥିବା ବେଳେ ଏହାକୁ ନେଇ ସମସ୍ତ ଖେଳାଳି ବେଶ୍ ଉତ୍ସାହିତ ଥିବା ସେ ପ୍ରକାଶ କରିଛନ୍ତି। ଭୁବନେଶ୍ୱରରେ ପ୍ରାରମ୍ଭିକ ପ୍ରସ୍ତୁତି ପରେ ଦଳ ରାଉରକେଲା ଅଭିମୁଖେ ଗସ୍ତ କରିବ। ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଦଳ ୧୪ ତାରିଖରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଏହାର ପ୍ରଥମ ମ୍ୟାଚ୍ ଖେଳିବ। ପୁଲ୍ ସି'ରେ ଚିଲି ସହିତ ରହିଛନ୍ତି ନେଦରଲାଣ୍ଡ୍ସ, ନ୍ୟୁଜିଲାଣ୍ଡ ଓ ମାଲେସିଆ। ଦଳ ପ୍ରଥମଥର ପାଇଁ ବିଶ୍ୱକପରେ ଅଂଶଗ୍ରହଣ କରୁଥିଲେ ହେଁ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିବାକୁ ପ୍ରୟାସ କରିବ ବୋଲି କହିଛନ୍ତି ରେଞ୍ଜ୍। ଭୁବନେଶ୍ୱର-ରାଉରକେଲା ବିଶ୍ୱକପ୍ ପାଇଁ ଅନୁଷ୍ଠିତ କ୍ୟାମ୍ପର ଅନୁଭବ ବେଶ୍ ବଢ଼ିଆ ରହିଥିଲା। ଦଳରେ ଅଭିଜ୍ଞ ଓ ଯୁବ ଖେଳାଳିଙ୍କ ଚମତ୍କାର ସମନ୍ୱୟ ରହିଛି, ଯାହା ଆମ ଦଳକୁ ବେଶ୍ ଶକ୍ତିଶାଳୀ କରୁଛି ବୋଲି ସେ କହିଛନ୍ତି। ଏହି ବିଶ୍ୱକପ୍‌ରେ ଆମକୁ ପରାସ୍ତ କରିବା ଏତେ

**ହକି ବିଶ୍ୱକପ୍**




**ଆଉ ୭ ଦିନ**

ସହଜ ରହିବ ନାହିଁ। ଚିଲି ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଯାଉଥିବା ବେଳେ ପୁଲ୍‌ରେ ରହିଥିବା ଅନ୍ୟ ଦଳଗୁଡ଼ିକ ସତର୍କ ରହିବା ଆବଶ୍ୟକ ବୋଲି ସେ ଚେତାଇ ଦେଇଛନ୍ତି। ୧୬ ତାରିଖରେ ଦ୍ୱିତୀୟ ଗ୍ରୁପ୍ ମ୍ୟାଚ୍‌ରେ ମାଲେସିଆକୁ ଭେଟିବ ଚିଲି। ସେହିପରି ୧୯ ତାରିଖରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ନେଦରଲାଣ୍ଡ୍ସ ବିପକ୍ଷରେ ଦଳ ଅନ୍ତିମ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଖେଳିବ। **ବର୍ଷକର ପ୍ରସ୍ତୁତି:** ଚଳିତ ଏଫ୍‌ଆଇଏଚ୍ ହକି ବିଶ୍ୱକପ୍‌ରେ ଚିଲି ଦଳକୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି କହିଛନ୍ତି ଅଧିନାୟକ। ବର୍ଷକ ତଳେ ସାଣ୍ଟିଆଗୋରେ ଆମେ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲୁ। ଦଳ ଯୋଗ୍ୟତା ଅର୍ଜନ କରିବା ଦିନଠାରୁ ହିଁ ଆମର ବିଶ୍ୱକପ୍ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିଲା ବୋଲି ସେ ମତ ଦେଇଛନ୍ତି। ଆମେ ନେଦରଲାଣ୍ଡ୍ସ ଓ ନ୍ୟୁଜିଲାଣ୍ଡ ଭଳି ଶକ୍ତିଶାଳୀ ଦଳ ସହିତ ଗୋଟିଏ ଗ୍ରୁପ୍‌ରେ ରହିଛୁ। ଭାରତରେ ଅତ୍ୟନ୍ତ କଷ୍ଟସାଧ୍ୟ ମ୍ୟାଚ୍ ଆମକୁ ଅପେକ୍ଷା କରିଥିବା ନେଇ ଆମେ ନିଶ୍ଚିତ ଥିବା ବେଳେ ଏଥିପାଇଁ ପ୍ରସ୍ତୁତି ମଧ୍ୟ ଜୋର୍‌ଦାର ରହିଥିଲା। **ଉତ୍ସାହିତ ଡାବାଞ୍ଚ:** ଆସନ୍ତା ବିଶ୍ୱକପ୍ ପୂର୍ବରୁ ବେଶ୍ ଉତ୍ସାହିତ ଥିବା ନଜର ଆସିଛନ୍ତି ଚିଲି ଦଳର ମୁଖ୍ୟ କୋଚ୍ ଜର୍ଜ ଡାବାଞ୍ଚ। ନେଦରଲାଣ୍ଡ୍ସ ପରି ଶକ୍ତିଶାଳୀ ଦଳ ସହ ସମାନ ଗ୍ରୁପ୍‌ରେ ରହିଥିଲେ ମଧ୍ୟ ଏହାକୁ ନେଇ ସେ ଚିନ୍ତିତ ନ ଥିବା କହିଛନ୍ତି। ଓଲଟା ଟପ୍ ଟିମ୍‌ଗୁଡ଼ିକ ସହ ମୁକାବିଲାକୁ ନେଇ ସେ ବେଶ୍ ଆଗ୍ରହ ଥିବା ପ୍ରକାଶ କରିଛନ୍ତି। ଚଳିତ ବିଶ୍ୱକପ୍‌ରେ ଏକାଧିକ ଶକ୍ତିଶାଳୀ ଦଳ ରହିଛନ୍ତି। ଆୟୋଜକ ଦେଶ ଭାରତ ଏହି ତାଲିକାରେ ଥିବା ବେଳେ ଅଷ୍ଟ୍ରେଲିଆ, ବେଲଜିୟମ ଓ ନେଦରଲାଣ୍ଡ୍ସ ମଧ୍ୟ ସମାନ ଭାବେ ଶକ୍ତିଶାଳୀ। ଏହି ଟପ୍ ଟିମ୍‌ଗୁଡ଼ିକ ମଧ୍ୟରୁ ଅନ୍ୟୂନ ଗୋଟିଏ ଦଳକୁ ପରାସ୍ତ କରିବା ଆମର ଲକ୍ଷ୍ୟ ବୋଲି କହିଛନ୍ତି ଡାବାଞ୍ଚ।

# ଜେଏସ୍‌ଡବ୍ଲ୍ୟୁ ହକି ବିଶ୍ୱକପ୍‌ର ଗ୍ଲୋବାଲ ପାର୍ଟନର

**ମୁମ୍ବାଇ/ଭୁବନେଶ୍ୱର, ୫ା୧**

ଆଗାମୀ ଏଫ୍‌ଆଇଏଚ୍ ଓଡ଼ିଶା ହକି ପୁରୁଷ ବିଶ୍ୱକପ୍ ୨୦୨୩ର ଗ୍ଲୋବାଲ ପାର୍ଟନର ହୋଇଛି ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍। ଏ ନେଇ ଚୁକ୍ତି ସ୍ୱାକ୍ଷରିତ ହେବା ପରେ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ତରଫରୁ ଗୁରୁବାର ଏହା ଘୋଷଣା କରାଯାଇଛି। ଟୁର୍ନାମେଣ୍ଟ ଜାନୁୟାରୀ ୧୩ରୁ ଓଡ଼ିଶାର ଉଭୟ ଭୁବନେଶ୍ୱର ଓ ରାଉରକେଲାରେ ଖେଳାଯିବ। ଜେଏସ୍‌ଡବ୍ଲ୍ୟୁ ହେଉଛି ଭାରତର ଅନ୍ୟତମ ବିଜନେସ୍ ହାଉସ୍। ଷ୍ଟିଲ୍, ଏନର୍ଜି, ଇନ୍‌ଫ୍ରାଷ୍ଟ୍ରକ୍ଚର, ସିମେଣ୍ଟ, ପେଣ୍ଟ୍ସ, ଭେଞ୍ଚର କ୍ୟାପିଟାଲ ଓ ସ୍ପୋର୍ଟ୍ସ ଅଦି ବିଭିନ୍ନ କ୍ଷେତ୍ରରେ ଏହା ବେଶ୍ ସକ୍ରିୟ। ଦେଶ ଗଠନ ଏବଂ ଭାରତରେ ଅଲିମ୍ପିକ କ୍ରୀଡ଼ାର ପ୍ରମୋଟ କରିବା କ୍ଷେତ୍ରରେ ଜେଏସ୍‌ଡବ୍ଲ୍ୟୁର ଯୋଗଦାନ ରହିଛି। ଏହି ଅବସରରେ ପ୍ରତିଷ୍ଠାତା, ଜେଏସ୍‌ଡବଲ୍ୟୁ ସ୍ପୋର୍ଟ୍ସର ପାର୍ଥ ଜିନ୍ଦଲ କହିଛନ୍ତି ଭାରତରେ ହକି ବିଶ୍ୱକପ୍ ହେବା ଗର୍ବର ବିଷୟ। ଏହା ସହିତ ସଂଶ୍ଳିଷ୍ଟ ହେବାର ସୁଯୋଗ ମିଳିବା ଆହୁରି ବଡ଼ କଥା। ଅନ୍ୟପରେ ହକି ବିଶ୍ୱକପ୍‌ର ଗ୍ଲୋବାଲ ପାର୍ଟନର ହୋଇଥିବାରୁ ଏଫ୍‌ଆଇଏଚ୍ ସିଇଓ ଥିଏରୀ ୱେଲ ଜେଏସ୍‌ଡବ୍ଲ୍ୟୁକୁ ଧନ୍ୟବାଦ ଜଣାଇଛନ୍ତି। କମ୍ପାନୀ ତରଫରୁ ଆଗକୁ ଏହି ଭଳି ସହଯୋଗ ମିଳିବ ବୋଲି ସେ ଆଶା ପ୍ରକାଶ କରି କହିଥିଲେ।

# କ୍ୱାର୍ଟରଫାଇନାଲରୁ ଓହରିଲେ ଟପ୍ ସିଡ୍ ସିଲିକ୍

**ପୁଣେ, ୫ା୧ (ପି.ଟି.)**

ଆଘାତପ୍ରାପ୍ତ ଯୋଗୁ ଟାଟା ଓପନ ମହାରାଷ୍ଟ୍ର ଟେନିସ ପ୍ରତିଯୋଗିତାରୁ ଓହରିଯାଇଛନ୍ତି ଟପ୍ ସିଡ୍ ମାରିନ୍ ସିଲିକ୍। ୨୦୧୪ ୟୁଏସ୍ ଓପନ ବିଜେତା କ୍ୱାର୍ଟରଫାଇନାଲରେ ନେଦରଲାଣ୍ଡ୍ସର ଟଲନ ଗ୍ରିକ୍ସପୁର୍‌ଙ୍କୁ ଭେଟିଥାନ୍ତେ। ମାତ୍ର ଗୁରୁବାର ସକାଳେ ୱାର୍ମଅପ୍ ବେଳେ ତାଙ୍କ ଆଣ୍ଠୁରେ ଆଘାତ ଲାଗିଛି। କ୍ରୋଏସିଆର ଏହି ୩୪ ବର୍ଷୀୟ ଖେଳାଳି ପୂର୍ବରୁ ୨୦୧୦ରେ ଏହି ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ହୋଇପାରିଥିଲେ। ବିଶ୍ୱର ଏହି ୧୭ ନମ୍ବର ର୍‍ୟାଙ୍କିଙ୍ଗପ୍ରାପ୍ତ ସିଙ୍ଗଲ୍ସ ଖେଳାଳି ପ୍ରି-କ୍ୱାର୍ଟରରେ ସ୍ପେନର ରବର୍ଟୋ କାର୍ବାଲେସ୍ ବାଏନାଙ୍କ ବିପକ୍ଷରେ ୬-୩, ୩-୬, ୬-୧ରେ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଥିଲେ। ଅନ୍ୟପକ୍ଷରେ ଡଚ୍ ଖେଳାଳି ଗ୍ରିକ୍ସପୁର ବର୍ତ୍ତମାନ ଏକ ୱାକଓଭର ପାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି।





ମୋର ନାମ ପ୍ରିୟମ୍ବଦା ଶର୍ମା, ଜିଲ୍ଲା ମେରଠ, ଉତ୍ତରପ୍ରଦେଶର ବାସିନ୍ଦା । ମୁଁ ସିଲେଇ ସେଣ୍ଟର ଚଳାଏ । ସାରାଦିନର କାମ କାରଣରୁ ମୁଁ ସବୁବେଳେ କ୍ଳାନ୍ତ ରହୁଥିଲି । ଘରର ଦୈନନ୍ଦିନ କାମ ବି କରିପାରୁ ନ ଥିଲି । ଦିନକୁ ଦିନ ମୋର ସମସ୍ୟା ବଢ଼ିଚାଲିଥିଲା । ଦିନେ ମୁଁ 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକ୍ ଓ ଟାବ୍‌ଲେଟ୍ସ ବିଷୟରେ ଜାଣିବାକୁ ପାଇଲି । ମାତ୍ର ଅଳ୍ପକିଛି ଦିନ 'ସଚ୍ଚୀ ସହେଲୀ' ନିୟମିତ ସେବନ କରିବା ଦ୍ୱାରା ଆଜି ମୋତେ ଆଉ କ୍ଳାନ୍ତି ଅନୁଭୂତ ହେଉନାହିଁ । ଏବଂ ଆଜି ମୁଁ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ଅଛି । 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକ୍ ପ୍ରକୃତରେ ଆମର ସଚ୍ଚୀ ସହେଲୀ ଅଟେ ।


ମୋର ନାମ ମୋନିକା ତଂବର, ବୟସ 22 ବର୍ଷ, ମଧ୍ୟପ୍ରଦେଶର ବାସିନ୍ଦା । ବିଗତ ଅନେକ ସମୟ ଧରି ମୁଁ କ୍ଳାନ୍ତି, ଅଣ୍ଟା ଯନ୍ତ୍ରଣା, କଠିନ ବ୍ୟଥା ଭଳି ସମସ୍ୟା କାରଣରୁ ବହୁତ ଚିନ୍ତିତ ରହୁଥିଲି । ଚିଡ଼ିଚିଡ଼ାପଣ ମଧ୍ୟ ବହୁତ ବଢ଼ିଯାଇଥିଲା । 67 ଆୟୁର୍ବେଦିକ ଜଡ଼ିବୁଟିରେ ପ୍ରସ୍ତୁତ 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକ୍‌ର ନିୟମିତ ସେବନ ଦ୍ୱାରା ମୋତେ ଅନେକ ସମସ୍ୟା ଯେପରିକି କ୍ଳାନ୍ତି, ଅଣ୍ଟା ଯନ୍ତ୍ରଣା, କଠିନ ବ୍ୟଥା ଏବଂ ଚିଡ଼ିଚିଡ଼ାପଣକୁ ଦୂର କରିବାରେ ବହୁତ ଲାଭ ମିଳିଲା । ଆଜି ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଟେ । ଆପଣ ମଧ୍ୟ 'ସଚ୍ଚୀ ସହେଲୀ' ଟନିକ୍ ବ୍ୟବହାର କରନ୍ତୁ ଓ ନିଜେ ପାର୍ଥକ୍ୟ ଦେଖନ୍ତୁ ।


ମୋର ନାମ ମେହରାଜ ବାନୋ, 30 ବର୍ଷ, ଜିଲ୍ଲା ଗୁନା (ମଧ୍ୟପ୍ରଦେଶ)ର ବାସିନ୍ଦା । ଗୃହିଣୀ ହେବା କାରଣରୁ ଘରର ସବୁ କାମର ଦାୟିତ୍ୱ ମୋ ଉପରେ । ଏହି କାରଣରୁ ମୁଁ କ୍ଳାନ୍ତି, ଦୁର୍ବଳତା, ରକ୍ତହୀନତା, ମୁଣ୍ଡବୁଲା ଭଳି ସମସ୍ୟାରେ ବ୍ୟଥିତ ଥିଲି । ଦିନେ ମୁଁ ଖବରକାଗଜରେ 'ସଚ୍ଚୀ ସହେଲୀ'ର ବିଜ୍ଞାପନ ଦେଖିଲି । ମାତ୍ର 5 ମାସ ଦୈନିକ ପ୍ରୟୋଗ ଦ୍ୱାରା ମୋ ଶରୀରର ସବୁ ସମସ୍ୟା, ଯେପରିକି କ୍ଳାନ୍ତି, ଅଣ୍ଟା ଯନ୍ତ୍ରଣା, ମୁଣ୍ଡବୁଲା ଆଦି ସମସ୍ୟାରୁ ଅନେକ ମାତ୍ରାରେ ଆରାମ ମିଳିଲା । ଆଜି ମୁଁ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ଅଟେ । 'ସଚ୍ଚୀ ସହେଲୀ' ବାସ୍ତବରେ ଅତ୍ୟନ୍ତ ଲାଭଦାୟକ ଅଟେ ।


ମୁଁ ରୁକ୍‌ସାନା, ବୟସ 24 ବର୍ଷ, ଜିଲ୍ଲା- ହାପୁର (ୟୁ.ପି.)ର ବାସିନ୍ଦା । ମୁଁ କଠିନ ବ୍ୟଥା, ଅନିୟମିତତା, ରକ୍ତହୀନତା, କ୍ଳାନ୍ତି ଭଳି ସମସ୍ୟା କାରଣରୁ ବହୁତ ଚିନ୍ତିତ ରହୁଥିଲି, ଯେଉଁ କାରଣରୁ ମୁଁ ଦୁର୍ବଳତା ଅନୁଭବ କରୁଥିଲି। 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକ୍ ଓ ଟାବ୍‌ଲେଟ୍ସରେ ଦିଆଯାଇଥିବା ନିର୍ଦ୍ଦେଶ ଅନୁସାରେ ନିୟମିତ ବ୍ୟବହାର ଦ୍ୱାରା ମୋତେ ସବୁ ଶାରୀରିକ ସମସ୍ୟା, ଯେପରିକି କଠିନ ବ୍ୟଥା, ଅନିୟମିତତା, ରକ୍ତହୀନତା ଆଦିରୁ ବହୁମାତ୍ରାରେ ଉପଶମ ମିଳିଛି । 67 ଜଡ଼ି-ବୁଟିରେ ତିଆରି ଆୟୁର୍ବେଦିକ 'ସଚ୍ଚୀ ସହେଲୀ' ଆପଣ ମଧ୍ୟ ବ୍ୟବହାର କରନ୍ତୁ ଏବଂ ଏହା ଉପରେ ଭରସା କରନ୍ତୁ ।

24x7 Helpline : 77106 44444 | ଆପଣଙ୍କ ନିକଟତମ ମେଡିକାଲ ଷ୍ଟୋର୍‌ରୁ କିଣନ୍ତୁ



ଭୁବନେଶ୍ୱର ସୌନ୍ଦର୍ଯ୍ୟକରଣ ଅବସରରେ ହାଉସିଂବୋର୍ଡ ଛକ ନିକଟରେ ହକି ବିଶ୍ୱକପ୍‌ର ପ୍ରତିକୃତି। (ଫଟୋ: ବିକାଶ ନାୟକ)

# ରୋମାଞ୍ଚକ ସ୍ଥିତିରେ ଅନ୍ତିମ ଟେଷ୍ଟ

**କରାଚୀ,୫ା୧**

ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟ ରୋମାଞ୍ଚକ ସ୍ଥିତିରେ ରହିଛି। ଅନ୍ତିମ ଦିନରେ ପାକିସ୍ତାନକୁ ବିଜୟ ପାଇଁ ୩୧୯ ରନ୍ ଆବଶ୍ୟକ ଥିବା ବେଳେ ନ୍ୟୁଜିଲାଣ୍ଡକୁ ଆବଶ୍ୟକ ୮ ଉଇକେଟ। ଚତୁର୍ଥ ଦିନରେ ନ୍ୟୁଜିଲାଣ୍ଡ ୨୭୭/୫ରେ ଇନିଂସ ଘୋଷଣା କରିବା ପରେ ପାକିସ୍ତାନ ଆଗରେ ୩୧୯ ରନର ଲକ୍ଷ୍ୟ ରଖିଥିଲା। ପାକିସ୍ତାନ ଇନିଂସ ମାତ୍ର ୨.୫ ଓଭର ଖେଳ ହୋଇଥିବା ବେଳେ ଦଳ ବିନା କୌଣସି ରନରେ ୨ ଉଇକେଟ ହରାଇ ସଙ୍କଟରେ ପଡିଛି। ତୃତୀୟ ଦିନର ଅସମାପ୍ତ ସ୍କୋର ୪୦୭/୯ରୁ ଖେଳ ଆରମ୍ଭ କରିବ ପାକିସ୍ତାନ ମାତ୍ର ୧ ରନ୍ ଯୋଡି ଅଲଆଉଟ ହୋଇଥିଲା। ଅଜାଜ ପଟେଲ ଓ ଇଶ ସୋଧୀ ୩ଟି ଲେଖାଏ ଉଇକେଟ ନେଇଥିଲେ। ୪୧ ରନରେ ଆଗୁଆ ରହିଥିବା ନ୍ୟୁଜିଲାଣ୍ଡ ଦ୍ରୁତ ରନ୍ ସଂଗ୍ରହ କରିବା ସହିତ ଓଭର ପିଛା ସାଢେ ୩ ରନ୍ ହାରରେ ରନ୍ କରିଥିଲା। ଦଳ ପକ୍ଷରୁ ଟମ୍ ବ୍ଲଣ୍ଡେଲ୍ ଓ ମାଇକେଲ ବ୍ରେସୱେଲ ୭୪



ଟମ୍ ବ୍ଲଣ୍ଡେଲ

ରନ୍ ଲେଖାଏ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟମ୍ ଲାଥାମ ୬୨ ଓ ୱିଲିୟମସନ୍ ୪୧ ରନ୍ ସଂଗ୍ରହ କରିଥିଲେ। ପାକିସ୍ତାନ ପକ୍ଷରୁ ନଶିମ ଶାହା, ମୀର ହାମଜା, ଅବ୍ରାର ଅହମଦ, ହସନ୍ ଅଲୀ ଓ ଆଘା ସଲମାନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଦିନର ୩ ଓଭର ଖେଳ ବାକି ରହିଥିବା ବେଳେ ନ୍ୟୁଜିଲାଣ୍ଡ ପକ୍ଷରୁ ଇନିଂସ ଘୋଷଣା କରାଯାଇଥିଲା। ପ୍ରଥମ ଓଭରରେ ଅଧିନାୟକ ଟିମ୍ ସାଉଦି ଅବଦୁଲ୍ଲା ଶଫିକଙ୍କୁ ବୋଲ୍ଡ କରିଥିଲେ। ନାଇଟ ୱାଚମ୍ୟାନ ଭାବରେ ଆସିଥିବା ମୀର ହାମଜାଙ୍କୁ ତୃତୀୟ ଓଭରରେ ଆଉଟ କରିଥିଲେ ଇଶ ସୋଧୀ। ଅନ୍ତିମ ଦିନରେ ପାକିସ୍ତାନକୁ ବିଜୟ ପାଇଁ ୩୧୯ ରନ୍ ଆବଶ୍ୟକ ଥିବା ବେଳେ ନ୍ୟୁଜିଲାଣ୍ଡକୁ ୮ ଉଇକେଟ ଆବଶ୍ୟକ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୪୪୯/୧୦। ପାକିସ୍ତାନ ପ୍ରଥମ ଇନିଂସ: ୧୩୩ ଓଭରରେ ୪୦୮/୧୦ ( ସୌଦ୍ ଶକିଲ-୧୨୫*, ଇମାମ ଉଲ୍ ହକ୍-୮୩, ସର୍ଫରାଜ ଅହମଦ-୭୮, ଏଜାଜ ପଟେଲ୍-୩/୮୮, ଇଶ ସୋଧି-୩/୯୫, ଡାରିଲ୍ ମିଚେଲ୍-୧/୧୧)। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ: ୮୨ ଓଭରରେ ୨୭୭/୫ (ଘୋଷଣା) (ଟମ୍ ବ୍ଲଣ୍ଡେଲ୍-୭୪, ମାଇକେଲ ବ୍ରେସୱେଲ-୭୪*, ଟମ୍ ଲାଥାମ-୬୨, ମୀର ହାମଜା-୧/୩୮, ହସନ ଅଲୀ-୧/୩୯, ଆଘା ସଲମାନ-୧/୪୨)। ପାକିସ୍ତାନ ଦ୍ୱିତୀୟ ଇନିଂସ- ୨.୫ ଓଭରରେ ୦/୨।

# ଖ୍ୱାଜା, ସ୍ମିଥ୍‌ଙ୍କ ପ୍ରଭାବୀ ବ୍ୟାଟିଂ

**ସିଡ୍‌ନୀ, ୫ା୧(ଏପି):** ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ତଥା ଅନ୍ତିମ କ୍ରିକେଟ ଟେଷ୍ଟ ମ୍ୟାଚ୍‌ରେ ଉସ୍‌ମାନ ଖ୍ୱାଜା ଓ ଷ୍ଟିଭ୍ ସ୍ମିଥ୍ ପ୍ରଭାବୀ ବ୍ୟାଟିଂ କରିଥିବା ବେଳେ ଅଷ୍ଟ୍ରେଲିଆ ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୪ ଉଇକେଟରେ ୪୭୫ ରନ ସଂଗ୍ରହ କରି ସ୍ଥିତି ସୁଦୃଢ଼ କରିପାରିଛି। ବର୍ଷା ଯୋଗୁ ଗୁରୁବାର ଖେଳକୁ ଆଗୁଆ ବନ୍ଦ କରାଯାଇଥିଲା। ଖ୍ୱାଜା ୩୬୮ ବଲ୍‌ରେ ୧୯୫ ରନ୍ କରି ଅପରାଜିତ ରହିଛନ୍ତି। ସେ ୧୯ ଚୌକା ଓ ଗୋଟିଏ ଛକା ମାରିଛନ୍ତି। ଟେଷ୍ଟ କ୍ରିକେଟରେ ଏହା ହେଉଛି ତାଙ୍କର ସର୍ବୋଚ୍ଚ ସ୍କୋର। ସେ ଓ କ୍ୟାରିୟରର ୩୦ତମ ଟେଷ୍ଟ ଶତକ ହାସଲ କରିଥିବା ଷ୍ଟିଭ୍ ସ୍ମିଥ୍ ପାର୍ଟନରଶିପ୍‌ରେ ୨୦୯ ରନ୍ ଯୋଗ କରିଥିଲେ। ନିଜ ଘରୋଇ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି)ରେ ସ୍ଥାନୀୟ ପ୍ରଶଂସକଙ୍କ ଉପସ୍ଥିତିରେ ସେ ଅଷ୍ଟ୍ରେଲିଆର ୪ର୍ଥ ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ହେବାର ଗୌରବ ଅର୍ଜନ କରିଛନ୍ତି।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ